ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶନିବାର, ଜୁଲାଇ ୨୬/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 26/2025 Page 16 ₹ 7.00 | BERHAMPUR
୫୧ଶ ଭାଗ ୨୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 241 ମୂଲ୍ୟ₹୭/-



**ବିବାହ କରିବେ ଏଲ୍‌ଭିଶ**

ଲୋକପ୍ରିୟ ୟୁଟ୍ୟୁବର ତଥା ବିଗ୍‌ବସ୍ ଓଟିଟି-୨ ବିଜେତା ଏଲ୍‌ଭିଶ ଯାଦବ ମନର ନାୟିକାଙ୍କୁ ଖୁବ୍‌ଶୀଘ୍ର ବିବାହ କରିବାକୁ ଯାଉଛନ୍ତି।

୦୪

୧୬

**ଜୋ ରୁଟ୍‌ଙ୍କ ଶତକ**

ଭାରତ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଇଂଲଣ୍ଡ ବ୍ୟାଟର ଜୋ ରୁଟ୍।





କୋରାପୁଟ ଜିଲା ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ଜୟପୁର ଟାଉନସ୍ଥିତ ଫ୍ଲାଟ୍‌ରେ ସିକ୍ରେଟ୍ ଟ୍ରେଜେରୀରେ ସଜେଇ ହୋଇ ରଖାଯାଇଥିବା ପ୍ରାୟ ଦେଢ଼ କୋଟି ଟଙ୍କାର ବିଡ଼ାବିଡ଼ା ନୋଟ୍ । **(ରିପୋର୍ଟ: ପୃଷ୍ଠା-୧୧)**

# ୩୩ ଏମ୍‌ଓୟୁ, ୭୮୦୮ କୋଟିର ପୁଞ୍ଜିନିବେଶ

ଓଡ଼ିଶାର ବୟନ ଓ ପୋଷାକ ତିଆରି କ୍ଷେତ୍ରକୁ ରାଜ୍ୟ ସରକାର କେବଳ ଏକ ଅର୍ଥନୈତିକ ଶିଳ୍ପ ନୁହେଁ, ତାହାକୁ ଓଡ଼ିଆ ସଂସ୍କୃତି, ଇତିହାସ ଓ ଅସ୍ମିତାର ଅଭିନ୍ନ ଅଂଶ ଭାବେ ଗ୍ରହଣ କରିଛନ୍ତି। ସମ୍ବଲପୁରୀ ବସ୍ତ୍ର, ବ୍ରହ୍ମପୁରର ରେଶମ, କେନ୍ଦୁଝର ଟସର, ଗଜପତି ଓ ମାଣିଆବନ୍ଧର କାରିଗରି ଦେଶବ୍ୟାପୀ ପ୍ରସିଦ୍ଧ। ଏହାର ନବସୃଜନ, ସ୍ଥିରତା ଓ ନିବେଶକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଆଗାମୀ ୧୦ ବର୍ଷରେ ବୟନ ଶିଳ୍ପରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ସହିତ ଏକାଧିକ ଆଧୁନିକ ଟେକ୍ସଟାଇଲ ପାର୍କ ବିକଶିତ କରିବାର ଲକ୍ଷ୍ୟ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ହୋଇଯାଇଛି ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ ୨୦୨୫ (ଓଡ଼ିଶା ଟେକ୍ସ ୨୦୨୫)। ଏହି ବୟନ ଶିଳ୍ପ ସମ୍ମିଳନୀରେ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବାବେଳେ ସରକାର ଉଦ୍ୟୋଗୀମାନଙ୍କଠାରୁ ୭,୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ପାଇଛନ୍ତି। ଏହାମାଧ୍ୟମରେ ୫୩,୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବାର ଆକଳନ କରାଯାଇଛି।

- **କାର୍ଯ୍ୟରତ ମହିଳାଙ୍କ ମଜୁରି ୬ରୁ ୭ ହଜାର, ପୁରୁଷଙ୍କ ୫ରୁ ୬ ହଜାରକୁ ବୃଦ୍ଧି**
- **ଜଗତ୍‌ସିଂହପୁର, ଭଦ୍ରକରେ ୨ ଟେକ୍ସଟାଇଲ ଓ ଫୁଟ୍‌ୱେର ପାର୍କର ଲୋକାର୍ପଣ**
- **ସରକାରୀ କର୍ମଚାରୀ ସପ୍ତାହକୁ ଥରେ ହସ୍ତତନ୍ତ ପୋଷାକ ପରିଧାନ କରିବାକୁ ଆହ୍ୱାନ**

## ଓଡ଼ିଶା ଟେକ୍ସ ୨୦୨୫

**ଭୁବନେଶ୍ୱର,୨୫।୭ (ସୁନିତ୍ ମିଶ୍ର)**

ଟେକ୍ସଟାଇଲ ଶିଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କ ସରକାରୀ ଭତ୍ତା ମାସକୁ ୧ହଜାର ଟଙ୍କା ବୃଦ୍ଧି କରାଯାଇଛି। ଏହାଦ୍ୱାରା ସରକାରଙ୍କ ପକ୍ଷରୁ ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ଟଙ୍କା ବଦଳରେ ୭ ହଜାର ଏବଂ ପୁରୁଷ କର୍ମଚାରୀଙ୍କୁ ୫ ହଜାର ବଦଳରେ ୬ ହଜାର ଟଙ୍କା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭରେ ଏହା ଘୋଷଣା କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଜଗତ୍‌ସିଂହପୁର ଏବଂ ଭଦ୍ରକଠାରେ ୨ଟି ଟେକ୍ସଟାଇଲ ଓ ଫୁଟ୍‌ୱେର ପାର୍କର ଲୋକାର୍ପଣ କରିଛନ୍ତି।

ଭୁବନେଶ୍ୱରଠାରେ ଅନୁଷ୍ଠିତ 'ଓଡ଼ିଶା ଟେକ୍ସ ୨୦୨୫' ହେଉଛି ରାଜ୍ୟର ପ୍ରଥମ ଟେକ୍ସଟାଇଲ ଓ ଆପାରେଲ କନ୍‌କ୍ଲେଭ। ଏଥିରେ ୧୬୦ରୁ ଅଧିକ ବୃହତ୍ ଓ ନୂତନ ଉଦ୍ୟୋଗୀ ଯୋଗଦେଇଛନ୍ତି। ବିଶ୍ୱର ନାମୀଦାମୀ ବ୍ରାଣ୍ଡ ପେଜ୍ ଇଣ୍ଡଷ୍ଟ୍ରିଜ, ଫାଷ୍ଟ ଷ୍ଟେପ୍ ବେବି ଉଇଅର, କେପିଆର୍ ମିଲ୍‌ସ, ସ୍ପୋର୍ଟ କିଙ୍ଗ୍, ଆଦର୍ଶ ନିଉଇଆର, ଅନୁଭବ ଆପାରେଲ୍ସ, ବନ୍ ଆଣ୍ଡ କୋ., ଆଣ୍ଡ ବି.ଏଲ୍. ପ୍ରମୁଖ ଏହି କନ୍‌କ୍ଲେଭରେ ଅଂଶଗ୍ରହଣ କରିଛନ୍ତି। ଦେଶର ବୟନ ଓ ପୋଷାକ ଶିଳ୍ପକ୍ଷେତ୍ରର ପ୍ରାୟ ସମସ୍ତ ଶିଳ୍ପପତି ଉପସ୍ଥିତ ଥିଲେ। ଏହା ପୂର୍ବଭାରତର ସର୍ବବୃହତ୍ ଟେକ୍ସଟାଇଲ କନ୍‌କ୍ଲେଭ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ସପ୍ତାହକୁ ଯେକୌଣସି ଗୋଟିଏ ଦିନ ହସ୍ତତନ୍ତ ପ୍ରସ୍ତୁତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୋଟ୍ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ୭,୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଆସିଛି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ୫୩,୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ☞ପୃଷ୍ଠା-୪



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ଆଜିର ସମ୍ପାଦକୀୟ**
ହନିଟ୍ରାପ ଭୟ




# ସ୍କୁଲ ଛାତ ଭୁଶୁଡ଼ିଲା: ୭ ମୃତ, ୩୦ ଆହତ

**ଝାଲୱାର (ରାଜସ୍ଥାନ),୨୫।୭**

ରାଜସ୍ଥାନର ଝାଲୱାର ଜିଲାରେ ଏକ ସରକାରୀ ବିଦ୍ୟାଳୟ କୋଠା ଛାତ ଶୁକ୍ରବାର ଭୁଶୁଡ଼ି ପଡ଼ିବାରୁ ୭ ପିଲାଙ୍କ ମୃତ୍ୟୁ ଘଟିବା ସହ ୩୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ପିପ୍ଲୋଡି ସରକାରୀ ସ୍କୁଲ୍‌ରେ ଷଷ୍ଠ ଓ ସପ୍ତମ ଶ୍ରେଣୀର ପିଲାମାନେ ପଢୁଥିବାବେଳେ ସକାଳ ପ୍ରାର୍ଥନା ପାଇଁ ଏକାଠି ହୋଇଥିଲେ। ଏହି ସମୟରେ ଛାତ ଭୁଶୁଡ଼ି ପଡ଼ିଥିଲା। ଫଳରେ ପ୍ରାୟ ୩୫ ଜଣ ପିଲା ଭଗ୍ନାବଶେଷ ତଳେ ଚାପିହୋଇ ରହିଯାଇଥିଲେ। ପିଲାମାନଙ୍କ ମାଆବାପା, ଶିକ୍ଷକ ଓ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ କଂକ୍ରିଟ୍ ସ୍ଲାବ୍ ଓ ଇଟାଗୁଡ଼ିକୁ ☞ପୃଷ୍ଠା-୪

DSPL-186





ଉଡ଼ିଶା ଶାସନ

garima FOR SAFETY & DIGNITY OF CORE SANITATION WORKERS | Urban Management Centre — Making cities work for everyone

## ପ୍ରମୁଖ ପରିମଳ କାର୍ଯ୍ୟର ରୂପାନ୍ତରୀକରଣ

ସୁରକ୍ଷା, ସମ୍ମାନ ଓ ଅନ୍ତର୍ଭୁକ୍ତିକରଣ

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଭାରତର ପ୍ରମୁଖ ପରିମଳ କର୍ମଚାରୀ ସଶକ୍ତିକରଣ
**ଗରିମା**
ଜାତୀୟ କର୍ମଶାଳା
ଭୁବନେଶ୍ୱର । ୨୦୨୫

**ପ୍ରଧାନ ଅଂଶ ଗୁଡିକ**

- ସ୍ୱେରେଜ ଏବଂ ସେପ୍ଟିକ ଟାଙ୍କି ସଫେଇରେ ଶୂନ୍ୟ ଦୁର୍ଘଟଣା ଓ ମୃତ୍ୟୁ
- ପ୍ରମୁଖ ପରିମଳ କର୍ମଚାରୀ ମାନଙ୍କୁ କୁଶଳୀ ଓ ଅତି-କୁଶଳୀର ମାନ୍ୟତା
- ସମସ୍ତ ପ୍ରମୁଖ ପରିମଳ କର୍ମଚାରୀଙ୍କ ପାଇଁ ଉଚିତ ମଜୁରୀ

ଉଦ୍‌ଘାଟନ ସମାରୋହ
**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ପ୍ରଧାନ ଅଂଶ ଗୁଡିକ**

- ପ୍ରତ୍ୟେକ ପ୍ରମୁଖ ପରିମଳ କର୍ମଚାରୀଙ୍କ ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରିବା
- ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ସୁରକ୍ଷାର ସାର୍ବଜନୀନ ଉପଲବ୍ଧତାକୁ ସୁନିଶ୍ଚିତ କରିବା
- ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସହିତ ନିୟନ୍ତ୍ରିତ ପ୍ରମୁଖ ପରିମଳ କାର୍ଯ୍ୟ ତଥା ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନକୁ ପ୍ରୋତ୍ସାହିତ କରିବା

**୨୬ - ୨୭ ଜୁଲାଇ ୨୦୨୫**

କନ୍‌ଭେନସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

OIPR-13001/13/0014/2526

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର


A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in




# କନ୍ଧମାଳ: ୨ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ତୁମୁଡିବନ୍ଧ,୨୫।୭
(ଦୀପକ କୁମାର ପରାସେଠ)

ଏକ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା ୨ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ଏହାକୁ ନେଇ କନ୍ଧମାଳ ଜିଲା ପୁଣି ଚର୍ଚ୍ଚାକୁ ଆସିଛି। ବିବାଦ ଜିଲାର ପିଛା ଛାଡୁ ନ ଥିବା ବେଳେ ତୁମୁଡ଼ିବନ୍ଧ ବ୍ଲକ ଅଞ୍ଚଳରେ ଘଟିଥିବା ଏପରି ଘଟଣାକୁ ନେଇ ଉକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଛନ୍ତି।

ଖବରରୁ ଜଣାପଡିଛି, ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମ୍ପୃକ୍ତ ୨ ଜଣ ଛାତ୍ରୀ ଗ୍ରୀଷ୍ମ ଅବକାଶ ପରେ ଆବାସିକ ବିଦ୍ୟାଳୟକୁ ଫେରିଥିଲେ। ସେମାନଙ୍କ ଫେରିବାର ମାସେ ପୂରଣ ହେବା ପରେ ଛାତ୍ରୀମାନଙ୍କ ମାସିକ ଋତୁସ୍ରାବ ତଦାରଖ କରାଯାଇଥିଲା। ଏହି ସମୟରେ ଦଶମ ଶ୍ରେଣୀର ୨ଜଣ ଛାତ୍ରୀଙ୍କ ମାସିକ ଋତୁସ୍ରାବ ରିପୋର୍ଟ ପଜିଟିଭ ଆସିଥିଲା। ଏହା ଜାଣିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ଛାତ୍ରୀ ଦ୍ୱୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଡାକ୍ତରୀ ରିପୋର୍ଟରୁ ମଧ୍ୟ ସମ୍ପୃକ୍ତ ୨ ଛାତ୍ରୀ ଗର୍ଭବତୀ ଥିବା ସ୍ପଷ୍ଟ ହୋଇଥିଲା। ସମ୍ପୃକ୍ତ ୨ ଛାତ୍ରୀ କୋଟଗଡ଼ ଓ ବେଲଘର ଥାନା ଅଞ୍ଚଳର ବୋଲି ଜଣାପଡିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଉକ୍ତ ଥାନାରେ ପୃଥକ୍ ପୃଥକ୍ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି କୋଟଗଡ଼ ଥାନାରେ ନଂ. ୧୦୩/୨୫ ଏବଂ ବେଲଘର ଥାନାରେ ନଂ. ୬୪/୨୫ରେ ମାମଲା ରୁଜୁହୋଇ ତଦନ୍ତ ଚାଲିଥିବା ପୋଲିସ କହିଛି। ବେଲଘର ପୋଲିସ ଉକ୍ତ ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। କୋଟଗଡ଼ ପୋଲିସ ମଧ୍ୟ ଜଣେ ଯୁବକଙ୍କ ଉପରେ ନଜର ରଖିଥିବା ଜଣାପଡ଼ିଛି।

# ଫେକ୍ ଜବ୍‌କାର୍ଡ ଧରିବାକୁ ଇ-କେୱାଇସି କରାଯିବ: ମନ୍ତ୍ରୀ

ଭୁବନେଶ୍ୱର,୨୫।୭(ସୁନିତ୍ ମିଶ୍ର)

■ ୩ ମାସ ଭିତରେ ଇ-କେୱାଇସି ନ କଲେ ଜବ୍‌କାର୍ଡ କଟିଯିବ
■ ପ୍ରକଳ୍ପ କାମ ବିଳମ୍ବ ହେଲେ ଅଧିକାରୀଙ୍କ ଦରମା ବନ୍ଦ
■ ନିର୍ଦ୍ଧାରିତ ସମୟ ଭିତରେ କାମ ନ ସାରିଲେ ଏଜେନ୍ସି ଉପରେ ଲାଗିବ ପେନାଲ୍ଟି
■ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୮ କାର୍ଯ୍ୟ ସରିଛି

ଫେକ୍ ଜବ୍‌କାର୍ଡ ବିଷୟକୁ ଗୁରୁତର ସହ ନେଇଛନ୍ତି ସରକାର। ଫେକ୍ ଜବ୍‌କାର୍ଡ ଧରିବା ପାଇଁ ଇ-କେୱାଇସି କରାଯିବ। ୩ ମାସ ଭିତରେ ଜବ୍‌କାର୍ଡ ଇ-କେୱାଇସି ନ କଲେ ତାହା କାଟି ଦିଆଯିବ। ସରକାର ଏଭଳି ଫେକ୍ ଜବ୍‌କାର୍ଡ ବାହାର କରିଛନ୍ତି। ଏହାର ଅଧିକାରୀ କିଏ ଥିଲେ, ଯେଉଁମାନେ ପୂର୍ବରୁ ଶାସନ କରୁଥିଲେ ସେମାନେ ଉତ୍ତର ଦେବେ। ସରକାର ବର୍ଷେ ଭିତରେ ୨ ଲକ୍ଷ ଜବ୍‌କାର୍ଡ ଦେଇଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି।

ପାନୀୟ ଜଳ ସମସ୍ୟାକୁ ନେଇ ମନ୍ତ୍ରୀ ନାଏକ କହିଛନ୍ତି, ସମଗ୍ର ରାଜ୍ୟବାସୀଙ୍କୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ ଅଛନ୍ତି। ରାଜ୍ୟରେ ବର୍ତ୍ତମାନ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮ଟି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ଅନ୍ୟ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ କରାଯାଇ ସେସବୁର ପ୍ରତ୍ୟକ୍ଷ ନିରୀକ୍ଷଣ କରାଯାଉଛି। ସାମାନ୍ୟ ବ୍ୟତିକ୍ରମ ଦେଖାଗଲେ ଉତ୍ତରଦାୟିତ୍ୱ ସ୍ଥିର କରାଯାଇ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରାଯାଇଛି। କାମ ବିଳମ୍ବ ହେଲେ ଅଧିକାରୀମାନଙ୍କ ଦରମା ବନ୍ଦ ହେବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି।


ମନ୍ତ୍ରୀ ରବି ନାରାୟଣ ନାଏକ

ମନ୍ତ୍ରୀ ନାଏକ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ଚାଲିଥିବା ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୮ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ନୂଆପଡ଼ା ଜିଲାର ସମସ୍ତ ଗ୍ରାମ 'ହର୍ ଘର୍ ଜଲ୍ ଯୋଜନା'ରେ ଅନ୍ତର୍ଭୁକ୍ତ ହୋଇଛି, ଯାହା ଗ୍ରାମୀଣ ଜୀବନରେ ପାନୀୟ ଜଳ ସୁବିଧାକୁ ସୁନିଶ୍ଚିତ କରିବାରେ ଏକ ଐତିହାସିକ ପଦକ୍ଷେପ। ତେବେ ସରକାରୀ ସ୍ତରରେ ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହି ଅନୁସାରେ ଅଗଷ୍ଟରେ ୨୧ଟି, ସେପ୍ଟେମ୍ବର ଶେଷ ସୁଦ୍ଧା ୧୧ଟି ଏବଂ ଡିସେମ୍ବର ପୂର୍ବରୁ ୨୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ସ୍ଥିର କରାଯାଇଛି। ଏହାସହ ରାଜ୍ୟରେ ପାନୀୟ ଜଳର ସୁପରିଚାଳନା ପାଇଁ ଏକ ଜଳ ନିଗମ ପ୍ରତିଷ୍ଠା କରିବାକୁ ସରକାର ବିଚାର କରୁଛନ୍ତି। ନିରାପଦ ପାନୀୟ ଜଳ ସୁନିଶ୍ଚିତତା ପାଇଁ ରାଜ୍ୟର ୫,୨୭,୫୭୦ ନଳକୂପ/ସାନିଟାରି ୱେଲ୍, ୨୧,୪୦୧ ପ୍ରଡକ୍ସନ ୱେଲ୍ ଓ ୧୫,୧୫୫ଟି ଓଭରହେଡ୍ ଟ୍ୟାଙ୍କକୁ ଲଗାତର ବିଶୁଦ୍ଧୀକରଣ କରାଯାଉଛି। ପୂର୍ବବର୍ଷ ମଞ୍ଜୁର ହୋଇଥିବା ୨୯,୫୧୨ ନଳକୂପ ମଧ୍ୟରୁ ୨୦,୮୯୧ଟି ପ୍ରାୟ ସମ୍ପନ୍ନ ହୋଇଛି। ଏହି ସମସ୍ତ କାର୍ଯ୍ୟରେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦିଆଯାଉଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯେଉଁ ଏଜେନ୍ସି କାର୍ଯ୍ୟ ସମାପ୍ତ ନ କରୁଛି, ତାହା ଉପରେ ପେନାଲ୍ଟି ଲଗାଯିବ। ସେହିଭଳି ଦାୟିତ୍ୱରେ ରହିଥିବା ଅଧିକାରୀ ଓ କର୍ମଚାରୀଙ୍କ ଉତ୍ତରଦାୟିତ୍ୱ ମଧ୍ୟ ସ୍ଥିର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ହୀରାକୁଦ ଜଳଭଣ୍ଡାରର ୧୨ ସ୍ଲୁଇସ୍ ଗେଟ୍ ଖୋଲିଲା

## ୨୦ ସ୍ଲୁଇସ୍ ଗେଟ୍ ଜରିଆରେ ଜଳ ନିଷ୍କାସନ ଜାରି

ସମ୍ବଲପୁର,୨୫।୭(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ଅଧିକ ବର୍ଷା ଯୋଗୁ ଶୁକ୍ରବାର ୧୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ଜଳଭଣ୍ଡାରରୁ ମୋଟ୍ ୨୦ଟି ସ୍ଲୁଇସ୍ ଗେଟ୍ ଦେଇ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ହଠାତ୍ ବୃଦ୍ଧି ପାଇବାରୁ ଏହାର କର୍ତ୍ତୃପକ୍ଷ ବାଧହୋଇ ୩ଟି ପର୍ଯ୍ୟାୟରେ ଗୋଟିଏ ଦିନରେ ୧୨ଟି ସ୍ଲୁଇସ୍ ଗେଟ୍ ଖୋଲିଛନ୍ତି। ଶୁକ୍ରବାର ଅପରାହ୍ନ ୩ଟା ୩୦ ସୁଦ୍ଧା ହସ୍ତଗତ ହୋଇଥିବା ଖବର ଅନୁସାରେ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୫୧ ହଜାର ୪୯୮ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଛି। ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୨ ଲକ୍ଷ ୭୫ ହଜାର ୩୯୬ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ଜଳଭଣ୍ଡାରର ବାମପାର୍ଶ୍ୱସ୍ଥ ୧୩ ଓ ଦକ୍ଷିଣ ପାର୍ଶ୍ୱସ୍ଥ ୭ ମିଶି ମୋଟ୍ ୨୦ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୨ ଲକ୍ଷ ୩୬ ହଜାର ୯୭୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସେହିପରି ଶକ୍ତି ଉତ୍ପାଦନ ପାଇଁ ପାୱାର ଚାନେଲରେ ୩୩,୯୮୬ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ୍ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୩୪୬୧, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୧୦୯ ଘନଫୁଟ୍ ଜଳ ମିଶି ମୋଟ୍ ୪୨୦୦ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି। ଏହି ସମୟରେ ଜଳଭଣ୍ଡାରର ଜଳସ୍ତର ୬୦୯.୩୯ ଫୁଟ୍ ରହିଛି। ଜଳଭଣ୍ଡାର ପାଣିପାଗ ନିୟନ୍ତ୍ରଣ କକ୍ଷ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୩୯.୩୭ ମିଲିମିଟର ଓ ତଳମୁଣ୍ଡରେ ୨୦.୬୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଗଳାରେ ସେଓ ଲାଗିବାରୁ ଶିଶୁପୁତ୍ରର ଜୀବନ ଗଲା

ବ୍ରଜରାଜନଗର,୨୫।୭
(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳର ବୁଢୀଜାମ କଲୋନୀରେ ଦେଢବର୍ଷର ଜଣେ ଶିଶୁପୁତ୍ରର ଗଳାରେ ସେଓ ଲାଗିଯିବାରୁ ଜୀବନ ଯାଇଛି। ଗୁରୁବାର ସକାଳେ ଉକ୍ତ କଲୋନୀର ଇନ୍ଦ୍ରଜିତ୍ ସିଂଙ୍କ ଦେଢବର୍ଷର ପୁଅକୁ ପରିବାରର କେହି ସଦସ୍ୟ ସେଓ କାଟି ଖାଇବାକୁ ଦେଇଥିଲେ। ହେଲେ ସେଓର ଛୋଟ ଅଂଶ ଶିଶୁପୁତ୍ରର ଗଳାରେ ଅଟକି ଯିବାରୁ ନିଶ୍ୱାସ ନେବାରେ କଷ୍ଟ ହୋଇଥିଲା। ପରିବାର ସଦସ୍ୟ ତାଙ୍କୁ ନିକଟରେ ଥିବା କେନ୍ଦ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଆଇସିୟୁ ବ୍ୟବସ୍ଥା ନ ଥିବାରୁ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ଅନ୍ୟତ୍ର ନେବା ପାଇଁ ପରାମର୍ଶ ଦେଇଥିଲେ। ଫଳରେ ପରିବାର ସଦସ୍ୟ ଶିଶୁପୁତ୍ରକୁ ଝାରସୁଗୁଡ଼ାର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ରାତିରେ ଶୋକାକୁଳ ପରିବେଶରେ ଶିଶୁପୁତ୍ରର ମୃତଦେହ ସତ୍କାର କରାଯାଇଥିଲା। ଅପରପକ୍ଷରେ କେନ୍ଦ୍ରୀୟ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା ଯୋଗୁ ଶିଶୁପତ୍ରର ମୃତ୍ୟୁ ଘଟିଥିବା ନେଇ ତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିବା ସହ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ଦାୟି କରିଛନ୍ତି। ଏନେଇ କେନ୍ଦ୍ରୀୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ମଦନ ଦାସ କହିଛନ୍ତି, ହସ୍ପିଟାଲରେ ଅତ୍ୟାଧୁନିକ ମେଶିନ ଅଛି କିନ୍ତୁ ଡାକ୍ତର ନାହାନ୍ତି। ଆଇସିୟୁ ଅଛି କିନ୍ତୁ ୭ ବର୍ଷ ହେବ ଖରାପ ହୋଇପଡିଛି। ଏ ବାବଦରେ ଏମ୍‌ସିଏଲ୍‌ର ଉପରିସ୍ଥ ପଦାଧିକାରୀଙ୍କୁ ଅବଗତ କରିଛି। ହେଲେ ଫଳ ଶୂନ ବୋଲି ସେ କହିଛନ୍ତି।

# ହେବନି ନୂଆ ଆଉଟ୍‌ସୋର୍ସିଂ ନିଯୁକ୍ତି

ଭୁବନେଶ୍ୱର,୨୫।୭
(ରବିନାରାୟଣ ଜେନା)

ରାଜ୍ୟରେ ଏଣିକି ଠିକା ସଂସ୍ଥା(ଆଉଟ୍‌ସୋର୍ସିଂ) ଜରିଆରେ ସିଧାସଳଖ ନୂଆ ନିଯୁକ୍ତି ସିଧାସଳଖ ଦିଆଯିବ ନାହିଁ। ପୂର୍ବରୁ ଯେଉଁସବୁ ଆଉଟ୍‌ସୋର୍ସିଂ ସଂସ୍ଥାକୁ ମ୍ୟାନ୍ ପାୱାର ଲାଗି ନିଯୁକ୍ତ କରାଯାଇଛି ତାହା ବଜାୟ ରହିବ ଏବଂ ସମ୍ପୃକ୍ତ ସଂସ୍ଥା ନବୀକରଣ କରିପାରିବେ। ହେଲେ ସମ୍ପୃକ୍ତ ସଂସ୍ଥା ଅର୍ଥ ବିଭାଗର ବିନା ଅନୁମୋଦନରେ ନୂଆ କରି ଜଣେ ହେଲେ ବି 'ମ୍ୟାନ୍ ପାୱାର' ନିଯୁକ୍ତି ଦେଇପାରିବେ ନାହିଁ ବୋଲି ଅର୍ଥ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଗୁରୁବାର ସମସ୍ତ ବିଭାଗ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ତେବେ ରାଜ୍ୟରେ ଆଉ କେହି ଠିକା ନିଯୁକ୍ତ ହେବନାହିଁ, 'ଆଉଟ୍‌ସୋର୍ସିଂ'ରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ବୋଲି ୨୦୨୩ ଜୁନ୍‌ରେ ପୂର୍ବ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିଲା। ସେତେବେଳେ ଠିକା ନିଯୁକ୍ତି ଉଚ୍ଛେଦ ହେଲା ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଆବଶ୍ୟକତା ଦୃଷ୍ଟିରୁ ଏହି ପ୍ରକ୍ରିୟା ଅଦ୍ୟାବଧି ଜାରି ରହିଛି। ସଚିବ ମିଶ୍ର ପତ୍ରରେ ଦର୍ଶାଇଛନ୍ତି ଯେ, ନୂତନ ମ୍ୟାନ୍ ପାୱାର ନିଯୁକ୍ତି ପୂର୍ବରୁ ଅର୍ଥ ବିଭାଗର ଅନୁମୋଦନ ବାଧ୍ୟତାମୂଳକ। ମାତ୍ର କୌଣସି ଠିକାସଂସ୍ଥାର ସମାନ ସଂଖ୍ୟକ ମ୍ୟାନ୍ ପାୱାର ନବୀକରଣ ପାଇଁ ଅର୍ଥ ବିଭାଗର ଅନୁମୋଦନ ଆବଶ୍ୟକ ନାହିଁ। ଯଦି ନବୀକରଣ ହେବାକୁ ଥିବା ସଂସ୍ଥା ଅଧିକ ମ୍ୟାନ୍ ପାୱାର ନିଯୁକ୍ତ କରିବାକୁ ବିଭାଗର ପ୍ରସ୍ତାବ ରହିଥିବ ତେବେ ସେ କ୍ଷେତ୍ରରେ ଅର୍ଥବିଭାଗର ଅନୁମୋଦନ ନିହାତି ଆବଶ୍ୟକ।

# ଏଚ୍‌ଓଡି, ଅଧ୍ୟକ୍ଷଙ୍କ ହାଜତ ମିଆଦ ବୃଦ୍ଧି

ବାଲେଶ୍ୱର,୨୫।୭(ବାଞ୍ଛାନିଧି ଦେ)

**ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ମାମଲା**

**ଭିଡିଓ କନଫରେନ୍ସିଂରେ ହାଜର ହେଲେ**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍‌ବିଏଡ୍‌ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁ ଓ ଅଧ୍ୟକ୍ଷ ଦିଲୀପ ଘୋଷ ଶୁକ୍ରବାର ଭିଡିଓ କନଫରେନ୍ସିଂ (ଭିସି) ଜରିଆରେ କୋର୍ଟରେ ହାଜର ହୋଇଥିଲେ। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କ ହାଜତ ମିଆଦ ଆଉ ୧୪ ଦିନ ବୃଦ୍ଧି କରାଯାଇଥିବା ଏସଡିଜେଏମ୍ କିଶୋର କୁମାର ନାଥ ସୂଚନା ଦେଇଛନ୍ତି। ଆସନ୍ତା ଅଗଷ୍ଟ ୬ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

# ୮୬୯.୮ କୋଟିର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ମୋହର

ଭୁବନେଶ୍ୱର,୨୫।୭(ରବିନାରାୟଣ ଜେନା)



## ଅକ୍ଷୟଶକ୍ତିକୁ ସରକାରଙ୍କ ପ୍ରାଥମିକତା

୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଲକ୍ଷ୍ୟ ସାକାର କରିବା ପାଇଁ ରାଜ୍ୟ ସରକାର ସବୁକ୍ଷେତ୍ରକୁ ଗୁରୁତ୍ୱ ଦେଉଥିବାବେଳେ ଶୁକ୍ରବାର ଅକ୍ଷୟଶକ୍ତିକୁ ପ୍ରାଥମିକତା ମିଳିଛି। ରାଜ୍ୟରେ ଅକ୍ଷୟଶକ୍ତି କିଭଳି ଅଧିକ ଉତ୍ପାଦନ ହୋଇପାରିବ ଏବଂ ଆଗାମୀ ଦିନରେ ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବାରେ ପ୍ରମୁଖ ଭୂମିକା ନିର୍ବାହ କରିବ ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶକ୍ତି ବିଭାଗ ପକ୍ଷରୁ ରାଜ୍ୟରେ ନିବେଶ ହେବାକୁ ଥିବା ୮୬୯.୮ କୋଟି ଟଙ୍କାର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଅନୁମୋଦନ ଦେଇଛନ୍ତି। ଫଳରେ ଓଡ଼ିଶାରେ ୧୭୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ ବାଟ ପରିଷ୍କାର ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଦ୍ୱାଦଶ ସିଙ୍ଗଲ୍ ୱିଣ୍ଡୋ କମିଟି (ଏସ୍‌ଡବ୍ଲୁସି) ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରୀଡ୍‌କୋ ଏବଂ ଓଏଚ୍‌ପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା (ଆର୍‌ଇଏନ୍‌ଏ)ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ବୈଠକରେ ଉପସ୍ଥାପନ କରିଥିଲେ ଏବଂ ତତ୍‌ସମ୍ବନ୍ଧରେ ସମ୍ପୂର୍ଣ୍ଣ ବିଚାରବିମର୍ଶ ପରେ ସିଙ୍ଗଲ ୱିଣ୍ଡୋ କମିଟି ତାହାକୁ ଅନୁମୋଦନ ଦେଇଥିଲା। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି, ସୁବର୍ଣ୍ଣପୁରର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ ଏନର୍ଜି ଲିମିଟେଡ୍ ଦ୍ୱାରା ୬୯.୫ ମେଗାୱାଟ୍ ସୋଲାର୍ ପାର୍କ, କେନ୍ଦୁଝରର ଜିଲାର ତେଲକୋଇଠାରେ ଆଇନକ୍ସ ସୋଲାର୍ ଲିମିଟେଡ୍ ଦ୍ୱାରା ୪୯.୫ ମେଗାୱାଟ୍ ସୋଲାର୍ ପ୍ରକଳ୍ପ, ଝାରସୁଗୁଡ଼ାର ଲଖନପୁରଠାରେ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୦ ମେଗାୱାଟ୍ ସୋଲାର୍ ପ୍ରକଳ୍ପ ଓ ନବରଙ୍ଗପୁରର ପାପଡ଼ାହାଣ୍ଡିରେ ଏନ୍.ଏଲ୍.ସି. ଦ୍ୱାରା ପବନ ଶକ୍ତି ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକ ସମେତ, ଏପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧,୮୪୪.୮୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ୧୨,୫୯୯.୭୯ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଅନୁମୋଦନ ଲାଭ କରିଛି। ଅକ୍ଷୟ ଶକ୍ତି କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରାରେ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ନୂତନ ରୋଜଗାର ସୃଷ୍ଟି କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।



Sonet
The Wild. Reborn.
Sleek, comfortable, and packed to the brim with the latest tech: the new Kia Sonet is your wild adventure waiting to roar to life. And now, you can get your old car evaluated at your convenience, and switch to the bold new Sonet with exclusive exchange advantages! Make your move while this limited offer lasts.
Additional Exchange Advantages*
Complimentary evaluation at your convenience | Assured gift on every evaluation | Best price for your old car | Hassle-free transfer of ownership | Exclusive finance benefits | Additional scrappage benefits of up to ₹20 000/-#
For more information, contact: 1800 108 5000 | 093195 91407 | www.kia.com | Book Kia Sonet | Look for "Kia India" @
*T&C Apply. Actual features, colors and specifications may not be part of standard fitment and may vary. #Defined benefit is 1.5% of Ex-showroom price of the purchased car or up to ₹ 20 000 which-ever is lower. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/discontinue any offer/scheme/service without prior notice. For more details, visit your nearest Kia dealership. Kia urges you to follow traffic rules. These are meant to keep you safe on roads.
Central Kia
NH- 16, Mandiapalli, Berhampur, Tel: 7440002919

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନୃତ୍ୟାନିଳୟ ଓ ନୃତ୍ୟାଙ୍କିତା ପକ୍ଷରୁ ୬ଷ୍ଠ ସମର୍ପଣ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ଣ ୫ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ କାବ୍ୟାଞ୍ଜଳି ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ : ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ପଞ୍ଚମ ଦିବସ, ସ୍ଥାନ: ଓଏସ୍ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ସ୍ୱର୍ଗତ ବି.କେ. ରାୟଙ୍କ ଶ୍ରାଦ୍ଧବାର୍ଷିକ ଓ ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲର ଉଦ୍ୟାପନୀ ଦିବସ, ସ୍ଥାନ: ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ଶ୍ରମିକ ନେତା ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ତୃତୀୟ ବାର୍ଷିକ ସ୍ମୃତି ସମାରୋହ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ଣ ୧୧ଟା ୩୦।
- ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବର ଉଦ୍‌ଘାଟନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ଣ ୫ଟା ୩୦।

## ବାଲେଶ୍ୱର

- କାର୍ଗିଲ୍ ବିଜୟ ଦିବସ, ସ୍ଥାନ: ଚାନ୍ଦିପୁର, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ବନ ମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବରହମ୍‌ପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ଏକ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ଣ ୧୦ଟା।
- ନାକ୍ ମୂଲ୍ୟାୟନରେ ମହାବିଦ୍ୟାଳୟର ଭୂମିକା କର୍ମଶାଳା, ସ୍ଥାନ: କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ, ବାଲିଆପାଳ, ସମୟ: ପୂର୍ବାହ୍ଣ ୧୧ଟା।

## ଭଦ୍ରକ

- ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳନ, ସ୍ଥାନ: ବାଗୁରାଇ ସୈନିକ ସଂଘ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା।
- କାର୍‌ଗିଲ ବିଜୟ ଦିବସ ପାଳନ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ସକାଳ ୯ଟା।

## ମୟୂରଭଞ୍ଜ

- ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ବାରିପଦା, ସମୟ: ପୂର୍ବାହ୍ଣ ୧୧ଟା।
- ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ପାଟଶାଣୀପୁର ଉଚ୍ଚ ବିଦ୍ୟାଳୟ, ଉଦଳା, ସମୟ: ପୂର୍ବାହ୍ଣ ୧୧ଟା।
- ଯୌନ ଉତ୍ପୀଡ଼ନ ବିଷୟରେ ଜାଗୃତି କାର୍ଯ୍ୟକ୍ରମ, ସ୍ଥାନ: ଚିତ୍ରଡ଼ା ମହାବିଦ୍ୟାଳୟ, ମୋରଡ଼ା, ସମୟ: ପୂର୍ବାହ୍ଣ ୧୧ଟା।

## ଗଞ୍ଜାମ

- ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଅଭିଭାବକ ଶିକ୍ଷକ ବୈଠକ, ସ୍ଥାନ: ପିପୁଲ୍ସ କଲେଜ ବୁଗୁଡ଼ା, ସମୟ: ପୂର୍ବାହ୍ଣ ୧୧ ଟା।

## ଢେଙ୍କାନାଳ

- ଓଡିଶା ସାହିତ୍ୟ ଏକାଡେମୀ ଓ କଳାପରିଷଦ ଢେଙ୍କାନାଳ ପକ୍ଷରୁ ସାରସ୍ୱତ ଆଲୋଚନାଚକ୍ର, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ଣ ୧୧ଟା।

## କେନ୍ଦ୍ରାପଡ଼ା

- କାର୍ଗିଲ ବିଜୟ ଦିବସ ଉପଲକ୍ଷେ ଜିଲା ବିଜେଡି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଡିହବଳରାମପୁର, ମାର୍ଶାଘାଇ, ସମୟ: ସକାଳ ୯ଟା।
- ରାଜନଗର ସୈନିକ ସଂଘ ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳନ, ସ୍ଥାନ: କେ. ସି. ମଣ୍ଡପ, ରାଜନଗର, ସମୟ: ଅପରାହ୍ଣ ୩ଟା।

## ରାୟଗଡ଼ା

- ଶ୍ରୀ ସତ୍ୟସାଇ ମୋବାଇଲ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟସେବା ସେବା କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- କାର୍ଗିଲ ବିଜୟ ଦିବସ ଉପଲକ୍ଷେ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଭେଟେରନ ସୋଲଜର୍ସ ଆସୋସିଏଶନ ଅଫିସ୍, ରାୟଗଡା, ସମୟ: ସନ୍ଧ୍ୟା ୭ଟା ୩୦ ।

## ନବରଙ୍ଗପୁର

- ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ରପାତ୍ରଙ୍କ ନବରଙ୍ଗପୁର ଜିଲା ଗସ୍ତ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ଣ ୨ଟା।
- ମନ୍ତ୍ରୀଙ୍କ ଦ୍ୱାରା ମାଆ ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ଚାରାରୋପଣ, ରାସନ କାର୍ଡ ବିତରଣ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପରିସର, ସମୟ ଅପରାହ୍ଣ ୩ଟା ୩୦।
- ମନ୍ତ୍ରୀଙ୍କ ଦ୍ୱାରା ସାଧାରଣ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ସର୍କିଟ ହାଉସ୍, ସମୟ: ଅପରାହ୍ଣ ୫ଟା ୩୦।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ: ସକାଳ ୮ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ସକାଶେ ଆଲୋଚନା, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ପୂର୍ବାହ୍ଣ ୧୦ଟା।

## ବଲାଙ୍ଗୀର

- କାରଗିଲ ବିଜୟ ଦିବସ, ସ୍ଥାନ: ଏକ୍ସ-ସର୍ଭିସ ଅଫିସ, ଲାଲଟିକ୍ରା, ବଲାଙ୍ଗୀର, ସମୟ: ପୂର୍ବାହ୍ଣ ୧୦ଟା।
- ପବିତ୍ର ଗଙ୍ଗାଜଳ ଜଳଶାୟୀ, ସ୍ଥାନ: ଚନ୍ଦ୍ରଶେଖର ମହାଦେବ ମନ୍ଦିର, ଶାନ୍ତିପଡା, ବଲାଙ୍ଗୀର, ସମୟ: ପୂର୍ବାହ୍ଣ ୧୦ଟା ୩୦।

## ରାଉରକେଲା

- ମହିଳା ନିର୍ମାଣ ଶ୍ରମିକଙ୍କୁ ନିର୍ଯାତନା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ବିଶ୍ରା ରୋଡ୍, ସମୟ: ସକାଳ ୮ଟା।
- ହିନ୍ଦୁସ୍ଥାନ ଫେଡେରେଶନ ପକ୍ଷରୁ ସର୍ବଦଳୀୟ ଦ୍ୱିତୀୟ ଆଲୋଚନା ମଞ୍ଚ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ଅପରାହ୍ଣ ୩ଟା ୩୦।
- ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଶ୍ରୀ ଶ୍ରୀ ଗିରିଧାରୀ ଗୋଶାଳାର ଶତବାର୍ଷିକୀ ସମାରୋହ, ସ୍ଥାନ: ସୋହେଲା, ସମୟ: ସକାଳ ୯ଟା।
- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର (ଓଡ଼ିଆ ବିଭାଗ), କେଶବ ନଗର, ବରଗଡ଼, ସମୟ: ପୂର୍ବାହ୍ଣ ୧୦ଟା।
- ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ସମତା ଭବନ, ବରଗଡ଼, ସମୟ: ପୂର୍ବାହ୍ଣ ୧୦ଟା ୩୦।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ନୂଆପଡ଼ା ପକ୍ଷରୁ ଏକ ସାଧାରଣ ସଭା, ସ୍ଥାନ: ଖଡିଆଳ ବ୍ଲକ ଲୋହରାପାଲି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା।
- ନାଗବାଚା ଗୁଡିରେ ହରିଆଲି ତିହାର ପାଳନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବୁଧ ଓ ଶୁକ୍ରଙ୍କ ସ୍ଥିତିଜନିତ ମନ ବୁଝିଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ। ଯାତ୍ରା ସମୟରେ ଅସାବଧାନତା ହେତୁ କିମ୍ବା ଅନ୍ୟମନସ୍କ କାରଣରୁ ଅର୍ଥହାନିର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ କଳହର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରୁ ଲାଭ, ସଭାସମିତିରେ ସମ୍ମାନ ଏବଂ ଧର୍ମାନୁଷ୍ଠାନରୁ ପ୍ରେରଣା ଲାଭ କରିପାରନ୍ତି।

**ବୃଷ** ରାଶ୍ୟାଧିପ ଶୁକ୍ରଙ୍କ ଉପରେ ଶନିଙ୍କ ଦୃଷ୍ଟି ପ୍ରଭାବରୁ କର୍ମକ୍ଷେତ୍ରରେ ସୁଯୋଗ ଆପଣା ଛାଏଁ ଆସିବ। ଅର୍ଥ ସମ୍ପର୍କୀୟ କଥାବାର୍ତ୍ତାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ରବି ଓ ଚନ୍ଦ୍ରଙ୍କ ସଂଯୋଗରୁ ପାରିବାରିକ ସ୍ତରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ସାମୟିକ ପ୍ରତିବନ୍ଧକ ଜନିତ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ।

**ମିଥୁନ** ବୃହସ୍ପତିଙ୍କ ସ୍ଥିତି କର୍ମକ୍ଷେତ୍ର ପାଇଁ କିଛିଟା ବ୍ୟତିକ୍ରମକୁ ନେଇ କୈଫିୟତ୍ ଦେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରର ମନାନ୍ତର ଦୂରେଇଯିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି । କିନ୍ତୁ କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବା କାରଣରୁ ଧୀରେ ସୁସ୍ଥେ କାମ କରିବାକୁ ବାଧ ହେବେ।

**କର୍କଟ** ଆଜିର ଚନ୍ଦ୍ର ରୋଗପୀଡ଼ା, ବନ୍ଧୁଙ୍କ ପକ୍ଷପାତିତା ଏବଂ ଋଣ ପରିଶୋଧ ଜନିତ ଦୁଶ୍ଚିନ୍ତାର ବିଲୟ ଘଟାଇବ। ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ଦିଗରେ ମନ ବଳାଇବେ। କର୍ମକ୍ଷେତ୍ରରେ ସୁଯୋଗର ସଦ୍ ବ୍ୟବହାର କରି ଖୁସି ରହିବେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରର ଦ୍ୱନ୍ଦ୍ୱ ଓ ଟେନସନ୍ ଦୂର ହେବ।

**ସିଂହ** ଦେବଗୁରୁଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରୁ ଶିକ୍ଷା କ୍ଷେତ୍ରରେ ସଫଳତା, ସମ୍ପର୍କରେ ନିବିଡ଼ତା ଏବଂ ଆଲୋଚନାରେ ଅଗ୍ରଗତି ଅବଶ୍ୟମ୍ଭାବୀ। ରାହୁଙ୍କ କୁପ୍ରଭାବରେ ଯାତ୍ରା କାଳରେ ଠକାମିରେ ପଡ଼ିପାରନ୍ତି। ବନ୍ଧୁଙ୍କ ଦୋଷକୁ ଘୋଡ଼ାଇବାକୁ ଯାଇ କୈଫିୟତ୍ ଦେବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତାରୁ ହାତମୁଠାରୁ ସୁଯୋଗ ଖସିଯିବାର ସୂଚନା ମଧ୍ୟ ରହିଛି।

**କନ୍ୟା** ଦ୍ୱିତୀୟ ସ୍ଥାନ ଗୁରୁଦୃଷ୍ଟ କାରଣରୁ ଆପଣଙ୍କ ସଯୌକ୍ତିକ କଥାବାର୍ତ୍ତାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ବାକି ରଖିଥିବା ଲୋକଟି ହଠାତ୍ ଆସି ଟଙ୍କା ଦେଇଯାଇପାରେ। କର୍ମକ୍ଷେତ୍ରର ସମସ୍ୟା ସମାଧାନ ରାସ୍ତା ବାହାର କରିବାରେ ସମର୍ଥ ହେବେ। ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିପାରିବେ।

**ତୁଳା** ଶନିଙ୍କ ଦୃଷ୍ଟିରେ ଶୁକ୍ର ରହିଥିବାରୁ ସମସ୍ୟା ସମାଧାନ ପାଇଁ କଷ୍ଟ ସ୍ୱୀକାର କରିବାକୁ ହେବ। ବହୁ ବୁଝାଶୁଝା ପରେ ବନ୍ଧୁ ଆପଣଙ୍କ କଥା ଗ୍ରହଣ କରିପାରନ୍ତି। ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରେ ସାମାଜିକ ସ୍ତରରେ ସମ୍ମାନ ଲାଭକରିବାର ସୁଯୋଗ ଲାଭ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିପାରେ।

**ବିଛା** ଚନ୍ଦ୍ରଙ୍କ ଶୁଭସଂସ୍ଥାନରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କଠାରୁ ଦୂରେଇ ଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ରାହୁଙ୍କ ପ୍ରଭାବରୁ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ କରିପାରିବେନି।

**ଧନୁ** ଅଷ୍ଟମାଧିପତି ସହ ରବି ଓ ବୁଧଙ୍କ ସ୍ଥିତିଜନିତ ବିଭିନ୍ନ କାରଣକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ତଦନୁଯାୟୀ କାମ କଲେ ଉପକୃତ ହେବେ। ସନ୍ତାନଙ୍କ ଉଚ୍ଚଶିକ୍ଷା ସକାଶେ ବନ୍ଧୁଙ୍କ ପରାମର୍ଶକୁ ଅଗ୍ରାଧିକାର ଦେବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି।

**ମକର** ଶନିଙ୍କ ଦୃଷ୍ଟିରେ ଶୁକ୍ର ଥିବାରୁ ଶୃଙ୍ଖଳାର ସହ କାମ ସମ୍ପନ୍ନ କଷ୍ଟକର ହେବ। ପାରିବାରିକ ସ୍ଥିତିରେ ଉନ୍ନତି ଘଟିବାର କ୍ଷୀଣ ଆଶା ମାନକୁ ଚହଲାଇ ଦେଇପାରେ। ପିଲାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱଭାବ ଓ ଆଚରଣକୁ ନେଇ ମାନସିକ ସ୍ଥିତି ବିପନ୍ନ ହେବ। ପୂର୍ବବିବାଦକୁ କେନ୍ଦ୍ରକରି ସହକର୍ମୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**କୁମ୍ଭ** ବୁଧ ଦୁଃସ୍ଥାନରେ ଥିବାରୁ ପିଲାଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଅତ୍ୟାବଶ୍ୟକ ଜିନିଷଟି ପାଖରେ ନ ଥିବା କାରଣରୁ ଅନ୍ୟ ସହ ତର୍କ ଓ ବିବାଦ ବଢ଼ିପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ। ଅନ୍ୟ କଥାରେ ପଡ଼ି ନିଜ କାମ ଛାଡ଼ି ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** ଚନ୍ଦ୍ରଙ୍କ ସହ ରବି ଓ ବୁଧ ରହିବା ହେତୁ ଦୂରଯାତ୍ରା, ବନ୍ଧୁଙ୍କ ନିମନ୍ତ୍ରଣ ଏବଂ ଫଳପ୍ରଦ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ପରାମର୍ଶ ଏବଂ ଆହ୍ୱାନକ୍ରମେ ବିଦେଶ ଯାତ୍ରାର ଚିନ୍ତା ମନରେ ଉଙ୍କିମାରିବ। ପାରିବାରିକ ସମର୍ଥନରେ ନୂତନ କାର୍ଯ୍ୟରେ କୃତକାର୍ଯ୍ୟ ହେବେ। ସାମାଜିକ ଓ କାର୍ଯ୍ୟ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିପାରନ୍ତି।

ଆଜି ଜୁଲାଇ ୨୬ ତାରିଖ, ଅନ୍ତର୍ଜାତୀୟ ହେନ୍ତାଳ ଦିବସ, କାର୍ଗିଲ୍ ବିଜୟ ଦିବସ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରତିଷ୍ଠା ଦିବସ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ତିରୋଧାନ ଦିବସ, ଶ୍ରାବଣ ଶୁକ୍ଳ ଦ୍ୱିତୀୟା ଶନିବାର। ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୧୦।୧୫ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୧୫ ମଧ୍ୟେ ରାହୁ କାଳ।

# ବିବାହ କରିବେ ଏଲ୍‌ଭିଶ



ମୁମ୍ବାଇ: କଥାରେ ଅଛି ନିଆଁ ନ ଥିଲେ ଧୂଆଁ ଉଠେନା। ଠିକ୍ ସେମିତି କିଛି ଘଟିଛି ଲୋକପ୍ରିୟ ୟୁଟ୍ୟୁବର ତଥା ବିଗ୍‌ବସ୍ ଓଟିଟି ୨ ବିଜେତା ଏଲ୍‌ଭିଶ ଯାଦବଙ୍କ କ୍ଷେତ୍ରରେ। ଏବେ ତାଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ବଡ଼ ଚର୍ଚ୍ଚା ହେଉଛି। ସେଇଟି ହେଲା ବିବାହ। ଏନେଇ ଜଣାପଡ଼ିବା ପରେ ପ୍ରଶଂସକମାନେ ଖୁସିବ୍ୟକ୍ତ କରୁଛନ୍ତି। ଏଲ୍‌ଭିଶ ଏବେ କୁକିଂ ରିଆଲିଟି ଶୋ' 'ଲାଫ୍ଟର ସେଫ୍ ୨'ରେ ପ୍ରତିଯୋଗୀ ଭାବେ ନଜର ଆସୁଛନ୍ତି। ଶୋ'ର ପ୍ରମୋରେ ତାଙ୍କ ବିବାହକୁ ନେଇ ବଡ଼ ଖୁଲାସା ହୋଇଛି। କମେଡିଆନ ଭାରତୀ ସିଂହ ସେଥିରେ ମୋହର ମାରିଛନ୍ତି।

ଚଳିତ ବର୍ଷ ଏଲ୍‌ଭିଶ ବିବାହ ବନ୍ଧନରେ ଆବଦ୍ଧ ହେବେ। ତାଙ୍କୁ ତାଙ୍କ ମନର ନାୟିକା ମିଳିସାରିଛି। ସେ ଉଦୟପୁରର ବୋଲି ସ୍ପଷ୍ଟ ହୋଇଛି। ଏଲ୍‌ଭିଶ ବିବାହ ଯାଏ ସେସବୁ ଉପରୁ ପରଦା ଉଠାଇବାକୁ ମନା କରିଥିଲେ ହେଁ ବିବାହ ଖୁବ୍‌ଶୀଘ୍ର ହେବ ବୋଲି ଆଶା କରାଯାଉଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସପନ କଥାକୁ ସତ ମଣିଅଛି,**
**କାହାକୁ ବାନ୍ଧିଛୁ ଫାଶୀ;**
**ସରଗ ତାରାକୁ ଆଶା କରିଅଛୁ,**
**ସେ କି ପଡ଼ିବ ଖସି।**

ସପନକୁ ସତ ମଣୁଥିବା ବ୍ୟକ୍ତି ଏବଂ ଉଚ୍ଚ ଆଶାରେ ନିକମା ହୋଇ ବସି ରହୁଥିବା ବ୍ୟକ୍ତି ଜୀବନରେ କେବେହେଲେ ସଫଳ ହୋଇପାରି ନ ଥାନ୍ତି। କର୍ମ ନ କଲେ ଫଳ ମିଳି ନ ଥାଏ। ଏପରିସ୍ଥଳେ ନିଷ୍କର୍ମା ହୋଇ ବସି ରହୁଥିବା ବ୍ୟକ୍ତି ଜୀବନର ଗତିପଥରେ ଅସଫଳ ହେବା ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସାତ ପର ହେଲେ ଭଲ**
**ନିଜ ଲୋକ ଠେଇଁ ପୀରତି ବାନ୍ଧିଲେ**
**ହୋଇଯିବ ସଦା ଭେଲ।**

ପରଲୋକଙ୍କ ଭଳି ଦୂରେଇ ରହିବା ଅନେକ କ୍ଷେତ୍ରରେ ଭଲ ବା ଗ୍ରହଣୀୟ ହୋଇଥାଏ। ସବୁବେଳେ ଆତ୍ମୀୟଙ୍କ ସଙ୍ଗେ ଘଷର ପସର ହେଲେ ଭବିଷ୍ୟତରେ ସମ୍ପର୍କରେ ଭଙ୍ଗା ପଡ଼ିବାର ଆଶଙ୍କା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ଉଭୋଳିତ ପାଣିପାଗର ଚିତ୍ର।

# ଭାଜପା ନେତାଙ୍କ ସହିତ ସୁନା ମାଫିଆଙ୍କ ସମ୍ପୃକ୍ତି ରହିଛି: କଂଗ୍ରେସ



କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତା।

**ଭୁବନେଶ୍ୱର,୨୫।୭(ରବିନାରାୟଣ ଜେନା)**

ସାରା ଦେଶରେ ନାରୀ ନିର୍ଯାତନାକୁ ନେଇ ଓଡ଼ିଶା ଲଜ୍ଜିତ ଥିବାବେଳେ ସୁନା ମାଫିଆଙ୍କ ସହିତ ଭାଜପା ନେତାଙ୍କ ସମ୍ପର୍କ ଦୁର୍ନୀତିର ଆଉ ଏକ ନୂଆ ଫର୍ଦ ଖୋଲିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ, ସୁନା ମାଫିଆ ରମେଶ ମାଝୀଙ୍କର ବିଭିନ୍ନ ଭାଜପା ନେତାଙ୍କ ସହ ଥିବା ଫଟୋ ବର୍ତ୍ତମାନ ସାରା ରାଜ୍ୟରେ ଘୂରିବୁଲୁଛି। ବିଶେଷକରି କେନ୍ଦ୍ରମନ୍ତ୍ରୀ ଓ ଏମ୍‌ପିଙ୍କ ସହିତ ତାଙ୍କର ଘନିଷ୍ଠତା ରହିଛି। ଏହା ପଛରେ କି ରହସ୍ୟ ଅଛି ତଦନ୍ତକାରୀ ସଂସ୍ଥାମାନେ ତଦନ୍ତ କରିବାର ଆବଶ୍ୟକତା ରହିଛି। ସେହିପରି ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ, ଯେଉଁଦଳ ଦୁର୍ନୀତିଶୂନ୍ୟ ବୋଲି ଦମ୍ଭୋକ୍ତି ଦେଖାଉଛି, ତାଙ୍କ ଦଳର ବଡ଼ ବଡ଼ିଆ ନେତାଙ୍କ ସୁନା ନିବେଶ ମାଫିଆ ରମେଶ ମାଝୀଙ୍କ ସହ ଫଟୋ କେମିତି ପଦାକୁ ଆସୁଛି । ଯଦି ଏହା ମିଥ୍ୟା ତେବେ କେନ୍ଦ୍ରମନ୍ତ୍ରୀ, ଏମ୍‌ପି ଓ ଭାଜପା ନେତୃବୃନ୍ଦ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ପାରାଦୀପ ଧରିତ୍ରୀ ଖବରଦାତାଙ୍କ ମାତୃ ବିୟୋଗ

**କେନ୍ଦ୍ରାପଡ଼ା, ୨୫।୭(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ କଣ୍ଡିରା ପଞ୍ଚାୟତ ଈଶ୍ୱରପୁର ଗ୍ରାମର ବର୍ଷୀୟାନ ବୃଦ୍ଧା ଗୁର ରାଉତ (୯୪)ଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ମଧ୍ୟମ ପୁତ୍ର ତଥା ଧରିତ୍ରୀର ପାରାଦୀପ ଖବରଦାତା ଶରତ ରାଉତଙ୍କ ସେ ମା' ଅଟନ୍ତି। ବୃଦ୍ଧା ଗୁର ଭୁବନେଶ୍ୱର ସତ୍ୟବିହାରସ୍ଥିତ ଘରେ ଥିଲେ। ସକାଳୁ ପୂଜା କରିବାକୁ ଯିବାବେଳେ ହଠାତ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମରଶରୀରକୁ ଭୁବନେଶ୍ୱର ସତ୍ୟବିହାର ବାସଭବନକୁ ଅଣାଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଅପରାହ୍ଣରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ କରାଯାଇଥିଲା। ବଡ଼ ପୁଅ ମହେଶ୍ୱର ରାଉତ ମୁଖାଗ୍ନି ଦେଇଥିଲେ। ପୁତ୍ର ଫକୀର, ଶୈଳେନ୍ଦ୍ର, ସନ୍ତୋଷ, ସୁନୀଲ, ଝିଅ କୁସୁମ, ସୁଷମା, ଜ୍ୱାଇଁ କୈଳାସ, ନାତୁଣୀନାତି, ବନ୍ଧୁ ଆତ୍ମୀୟସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ। ଗୁର ଜଣେ ଧର୍ମପରାୟଣା ମହିଳା ଥିଲେ ଏବଂ ବିଶିଷ୍ଟ ବାଗ୍ମୀ ସ୍ୱର୍ଗତ ସହଦେବ ରାଉତଙ୍କ ସ୍ତ୍ରୀ ଥିଲେ।



ଗୁର ରାଉତ

## ପ୍ରଥମ ପୃଷ୍ଠାରୁ...

### ସ୍କୁଲ ଛାତ ଭୁଶୁଡ଼ିଲା...

ଉଠାଇବା ପରେ ପିଲାଙ୍କୁ ବାହାର କରିଥିଲେ। ସକାଳ ୭ଟା ୪୫ରେ ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚିବା ବେଳକୁ ୭ ପିଲାଙ୍କ ମୃତ୍ୟୁ ଘଟିସାରିଥିଲା। ଆହତମାନଙ୍କୁ ଝାଲାୱାର ହସ୍ପିଟାଲ ଏବଂ ମନୋହରଥାନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ଥିବା ୯ ଜଣଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ରଖାଯାଇଥିବା ଡାକ୍ତର କହିଛନ୍ତି। ପିଲାମାନଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ସ୍କୁଲ୍ ଛାତ ଭୁଶୁଡ଼ି ପିଲାମାନଙ୍କ ମୃତ୍ୟୁ ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍କୁଲ୍ ବିଲ୍ଡିଂର ଦୟନୀୟ ସ୍ଥିତି ସମ୍ପର୍କରେ ବହୁ ପୂର୍ବରୁ ତହସିଲଦାର ଏବଂ ଏସ୍‌ଡିଏମ୍‌ଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା ବୋଲି ସେମାନେ କହିଛନ୍ତି। ପ୍ରଶାସନିକ ଉଦାସୀନତାରୁ ସ୍କୁଲ୍ ଛାତ ଭୁଶୁଡ଼ିଲା ବୋଲି ସ୍ଥାନୀୟ ବାସିନ୍ଦା ବାଲ୍‌କିଷନ କହିଛନ୍ତି। ଅନ୍ୟପକ୍ଷରେ ଝାଲାୱାର ଜିଲାପାଳ ଅଜୟ ସିଂ କହିଛନ୍ତି, ଜିଲାର ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସ୍କୁଲ୍ ବିଲ୍ଡିଂଗୁଡ଼ିକ ସମ୍ପର୍କରେ ରିପୋର୍ଟ କରିବାକୁ ଜିଲା ପ୍ରଶାସନ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲା। ତେବେ ଉକ୍ତ ତାଲିକାରେ ପିପ୍ଲୋଡିର ଉକ୍ତ ସ୍କୁଲ୍ ନ ଥିଲା। ଜିଲାପାଳ ଏହା ଉପରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ୧୯୯୪ରେ ସ୍ଥାପିତ ଏହି ପୁରୁଣା ସ୍କୁଲ୍ ବିଲ୍ଡିଂରେ ୫ଟି ଶ୍ରେଣୀଗୃହ ଏବଂ ଗୋଟିଏ ଅଫିସ୍ ରହିଛି। ଛାତର ଗୋଟିଏ ଭାଗ ଭୁଶୁଡ଼ିଥିବାବେଳେ ଆଗକୁ ବିପଦ ଘଟିବା ଆଶଙ୍କାରେ ଅବଶିଷ୍ଟ ଅଂଶକୁ ଜିଲା ପ୍ରଶାସନ ଭାଙ୍ଗିଦେଇଛି। ସ୍କୁଲ୍ ପିଲାଙ୍କ ମୃତ୍ୟୁ ଘଟଣାରେ ଲୋକ ସଭା ବାଚସ୍ପତି ତଥା କୋଟା ଏମ୍‌ପି ଓମ୍ ବିର୍ଲା ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଆହତ ପିଲାମାନଙ୍କ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



ଝାଲୱାରର ପିପ୍ଲୋଡି ବିଦ୍ୟାଳୟର ଭଗ୍ନାବଶେଷ ତଳୁ ପିଲାଙ୍କୁ ଉଦ୍ଧାର କରାଯାଉଛି।

### ୩୩ ଏମ୍‌ଓୟୁ, ୭୮୦୮...

କୁହାଯାଇଛି। ଏହା ସହ ପ୍ରତିବର୍ଷ ଏହି କନ୍‌କ୍ଲେଭ ଆୟୋଜନ କରିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଆସନ୍ତା ଦଶନ୍ଧି ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ କ୍ଷେତ୍ରରେ ୫ ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟିକରିବା ସହ ୫ଟି ଟେକ୍ସଟାଇଲ ଓ ଆପାରେଲ୍ ପାର୍କ ବିକଶିତ କରିବା ଦିଗରେ ସରକାର ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଦେଶର ସମୁଦାୟ ଘରୋଇ ନିବେଶର ୪୦% ଓଡ଼ିଶାକୁ ଆସିଛି। କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଓଡ଼ିଶା ଟେକ୍ସ ୨୦୨୫ ଓଡ଼ିଶାର ବୟନ ଶିଳ୍ପ ପାଇଁ ଏକ ନୂତନ ଯୁଗର ଶୁଭାରମ୍ଭ କରୁଛି। ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି, ଆମର ପ୍ରତିବଦ୍ଧତା ହେଉଛି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ସୁଦୃଢ଼ କରିବା ସହ ଆଧୁନିକ ବୟନ ନିବେଶକୁ ଦ୍ୱିଗୁଣିତ କରିବା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଦେଶର କୋଣ ଅନୁକୋଣରୁ ଆସିଥିବା ଟେକ୍ସଟାଇଲ ଉଦ୍ୟୋଗୀ ଏବଂ ଶିଳ୍ପପତିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ ତାପସ କୁମାର ଧନ୍ୟବାଦ ଦେଇଛନ୍ତି।

सत्यमेव जयते



# ଭାରତ ସରକାରଙ୍କ ରୂପାନ୍ତରଣକାରୀ ପଦକ୍ଷେପ ଦ୍ୱାରା ତ୍ୱରିତ ବିକାଶ ଅଭିମୁଖେ ଅଗ୍ରସର ତାମିଲନାଡୁ

## ତାମିଲନାଡୁରେ ବିମାନବନ୍ଦର, ରାଜପଥ ରେଳବାଇ, ବନ୍ଦର ଏବଂ ବିଦ୍ୟୁତ୍ ଶକ୍ତି ସମ୍ବନ୍ଧିତ ₹୪୯୦୦ କୋଟି ମୂଲ୍ୟର ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ, ଉଦ୍‌ଘାଟନ ଏବଂ ଲୋକାର୍ପଣ

### ଶିଳାନ୍ୟାସ

ଆନ୍ତଃରାଜ୍ୟ ଟ୍ରାନ୍ସମିଶନ୍ ପ୍ରଣାଳୀ ଅଧୀନରେ କୁଡ଼ନକୁଲମ ୟୁନିଟ୍-୩ ଓ ୪ରୁ ବିଦ୍ୟୁତ୍ ନିଷ୍କାସନ ପାଇଁ ଟ୍ରାନ୍ସମିଶନ୍ ପ୍ରଣାଳୀ

### ଉଦ୍‌ଘାଟନ

ନୂଆ ଟର୍ମିନାଲ ଭବନ, ଟୁଟିକୋରିନ୍ ବିମାନବନ୍ଦର

ଟୁଟିକୋରିନ୍ ଭି.ଓ.ସି. ବନ୍ଦରର ଉତ୍ତର କାର୍ଗୋ ବର୍ଥ-III

### ଲୋକାର୍ପଣ

ଜାତୀୟ ରାଜପଥ-୩୬ର ସେତିଆତୋପ୍ପୁ-ଚୋଲାପୁରମ୍ ଅଂଶର ଚାରି ଲେନିଂ

ଜାତୀୟ ରାଜପଥ-୧୩୮ର ଟୁଟିକୋରିନ୍ ପୋର୍ଟ ରୋଡ୍ ସେକ୍ସନର ଛଅ ଲେନିଂ

ନାଗରକୋଏଲ ଟାଉନ୍ - ନାଗରକୋଏଲ ଜଙ୍କସନ୍ - କନ୍ୟାକୁମାରୀ ରେଲୱେ ଲାଇନ୍‌ର ଦୋହରୀକରଣ

ଆରଲବାୟମୋଷୀ-ନାଗରକୋଏଲ ଜଙ୍କସନ୍ ଏବଂ ତିରୁନେଲଭେଲି-ମେଲପ୍ପାଲୟମ୍ ରେଲୱେ ଲାଇନ୍‌ର ଦୋହରୀକରଣ

ମଦୁରାଇ-ବୋଡିନାୟକ୍କନୁର ରେଲୱେ ଲାଇନ୍ ବିଦ୍ୟୁତୀକରଣ ପ୍ରକଳ୍ପ

### ପ୍ରକଳ୍ପଗୁଡ଼ିକର ଲାଭ

ଟୁଟିକୋରିନ୍‌ର **ନୂଆ ଏୟାରପୋର୍ଟ ଟର୍ମିନାଲ** ୧୭,୩୪୦ ବର୍ଗମିଟରରେ ପରିବ୍ୟାପ୍ତ । ସମସ୍ତ ଅତ୍ୟାଧୁନିକ ସୁବିଧାରେ ସୁସଜ୍ଜିତ ଏହି ବିମାନ ବନ୍ଦରର **ବାର୍ଷିକ ଯାତ୍ରୀ କ୍ଷମତା** ଛଅ ଗୁଣ ବଢ଼ି ୨୦ ଲକ୍ଷ ହୋଇଯିବ, ଯାହାଦ୍ୱାରା ବାୟୁମାର୍ଗ ସଂଯୋଗୀକରଣକୁ ପ୍ରୋତ୍ସାହନ ମିଳିବ

**₹୪୫୨ କୋଟି ବ୍ୟୟରେ** ନିର୍ମିତ, **ପରିବେଶ ଅନୁକୂଳ ଏୟାରପୋର୍ଟ ଟର୍ମିନାଲ** ଯାତ୍ରା ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ, ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବ ଯାହାର ପରିଣାମସ୍ୱରୂପ ଆର୍ଥିକ ବିକାଶକୁ ଗତି ମିଳିବ

**₹୨୫୫୭ କୋଟି ବ୍ୟୟରେ ଉନ୍ନତ ସଡ଼କ ପ୍ରକଳ୍ପ** ସଂଯୋଗୀକରଣକୁ ସୁଦୃଢ଼ କରିବ, କାର୍ଗୋ ଚଳପ୍ରଚଳକୁ ତ୍ୱରାନ୍ୱିତ କରିବ, ଗହଳି କମ୍ କରିବା ସହ ଲଜିଷ୍ଟିକ୍ସ ଓ ବାଣିଜ୍ୟକୁ ପ୍ରୋତ୍ସାହିତ କରିବ

**₹୧୦୩୨ କୋଟି ବ୍ୟୟରେ ରେଳ ନେଟୱର୍କର ଦୋହରୀକରଣ ତଥା ବିଦ୍ୟୁତୀକରଣ,** କାର୍ବନ୍ ନିର୍ଗମନକୁ ହ୍ରାସ କରିବା ସହିତ ଔଦ୍ୟୋଗିକ ଉତ୍ପାଦର ପୋଷଣୀୟ **ସଂଯୋଗୀକରଣ ଏବଂ ଦ୍ରୁତ ପରିବହନକୁ** ସୁନିଶ୍ଚିତ କରିବ

**₹୫୪୮ କୋଟି ବ୍ୟୟରେ ୨ ଗିଗାୱାଟ୍** ସ୍ୱଚ୍ଛ ଓ ପୋଷଣୀୟ ଶକ୍ତିର **ସଞ୍ଚାରଣ** ଦ୍ୱାରା ତାମିଲନାଡୁ, କେରଳ, କର୍ଣ୍ଣାଟକ ଏବଂ ପୁଡୁଚେରୀ (କେନ୍ଦ୍ରଶାସିତ ଅଞ୍ଚଳ) ଲାଭାନ୍ୱିତ ହେବେ

**₹୨୮୫ କୋଟିର ବନ୍ଦର ପ୍ରକଳ୍ପ,** ଭି.ଓ. ଚିଦମ୍ବରନାର ବନ୍ଦରର କାର୍ଗୋ ହ୍ୟାଣ୍ଡଲିଂ କ୍ଷମତାକୁ ବୃଦ୍ଧି କରିବା ଏବଂ ଏହାର ବହୁମୁଖୀ ବିକାଶକୁ ଭବିଷ୍ୟଉନ୍ମୁଖୀ ଏବଂ ପୋଷଣୀୟ ଉପାୟରେ ଆଗକୁ ବଢ଼ାଇବ

- ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟକୁ ପ୍ରାପ୍ତ କରିବାର ସରକାରଙ୍କ ଦୂରଦୃଷ୍ଟିକୁ ଗତି ଦେବା ପାଇଁ ପୋଷଣୀୟ **ବାୟୁ, ସଡ଼କ, ରେଳ, ବନ୍ଦର ଏବଂ ବିଦ୍ୟୁତ୍ ପ୍ରକଳ୍ପ**

# ଶ୍ରୀ ନରେନ୍ଦ୍ର ମୋଦୀ

## ପ୍ରଧାନମନ୍ତ୍ରୀଙ୍କ

## କରକମଳରେ

### ଗରିମାମୟ ଉପସ୍ଥିତି

**ଶ୍ରୀ ଆର୍.ଏନ୍. ରବି**
ରାଜ୍ୟପାଳ, ତାମିଲନାଡୁ

**ଶ୍ରୀ ଏମ୍.କେ. ଷ୍ଟାଲିନ୍**
ମୁଖ୍ୟମନ୍ତ୍ରୀ, ତାମିଲନାଡୁ

**ଶ୍ରୀ ନୀତିନ ଜୟରାମ ଗଡକରୀ**
କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଶ୍ରୀ ମନୋହର ଲାଲ**
କେନ୍ଦ୍ର ଶକ୍ତି, ଗୃହନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ

**ଶ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ**
କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

**ଶ୍ରୀ ସର୍ବାନନ୍ଦ ସୋନୋୱାଲ**
କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଏବଂ ଜଳମାର୍ଗ ମନ୍ତ୍ରୀ

**ଶ୍ରୀ ମୁରଲୀଧର ମୋହୋଲ**
କେନ୍ଦ୍ର ବେସାମରିକ ବିମାନ ଚଳାଚଳ ଏବଂ ସମବାୟ ରାଷ୍ଟ୍ରମନ୍ତ୍ରୀ

**ଡା. ଏଲ୍. ମୁରୁଗାନ୍**
କେନ୍ଦ୍ର ସୂଚନା ଏବଂ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ

**ଶ୍ରୀମତୀ କାନିମୋଝୀ କରୁଣାନିଧି**
ସାଂସଦ (ଲୋକସଭା)

**ଶ୍ରୀ ସି. ଶୁନମୁଗୈୟା**
ବିଧାୟକ

**ଶନିବାର, ୨୬ ଜୁଲାଇ, ୨୦୨୫ । ସନ୍ଧ୍ୟା ୦୮.୦୦ ଘଟିକା । ଟୁଟିକୋରିନ୍ ବିମାନ ବନ୍ଦର, ତାମିଲନାଡୁ**












ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

CBC 03111/15/0008/2526

ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭବ। -ଶ୍ରୀମା

-ଦ୍ୱିତୀୟାରେ ଚନ୍ଦ୍ର ଦର୍ଶନ



# ହନିଟ୍ରାପ ଭୟ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଯଦି ଆପଣଙ୍କ ପାସ୍‌ୱାର୍ଡ ଏବେଯାଏ '୧୨୩୪' ଅଛି ଏବଂ ଭାବୁଛ ଯେ ବିଳାସମୟ ହୋଟେଲ ରୁମ୍ ତୁମ ପାଇଁ ସୁରକ୍ଷିତ, ତେବେ ତୁମେ ଡିଜିଟାଲ ଯୁଗ ଲାଗି ଅଯୋଗ୍ୟ ବୋଲି ବୁଝାପଡୁଛି। ମହାରାଷ୍ଟ୍ରରେ ହନିଟ୍ରାପ୍‌ରେ ଫସିଥିବା ବ୍ୟକ୍ତିଙ୍କ ସଂଖ୍ୟା ଯାହା ଜଣାପଡ଼ିଛି ତାହା ବିଶ୍ୱାସ କରିହେଉନାହିଁ। ଆଇଏଏସ୍, ଆଇପିଏସ୍, ଏପରି କି ମନ୍ତ୍ରୀଙ୍କ ସମେତ ଅତିକମ୍‌ରେ ୭୨ ଜଣ ହୋଟେଲକୁ ଯାଇ ଆକର୍ଷଣରେ ମୋହିତ ହୋଇଥିବା କୁହାଯାଉଛି। ଗୁପ୍ତ କ୍ୟାମେରା ସେମାନଙ୍କ ବ୍ୟକ୍ତିଗତ ଘଟଣାଗୁଡ଼ିକୁ ରେକର୍ଡିଂ କରିଥିବା ସେମାନେ ଜାଣିବାକୁ ପାଇଛନ୍ତି। କୁହାଯାଉଛି, ସୁନ୍ଦରୀ ଯୁବତୀ ଏବଂ ସୁସଜ୍ଜିତ ହୋଟେଲଗୁଡ଼ିକ ନିରୀକ୍ଷଣ ବଳୟରେ ଥିଲେ। କେତେକ ଅଧିକାରୀ ଘଟଣାକୁ ଚପାଇଦେବା ଲାଗି ୩ କୋଟି ଟଙ୍କା ଦେଇଥିବା ବିଶ୍ୱାସ କରାଯାଉଛି। ଠାଣେରୁ ଏବେ ଜଣେ ମହିଳା ଗିରଫ ହେବା କଥା ସାମ୍ନାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଓ ବିରୋଧୀ ଦଳ ନେତା ନାନା ପାଟୋଲେ ଏହି ଘଟଣାରେ ମୁହଁ ଖୋଲିଛନ୍ତି। କିନ୍ତୁ ଏହି କେଲେଙ୍କାରୀରେ ଅଧିକ ଖୋଳତାଡ଼ ଦରକାର। ଏହା କେବଳ ବ୍ୟକ୍ତିଗତ ଆଚରଣର ବିଷୟ ନୁହେଁ, ବରଂ ଏହା ଶାସନର ସର୍ବୋଚ୍ଚ ସ୍ତରରେ ଥିବା ଦୁର୍ବଳତାକୁ ପ୍ରତିପାଦିତ କରୁଛି। ଅଧିକାରୀଙ୍କ ପାଖରେ ସମ୍ବେଦନଶୀଳ ତଥ୍ୟ ଥିଲେ ମଧ୍ୟ ସେମାନେ ଭାବନାକୁ ନିୟନ୍ତ୍ରଣ କରି ନ ପାରି ଯନ୍ତାରେ ପଡ଼ିଛନ୍ତି। ଏଭଳି ଘଟଣା ହେଉଛି ଜାତୀୟ ସୁରକ୍ଷା ପାଇଁ ସମସ୍ୟା। ତା'ଠାରୁ ବଡ଼ ସମସ୍ୟା ହେଉଛି, କୌଣସି ଅଧିକାରୀ ସାମ୍ନାକୁ ଆସିନାହାନ୍ତି କିମ୍ବା ମୁହଁ ଖୋଲୁନାହାନ୍ତି । ଏଭଳି ନୀରବତା ବିପଜ୍ଜନକ। ଯଦି ସରକାରୀ ଚାକିରିଆମାନେ ଏଭଳି ଭୁଲ୍ କାମରେ ପଦବୀ ଓ ପ୍ରୋଟୋକଲକୁ ଢାଲ କରି ସୁରକ୍ଷିତ ରହିପାରୁଛନ୍ତି, ସେଠାରେ କ'ଣ ସବୁ ଗୁପ୍ତ ରଖାଯାଉଛି, ତାହା କିଏ କହିବ ?

### ପଦବୀ ଖାଲିପଡ଼ିଛି

ଟ୍ରିଲିୟନ ଡଲାର ସ୍ୱପ୍ନ ପଛରେ ଧାଉଁଥିବା ଏକ ଦେଶରେ ପ୍ରମୁଖ ସଂସ୍ଥାଗୁଡ଼ିକ ଅଜବ ଢଙ୍ଗରେ ଆରାମରେ ଚାଲିଥିବା ଦେଖିବାକୁ ପାଉଛୁ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ କଥା ବିଚାର କରାଯାଉ। ଏବେ ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ପରିଚାଳନା ନିର୍ଦ୍ଦେଶକ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଠାରୁ ଆରମ୍ଭ କରି ଅଣଆଧିକାରିକ ନିର୍ଦ୍ଦେଶକ ପର୍ଯ୍ୟନ୍ତ ବୋର୍ଡ ସ୍ତରରେ ୭୦ଟିରୁ ଅଧିକ ପଦବୀ ଖାଲିପଡ଼ିଛି। ଏହା ଶାସନ ବା ପରିଚାଳନାର ଅଭାବକୁ ଦର୍ଶାଉଛି। ସଂସ୍ଥା ପ୍ରତି ଥିବା ବିପଦ ଦୂର କରିବା ଲାଗି ନିଆଯାଉଥିବା ପଦକ୍ଷେପ, ଋଣ ପ୍ରବାହ ଓ ରଣନୀତିକ ନୀତି ନିର୍ଦ୍ଧାରଣ କ୍ଷେତ୍ରକୁ ଏହା ପ୍ରଭାବିତ କରୁଛି। ଯେପରି କି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଏକ ମାସରୁ ଅଧିକ ସମୟ ଧରି ଜଣେ ପରିଚାଳନା ନିର୍ଦ୍ଦେଶକ କିମ୍ବା ସିଇଓ ନ ରହିଲେ ସାମଗ୍ରିକ ଭାବେ ଅର୍ଥ ବ୍ୟବସ୍ଥା ପ୍ରଭାବିତ ହୁଏ। କେବଳ ବ୍ୟାଙ୍କଗୁଡ଼ିକ ନୁହନ୍ତି, କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଯଥା ଶକ୍ତି (ଏନ୍‌ଟିପିସି,ଆଇଓସିଏଲ୍) ଓ ଭିତ୍ତିଭୂମି (ଏସ୍‌ଏଆଇଏଲ୍ , ବିଏଚ୍‌ଇଏଲ୍, ଆଇଆର୍‌ସିଓଏନ୍) ସମେତ କେତେକ ଶିଳ୍ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ସ୍ତରୀୟ ପଦବୀ ଖାଲିପଡ଼ିଛି। ପଦବୀ ସମ୍ପର୍କରେ ବିଜ୍ଞାପନ ଦିଆଯାଇଛି। ଚୟନ କମିଟି ମଧ୍ୟ ଗଠନ କରାଯାଇଛି । ତଥାପି ପଦବୀ ଖାଲି ହେବାଠାରୁ ପୂରଣ ହେବା ପର୍ଯ୍ୟନ୍ତ ଆବଶ୍ୟକ ପ୍ରକ୍ରିୟା ଶୀଘ୍ର ହେବା ବଦଳରେ ପୂରା ମନ୍ଥର ଗତିରେ ଚାଲୁଛି। ଏହି ପଦବୀଗୁଡ଼ିକୁ ପୂରଣ କରିବା ଗୁରୁତ୍ୱପୂର୍ଣ୍ଣ କାରଣ ଏଗୁଡ଼ିକ ଅଧୀନରେ ବହୁ କୋଟି ଟଙ୍କାର ପ୍ରୋଜେକ୍ଟ, କାର୍ଯ୍ୟ ଏବଂ ମହତ୍ତ୍ୱପୂର୍ଣ୍ଣ ଜାତୀୟ ସଂସାଧନ ରହିଛି। ଯେତେବେଳେ ଶୀର୍ଷ ସ୍ତରର ନେତୃତ୍ୱ ନ ଥା'ନ୍ତି କିମ୍ବା ଅବ୍ୟବସ୍ଥିତ ଥାଏ, ସେତେବେଳେ କାର୍ଯ୍ୟାନ୍ୱୟନ ପ୍ରଭାବିତ ହେବା ସ୍ୱାଭାବିକ।

### ଯୋଗ୍ୟ ଡିଜିପି

ଶୀର୍ଷ ପୋଲିସ ପଦବୀ ପାଇଁ ଅନେକ ମାସ ଛକାପଞ୍ଝା ପରେ ଚଣ୍ଡିଗଡ଼ ଶେଷରେ ଜଣେ ସ୍ଥାୟୀ ବା ପୂର୍ଣ୍ଣକାଳୀକ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ପାଇଛି। ଏଜିଏମ୍‌ୟୁଟିର ୧୯୯୭ ବ୍ୟାଚ ଆଇପିଏସ୍ ସାଗର ପ୍ରୀତ୍ ହୁଦା ଏହି ଦାୟିତ୍ୱ ନେଇଛନ୍ତି। ଫଳରେ ଚଣ୍ଡିଗଡ଼ ପୋଲିସ ସ୍ଥାୟୀ ଅଧିକାରୀ ବଦଳରେ ଅନେକଙ୍କୁ ସାମୟିକ ଭାବେ କାମରେ ଲଗାଇବା ଧାରାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପଞ୍ଜାବ ପୋଲିସ ଉପରେ ଲଗାଯାଇଥିବା ଏକ ଆକ୍ରମଣ ଅଭିଯୋଗ ଓ ଏସ୍‌ଆଇଟି ଯାଞ୍ଚକୁ ନେଇ ସୃଷ୍ଟି ହୋଇଥିବା ଅଶାନ୍ତ ସ୍ଥିତିରେ ହୁଦାଙ୍କ ନିଯୁକ୍ତି ନେତୃତ୍ୱ ସ୍ୱଚ୍ଛତା ଆଣିଛି। ସେ ଜରୁରୀ ଥିବା ନୂଆ ବିଷୟ ଆରମ୍ଭ କରିପାରିବେ। ତେବେ କେବଳ ବହୁଦିନ ଧରି ପଦବୀ ଖାଲି ପଡ଼ିଥିଲା ବୋଲି ତାଙ୍କୁ ନିଯୁକ୍ତ କରାଯାଇନାହିଁ, ବରଂ ତାଙ୍କ ଯୋଗ୍ୟତାକୁ ଦେଖି ଏହା କରାଯାଇଛି। ସେ ହାର୍ଭାର୍ଡ ଏଡ୍‌ୱାର୍ଡ଼ ଏସ୍ ମାସନର ଜଣେ ଫେଲୋ, ସେ ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ଓ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ପଢ଼ିଛନ୍ତି। ଏହା ବ୍ୟତୀତ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ହାସଲ କରିଛନ୍ତି। ହୁଦାଙ୍କ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ଏବଂ ଶିକ୍ଷାଗତ ଯୋଗ୍ୟତା ଅଛି। ଏବେ ଦିଲ୍ଲୀ ପୋଲିସର ଗୋଇନ୍ଦା ବିଭାଗକୁ ସଞ୍ଚାଳନ କରୁଛନ୍ତି। ତାଙ୍କ ପାଇଁ ଅଧିକ ଚାପ ଥିବା ପଦବୀ କିଛି ନୂଆ କଥା ନୁହେଁ। ଆଶା କରାଯାଉଛି, ହୁଦାଙ୍କର ଚଣ୍ଡିଗଡ଼ ସହ ସମ୍ପର୍କ ଓ ତାଙ୍କ ବିଚକ୍ଷଣ ବୁଦ୍ଧି ପୋଲିସ ବ୍ୟବସ୍ଥାକୁ ଠିକ୍ ବାଟରେ ନେବ ଓ ଅଧିକ ଦାୟିତ୍ୱସମ୍ପନ୍ନ ନେତୃତ୍ୱ ଯୋଗାଇବ। କାର୍ଯ୍ୟକାରୀ ଡିଜିପିମାନେ କାମ ଚଳାଇ ନେଇପାରନ୍ତି, କିନ୍ତୁ ଏକ ବାସ୍ତବ ନେତୃତ୍ୱର ବିକାଶ ଲକ୍ଷ୍ୟ ତଥା ଦୀର୍ଘମିଆଦୀ ଦୃଷ୍ଟିଭଙ୍ଗୀ ରହିଛି। ତେବେ ହୁଦାଙ୍କ ନିଯୁକ୍ତି ପରିବର୍ତ୍ତନର ଏକ ବଡ଼ ସଙ୍କେତ ହୋଇପାରିବ, ଯଦି ସେ ପୋଲିସ ବଳକୁ ନେତୃତ୍ୱ ଦେବା ପାଇଁ ସମୟ ଓ ସ୍ୱାଧୀନତା ପାଇବେ।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 6 | | | | | | 3 |
| | 1 | | | 2 | 3 | | | |
| 4 | | 7 | | | | | 8 | |
| | 9 | | 5 | | | | 3 | 1 |
| | | 5 | | | 1 | | | |
| | | | 4 | | 2 | | | 9 |
| | | | | 6 | | 7 | 1 | |
| | | | 2 | | 4 | | | 5 |
| | | | 3 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 5 | 8 | 1 | 7 | 3 | 2 | 9 |
| 7 | 3 | 1 | 5 | 2 | 9 | 6 | 8 | 4 |
| 8 | 2 | 9 | 4 | 6 | 3 | 7 | 5 | 1 |
| 3 | 4 | 6 | 1 | 7 | 5 | 2 | 9 | 8 |
| 9 | 5 | 7 | 2 | 8 | 4 | 1 | 3 | 6 |
| 1 | 8 | 2 | 9 | 3 | 6 | 4 | 7 | 5 |
| 6 | 1 | 8 | 3 | 5 | 2 | 9 | 4 | 7 |
| 2 | 7 | 4 | 6 | 9 | 8 | 5 | 1 | 3 |
| 5 | 9 | 3 | 7 | 4 | 1 | 8 | 6 | 2 |

ଗତକାଲିର ଉତ୍ତର

# ଦୁଃଖଦ ଶିରୋନାମା



**ଡ. ସୁବାସ ଚନ୍ଦ୍ର ପାତ୍ର**

ଦେଶ ସ୍ୱାଧୀନତାର ତିନିବର୍ଷ ପୂର୍ବରୁ (୧୯୪୪) ସ୍ଥାପିତ ଓ ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ଫକୀରମୋହନଙ୍କ ନାମରେ ନାମିତ ଓଡ଼ିଶାର ଫକୀରମୋହନ ମହାବିଦ୍ୟାଳୟ (ଏବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ) ଆଜି ଭୁଲ୍ କାରଣ (ମାନସିକ ନିର୍ଯାତନା ପାଇଁ ଜଣେ ଛାତ୍ରୀଙ୍କ ଆତ୍ମାହୁତି) ପାଇଁ ଖବରକାଗଜର ଶିରୋନାମା ମଣ୍ଡନ କରୁଛି। ସ୍ୱୟଂ ଫକୀରମୋହନ ଓ ଆଦ୍ୟକାଳର ପ୍ରବାଦ ଶିକ୍ଷକଗଣ-ଯେଉଁମାନେ ଏହାର ମୂଳଦୁଆ ପକେଇଥିଲେ-କୁଞ୍ଜ ବିହାରୀ ଦାଶ, ତ୍ରିଲୋଚନ ମିଶ୍ର, ମନ୍ମଥ ନାଥ ଦାସ, ଶ୍ରୀରାମ ଚନ୍ଦ୍ର ଦାଶ, କ୍ଷେତ୍ରମୋହନ ପଟ୍ଟନାୟକ, ଜାନକୀ ବଲ୍ଲଭ ମହାନ୍ତି, ଭି.ଭି. ଜନ୍, ପି.ଏସ୍. ସୁନ୍ଦରମ୍ ପ୍ରମୁଖଙ୍କ ଆତ୍ମା ଆଜି ଆର୍ତ୍ତନାଦ କରୁଛି। ମାତୃ ଅନୁଷ୍ଠାନର ଗର୍ବ – ପଦ୍ମଭୂଷଣ ମନୋଜ ଦାସ, ପଦ୍ମଶ୍ରୀ ଅପୂର୍ବ କିଶୋର ବୀର, ପଦ୍ମଶ୍ରୀ ଡ. ସୁବ୍ରତ ଆଚାର୍ଯ୍ୟ, ପଦ୍ମଶ୍ରୀ ରାଧାମୋହନ, ଚିନ୍ତାମଣି ବେହେରା, ଗୋବିନ୍ଦ ସେନାପତି-ସ୍ୱର୍ଗ ବା କେହି କେହି ଏବେ ବି ମର୍ତ୍ତ୍ୟରେ ଥାଇ ମର୍ମାହତ। କ୍ଷେତ୍ରରେ ଘଟିଥିବା ଘଟଣାର ଅନୁସନ୍ଧାନ କରିବାକୁ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ପୋଲିସ ବିଭାଗ କାର୍ଯ୍ୟରତ। ମାତ୍ର ଏହି ଘଟଣା ଅନ୍ତରାଳରେ ଥିବା ବ୍ୟବସ୍ଥାଗତ ତ୍ରୁଟି ସର୍ବସମକ୍ଷରେ ଆଣିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ।

ପ୍ରଥମ କାରଣଟି ହେଲା ଉଚ୍ଚଶିକ୍ଷା ବ୍ୟବସ୍ଥାଟି କେବେ ବି ସରକାରୀ ପ୍ରାଧାନ୍ୟ ଲାଭ କରିପାରିନାହିଁ, ଯାହା ଏହାକୁ ମିଳିଥିବା ବଜେଟ-ମଞ୍ଜୁରୀରୁ ଜାଣିହେବ। ଓଡ଼ିଶାର ଏହା ନାମକୁ ଉଚ୍ଚଶିକ୍ଷା, ମାତ୍ର ଗୁରୁତ୍ୱ ଅତି ନ୍ୟୁନ। କୌତୁକର କଥା ବେଶ୍ କିଛି ବର୍ଷ ଏହି ବିଭାଗର ମନ୍ତ୍ରୀଙ୍କୁ କ୍ୟାବିନେଟ୍ ପାହ୍ୟା ଦିଆଯାଇ ନ ଥିଲା। ଗୋଳେଇଘାଣ୍ଟି ଯେମିତି ସେମିତି ଚଳେଇ ନେବାର ନାମ ଉଚ୍ଚଶିକ୍ଷା। ଏହାର ପ୍ରଥମ ଉଦାହରଣ ହେଉଛି ବିଗତ ୨୦ ବର୍ଷ ହେଲା ୬୦ଟି ପାଖାପାଖି ସରକାରୀ ମହାବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷଙ୍କ ଅନୁପସ୍ଥିତି ଓ +୨ ଶିକ୍ଷା ବ୍ୟବସ୍ଥାକୁ +୩ ଶିକ୍ଷା ବ୍ୟବସ୍ଥାରୁ ପୃଥକ୍ ନ କରି ଖେଚୁଡ଼ି କରି ରଖିବା। ଫକୀରମୋହନ କଲେଜ ସେହି ଦୁର୍ଦ୍ଦଶାର ଭାଗୀଦାର।

ଓଡ଼ିଶାର କୋଣଅନୁକୋଣରେ ଥିବା କ୍ଷୁଦ୍ର କ୍ଷୁଦ୍ର ସରକାରୀ ଅନୁଷ୍ଠାନରେ ନିୟମିତି ମୁଖ୍ୟ ଥିଲା ବେଳେ ସରକାରୀ ମହାବିଦ୍ୟାଳୟମାନ କି ପାପ କଲେ ଯେ ସେମାନଙ୍କୁ ମସ୍ତକହୀନ କରି ରଖାଯାଇଛି? ଭାରପ୍ରାପ୍ତ ଅଧ୍ୟକ୍ଷ ପଦବୀ ବରିଷ୍ଠ କଲେଜ ଶିକ୍ଷକମାନଙ୍କ ପାଇଁ ଏକ ପଦବୀ ନୁହେଁ, ଏକ ସମ୍ମାନ ନୁହେଁ, ଏକ ଅତ୍ୟାଚାର, ଏକ ଅପମାନ। ନିୟମିତ ଓ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ କାର୍ଯ୍ୟଭାର ସମାନ ଥିଲାବେଳେ ଭାରପ୍ରାପ୍ତ ଅଧ୍ୟକ୍ଷ ତାଙ୍କ ନିୟମିତ କ୍ଲାସ୍ ନେବା ପାଇଁ ନିଯୁକ୍ତିପତ୍ରରେ ଉଲ୍ଲେଖ କରାଯାଉଛି। ଏଣୁ ଅନେକ ଅଧ୍ୟକ୍ଷ ନା ପ୍ରଶାସନ ସମ୍ଭାଳୁଛନ୍ତି ନା ଶ୍ରେଣୀ ଶିକ୍ଷାଦାନ।



ଫକୀରମୋହନ କଲେଜରେ ଘଟିଥିବା ଘଟଣା ପ୍ରସଙ୍ଗରେ ଆହୁରି କେତୋଟି ବିଷୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପ୍ରତିଶତ ଓ ପରୀକ୍ଷା ହଲ୍ ପରି ଶ୍ରେଣୀରେ ପ୍ରବେଶର ସମୟ ସୀମାର ପ୍ରାବଧାନ ନ ଥିବାରୁ ଅନେକ ସମୟରେ ଏହା ମହାଭାରତ ସୃଷ୍ଟିକରେ। ବାସ୍ତବରେ ଏକ ଆଦର୍ଶ ଶିକ୍ଷା ବ୍ୟବସ୍ଥାରେ ଏଗୁଡ଼ିକ ଅପ୍ରସଙ୍ଗ। ମାତ୍ର ଛାତ୍ର ସଂସଦ ନିର୍ବାଚନ ପାଇଁ ଆବଶ୍ୟକ ୭୫ ପ୍ରତିଶତ ଉପସ୍ଥାନର ଆବଶ୍ୟକତା ଆଜି ଅନେକ କୋଳାହଳର କାରଣ। ଏ ବାବଦରେ ମଧ୍ୟ ସରକାରୀ ସ୍ୱଷ୍ଟତା ଆସିବା ଦରକାର। ଫକୀରମୋହନ କଲେଜରେ ଘଟିଥିବା ଘଟଣାର ମୁଖ୍ୟ କାରଣ ହେଲା କଲେଜରେ ଦୀର୍ଘଦିନ ଧରି ପ୍ରଚଳିତ ଟ୍ୟୁଟୋରିଆଲ କ୍ଲାସ୍‌ର ବିଲୋପ। ଆଗରୁ ଛାତ୍ରୀଛାତ୍ରମାନଙ୍କ ପାଠ ସମ୍ବନ୍ଧୀୟ ଯାବତୀୟ ସନ୍ଦେହ ମୋଚନ ତଥା ବ୍ୟକ୍ତିଗତ ସ୍ତରରେ ଛାତ୍ରୀଛାତ୍ରମାନଙ୍କ ଅଭାବ, ଅସୁବିଧା, ମାନସିକ ସଙ୍କଟକୁ ପାଖରୁ ଦେଖିବାକୁ ଏହି ଟ୍ୟୁଟୋରିଆଲ କ୍ଲାସ୍ ବେଶ୍ ସହାୟକ ହେଉଥିଲା। ଖର୍ଚ୍ଚକାଟ ତଥା ଘରୋଇ ଟିଉଶନକୁ ପ୍ରୋତ୍ସାହିତ କରିବାକୁ ଏହି ବ୍ୟବସ୍ଥା ଉଠେଇ ନାମକୁମାତ୍ର ପ୍ରୋକ୍ଟରିଆଲ ବ୍ୟବସ୍ଥାଟିକୁ କାଗଜରେ ରଖି ପାଠ୍ୟ ଓ ଅଣପାଠ୍ୟ ବିଷୟରେ ଉପଲବ୍ଧ ସୁବିଧାରୁ ଛାତ୍ରୀଛାତ୍ରଙ୍କୁ ବଞ୍ଚିତ କରାଯାଉଛି। ଟ୍ୟୁଟୋରିଆଲ ଓ ପ୍ରୋକ୍ଟରିଆଲର ମିଶ୍ରିତ ରୂପଟି ଯଦି ଥାଆନ୍ତା ସୌମ୍ୟାଶ୍ରୀ ଘଟଣା ଆଜି ଏତେବାଟ ଯାଇ ନ ଥାନ୍ତା। ପ୍ରକୃତରେ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଆବଶ୍ୟକ ଉପସ୍ଥାନ ଭରଣା ପାଇଁ ସଙ୍କଟ ତାଙ୍କୁ ଦୁଃସ୍ଥିତି ଭିତରକୁ ଠେଲି ଦେଇଥିଲା। କଲେଜ ନିର୍ବାଚନ ଥିଲାବେଳେ ଏହି କଥାକୁ ନେଇ କଲେଜରେ ଗଣ୍ଡଗୋଳ ହୁଏ ଏବଂ ଶିକ୍ଷକମାନେ ଡରିମରି ଅବୈଧ ଭାବରେ ଉପସ୍ଥାନ ପୂରଣ କରି ଦିଅନ୍ତି। କଲେଜ ନିର୍ବାଚନ ନ ଥିଲାବେଳେ ଆପାତତଃ ଏହି ଗୋଟିଏ ଦିଗରୁ ବିଶୃଙ୍ଖଳା ଢେର କମିଯାଇଥିଲା। ଏବେ ଏ ବାବଦରେ ସରକାର ଦୃଢ଼ ସ୍ୱଷ୍ଟୀକରଣ ରଖିବା ଦରକାର, ନଚେତ୍ ନିର୍ବାଚନ ଯଜ୍ଞରେ କିଏ ପୁଣି ଶହୀଦ ହୋଇଯିବ! ଏଠାରେ ଉଲ୍ଲେଖଯୋଗ୍ୟ ଯେ ଛାତ୍ର ନେତୃତ୍ୱ ନିର୍ମାଣ ପାଇଁ କଲେଜରେ ନିର୍ବାଚନର ଆବଶ୍ୟକତାର ଯେଉଁ ଦ୍ୱାହି ଦିଆଯାଉଛି, ବାସ୍ତବିକ ନିର୍ବାଚନ ହେଉ ନ ଥିବା ଅନୁଷ୍ଠାନ ଯଥା ମେଡିକାଲ, ଇଞ୍ଜିନିୟରିଂ, ଏମ୍‌ବିଏର ଛାତ୍ରୀଛାତ୍ର ଆଜି ପ୍ରମୁଖ ରାଜନେତା ବା ବରିଷ୍ଠ ପ୍ରଶାସକ ହେବା ଏହାକୁ ଭୁଲ୍ ପ୍ରମାଣିତ କରୁଛି।


ସୌମ୍ୟାଶ୍ରୀଙ୍କୁ ନେଇ ଘଟିଥିବା ଘଟଣା ଅନ୍ୟ ଏକ କ୍ଷେତ୍ରରୁ ମଧ୍ୟ ଆସିପାରେ। ତା'ହେଲା ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ଓ ତା'ର ଧରପଗଡ଼। ମନେପଡୁଛି ଏକ ସରକାରୀ କଲେଜର କଥା। ପିଲାଟି ତା' ଶାର୍ଟରେ ହାତର ଭିତର ପାଖରେ କିଛି ଲେଖି ଆଣିଥିଲା। ପରୀକ୍ଷା ହଲ୍‌ରେ ବିଚରା ଧରାପଡ଼ିଲା। ତା'ର ଶାର୍ଟଟି ଅସଦ ଉପାୟ ଅବଲମ୍ବନର ଏକ ପ୍ରମାଣ ହୋଇଥିବାରୁ ତତ୍କ୍ଷଣାତ୍ ତାକୁ ଶାର୍ଟମୁକ୍ତ କରେଇ ତା' ମୁକୁଳା ଦେହକୁ ଏକ ତଉଲିଆରେ ଢାଙ୍କି ଦିଆଗଲା। ଭିନ୍ନ ଘଟଣାରେ ସୌମ୍ୟାଶ୍ରୀ ଉତ୍ପୀଡ଼ିତ ହେଲା ପରି ପରୀକ୍ଷା ହଲ୍ ଭିତରେ ୩ଘଣ୍ଟାର ଏହି ନିର୍ଯାତନା ଛାତ୍ରଟି ପାଇଁ ଅସହ୍ୟ ହୋଇପଡ଼ିଲା। ପରୀକ୍ଷା ସରିବାର ଘଣ୍ଟେ, ଦେଢ଼ଘଣ୍ଟା ମଧ୍ୟରେ ଛାତ୍ରଟି ନିକଟତମ ରେଳଲାଇନରେ ଆତ୍ମାହୁତି ଦେଲା।

ଗୋଟିଏ ପରିବାରର ଦୁଃଖ ଆହୁରି କିଛି ଅଧିକ ଭୟାନକ ଦୃଶ୍ୟ ଅନ୍ୟ କେତେକ ପରିବାରରେ ସୃଷ୍ଟି ନ କରୁ। କିନ୍ତୁ ସେ ପ୍ରକାର ଏକ ସମ୍ଭାବନା ଦେଖାଦେଉଛି। ସୌମ୍ୟାଶ୍ରୀଙ୍କ ଅଭିଯୋଗର ସତ୍ୟତା ପରଖିଥିବା ଆଭ୍ୟନ୍ତରୀଣ କମିଟି ସଦସ୍ୟମାନେ ସେହିପରି ସଙ୍କଟ ଆଡ଼କୁ ଯାଉଛନ୍ତି। କମିଟିରେ ଥିବା ୯ଜଣ ମଧ୍ୟରୁ ୩ଜଣ ଥିଲେ କଲେଜର ଅଧ୍ୟାପିକା, ଜଣେ ଅଣଶିକ୍ଷକ ମହିଳା କର୍ମଚାରୀ, ୩ଜଣ ଛାତ୍ରୀ ଓ ଜଣେ ଅଣଶିକ୍ଷକ ପୁରୁଷ କର୍ମଚାରୀ ଓ ଜଣେ ବାହାର ମହିଳା ସମାଜସେବୀ। ଏବେ କଲେଜର ୪ ମହିଳା କର୍ମଚାରୀ ଓ ଜଣେ ପୁରୁଷ କର୍ମଚାରୀଙ୍କ ମୁଣ୍ଡ ଉପରେ ଖଣ୍ଡା। ଏମାନେ ସମସ୍ତେ ଶିକ୍ଷକ ବା ଅନୁଷ୍ଠାନର କର୍ମଚାରୀ। ଏମାନେ ଏପରି ଅପାତତଃ ଆପରାଧିକ କାର୍ଯ୍ୟର ଅନୁସନ୍ଧାନ ପାଇଁ ତାଲିମପ୍ରାପ୍ତ ନୁହନ୍ତି। ପୂର୍ବ ଅଭିଜ୍ଞତା ମଧ୍ୟ ନାହିଁ। ଅନୁସନ୍ଧାନର ଧାରାଗୁଡ଼ିକ କ'ଣ ହେବ, କ୍ରମ କ'ଣ ହେବ, କେଉଁ କେଉଁ ପ୍ରଶ୍ନ ପଚାରି ସତ୍ୟ ଉନ୍ମୋଚିତ କରାଯାଇପାରିବ, ଏ ସମ୍ବନ୍ଧୀୟ ଜ୍ଞାନ ଏମାନଙ୍କ ନାହିଁ। କମିଟିରେ କୌଣସି ଅବସରପ୍ରାପ୍ତ ପୋଲିସ ଅଫିସର ବା ଜିଲାସ୍ତରୀୟ ସରକାରୀ ଓକିଲ ଏମାନଙ୍କୁ ଦିଗ୍‌ଦର୍ଶନ ଦେବାକୁ ନ ଥିଲେ। ୯୦ ଦିନର ସମୟ ସୀମା ବଦଳରେ ୯ ଦିନରେ ଏମାନେ ଚାପରେ ରିପୋର୍ଟ ଦେଲେ। ଅଣପେସାଦାର ବ୍ୟକ୍ତିମାନଙ୍କ ଦ୍ୱାରା ଆପରାଧିକ ମାମଲାରେ ତଦନ୍ତ କରାଇବା କେତେଦୂର ଯୁକ୍ତିଯୁକ୍ତ ? ତେଣୁ ସରକାର ଏହି କମିଟି ଗଠନ କିପରି ପାରଦର୍ଶୀ ହୋଇପାରିବ, ଭବିଷ୍ୟତରେ କେହି ଏ କମିଟିରେ ସଦସ୍ୟ ହେବାକୁ ଯେପରି ଅମଙ୍ଗ ହେବେନାହିଁ, ତାହା ବିଚାର କରିବା ଉଚିତ।

ସତ୍ୟ ଓ ଅର୍ଦ୍ଧସତ୍ୟ ଭିତରେ ପାର୍ଥକ୍ୟରେଖା ବହୁତ କ୍ଷୀଣ। ସତ୍ୟ ନାମରେ ବହୁ ଅର୍ଦ୍ଧସତ୍ୟ ଗଣମାଧ୍ୟମରେ ଘୂରି ବୁଲୁଛି। ଆଶା କରାଯାଏ ପାଣି କ୍ଷୀରର ଭ୍ରମ ସୃଷ୍ଟି କରିବ ନାହିଁ ଏବଂ ଫକୀରମୋହନ କଲେଜ ତା' ପୂର୍ବଗୌରବ ଫେରିପାଇବ।

**ପୂର୍ବତନ ଅଧ୍ୟକ୍ଷ**
**ଜେଲ୍ ରୋଡ୍, ବାଲେଶ୍ୱର**
**ମୋ: ୯୪୩୭୩୭୬୨୧୯**

# ବିଷ ବଜାର



**ସତ୍ୟନାରାୟଣ ଦେହୁରୀ**

ଆମର ବିଭିନ୍ନ ସାମଗ୍ରୀର ବିକ୍ରି ଓ ଖରିଦ ପାଇଁ ବଜାର ବ୍ୟବସ୍ଥା ହୋଇଛି। ସକାଳ ହେଲେ ଆମେ ବଜାର ଯାଉ ନିଜର ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଆଣିବା ପାଇଁ। ଆଉ କେତେଜଣ ଲୋକ ନିଜର ଉତ୍ପାଦିତ ଦ୍ରବ୍ୟ ବିକ୍ରିକରିବା ପାଇଁ ବଜାର ଯାଇଥାଆନ୍ତି। ବଜାରରେ ପନିପରିବାଠାରୁ ଆରମ୍ଭକରି ତେଜରାତି ଜିନିଷ ପର୍ଯ୍ୟନ୍ତ ସବୁ କିଛି ମିଳିଥାଏ। ରାତି ପାହିଲେ କିଛି ପନିପରିବା କିମ୍ବା ତେଜରାତି ଜିନିଷ ନ କିଣିଲେ ଘର ଚଳେନାହିଁ। ନିଜେ ଚାଷକରି ପନିପରିବା ଉତ୍ପାଦନକଲା ଲୋକ ବହୁତ କମ୍। ଯେଉଁମାନେ ନିଜେ ପନିପରିବା ଉତ୍ପାଦନ କରିପାରୁଛନ୍ତି ସେମାନଙ୍କୁ ପରିବା ପାଇଁ ବଜାର ଯିବାକୁ ପଡ଼ି ନ ଥାଏ। ଆଗେ ମଫସଲର ଲୋକମାନେ ସହର ଯାଇ ନିଜର ଚାହିଦା ଅନୁସାରେ ଜିନିଷ ଆଣୁଥିଲେ। ଆଜିକାଲି ସବୁ ଗାଁରେ ତେଜରାତି ଦୋକାନ ,କପଡ଼ା ଦୋକାନ ,ପନିପରିବା ଦୋକାନ ହେଲାଣି। କେତେକ ଅଞ୍ଚଳରେ ସାପ୍ତାହିକ ହାଟ ବସୁଛି। ସେଠାରେ ବେଶି ପନିପରିବା ମିଳିଥାଏ।

ଆଜିକା ଦିନରେ ବଜାରରେ ମିଳୁଥିବା ସବୁ ଜିନିଷ ବିଷ ପାଲଟିଗଲାଣି। ଏହି ବିଷ ଜ୍ୱାଳାରେ ମଣିଷ ବର୍ତ୍ତମାନ ଆଉଟୁପାଉଟୁ ହେଉଛି। ପନିପରିବାରେ ଅତ୍ୟଧିକ କୀଟନାଶକ ପ୍ରୟୋଗ ହେଉଛି। ସେହି କୀଟନାଶକର ପ୍ରଭାବ ମଣିଷ ଶରୀରରେ ବିଭିନ୍ନ ରୋଗ ସୃଷ୍ଟି କରୁଛି। ଅତ୍ୟଧିକ ରାସାୟନିକ ସାର ପ୍ରୟୋଗକରି ପନିପରିବା ଚାଷ କରାଯାଉଛି। ଏହା ମଧ୍ୟ ମଣିଷ ଶରୀରରେ ସ୍ଲୋ ପଏଜନ ଭଳି କାମ କରୁଛି। ଜୈବିକ ସାର ପ୍ରୟୋଗରେ ଯଦି ପନିପରିବା ଚାଷ କରାଯାଆନ୍ତା, ତା' ହେଲେ ଏସବୁ ଅସୁବିଧା ହୁଅନ୍ତା ନାହିଁ। କେବଳ ପନିପରିବା କାହିଁକି ଧାନ, ଗହମ, ମୁଗ, ବିରି ଇତ୍ୟାଦି ଫସଲରେ ମଧ୍ୟ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ହେଉଛି। ଏହାଫଳରେ ମଣିଷ ଶରୀରରେ ଅନେକ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଉଛି। ଚାଷୀ ନିଜେ ମଧ୍ୟ ଏହି ପାର୍ଶ୍ୱ ପ୍ରତିକ୍ରିୟାର ଶିକାର ହେଉଛି । ଆଜିକାଲି ଚାଷୀମାନେ ଦେଶୀ ବିହନ ଚାଷ କରୁନାହାନ୍ତି। କାରଣ ଏହା କମ୍ ଅମଳ ଦେଇଥାଏ। କିନ୍ତୁ ଏହି ଦେଶୀ ବିହନରେ ଅଧିକ ସାର କିମ୍ବା କୀଟନାଶକ ଦରକାର ହୋଇ ନ ଥାଏ। କେବଳ ଜୈବିକ ସାର ପ୍ରୟୋଗରେ ଏହା ଉତ୍ପନ୍ନ ହୋଇଥାଏ। ଏହା ଶରୀର ପାଇଁ ବହୁ ଲାଭଦାୟକ। ବର୍ତ୍ତମାନର ଯୁଗ ହେଲା ହାଇବ୍ରିଡ୍‌ର ଯୁଗ। ହାଇବ୍ରିଡ୍ ବିହନ ଚାଷକଲେ ଅଧିକ ଅମଳ ହୋଇଥାଏ। ତେଣୁ ସବୁ ଚାଷୀ ହାଇବ୍ରିଡ୍ ମୁହାଁ ହୋଇଛନ୍ତି।

ଫଳ ବଜାରରେ ଦେଖାଯାଏ ଫଳଗୁଡିକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ରଙ୍ଗ ଦିଆଯାଉଛି। କଦଳୀ ପାଚିବା ପାଇଁ କେମିକାଲ ଦିଆଯାଉଛି। କଦଳୀ ପାକଳ ହୋଇ ନ ଥିବ ,କିନ୍ତୁ କେମିକାଲ ଦେଇ ସେଗୁଡିକୁ ପଚାଇ ଦିଆଯାଏ। ଫଳକୁ ସତେଜ ରଖିବା ପାଇଁ ମଧ୍ୟ ବିଭିନ୍ନ ପ୍ରକାର କେମିକାଲ ବ୍ୟବହାର କରାଯାଉଛି। ଆମ୍ବକୁ ମଧ୍ୟ କେମିକାଲ ଦେଇ ପଚାଯାଏ। ଏସବୁ ଫଳ ଖାଇବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ଏହା ମଣିଷ ଶରୀରରେ ସ୍ଲୋ ପଏଜନ ହିସାବରେ କାମକରେ।

ମାଛମାଂସ କଥା ଯଦି ଦେଖିବା ସେଇ ସମାନ



ଅବସ୍ଥା। ମାଛରେ ଫର୍ମାଲିନ୍‌ର ପ୍ରୟୋଗ କରି ସତେଜ ରଖାଯାଉଛି। ଯେଉଁ ଫର୍ମାଲିନ୍‌କୁ ଶବ ସଂରକ୍ଷଣରେ ବ୍ୟବହାର କରାଯାଏ ସେହି ଫର୍ମାଲିନ୍ ଆମେ ଖାଉଥିବା ମାଛରେ ବ୍ୟବହାର କରାଯାଉଛି। ନଦୀ କିମ୍ବା ପୋଖରୀର ସତେଜ ମାଛ ଆଉ ଖାଇବାକୁ ମିଳୁନାହିଁ। ଯଦି ବି କେତେବେଳେ ନଦୀ କିମ୍ବା ପୋଖରୀର ସତେଜ ମାଛ ମିଳୁଛି ,ତାହା ବ୍ୟବସାୟୀମାନେ ନେଇଯାଇ ତାକୁ ବରଫରେ ରଖି କିମ୍ବା ଫର୍ମାଲିନ୍ ପ୍ରୟୋଗକରି ଅନେକ ଦିନ ଧରି ବିକ୍ରି କରୁଛନ୍ତି। ବଡ଼ ବଡ଼ ନଦୀରେ ଡିନାମାଇଟ୍ ବ୍ୟବହାରକରି ମାଛ ମରାଯାଉଛି। ସେହି ମଲାମାଛକୁ ବିକ୍ରି କରାଯାଏ। ସେହିପରି ଚିକେନ୍ ଓ ମଟନ କଥା ଯଦି ଦେଖିବା, ତାହା ମଧ୍ୟ କୃତ୍ରିମ ପଦ୍ଧତିରେ ପ୍ରସ୍ତୁତ କରାଯାଉଛି। ଚିକେନ୍‌ଗୁଡିକୁ ଇଞ୍ଜେକସନ ମାଧ୍ୟମରେ ପ୍ରସ୍ତୁତ କରାଯାଉଛି। ମଟନ ମଧ୍ୟ ସେହିଭଳି ହାଇବ୍ରିଡ୍ ଛେଳି ପାଳନକରି କମ୍ ଦିନ ମଧ୍ୟରେ ବହୁ ପରିମାଣରେ ମାଂସ ମିଳିପାରୁଛି। ଏଗୁଡିକ କୃତ୍ରିମ ଉପାୟରେ ଚାଷ କରାଯାଉଥିବାରୁ ଏଗୁଡିକର ମାନ ଭଲ ନ ଥାଏ । ଆଗରୁ ଯେଉଁ ଦେଶୀ ଖାସି ମାଂସ କିମ୍ବା ଦେଶୀ ଚିକେନ ମିଳୁଥିଲା, ତାହା ଆଉ ବେଶି ମିଳୁନାହିଁ। କ୍ୱଚିତ ମିଳୁଛି।

ଏବେ ଯିବା ତେଜରାତି ଜିନିଷ ମିଳୁଥିବା ବଜାରକୁ। ପ୍ରାୟ ସବୁ ତେଜରାତି ଜିନିଷ ବର୍ତ୍ତମାନ ଅପମିଶ୍ରଣ ହେଉଛି । ଖାଇବା ତେଲ, ଅଟା, ସୁଜି, ମଇଦା, ଚିନି ଇତ୍ୟାଦି ଜିନିଷ ଆଉ ଭଲ ମିଳୁନାହିଁ । ଆଗରୁ ୧ ଚାମଚ ଚା' ପତି ପକାଇଲେ ହାରାହାରି ୨କପ ଚା' ତିଆରି ହୋଇପାରୁଥିଲା । କିନ୍ତୁ ବର୍ତ୍ତମାନର କପେ ଚା' ପାଇଁ ୨ଚାମଚ ଚା'ପତି ଦରକାର ପଡୁଛି । ତେଲର କୌଣସି ବାସନା ରହୁନାହିଁ । ସୋରିଷ ତେଲକୁ ମୁଢ଼ିରେ ଗୋଳାଇ ଦେଲେ କେତେ ସୁନ୍ଦର ବାସନା ହେଉଥିଲା ଏବଂ ସେହି ବାସନାରେ ଖାଦ୍ୟ ରୁଚିକର ହେଉଥଲା । କେତେ ରକମର ଅଟା ବଜାରରେ ମିଳୁଛି । କିନ୍ତୁ କୌଣସି ଅଟା ବିଶୁଦ୍ଧ ଜଣାପଡୁନାହିଁ । ଅନେକ କମ୍ପାନୀ ପ୍ରତିଯୋଗିତାମୂଳକ ଭାବରେ ନିଜ ନିଜ ପ୍ରଚାର ମାଧ୍ୟମରେ ନିଜର ସାମଗ୍ରୀ କିପରି ଅଧିକ ବିକ୍ରିହେବ ସେହି ଚେଷ୍ଟାରେ ଲାଗିପଡ଼ିଛନ୍ତି । ଜିନିଷର ମାନକୁ କେହି ଦେଖୁ ନାହାନ୍ତି। ନିଜର ଲାଭକୁ ସମସ୍ତେ ଦେଖୁଛନ୍ତି । ଖାଉଟିମାନେ ମଧ୍ୟ ଜିନିଷର ମାନକୁ ପରୀକ୍ଷା ନ କରି ଶସ୍ତାରେ ମିଳୁଥିବା ଜିନିଷ ନେଇଆସନ୍ତି । ବେଳେ ବେଳେ ଖାଉଟି ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଯାଉଛନ୍ତି।

ଔଷଧ କଥା ନ କହିବା ଭଲ। ଔଷଧଗୁଡିକ ମଧ୍ୟ ଆଗ ଭଳି କାମ କରୁନାହିଁ। ଆଗରୁ ୪ ଏମ୍‌ଜି ପାରାସିଟାମଲ ଖାଇଲେ ଜ୍ୱର ଛାଡୁଥିଲା, ଏବେ କିନ୍ତୁ ୬ ଏମ୍‌ଜି ଖାଇଲେ ମଧ୍ୟ ଜର ଛାଡୁନାହିଁ। ଯେଉଁ ରୋଗ ଦିନେ ଦୁଇ ଦିନରେ ଭଲ ହେବା କଥା ତାହା ୫ରୁ୬ ଦିନ ଲାଗୁଛି। ସାଧାରଣ ଭାଇରାଲ ଜର ହେଲେ ୧୦ ଦିନ ପର୍ଯ୍ୟନ୍ତ ଛାଡୁନାହିଁ। ଅବଶ୍ୟ ଦିନକୁଦିନ ମଣିଷ ଶରୀରର ରେଜିଷ୍ଟାନ୍ସ ମଧ୍ୟ ବଢ଼ିଯାଉଛି। ହେଲେ ମଧ ଔଷଧର ଅନେକ କମ୍ପାନୀ ନିମ୍ନମାନର ଔଷଧ ବଜାରକୁ ଛାଡୁଛନ୍ତି।

ଏହିଭଳି ଭାବରେ ଯଦି ଦେଖିବା ବର୍ତ୍ତମାନ ବଜାର ସାରା ବିଷମୟ ହୋଇଗଲାଣି । ଅନେକ କମ୍ପାନୀ ନିଜର ସ୍ୱାର୍ଥ ସାଧନ ପାଇଁ ମଣିଷ ଜୀବନ ସହ ଖେଳୁଛନ୍ତି । ତେଣୁ ଜିନିଷ ଖରିଦ କଲା ବେଳେ ବୁଝିବିଚାରି କିଣିବା ଉଚିତ। ବିଷ ବଜାରରୁ ଅମୃତ ମିଳିବା ଅସମ୍ଭବ ହେଲେ ମଧ୍ୟ ପରିମାଣ ତ କମାଇହେବ ।

**ରାଧାନଗର, ବୌଦ୍ଧ**
**ମୋ:୯୯୩୮୭୫୮୩୫୩**

## ଏଇ ଭାରତରେ

ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯିବାରେ ସବୁଜ ଶକ୍ତି ବା ଇନ୍ଧନର ଅଧିକ ଭୂମିକା ରହିଛି। ଏହାକୁ ଜୀବାଶ୍ମ ଇନ୍ଧନର ବିକଳ୍ପ ବୋଲି ବିଚାର କରାଯାଉଛି। ତେବେ ଆଇଆଇଟି ମାଡ୍ରାସ୍‌ର ୪ ଜଣ ପୁରାତନ ଛାତ୍ର ସମୁଦ୍ରଶୈବାଳରୁ ବାୟୋଫୁଏଲ ବା ଜୈବ ଇନ୍ଧନ ପ୍ରସ୍ତୁତ କରାଯାଇପାରୁଛି। ଏଥିପାଇଁ ସେମାନେ ପ୍ରତିଷ୍ଠା କରିଛନ୍ତି ସି-୬ ଏନର୍ଜୀ ଫାଉଣ୍ଡେଶନ ସିଡ୍ସ୍ । ନେଲ୍‌ସନ ଭାଡ୍‌ସେରି, ଶ୍ରୀକୁମାର ସୂର୍ଯ୍ୟନାରାୟଣ, ଶୈଳଜା ନୋରି ଏବଂ ସୌମ୍ୟା ବାଲେନ୍ଦିରାନ ୨୦୧୦ରେ ଏହି ଷ୍ଟାର୍ଟଅପ୍ ଗଠନ କରିଥିଲେ। ସେମାନେ ସମୁଦ୍ରରେ ଶୈବାଳ ଚାଷ କରିବାର ବ୍ୟବସ୍ଥା ମଧ କରିଛନ୍ତି। ଶୈବାଳ ଚାଷ ହେବାଦ୍ୱାରା ସାମୁଦ୍ରିକ ଜୈବବିବିଧତାର ବିକାଶ ଘଟୁଛି। ଏହି ଶୈବାଳରୁ ବାୟୋଫୁଏଲ ପ୍ରସ୍ତୁତ ହେଉଛି ଓ ଏହି ପ୍ରକ୍ରିୟାରେ ଖୁବ୍ କମ୍ କାର୍ବନ ଡାଇଅକ୍ସାଇଡ ଗ୍ୟାସ ନିର୍ଗମନ ହେଉଛି ଏବଂ ତାହାକୁ ଚାଷ ସମୟରେ ସମୁଦ୍ରଶୈବାଳ ଗ୍ରହଣ କରିନେଉଛି। ଏବେ ଏହି ଷ୍ଟାର୍ଟଅପ୍‌କୁ ନେଦରଲାଣ୍ଡସର ଆକ୍ୱା ସ୍ପାର୍କ ଇନ୍‌ଭେଷ୍ଟମେଣ୍ଟ ଫାର୍ମ ପକ୍ଷରୁ ଆର୍ଥିକ ସହଯୋଗ ମିଳୁଛି। ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ମଧ ସହଯୋଗ କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୬ ଜୁଲାଇ ୧୯୭୬**

- ଓଡ଼ିଶା, ମେଘାଳୟ ଓ ଉତ୍ତର ପ୍ରଦେଶର ୩ଟି ବିଲ୍‌କୁ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲି ଅହମ୍ମଦଙ୍କ ସ୍ୱୀକୃତି ପ୍ରଦାନ।
- ଭୁବନେଶ୍ୱର ବିମାନଘାଟିରେ କଲିକତାରୁ ଆସୁଥିବା ଇଣ୍ଡିଆନ ଏୟାରଲାଇନ୍ସର ଗୋଟିଏ ଫକର ଫ୍ରେଣ୍ଡସିପ ବିମାନଟି ଓଦାଳିଆ ମାଟିରେ ଅବତରଣ କଲାବେଳେ ଗୁରୁତର କ୍ଷତିଗ୍ରସ୍ତ।

## ଚିରନ୍ତନୀ

କଥା ନ ଫୁଟିବ ମୁଖୁ
ନୀରବେ ସମ୍ଭାଳି ବୁକୁ
ରଚିବା ନିଶ୍ଚଳ ଏକ ନୀରବ ରାଇଜ,
ସବୁ ଅଚଞ୍ଚଳ ସ୍ଥିର
ନାହିଁ ଗୀତ ନାହିଁ ଗୀର
ରତ ଯହିଁ ସକଳେ ଗୋ ଧ୍ୟାନେ ନିଜ ନିଜ ।

-(ଆଶ୍ଳେଷ ସ୍ୱର୍ଗ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ସମ୍ପୂର୍ଣ୍ଣ ନିଷେଧ କରାଯାଉ

ମହାଶୟ,

କୌଣସି ଉତ୍ସବାନୁଷ୍ଠାନରେ ଡାକବାଜି ଯନ୍ତ୍ର ବ୍ୟବହାର କରିବା ନିମନ୍ତେ ସ୍ଥାନୀୟ ପ୍ରଶାସନ ପାଖରୁ ଅନୁମତିପତ୍ର ଆଣିବାକୁ ପଡ଼ିଥାଏ। ଅନୁମତିପତ୍ରରେ ଇଂଲିଶର 'ନୋ ଡିଜେ' ବୋଲି ମୋହର ମରାଯାଇଥାଏ। ଏହାର ଅର୍ଥ ଅନୁମତିପ୍ରାପ୍ତ ଡାକବାଜି ଯନ୍ତ୍ର ବ୍ୟତୀତ ଡି.ଜେ. ବଜାଯାଇପାରିବ ନାହିଁ। ମାତ୍ର ବରଯାତ୍ରୀ ଶୋଭାଯାତ୍ରା, ଭସାଣିରେ ଡିଜେର ଛାତିଫଟା ଶବ୍ଦ ଘରର କାନ୍ଥ ବାଡ଼ ଇତ୍ୟାଦି ଥରିବା ଆରମ୍ଭ କରିଥାଏ। ଉକ୍ତ କର୍କଶ ଜୀବନାଶକାରୀ ଶବ୍ଦର ତାଳେ ତାଳେ ମତୁଆଲା ହୋଇ ଯୁବକମାନେ ସ୍ଥଳ ବିଶେଷରେ ମହିଳା ଓ ଯୁବତୀମାନେ ନୃତ୍ୟ କରିଥାନ୍ତି। ତେବେ ଏହି ଶବ୍ଦରେ ବୟସ୍କ ବ୍ୟକ୍ତି, ରୋଗୀ କି ପ୍ରକାର କଷ୍ଟ ପାଉଥାନ୍ତି ଏହା ସମସ୍ତଙ୍କୁ ଜଣା। ହେଲେ ଏହାକୁ ବିରୋଧ କରି କେହି ଶତ୍ରୁ ହେବା ପାଇଁ ଚାହିଁ ନ ଥା'ନ୍ତି। ଡିଜେ ଶବ୍ଦରେ ଜୀବନ ମଧ ଚାଲିଯିବା ଖବର ରହିଛି। ତେବେ ଶୋଭାଯାତ୍ରା ଯିବା ସମୟରେ ପୋଲିସ ଗାଡ଼ି ପାଟ୍ରୋଲିଂ କରୁଥିଲେ ମଧ ସବୁ ଚୁପ୍ ରହିଥାନ୍ତି। ସରକାରଙ୍କୁ ନିବେଦନ ସାରା ଓଡ଼ିଶାର ଏହି ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରାଯାଉ। ଅବଜ୍ଞାକାରୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯାଉ।

**-ଚିନ୍ମୟ କୁମାର ମଲ୍ଲିକ, ଧଳସାହି ଛକ, ରରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଏଏସ୍ ଅଧିକାରୀସ୍ତରରେ ବ୍ୟାପକ ଅଦଳବଦଳ

ଭୁବନେଶ୍ୱର,୨୫।୭ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଶିବୋ ନାରାୟଣ ସାହୁଙ୍କୁ ଉକ୍ତ କାର୍ଯ୍ୟାଳୟରେ ଉପ ମହାନିର୍ଦ୍ଦେଶକ(ପ୍ରଶାସନ) ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ସୁଧାକର ଶବରଙ୍କୁ ଏସ୍‌ଟିଏସ୍‌ସିଆର୍‌ଟିଆଇ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ସୁଷମା ବାରିକଙ୍କୁ ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି।

ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ସରୋଜ କୁମାର ରାଉତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରଭାତ କୁମାର ମହାପାତ୍ରଙ୍କୁ ଓଏସ୍‌ସିଏସ୍‌ସି ଲିମିଟେଡ୍‌ର ମହାପ୍ରବନ୍ଧକ, ରବୀନ୍ଦ୍ର କୁମାର ସେଠୀଙ୍କୁ କେବିକେ ଯୁଗ୍ମ ପ୍ରଶାସକ, ବବିତାରାଣୀ ଦଳବେହେରାଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ, ଧରିତ୍ରୀ ମିଶ୍ରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ସଚିବ, ସଞ୍ଜୟ କୁମାର ପ୍ରତିହାରୀଙ୍କୁ ଅତିରିକ୍ତ ଜେଲ ଆଇଜି ଭାବେ ଜେଲ ନିର୍ଦ୍ଦେଶାଳୟରେ ଅବସ୍ଥାପିତ କରାଯାଇଛି। ସେହିପରି ସୂର୍ଯ୍ୟସ୍ମିତା ସାହୁଙ୍କୁ ବୟନିକା ଜେନେରାଲ ମ୍ୟାନେଜର ତଥା ସଚିବ ଭାବରେ ନିଯୁକ୍ତ କରାଯାଇଥିବା ବେଳେ ତରଣୀ ସୁନାଙ୍କୁ ବଲାଙ୍ଗୀର ଜିଲାପରିଷଦ ସିଡିଓ ତଥା ଇଓ ଭାବେ, ନୂପୁର ଚାନ୍ଦଗୋଟିଆଙ୍କୁ ପୂର୍ତ୍ତ ବିଭାଗ ଉପସଚିବ, ଶରତ ମାଝୀଙ୍କୁ ନବରଙ୍ଗପୁର ଅତିରିକ୍ତ ଉପଜିଲାପାଳ, ମୋନାଲିସା ପଣ୍ଡାଙ୍କୁ ଅନୁସୂଚିତ ଜାତି, ଜନଜାତି ବିଭାଗ ଉପସଚିବ, ଶ୍ୟାମଲ କୁମାର ରାୟଙ୍କୁ ଓରେରାର ଉପସଚିବ, କ୍ଷୀତିଶ ବେହେରାଙ୍କୁ ଯାଜପୁରସ୍ଥିତ ସରକାରୀ ମେଡିକାଲ କଲେଜ(ଏମଜେକେ)ର ପ୍ରଶାସନିକ ଅଧିକାରୀ ଏବଂ ଜୟଦେବ ଦାସଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଓଏସ୍‌ଡି ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ଅନୁଗୋଳ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ପଦ୍ମନାଭ ସାମନ୍ତରାୟଙ୍କୁ ଟିଁଲାଗଡ଼ ଉପଜିଲାପାଳ ଭାବେ ଏବଂ କୋମନା ବିଡିଓ ବିନୟ କୁମାର ଭୋଇଙ୍କୁ ବୌଦ୍ଧ ଉପଜିଲାପାଳ ଭାବେ ବଦଳି କରାଯାଇଛି।

ସେହିପରି ଅନ୍ୟ ଏକ ବଦଳି ନିର୍ଦ୍ଦେଶନାମାରେ ଉପଜିଲାପାଳ ସୁନ୍ଦରଗଡ଼ ଦାଶରଥି ସରବୋଙ୍କୁ ବ୍ରହ୍ମପୁର ଆର୍‌ଆଇସି ରେଜିଓନାଲ ମ୍ୟାନେଜର ଓ ସୁରଜ କୁମାର ପଟ୍ଟନାୟକଙ୍କୁ ସୁନ୍ଦରଗଡ଼ ଏଡିଏମ୍ ଏବଂ ଚାର୍ଲେସ ନାୟକଙ୍କୁ ବାଲେଶ୍ୱର ଉପଜିଲାପାଳ ଭଳି ୧୦ଜଣ ଅଧିକାରୀଙ୍କୁ ବଦଳି କରାଯାଇଛି।



ଚାଷୀମାନଙ୍କ ସହ ବ୍ଲକ କୃଷି ଅଧିକାରୀ ଧାନ ତଳି ରୋଉଛନ୍ତି।

# ଚାଷୀଙ୍କ ସହ ଧାନତଳି ରୋଇଲେ ବ୍ଲକ୍ କୃଷି ଅଧିକାରୀ

ଆଠମଲ୍ଲିକ,୨୫।୭ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ପଞ୍ଚାୟତ ଦେଉଳବେଡ଼ା ଗ୍ରାମରେ ଧାଡ଼ି ଧାନ ତଳି ରୋଇବା ଓ ହସନ୍ତ ବିହନ ଚାଷ କରିବା ଉପରେ ଚାଷୀମାନଙ୍କୁ କୃଷି ବିଭାଗ ତରଫରୁ ସଚେତନ କରାଯାଇଛି। ଏହି ସଚେତନା କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ ସାମିଲ ହେବା ସହିତ ଚାଷୀମାନଙ୍କ ସହ ମିଶି ବିଲରେ ଧାନ ତଳି ରୋଇଛନ୍ତି। ଧାଡ଼ି ତଳି ରୋଇବା ଦ୍ୱାରା ଗଛରେ ଅଧିକ ପିଲ ହେବା ସହିତ ରୋଗ ଓ ପୋକ ଲାଗିବା ସମ୍ଭାବନା ହ୍ରାସ ପାଇଥାଏ। ଏଥିସହ ଅଧିକ ଅମଳ ପାଇ ଚାଷୀ ଲାଭବାନ ହୋଇଥାଏ ବୋଲି ବ୍ଲକ କୃଷି ଅଧିକାରୀ ଚାଷୀଙ୍କୁ ସଚେତନ କରାଇଥିଲେ। କୃଷି ଅଧିକାରୀ ବାରିକଙ୍କ କୃଷି ସମ୍ବନ୍ଧୀୟ ଉପଦେଶରେ ପ୍ରଭାବିତ ହୋଇ ଚାଷୀ କୁମୁଦିନୀ ପ୍ରଧାନ, ତ୍ରିନାଥ ପ୍ରଧାନ, ସୁଜିତ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖ ହସନ୍ତ ବିହନ ନେଇ ଧାଡ଼ି ତଳି ରୁଆ କରିଥିଲେ। ଏହି ବିହନ ସରକାରଙ୍କ ତରଫରୁ ମାଗଣାରେ ଯୋଗାଇ ଦିଆଯାଉଥିବା ବେଳେ ଅଣୁସାର, ଘାସମରା, ପୋକମରା ଔଷଧରେ ଖର୍ଚ୍ଚ ହୋଇଥିବା ଅର୍ଥ ପର ମୁହୂର୍ତ୍ତରେ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଯୋଗାଇ ଦିଆଯିବ ବୋଲି କୃଷି ଅଧିକାରୀ ପ୍ରକାଶ କରିଥିଲେ।

# ବିକଶିତ ହେବ ବାରିପଦା ସହର

ଭୁବନେଶ୍ୱର(ବନ୍ଦନା ସେଠୀ)/ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ),୨୫।୭

ମୟୂରଭଞ୍ଜ ଜିଲା ମୁଖ୍ୟାଳୟ ବାରିପଦା ସହରର ବିକାଶ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଏକ ବୈଠକ ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦା ସହରର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ବାରିପଦା ସହର ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ଓ ବ୍ୟାରେଜ ନିର୍ମାଣ, ଉନ୍ନତ ସ୍ୱେରେଜ ସିଷ୍ଟମ ସହିତ ରିଙ୍ଗ ରୋଡ୍ ନିର୍ମାଣ, ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଓ ନୂତନ ଜିଲାପାଳଙ୍କ କାର୍ଯ୍ୟାଳୟ ନିର୍ମାଣକୁ ନେଇ ଆଲୋଚନା କରାଯାଇଥିଲା।



ବୈଠକରେ ଉପସ୍ଥିତ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅଧିକାରୀମାନେ।

ପଞ୍ଚାୟତିରାଜ ଓ ପୂର୍ତ୍ତ ବିଭାଗର ସଚିବ, ଏନ୍‌ଏଚ୍‌ଏଆଇ ସଚିବ ଓ ରେଳ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ବିଭିନ୍ନ ପ୍ରକଳ୍ପ ବାବଦରେ ଆଲୋଚନା କରାଯାଇଥିଲା। ଏ ନେଇ ମନ୍ତ୍ରୀ ମହାପାତ୍ର କହିଛନ୍ତି, ବିଭାଗୀୟ ଅଧିକାରୀଙ୍କ ସହ କଥାବାର୍ତ୍ତା ହୋଇ ରେଲୱେର ଓଭରବ୍ରିଜ ସହିତ ବାଇପାସ ରାସ୍ତା ନିର୍ମାଣ କରାଯିବ। ଫଳରେ ବାରିପଦା ସହର କଳେବର ବୃଦ୍ଧିପାଇବା ସହ ଅଞ୍ଚଳର ବିକାଶ ହୋଇପାରିବ। ସେହିପରି ଜରାଳୀ ଓ ସରାଳୀ ନଦୀର ନବୀକରଣ, ବାରିପଦା ଟାଉନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବା ସହ ୫ଏକର ପରିମିତ ଜମିରେ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ସମେତ ସମସ୍ତ ବିଭାଗର କାର୍ଯ୍ୟାଳୟ ଖୋଲାଯିବ। ଯାହା ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ଗୋଟିଏ ସ୍ଥାନରୁ କାର୍ଯ୍ୟ କରିବାର ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ଏକ ଯୁଗ୍ମ ଟେକ୍ନିକାଲ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ବାରିପଦା ସହର ପାଇଁ ଏକ ସମ୍ପୂର୍ଣ୍ଣ ମାଷ୍ଟର ପ୍ଲାନ ପ୍ରସ୍ତୁତିରେ ସହାୟକ ହେବ। ଏହି କମିଟି ଭୂ-ଉପଯୋଗ, ଭୌଗୋଳିକ ତଥ୍ୟ, ବିଭିନ୍ନ ଢାଞ୍ଚାର ଅବସ୍ଥାପନା ଏବଂ ସାଧାରଣ ଅଭିଳାଷା ସହ ରାଜ୍ୟ ଯୋଜନାର ସମନ୍ୱୟ କରି ଭବିଷ୍ୟତ ନକ୍ସା ପ୍ରସ୍ତୁତ କରିବ।

# ଉମା କାଞ୍ଜିଲାଲ ଇଗ୍ନୁର ପ୍ରଥମ ମହିଳା କୁଳପତି



ଭୁବନେଶ୍ୱର,୨୫।୭(ସୁଚିସ୍ମିତା ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ର ପ୍ରଥମ ମହିଳା କୁଳପତି ଭାବେ ପ୍ରଫେସର ଉମା କାଞ୍ଜିଲାଲଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ପ୍ରଫେସର କାଞ୍ଜିଲାଲ ବିଗତ ପ୍ରାୟ ଏକବର୍ଷ ଧରି ଇଗ୍ନୁର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ସେ ମାର୍ଚ୍ଚ ୨୦୨୧ରୁ ଜୁଲାଇ ୨୦୨୪ ପର୍ଯ୍ୟନ୍ତ ଇଗ୍ନୁର ପ୍ରୋ-କୁଳପତି ଥିଲେ। ପ୍ରଫେସର କାଞ୍ଜିଲାଲ ଏହା ପୂର୍ବରୁ ଇଗ୍ନୋର ଅନ୍‌ଲାଇନ ଶିକ୍ଷା କେନ୍ଦ୍ର ଏବଂ ସାମାଜିକ ବିଜ୍ଞାନ ବିଦ୍ୟାପୀଠର ନିର୍ଦ୍ଦେଶିକା ମଧ୍ୟ ରହିଛନ୍ତି ବୋଲି ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ହାଇଦ୍ରାବାଦ: ଆପାର୍ଟମେଣ୍ଟରୁ ଡେଇଁ ଓଡ଼ିଆ ଛାତ୍ରୀଙ୍କ ଆତ୍ମହତ୍ୟା

## ବିଦ୍ୟାଳୟ କର୍ତ୍ତୃପକ୍ଷ ପରୀକ୍ଷା ଦେବାରୁ ବଞ୍ଚିତ କରିଥିଲେ

ଭଞ୍ଜନଗର,୨୫।୭(ବାବୁଲା ପ୍ରଧାନ)

ହାଇଦ୍ରାବାଦର ମୀରାପୁର ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଓଡ଼ିଆ ମେଧାବୀ ଛାତ୍ରୀ ଗୁରୁବାର ପରିବାର ସହ ରହୁଥିବା ଆପାର୍ଟମେଣ୍ଟର ୫ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିମାସରେ ମାଟ୍ରିକ ପରୀକ୍ଷା ପାଇଁ ବିଦ୍ୟାଳୟରେ ହେଉଥିବା ପରୀକ୍ଷା ଦେବାରୁ ଛାତ୍ରୀଙ୍କୁ ବଞ୍ଚିତ କରିବା ଯୋଗୁ ଏଥିରେ ମର୍ମାହତ ହୋଇ ସେ ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ପରିବାର ଅଭିଯୋଗ କରିଛନ୍ତି। ମୃତା ଛାତ୍ରୀଙ୍କ ଘର ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଗାଲେରୀ ଗ୍ରାମରେ। ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ବିଦ୍ୟାଳୟ କର୍ତ୍ତୃପକ୍ଷ, ପୋଲିସ ଏବଂ ଛାତ୍ରୀଙ୍କ ଅଭିଭାବକଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଆଲୋଚନା ପରେ ଛାତ୍ରୀଙ୍କ ମୃତଦେହ ଅନ୍ତିମ ସତ୍କାର କରାଯିବାକୁ ସ୍ଥିର ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଆପାର୍ଟମେଣ୍ଟରେ ପହଞ୍ଚିଛି।



ଛାତ୍ରୀଙ୍କ ପରିବାର ରହୁଥିବା ଆପାର୍ଟମେଣ୍ଟ।

ଘଟଣାରୁ ପ୍ରକାଶ, ସମ୍ପୃକ୍ତା ଛାତ୍ରୀ ଜଣକ ଜଣେ ମେଧାବୀ ଥିଲେ। ସେ ନବମ ଶ୍ରେଣୀରେ ୯୮ ପ୍ରତିଶତ ମାର୍କ ରଖି ପାସ୍ କରିଥିଲେ। ବର୍ତ୍ତମାନ ସେ ଦଶମ ଶ୍ରେଣୀରେ ପଢୁଛନ୍ତି। ଗୁରୁବାର ବିଦ୍ୟାଳୟର ଦଶମ ଶ୍ରେଣୀ ପାଇଁ ମାସିକ ପରୀକ୍ଷା ହେଉଥିଲା। ମାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀ ଜଣଙ୍କୁ କେତେକ କାରଣ ଦର୍ଶାଇ ପରୀକ୍ଷା ହଲ୍‌କୁ ଛାଡ଼ି ନ ଥିଲେ। ଏହାକୁ ନେଇ ଛାତ୍ରୀ ଜଣକ ଅପମାନିତ ମନେକରିଥିଲେ। ପରେ ଘରକୁ ଆସି ସେ ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ମୋର ଏହି ବର୍ଷ ମାଟ୍ରିକ ପରୀକ୍ଷା। ମୋତେ ପରୀକ୍ଷା ହଲ୍‌କୁ ଯିବାକୁ ସ୍କୁଲ କର୍ତ୍ତୃପକ୍ଷ ଦେଲେ ନାହିଁ। ମୋ ଭବିଷ୍ୟତ କ'ଣ ହେବ ବୋଲି ଛାତ୍ରୀ ଜଣକ ବାପାଙ୍କୁ କହିଥିଲେ। ବାପା ତାଙ୍କୁ ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଇ ମୁଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ କଥା ହେବି ବୋଲି କହିଥିଲେ। ଏହାର କିଛି ସମୟ ପରେ ଗୁରୁବାର ଅପରାହ୍ନ ୧ଟାରେ ସେମାନେ ରହୁଥିବା ଘରର ଛାତରୁ ଡେଇଁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିଲେ। ତାଙ୍କ ଆତ୍ମହତ୍ୟା ଖବର ଏଠାରେ ପହଞ୍ଚିବା ପରେ ଭଞ୍ଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ହେଲେ ଯଜ୍ଞେଶ୍ୱର ଦଣ୍ଡପାଟ

ଭୁବନେଶ୍ୱର,୨୫।୭(ସୁଚିସ୍ମିତା ସାହୁ)



ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ନିଯୁକ୍ତି ଦିଆଯାଇଛି। ରାଜଭବନ ପକ୍ଷରୁ ଶୁକ୍ରବାର ପ୍ରକାଶ ପାଇଥିବା ନିର୍ଦ୍ଦେଶନାମା ଅନୁସାରେ ପ୍ରଫେସର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ କାର୍ଯ୍ୟ କରିବେ। ଗତ ମେ ୨୩ରେ ପୂର୍ବତନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଶେଷ ହେବାପରେ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ଥିବା ପ୍ରଫେସର ଦଣ୍ଡପାଟ ମେ ୨୭ରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଦାୟିତ୍ୱ ନେଇଥିଲେ। ହେଲେ ଓଡିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ବ୍ୟବସ୍ଥାର ଉଲ୍ଲଂଘନ କରି କୁଳାଧିପତି ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ଦଣ୍ଡପାଟଙ୍କୁ ନିଯୁକ୍ତି ଦେଇଥିବା ଅଭିଯୋଗ କରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ମୁଖ୍ୟ ବିଚାର ପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି ନିକଟରେ ନିଯୁକ୍ତିକୁ ରଦ୍ଦ କରିଥିଲେ। ସୂଚନାଯୋଗ୍ୟ, ପ୍ରଫେସର ଦଣ୍ଡପାଟ ୨୦୦୨ରୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି କରିଛନ୍ତି। ୨୦୧୦ରୁ ସେ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବାବେଳେ ତାଙ୍କର ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ଅଭିଜ୍ଞତା ଓ ଦକ୍ଷତା ରହିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
DRIVER
(PERSONAL)
At - Phulanakhara, Cuttack
Khaiba + Rahiba Free
Salary : 12500/-
MOB : 7809525452

WANTED
ଭୁବନେଶ୍ୱରରେ ଏକ ଘରୋଇ Car/School Bus ଚଳାଇବାପାଇଁ ଅଭିଜ୍ଞ, ଶିକ୍ଷିତ ଡ୍ରାଇଭର ଆବଶ୍ୟକ।
- ଯୋଗାଯୋଗ -
9861326975 / 9853538772

Requirement
Sales Manager-2 nos.
2 year Exp. in Solar Sector
Salary -22k to 28k+ Incentive
Sales Executive -5 nos. (M&F)
Min. 2 year Exp. in Sales.
Salary-15k to 18k + Incentive
Interview Date - 28/07/2025 (MONDAY)
Contact No- 9124614403.
Saura SHAKTI ENTERPRISE Private Limited
SAURASHAKTI ENTERPRISES PRIVATE LIMITED
ID Market, Nayapalli, Bhubaneswar.

We're HIRING
BUSINESS DEVELOPMENT MANAGER
& BUSINESS DEVELOPMENT EXECUTIVE (MALE)
- COMPANY -
SST DEVELOPERS
A Leading Real Estate Company
Location : Flat No. 2001, 2nd Floor, Laxmi Priya Twin City, Pahal, Bhubaneswar
Age : 30 to 35 years / Qualification : MBA in Marketing
Experience : Minimum 5 years in real estate or relevant field
Salary : ₹ 20,000 to ₹ 30,000 per month
(Based on experience & performance)
INTERESTED CANDIDATES CAN CALL : 9777699900

# ମାଓବାଦୀ କ୍ୟାମ୍ପ ଠାବ, ବିପୁଳ ସାମଗ୍ରୀ ଜବତ

ନୂଆପଡ଼ା,୨୫।୭(ମକାରୁ ବେମାଲ)

ନୂଆପଡ଼ା ଜିଲା ବୋଡେନ ଥାନା କାଠଫାର-ଛତାପାଣି ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଜାରି ରହିଛି ବୋଲି ଗୋଇନ୍ଦା ସୂତ୍ରରୁ ଜିଲା ପୋଲିସକୁ ଖବର ମିଳିଥିଲା। ତଦନୁଯାୟୀ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ସକାଳେ ଗର୍ଜନପାଣି କ୍ୟାମ୍ପରେ କାର୍ଯ୍ୟରତ ଡିଭିଏଫ୍ ଓ ଡି/୧୯ ସିଆର୍‌ପିଏଫ୍ ଯବାନ ସୀମାନ୍ତ କାଠଫାର-ଛତାପାଣି ସଂରକ୍ଷିତ ଜଙ୍ଗଲରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଏହା ଜାଣିପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନମାନେ ଘଞ୍ଚ ଜଙ୍ଗଲ ମଧ୍ୟରେ ଏକ ମାଓବାଦୀ କ୍ୟାମ୍ପ ଠାବ କରି ସେଠାରୁ ବିସ୍ଫୋରକ ସହ ବିପୁଳ ପରିମାଣ ମାଓ ସାମଗ୍ରୀ ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ଦେଶୀ ବନ୍ଧୁକ,୨୪ ରାଉଣ୍ଡର ୨ଟି ଦେଶୀ ବନ୍ଧୁକ, ୧୦ଟି ଜିଲାଟିନ ଷ୍ଟିକ, ୩ ଡେଟୋନେଟର, ୫୦ ଗ୍ରାମ ବାରୁଦ ପାଉଡର,୨ଟି ସୋଲାର ପ୍ଲେଟ, ୱାକିଟକି ଚାର୍ଜର, ମୋବାଇଲ ଚାର୍ଜର, ବିଦ୍ୟୁତ ତାର, ମାରଣାସ୍ତ୍ର, ଛୁରି ଆଦି ରହିଛି। ସୂଚନାଯୋଗ୍ୟ ଗତ ୮ ତାରିଖରେ ଛତିଶଗଡ ସୀମାନ୍ତ ସିନାପାଲି ଥାନା ଖାରବନ୍ଧ ଗାଁ ନିକଟ ନାରାୟଣ ଡୋଙ୍ଗରୀ ସଂରକ୍ଷିତ ଜଙ୍ଗଲରେ ଡିଭିଏଫ୍ ଯବାନମାନେ କୋମ୍ବିଂ ଅପରେଶନ ବେଳେ ଏକ ମାଓବାଦୀ କ୍ୟାମ୍ପ ଠାବ କରି ବିପୁଳ ପରିମାଣ ସାମଗ୍ରୀ ଜବତ କରିଥିଲେ। ମାସକରେ ଏହା ଦ୍ୱିତୀୟ ଘଟଣା ହୋଇଥିବାରୁ ସୀମାନ୍ତ ଜଙ୍ଗଲରେ ମାଓବାଦୀମାନେ ଡେରା ପକାଇ ବଡଧରଣର ଅଘଟଣ ଘଟାଇବା ଯୋଜନା କରୁଥିବା ପୋଲିସ ସନ୍ଦେହ କରୁଛି। ମାଓବାଦୀ ଦମନ ପାଇଁ କୋମ୍ବିଂ ଅପରେଶନକୁ ଜୋରଦାର କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।



ଜବତ ମାଓବାଦୀ ସାମଗ୍ରୀ।

# ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି



## କାର୍‌ଗିଲ ବିଜୟ ଦିବସ

ଭାରତୀୟ ସାମରିକ ଇତିହାସର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ବିଜୟ ଭାବେ କାର୍‌ଗିଲ ବିଜୟ ପରିଗଣିତ। ୧୯୯୯ରେ ଏହି ଯୁଦ୍ଧର ବିଜୟକୁ ସ୍ମରଣୀୟ କରାଇବା ଲାଗି ପ୍ରତିବର୍ଷ ଜୁଲାଇ ୨୬ରେ ପାଳିତ ହେଉଛି କାର୍‌ଗିଲ ବିଜୟ ଦିବସ। ଏହି ଦିବସଟି ଭାରତୀୟ ସୈନିକଙ୍କ ଅତୁଳନୀୟ ସାହସ ଏବଂ ବଳିଦାନ ପ୍ରତି ଏକ ଗଭୀର ଶ୍ରଦ୍ଧାଞ୍ଜଳି।

୧୯୯୯ରେ ପାକିସ୍ତାନୀ ସେନା କାର୍‌ଗିଲ ସେକ୍ଟରର ନିୟନ୍ତ୍ରଣ ରେଖା ଡେଇଁ ଭାରତରେ ଅନୁପ୍ରବେଶ କରିଥିଲା। ଏହା ମେ' ମାସରେ ଜଣାପଡ଼ିବା ପରେ ଆରମ୍ଭ ହୋଇଥିଲା ଯୁଦ୍ଧ। 'ଅପରେଶନ ବିଜୟ' ନାମରେ ପ୍ରାୟ ଦୁଇ ମାସ ଧରି ଯୁଦ୍ଧ ଚାଲିଥିଲା। ଭାରତୀୟ ସେନା ସେମାନଙ୍କ ବୀରତ୍ୱର ପରିଚୟ ଦେଇ ଆମ ଦେଶ ସୀମାରୁ ପାକିସ୍ତାନୀ ସେନାକୁ ଘଉଡ଼ାଇ ଟାଇଗର ହିଲ୍ ଏବଂ ଟୋଲୋଲିଂ ଭଳି ପ୍ରମୁଖ ଶିଖରଗୁଡ଼ିକୁ ପୁନର୍ବାର ନିଜ ଅକ୍ତିଆରକୁ ଆଣିଥିଲା। ଏଥିସହ ସେହି ବର୍ଷ ୨୬ ଜୁଲାଇରେ ବିଜୟ ଘୋଷଣା କରାଯାଇଥିଲା, ଯାହା ଜାତୀୟ ସାର୍ବଭୌମତ୍ୱକୁ ପୁନଃ ସ୍ଥାପିତ କରିଥିଲା। କ୍ୟାପଟେନ୍ ବିକ୍ରମ ବାତ୍ରା (ପରମବୀର ଚକ୍ର)ଙ୍କ ଭଳି ଯୋଦ୍ଧାଙ୍କ ସମେତ ୫୦୦ରୁ ଅଧିକ ଭାରତୀୟ ସୈନ୍ୟ ଦେଶ ପାଇଁ ବଳିଦାନ ଦେଇଥିଲେ।

DSPL-184
ଭାରତୀୟ ବାୟୁ ସେନା
ଅଭିଜିତ ହୁଅନ୍ତୁ ...
ହୁଅନ୍ତୁ ଅଗ୍ନିବୀରବାୟୁ
(ଇଣ୍ଟେକ୍ 02/2026)
02 ଜୁଲାଇ 2005 ରୁ 02 ଜାନୁଆରୀ 2009 ମଧ୍ୟରେ ଜନ୍ମିତ (ଉଭୟ ତାରିଖ ଅନ୍ତର୍ଭୁକ୍ତ) ଯୋଗ୍ୟ ଅବିବାହିତ ଭାରତୀୟ ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ଠାରୁ ଅନଲାଇନ୍ ଆବେଦନ ଆହ୍ୱାନ।
ଅନଲାଇନ୍ ପରୀକ୍ଷା:
25 ସେପ୍ଟେମ୍ବର 2025 ରୁ ଆରମ୍ଭ
ଅନଲାଇନ୍ ରେଜିଷ୍ଟ୍ରେସନ୍:
11 ଜୁଲାଇ 2025 ରୁ
31 ଜୁଲାଇ 2025 ପର୍ଯ୍ୟନ୍ତ
DETAILED NOTIFICATION
ଅନଲାଇନ୍ ପଞ୍ଜୀକରଣ:
https://agnipathvayu.cdac.in/
OIPR-12001/13/0014/2526

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ଆସିକା ୨୫।୭ (ସୁରେନ୍ଦ୍ର ନାଥ ସାହୁ)

ଗାଞ୍ଜାମ ଜିଲା କୋଟିନଡା ଥାନା ଅନ୍ତର୍ଗତ କେ.ଲଛମନପଲ୍ଲୀ ଗ୍ରାମରେ ଗୁରୁବାର ରାତିରେ ଜଣେ ମହିଳା ବେକରେ ଶାଢୀକୁ ବାନ୍ଧି ଆତ୍ମହତ୍ୟା କରିଛନ୍ତି । ସେ ହେଲେ ସେହି ଗ୍ରାମର ଲଳିତ ମୋହନ ମହାନ୍ତିଙ୍କ ପତ୍ନୀ କଲ୍ୟାଣୀ କୁମାରୀ (୨୮) । ୧୦ବର୍ଷ ତଳେ ବିବାହ କରିଥିବା କଲ୍ୟାଣୀଙ୍କ ଗୋଟିଏ ପୁଅ ଝିଅ ଅଛନ୍ତି। ତେବେ କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟା କଲେ ତାହା ସ୍ୱଷ୍ଟ ହୋଇନାହିଁ । ଖବର ପାଇ କୋଟିନଡା ପୋଲିସ ମୃତଦେହକୁ ଜବତ କରି ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରିଛି । ଘଟଣା ସମ୍ପର୍କରେ କୋଟିନଡ଼ା ଥାନାରେ ୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦାମୋଦର ବିହାରୀ ସୂଚନା ଦେଇଛନ୍ତି ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଭଞ୍ଜନଗର, ୨୫।୭ (ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡସ୍ତରୀୟ ସାଧୀନତା ଦିବସ ପ୍ରସ୍ତୁତି ବୈଠକ ଶୁକ୍ରବାର ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବୈଠକରେ ଉପ ଜିଲାପାଳ ଉମା ଶଙ୍କର ବେହେରା ଅଧକ୍ଷତା କରି ଉତ୍ସବ କିଭଳି ଜାକଜକମର ସହ ହୋଇପାରିବ ସେନେଇ କହିଥିଲେ। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ କୁମାର ପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଲୋଚନାରେ ଏସ୍‌ଡିପିଓ ଡ.ଦୀପକ ମିଶ୍ର, ଥାନା ଅଧିକାରୀ ଜିବନାନନ୍ଦ ଜେନା, ଭାରପ୍ରାପ୍ତ ତହସିଲଦାର ଅବିନାଶ ମହାର, ସହକାରୀ ଉପ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ସାମାଜିକ କର୍ମୀ ଟୁକୁନା ପଟ୍ଟନାୟକ, ମୁରଲୀ ପଣ୍ଡା, ସୁଶାନ୍ତ ମହାପାତ୍ର, ଅଧାପକ ଡ.ରବିନ୍ଦ୍ର ମିଶ୍ର, କେଏସ୍‌ୟୁବି କଲେଜ ଏନ୍‌ସିସି ଆର୍ମି ୱାଙ୍ଗ ସିଟିଓ ଅର୍ପଣ ପ୍ରଧାନ, ନାଭାଲ ୱିଙ୍ଗ ସିଟିଓ ବିଭୂତି ଗୌଡ ପ୍ରମୁଖ ଯୋଗଦେଇ ଥିଲେ ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

କବିସୂର୍ଯ୍ୟନଗର, ୨୫।୭ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବୁଡାମ୍ବ ଚାମ୍ପେଇତପୁର ରାସ୍ତାରେ ରହୁଥିବା ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜଲକ୍ଷ୍ମୀ ରଥ । ଗୁରୁବାର ରାଜଲକ୍ଷ୍ମୀଙ୍କ ଶାଶୁଙ୍କ ଦ୍ୱାଦଶାହ ଦିବସ ଥିଲା । ଅନେକ ଜ୍ଞାତିକୁଟୁମ୍ବ ଘରେ ଏକାଠି ହୋଇଥିଲେ । ମାତ୍ର ଗୁରୁବାର ପୂର୍ବାହ୍ନରେ ରାଜଲକ୍ଷ୍ମୀଙ୍କ ହଠାତ୍ ସ୍ୱାସ୍ଥ୍ୟ ଖରାପ ହେବାରୁ ସ୍ୱାମୀ ବୈରାଗୀ ଦାସ ତାଙ୍କୁ ପୋଲସରା ମେଡିକାଲ ନେଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତେବେ ବୈରାଗୀ ବିଷପିଇ ରାଜଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଥିବା କହୁଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପରେ ଏହାର କାରଣ ଜଣାପଡିବ ବୋଲି ପୋଲିସ କହିଛି । କବିସୂର୍ଯ୍ୟନଗର ଆଇଆଇସି ନିରଞ୍ଜନ ଦାସ ସହ ଅନ୍ୟମାନେ ଘଟଣା ସ୍ଥଳରେ ଉପସ୍ଥିତ ଅଛନ୍ତି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ବୈରାଗୀଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜଲକ୍ଷ୍ମୀ ଥିଲେ ତାଙ୍କର ଦ୍ୱିତୀୟ ସ୍ତ୍ରୀ। ତେବେ ପାରିବାରିକ କଳହରୁ ଏଭଳି ଘଟିଥାଇପାରେ ବୋଲି ଗ୍ରାମବାସୀ ସନ୍ଦେହ କରୁଛନ୍ତି । ଏନେଇ ଥାନାରେ ଅଭିଯୋଗ ହୋଇନାହିଁ ।

### ନୂତନ ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସୋରଡ଼ା, ୨୫।୭ ( ରଜନୀ ମହାପାତ୍ର)

ସୋରଡ଼ା ଆଇନଜୀବୀ ସଂଘ ଆନୁକୂଲ୍ୟରେ ବିଚାର ବିଭାଗ ପରିସରସ୍ଥ ଆଇନଜୀବୀ ସଂଘ ସମ୍ମିଳନୀ କକ୍ଷରେ ଶୁକ୍ରବାର ନୂତନ ଭାବେ ଯୋଗଦେଇଥିବା କନିଷ୍ଠ ଦେୱାନୀ ବିଚାରପତି ସ୍ମିତପ୍ରଜ୍ଞ ବିଶ୍ୱାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସୋରଡ଼ା ଆଇନଜୀବୀ କଲ୍ୟାଣ ପାଣ୍ଠିର ଅଧକ୍ଷ ଆଇନଜୀବୀ ପ୍ରଭାତ କୁମାର ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସୋରଡ଼ା ବରିଷ୍ଠ ଦେୱାନି ବିଚାରପତି ଲୋକନାଥ ମିଶ୍ର, ଆଇନଜୀବୀ ସଂଘ ସଭାପତି ଓ ସମ୍ପାଦକଙ୍କ ସମେତ ଆଇନଜୀବୀ ସଂଘର ସମସ୍ତ ଆଇନଜୀବୀ ଯୋଗଦାନ କରିଥିଲେ ।

# ଜରାଜୀର୍ଣ୍ଣ ଅବସ୍ଥାରେ ଟିଚର୍ସ କଲୋନୀ

ପାରଳାଖେମୁଣ୍ଡି, ୨୫।୭ (ଗିରିଧାରୀ ପରିଚ୍ଛା)



ଭାଙ୍ଗିରୁଜି ପଡିଥିବା କ୍ୱାର୍ଟର୍ସ ।

ଗଜପତି ଜିଲା କାଶୀନଗର ବ୍ଲକ କଲୋନୀ ପରିସରରେ ରହିଥିବା ଟିଚର୍ସ କଲୋନୀ ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି। ୩ଟି କ୍ୱାର୍ଟର୍ସ ଥିବା ଏହି କଲୋନୀରେ ବିପଦ ଆଶଙ୍କାରେ କୌଣସି ଶିକ୍ଷକ ପରିବାର ଧରି ରହିବାକୁ ରାଜି ହେଉନାହାନ୍ତି। ପୂର୍ବରୁ ଉକ୍ତ କ୍ୱାର୍ଟର୍ସରେ ରହିବା ପାଇଁ ଇଚ୍ଛୁକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ସ୍କୁଲ ଏସ୍‌ଆଇଙ୍କ ଜରିଆରେ ବିଡିଓଙ୍କୁ ଆବେଦନ କରି ଅନୁମତି ଲୋଡୁଥିଲେ। ଅନୁମତି ମିଳିବା ପରେ ନିଜ ଖର୍ଚ୍ଚରେ କ୍ୱାର୍ଟର୍ସର ଆବଶ୍ୟକ ମରାମତି କରି ସେଥିରେ ରହୁଥିଲେ। ଅବସର ନେବା ପରେ ସେମାନେ କ୍ୱାର୍ଟର୍ସ ଛାଡୁଥିଲେ। ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ କ୍ରମଶଃ ଭାଙ୍ଗିରୁଜି ଯାଉଥିବା ଏହି ଆଜବେଷ୍ଟସ କ୍ୱାର୍ଟର୍ସରେ ପରିବାର ଧରି ରହିବା ଶିକ୍ଷକମାନଙ୍କ ପାଇଁ ସମ୍ଭବ ହେଉ ନ ଥିବାରୁ କେହି ଉକ୍ତ କ୍ୱାର୍ଟର୍ସରେ ରହିବାକୁ ଚାହୁଁ ନ ଥିଲେ। ଦୀର୍ଘ ବର୍ଷ ଧରି କ୍ୱାର୍ଟର୍ସଗୁଡ଼ିକ ଅବ୍ୟବହୃତ ହୋଇ ରହି ବର୍ତ୍ତମାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। କାଶୀନଗର ବିଇଓ ଗଜପତି ଡିଇଓଙ୍କ ପରାମର୍ଶ ନେଇ ଉକ୍ତ କ୍ୱାର୍ଟର୍ସଗୁଡ଼ିକର ପୁନଃ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ଯଦି ଶିକ୍ଷା ବିଭାଗ ଏହା କରି ନ ପାରିବ ତେବେ ବ୍ଲକ କିମ୍ବା ଏନଏସିକୁ ଉକ୍ତ କ୍ୱାର୍ଟର୍ସ ହସ୍ତାନ୍ତର କରି ପୁନର୍ନିର୍ମାଣ କରିବା ଲାଗି ସାଧାରଣରେ ମତ ପ୍ରକାଶ ପାଉଛି।

# ବୁଗୁଡ଼ା କୋର୍ଟର ପ୍ରତିଷ୍ଠା ଦିବସ

ବୁଗୁଡ଼ା, ୨୫।୭ (କାଳିଚରଣ ଦାଶ)

ବୁଗୁଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବୁଗୁଡ଼ା ଓକିଲ ସଂଘ ସଭାପତି ଅମର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଚାରପତି ସୁଧାଶ୍ରୀ ସୁରଖାଲିଆ ଯୋଗଦେଇ ଏହି ଅଦାଲତ ପ୍ରତିଷ୍ଠା ଦ୍ୱାରା ଅଞ୍ଚଳବାସୀ ନ୍ୟାୟିକ ପ୍ରକ୍ରିୟା କ୍ଷେତ୍ରରେ ଉପକୃତ ହୋଇପାରିଥିବା ନେଇ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ସିମାଞ୍ଚଳ ନନ୍ଦ, ଅଧିବକ୍ତା ରବିନ୍ଦ୍ର ପଣ୍ଡା, ଦେବୀ ନିବେଦିତା ଚୌଧୁରୀ, ଟି.ସୁଦର୍ଶନ ପାତ୍ର, କେ.ତ୍ରିଲୋଚନ ଦୋରା, ଦୁର୍ଗା ମାଧବ ପଣ୍ଡା, ମାନସ ରଞ୍ଜନ ଦାଶ, ସତ୍ୟ ନାରାୟଣ ମିଶ୍ର, ପ୍ରକାଶ ଚନ୍ଦ୍ର ଭୂୟାଁ, ପ୍ରଭାତ ଜେନା, ସୁଜିତ ସ୍ୱାଇଁଙ୍କ ସମେତ ଅନ୍ୟ ଓକିଲମାନେ ଉପସ୍ଥିତ ରହିଥିଲେ। ବରିଷ୍ଠ ଅଧିବକ୍ତା ହର ପ୍ରସାଦ ଦାଶଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ଶେଷରେ ଓକିଲ ସଂଗ୍ରାମ ପାତ୍ର ଧନ୍ୟବାଦ ଦେଇଥିଲେ।

# ଏନ୍‌ଏସ୍‌ବି କଲେଜରେ ସ୍ୱାଗତ ଉତ୍ସବ

ଡୁମୁଡିବନ୍ଧ, ୨୫।୭ (ଦୀପକ କୁମାର ପରାସେଠ)

ଡୁମୁଡିବନ୍ଧ ଏନଏସବି କଲେଜରେ ଗୁରୁବାର +୨ ପ୍ରଥମ ବର୍ଷ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ଅଧକ୍ଷ ଡ଼.ସୁନୀଲ ପାତ୍ର ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଡ଼.ସତ୍ୟ ରଞ୍ଜନ ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବରେ ଅର୍ଥନୀତି ଅଧାପିକା ଡ଼.ମଞ୍ଜୁଳା ମହାପାତ୍ର, ଓଡ଼ିଆ ଅଧାପିକା ଡ଼.ବନିତା ପଟ୍ଟନାୟକ, ଇଂରାଜୀ ଅଧାପକ ଦୁଃଖିଶ୍ୟାମ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ.ସୁନୀଲ ଉପସ୍ଥିତ ଛାତ୍ରୀଛାତ୍ର ମାନଙ୍କୁ ଆତ୍ମ ସୁରକ୍ଷା, ଶିକ୍ଷା ଜ୍ୟୋତି ପୋର୍ଟାଲ, ସାଥି ପୋର୍ଟାଲ, ଶିଳାବସ, ଏଇସିସି କମିଟି, ୱେବିନାର ୟୁନିଫର୍ମ, ଏକାଡମିକ ସପର୍ଟ ଆଦି କାର୍ଯ୍ୟକ୍ରମ ବାବଦରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ।

# ୫ କେଜି ଚାଉଳରେ ଜୀବନ ଜିଉଛନ୍ତି ୩ ପ୍ରାଣୀ



ଫୁଲବାଣୀ, ୨୫।୭

(ରାକେଶ କୁମାର ରାଉତ)

- ଦିବ୍ୟାଙ୍ଗ ତପି, ଅମୂଲ୍ୟାଙ୍କ ପାଖରେ ପହଞ୍ଚିନି ପ୍ରଶାସନ
- ମିଳୁନି ଦିବ୍ୟାଙ୍ଗ ଭତା, ସହାୟତା
- କେବଳ ଚାଉଳ ଭାଗ ନେବାକୁ ଆସନ୍ତି ବଡପୁଅ

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତ ଡମାଙ୍ଗପଦର ଗ୍ରାମରେ ଦିବ୍ୟାଙ୍ଗ ତପି ଓ ଅମୂଲ୍ୟା ଅତି ଅସହାୟ ଭାବେ ଦିନ କାଟୁଛନ୍ତି। ସେମାନଙ୍କ ନିକଟରେ ଏ ପର୍ଯ୍ୟନ୍ତ ପ୍ରଶାସନ ପହଞ୍ଚିନି କି ଦିବ୍ୟାଙ୍ଗ ରୂପେ ଚିହ୍ନଟ କରିନି। ଉଭୟେ ଅଶିକ୍ଷିତ ହୋଇଥିବାରୁ ଦିବ୍ୟାଙ୍ଗମାନଙ୍କ ପାଇଁ କ'ଣ ସରକାରୀ ସହାୟତା ରହିଛି ଏ ସମ୍ପର୍କରେ ଉଭୟେ ଜାଣିନାହାନ୍ତି। ଫଳରେ ଅତି ଦୁଃଖରେ ଦିନ କାଟୁଛନ୍ତି ଏହି ଦିବ୍ୟାଙ୍ଗ ମା' ଝିଅ ଓ ପୁଅ।

ସୁମରବନ୍ଧ ପଞ୍ଚାୟତଠାରୁ ଅଳ୍ପ ଦୂର ଡମାଙ୍ଗପଦର ଗ୍ରାମ । ଏଠାରେ ତପି ଦିଗାଲ ତାଙ୍କ ଝିଅ ଅମୂଲ୍ୟା(୧୯) ଏବଂ ସାନ ପୁଅକୁ ନେଇ ରୁହନ୍ତି। ୩୦ ବର୍ଷ ତଳୁ ସ୍ୱାମୀ ଏମାନଙ୍କୁ ଛାଡି ଆଉ ଜଣେ ମହିଳାଙ୍କ ସହ ରହୁଛନ୍ତି । ତାଙ୍କ ସାଙ୍ଗରେ ବଡପୁଅକୁ ନେଇ ଯାଇଛନ୍ତି। ତପି କି ତାଙ୍କ ଝିଅ ପୁଅ କେହି ପାଠ ପଢ଼ିନାହାନ୍ତି । ଉଭୟ ମା' ଝିଅଙ୍କ ବାମ ହାତ ବଙ୍କା। ଝିଅ ଅମୂଲ୍ୟା କିଛି ଦେଖିପାରନ୍ତିନି। ଚଳିବା ପାଇଁ ସବୁ ବେଳେ ସଂଘର୍ଷ କରୁଛନ୍ତି ଏହି ପରିବାର। ଏବେ ତପି ବୟସାଧିକ କାରଣରୁ କାମ କରିପାରୁନାହାନ୍ତି । ନାବାଳକ ପୁଅ ପାଠ ନ ପଢ଼ି ଘର ଚଳାଇବାକୁ ସଂଗ୍ରାମ କରୁଛନ୍ତି । ସରକାରୀ ସହାୟତା କହିଲେ କେବଳ ତପି ଏବଂ ତାଙ୍କ ବଡପୁଅକୁ ରାଶନ କାର୍ଡରେ ମିଳୁଥିବା ୫ କେଜି ଚାଉଳ। ବଡପୁଅ ଆସି ତାଙ୍କ ଭାଗ ଚାଉଳ ନେଇଯାଆନ୍ତି। ମାତ୍ର ୫ କେଜି ଚାଉଳରେ ଏହି ୩ ପ୍ରାଣୀଙ୍କ ଜୀବନ କିପରି କଟୁଥିବ, ତାହା ସହଜେ ଅନୁମେୟ। ବାକି ଦୁଇ ପିଲାଙ୍କ ଚାଉଳ କାହିଁକି ମିଳୁନି ତାହା ସେମାନେ କହିପାରୁନାହାନ୍ତି। ବହୁ ବର୍ଷ ତଳେ ଗୋଟିଏ ଆବାସ ଗୃହ ତପିଙ୍କ ସ୍ୱାମୀଙ୍କୁ ମିଳିଥିଲା । ତାହା ଏବେ ଭାଙ୍ଗିରୁଜି ଗଲାଣି। ସେହି ଭଙ୍ଗାରୁଜା ଘରେ ଏମାନେ ଆଶ୍ରୟ ନେଇ ଚଳୁଛନ୍ତି । ତୁରନ୍ତ ଏହି ମା'ଝିଅଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ସରକାରଙ୍କ ରହିଥିବା ସମସ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ସୈନିକ ଭାଇଙ୍କ ପାଇଁ ରାକ୍ଷୀଟିଏ

ବୁଗୁଡ଼ା, ୨୫।୭ (କାଳିଚରଣ ଦାଶ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଆନୁକୂଲ୍ୟରେ ଶ୍ରୀକର ଭଞ୍ଜ ଓପନ ୟୁନିଟ୍ ପକ୍ଷରୁ ସୈନିକ ଭାଇଙ୍କ ପାଇଁ ରାକ୍ଷୀଟିଏ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସ୍ୱେଚ୍ଛାସେବୀ ଛାତ୍ରୀ ମାନଙ୍କ ପକ୍ଷରୁ ଦେଶର ସୀମାନ୍ତରେ କାର୍ଯ୍ୟରତ ସୈନିକ ଭାଇମାନଙ୍କ ପାଇଁ ରାକ୍ଷୀ ପଠାଇବା ବ୍ୟବସ୍ଥା ହୋଇଛି। ଭାରତ ସ୍କାଉଟସ ଓ ଗାଇଡସ୍ ପକ୍ଷରୁ ମିଳିତ ଭାବେ ନିଜ ହାତରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରାକ୍ଷୀ ବନାଇବା ସହିତ ଧାନ, ଚାଉଳ, ଧନିଆ ଭଳି ବିଭିନ୍ନ ସାମଗ୍ରୀରେ ରାକ୍ଷୀ ବନାଇ ଶୁକ୍ରବାର ସକାଳ ସମୟରେ ବୁଗୁଡା ଶ୍ରୀ ବଳଦେବଜୀଉ ମନ୍ଦିରକୁ ଯାଇ ସୈନିକ ଭାଇମାନଙ୍କ ଦୀର୍ଘାୟୁ କାମନା କରି ରାକ୍ଷୀ ଗୁଡ଼ିକୁ ପୂଜାର୍ଚ୍ଚନା କରିଥିଲେ। ପରେ ପୋଷ୍ଟରେ ରାକ୍ଷୀ ଗୁଡିକ ସୈନିକ କାର୍ଯ୍ୟାଳୟକୁ ପଠାଯାଇଥିଲା।

# ଅଙ୍ଗଦାନ କରି ଆଦର୍ଶ ସୃଷ୍ଟି କଲେ ସୁରେଶଙ୍କ ପରିବାର

ଆସିକା, ୨୫।୭ (ସୁରେନ୍ଦ୍ର ନାଥ ସାହୁ)



ସୁରେଶ। (ଫାଇଲ୍ ଫଟୋ)

ଆସିକା ବ୍ଲକ୍ ବଡ଼ଖୋଲି ପଞ୍ଚାୟତ ଅନ୍ତର୍ଗତ ସାନଖୋଲି ଗ୍ରାମର ଅଶୋକ ପଟ୍ଟନାୟକଙ୍କ ପରିବାର ସାନ ପୁଅ ସୁରେଶଙ୍କ ମୃତ୍ୟୁ ପୂର୍ବରୁ ଅଙ୍ଗଦାନ କରି ଅଞ୍ଚଳ ପାଇଁ ଆଦର୍ଶ ସୃଷ୍ଟି କରିଛନ୍ତି। ପରିବାରର ଗୁଜୁରାଣ ମେଣ୍ଟାଇବା ଲାଗି ବାଙ୍ଗାଲୋରରେ କର୍ମସଂସ୍ଥାନ ଲାଗି ଯାଇଥିବା ସୁରେଶ ୨୦ ତାରିଖ ଦିନ ଏକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ସେଠାକାର ଡାକ୍ତରଖାନାରେ ସେ ଚିକିତ୍ସିତ ହେବାର ୩ଦିନ ପରେ ଡାକ୍ତର ସୁରେଶଙ୍କ ବ୍ରେନ୍ ଡେଡ୍ ହୋଇଥିବା ପ୍ରକାଶ କରିଥିଲେ । ଏହି ଖବର ପାଇ ସେଠାକାର ଏସ୍.କେ. ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏକ ୧୦ ବର୍ଷର କୋମଳମତି ବାଳକର ଜୀବନ ରକ୍ଷା ଲାଗି କିଡନୀର ଆବଶ୍ୟକତା ରହିଥିବା ଓ ଏହାକୁ ଦାନ କରିବା ଲାଗି ସୁରେଶଙ୍କ ପରିବାରକୁ ଆକୁଳ ନିବେଦନ କରିଥିଲେ। ସୁରେଶଙ୍କ ବାପା, ମାଆ ବାଙ୍ଗାଲୋର ଯାଇ ପରିବାରର ଅନ୍ୟମାନଙ୍କ ସହ ଆଲୋଚନା ପରେ ସୁରେଶଙ୍କ ମୃତ୍ୟୁ ଆସନ୍ନ ଅବସ୍ଥାରେ ଥିବାରୁ ଏହି ଅଙ୍ଗଦାନ ଲାଗି ସହମତି ପ୍ରକାଶ କରିଥିଲେ। ଡାକ୍ତରଖାନା ପକ୍ଷରୁ ଏହି ଅଙ୍ଗ ପ୍ରତ୍ୟଙ୍ଗ ବାହାର କଲା ପରେ ୧୦ ବର୍ଷର ବାଳକ ଦେହରେ କିଡନିକୁ ପ୍ରତିରୋପଣ କରାଯାଇଥିଲା ଓ ସୁରେଶଙ୍କ ମୃତ୍ୟୁ ଘୋଷଣା କରାଯାଇଥିଲା । ଶୁକ୍ରବାର ସାଖେଲ ବାଙ୍ଗାଲାରରୁ ସୁରେଶ ମୃତଦେହକୁ ଏକ ସ୍ୱତନ୍ତ୍ର ବିମାନରେ ଅଣାଯାଇ ଭୁବନେଶ୍ୱରରେ ପହଞ୍ଚିବା ପରେ ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ନିଜ ଗ୍ରାମ ସାନଖୋଲି ଗ୍ରାମରେ ପହଞ୍ଚିଥିଲା। ଗ୍ରାମବାସୀ ଓ ଆଖପାଖ ଗ୍ରାମାଞ୍ଚଳର ଶୋକାକୁଳ ଜନସାଧାରଣଙ୍କ ଗହଣରେ ସୁରେଶଙ୍କ ମୃତ ଦେହକୁ ଗ୍ରାମ ଶ୍ମସାନରେ ସତ୍କାର କରାଯାଇଥିଲା। ସୁରେଶଙ୍କ ପରିବାରର ଏହି ମହନିୟତା ଲାଗି ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଉଥିଲା ବେଳେ ମୃତ୍ୟୁ ପୂର୍ବରୁ ଅଙ୍ଗଦାନ କରି ସୁରେଶ ଅମର ରହିଲେ ବୋଲି ଚର୍ଚ୍ଚା ହେଉଛି।

# ବର୍ଷା ଅଭାବ, ଆଗେଇ ପାରୁନି ଚାଷକାର୍ଯ୍ୟ

ଶେରଗଡ଼, ୨୫।୭ (ସୂର୍ଯ୍ୟ ନାରାୟଣ ଦାଶ)

ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଥିଲା। ଏହାକୁ ଭିତ୍ତିକରି ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଆଶାନୁରୂପ ବର୍ଷା ନ ହେବାରୁ ଗଞ୍ଜାମ ଜିଲା ଶେରଗଡ଼ ବ୍ଲକରେ ଧାନଚାଷ ଆଗେଇ ପାରୁନି। ତଳି ପଡିଛି ମାତ୍ର ପାଣି ଅଭାବରୁ ଏହାକୁ ରୋଇପାରନାହାନ୍ତି ଚାଷୀ। ବୁଣା ଧାନ ପାଣି ଅଭାବରୁ ବେଉସା କାମ ବାଧାପ୍ରାପ୍ତ ହୋଇଛି। ବହୁ ଜମିରେ ତଳି ଭାଙ୍ଗିବାକୁ ମଧ ପାଣି ନାହିଁ। ଫଳରେ ଚାଷୀ ବର୍ଷାକୁ ଚାହିଁ ରହିଛି। ଚଳିତ ବର୍ଷ ଶେରଗଡ଼ ବ୍ଲକରେ ୭୨୦୦ ହେକ୍ଟର ଜମିରେ ଧାନ ଚାଷ ହେବ ବୋଲି କୃଷି ବିଭାଗ ଆକଳନ କରିଛି। ତେବେ ଏଯାଏ ମାତ୍ର ୧୭୦୦ ହେକ୍ଟର ଜମିର ଧାନ ଫସଲ ଉଠିଆ ହୋଇଛି। ଏବର୍ଷ ଜୁନ ମାସରେ ମାତ୍ର ୫ ଦିନ ବର୍ଷା ହୋଇଥିବା ବେଳେ ଜୁଲାଇ ମାସରେ ମାତ୍ର ୧୩ ଦିନ ବର୍ଷା ହୋଇଛି। ଶେରଗଡ଼ ବ୍ଲକ ତଳିଆ ଗ୍ରାମ ଯଥା କିର୍ତ୍ତିପୁର, ନରେନ୍ଦ୍ରପୁର, ପଥରପୁଞ୍ଜି, ଧନନ୍ତର ସୁନାତର, କନ୍ଧ ନୂଆଗଡ, ଧଳପୁର, ଶୋଳଶଳା, ଟିକିଲି, ଭୁଷୁଣ୍ଡା, ଲକ୍ଷ୍ମୀ ନୃସିଂହପୁର, ପଦ୍ମପୁର, ଡାକରଡା, ହରିକୃଷ୍ଣପୁର, ରମ୍ଭୁଣ୍ଡଳୀ, ବରିକୋଟ ସମେତ ୩୦ରୁ ଅଧିକ ଗ୍ରାମରେ ଜଳସେଚନ ସୁବିଧା ନ ଥିବାରୁ ଚାଷୀ ଧାନ ଚାଷ ଓ ରବି ଫସଲ ପାଇଁ ବର୍ଷା ଉପରେ ନିର୍ଭର କରନ୍ତି।

### ଗଞ୍ଜାମ ଜିଲାର ୩୩୮ ପଞ୍ଚାୟତ ହୋଇନି ଟିବି ମୁକ୍ତ

ଛତ୍ରପୁର, ୨୫।୭ (ସନ୍ତୋଷ ପାଢ଼ୀ )

ସମ୍ପୂର୍ଣ୍ଣ ଭାବେ ଟିବିମୁକ୍ତ ଜିଲ୍ଲା ହୋଇପାରିନି ଗଞ୍ଜାମ ଜିଲ୍ଲା। ଜିଲାରେ ୨୨ ବ୍ଲକ ଅଧୀନରେ ୫୦୩ଟି ପଞ୍ଚାୟତ ରହିଛି। ଏବେ ସୁଦ୍ଧା ଜିଲ୍ଲାର ୩୩୮ ପଞ୍ଚାୟତ ଟିବିମୁକ୍ତ ପଞ୍ଚାୟତ ହୋଇପାରିନି। ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନରେ ପଞ୍ଚାୟତଗୁଡ଼ିକୁ ଟିବିମୁକ୍ତ କରିବାକୁ ୨୦୨୩ରୁ କାର୍ଯ୍ୟକ୍ରମ ଚାଲିଛି। ୨୦୨୩ରେ ଗଞ୍ଜାମ ଜିଲାର ୫୩ଟି ପଞ୍ଚାୟତ ଟିବିମୁକ୍ତ ହୋଇଥିବାବେଳେ ୨୦୨୪ରେ ୧୧୨ଟି ପଞ୍ଚାୟତ ଟିବିମୁକ୍ତ ଘୋଷଣା ହୋଇଥିଲା। ସୂଚନାଯୋଗ୍ୟ, ୨୦୨୪ରେ ଛତ୍ରପୁର ବ୍ଲକର ସମସ୍ତ ୧୮ ପଞ୍ଚାୟତକୁ ଟିବିମୁକ୍ତ ପଞ୍ଚାୟତ ରୂପେ ଘୋଷଣା କରାଯାଇଥିଲା। ପରେ ଏଥିପାଇଁ ଛତ୍ରପୁର ବ୍ଲକ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହୋଇଥିଲା। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନରେ ରାଜ୍ୟରେ ସର୍ବାଧିକ ପଞ୍ଚାୟତ ଟିବିମୁକ୍ତ ହେବା ଓ ୨୦୨୩ ଓ ୨୦୨୪ରେ ଗଞ୍ଜାମ ଜିଲା ପ୍ରଥମ ହୋଇଥିବା ଗଞ୍ଜାମ ଜିଲ୍ଲା ପରିଷଦକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅବଗତ କରାଯାଇଛି।

# ଦାରିଙ୍ଗବାଡ଼ିରେ ନକଲି ୫ଶହ ଟଙ୍କିଆ ନୋଟ୍

ଦାରିଙ୍ଗବାଡ଼ି, ୨୫।୭ (ଅରୁଣ ସାହୁ):




ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ୫ ଶହ ଟଙ୍କିଆ ନକଲି ନୋଟ ଘୂରି ବୁଲୁଥିବା ନେଇ ବ୍ୟବସାୟୀ ଏବଂ ଗ୍ରାହକଙ୍କ ଭିତରେ ଭୟ ଦେଖାଯାଇଛି। ଗୁରୁବାର ଉକ୍ତ ଥାନା ଅଞ୍ଚଳ ସିମନବାଡ଼ିର ଜଣେ ବ୍ୟବସାୟୀଙ୍କଠାରୁ ଏକ କମ୍ପାନୀର ଡିଷ୍ଟ୍ରିବ୍ୟୁଟର ସାମଗ୍ରୀ ଦେଇ ଟଙ୍କା ନେଇଥିଲେ। ସେ ନେବା ସମୟରେ ସିମନବାଡ଼ିର ବ୍ୟବସାୟୀ ସନ୍ଦେହ କରାଯାଉଥିବା ନୋଟକୁ ନେଇ ବ୍ୟାଙ୍କରେ ଏହା ନକଲି କି ନାହିଁ ବୁଝିଦେବ ବୋଲି କହିଥିଲେ। ଡିଷ୍ଟ୍ରିବ୍ୟୁଟର ଜଣକ ବାଲିଗୁଡ଼ା ବ୍ୟାଙ୍କରେ ଯାଞ୍ଚ କରାଇ ଏହା ନକଲି ବୋଲି ଜାଣିବାକୁ ପାଇଥିଲେ।

ଉକ୍ତ ନକଲି ନୋଟକୁ ବୃଦ୍ଧ ବ୍ୟବସାୟୀଙ୍କୁ କିଏ ଦେଇଛନ୍ତି ତାହା ଜାଣିବା ସହଜ ହୋଇନଥିଲା। ବ୍ୟବସାୟ ସାରିବା ପରେ ସେ ରାତିରେ ଦୋକାନ ବନ୍ଦ ପୂର୍ବରୁ ଟଙ୍କା ଦେଖିବା ବେଳେ ୨ଟି ୫ଶହ ଟଙ୍କିଆ ନୋଟ ଉପରେ ସନ୍ଦେହ ହୋଇଥିଲା। ପରେ ବ୍ୟବସାୟୀ ଜଣଙ୍କ ଉକ୍ତ ନୋଟକୁ ଅଲଗା କରି ରଖିଥିଲେ। ଏହି ନକଲି ନୋଟ୍‌ର କ୍ରମିକସଂଖ୍ୟା (୫ଏନଟି ୩୩୯୮୦୨)। ଏ ଦିଗରେ ପୋଲିସ ପଦକ୍ଷେପ ନେବାକୁ ଦାବି ହେଉଛି।

# ଗୋଷ୍ଠୀ ସଂଘର୍ଷ ଘଟଣା, ଗିରଫଦାରି ସଂଖ୍ୟା ୯କୁ ବୃଦ୍ଧି

ଦାରିଙ୍ଗବାଡ଼ି, ୨୫।୭ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା କାଟିଙ୍ଗିଆ ପଞ୍ଚାୟତ ରାମ୍ଭୁଲି ଓ ମିଞ୍ଜାପାଙ୍କା ଗ୍ରାମବାସୀଙ୍କ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ୨ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ ବ୍ରାହ୍ମଣୀଗାଁ ପୋଲିସ ୨ ଗୋଷ୍ଠୀ ମଧ୍ୟରୁ ଏବେ ସୁଦ୍ଧା ୯ ଜଣଙ୍କୁ ଗିରଫ କରିଛି। ଗୁରୁବାର ୪ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଶୁକ୍ରବାର ୨ ଗୋଷ୍ଠୀର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାମ୍ଭୁଲିର ହରିଶ୍ଚନ୍ଦ୍ର ମଲିକ, କିଶୋର ମଲିକ ଏବଂ ଶରତ ମଲିକ ବୋଲି ପୋଲିସ କହିଛି। ସେମାନଙ୍କ ନାରେ ମାମଲା (୭୨/୨୫) ରୁଜୁ ହୋଇଛି। ସେହିପରି ରାମ୍ଭୁଲି ଲୋକଙ୍କ ଅଭିଯୋଗକ୍ରମେ ଅନ୍ୟ ଗୋଷ୍ଠୀର ୨ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ମାନସ ରଞ୍ଜନ ଶୋଭାସୁନ୍ଦର ଏବଂ ବିନୋଦ ସିଂ ସେମାନଙ୍କ ନାମରେ ମାମଲା (୭୩/୨୫) ରୁଜୁ ହୋଇଥିବା ପୋଲିସ କହିଛି। ଉଭୟ ଗୋଷ୍ଠୀଙ୍କୁ ପୋଲିସ ସଙ୍ଗୀନ ଦଫାରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ମାନସ ରଞ୍ଜନ ଶୋଭାସୁନ୍ଦର ମିଞ୍ଜାପାଙ୍କାର ବ୍ରାଞ୍ଚ ପୋଷ୍ଟ ମାଷ୍ଟର ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ଦୀର୍ଘ ୨୦ ବର୍ଷ ହେଲା ରାମ୍ଭୁଲି ଗ୍ରାମର କିଛି ଉପଭୋକ୍ତାଙ୍କୁ ଦାରିଙ୍ଗବାଡି ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜମିପଟ୍ଟା ଯୋଗାଇଦିଆଯାଇଥିଲା କିନ୍ତୁ ଦୀର୍ଘ ବର୍ଷ ହେଲା ସେମାନଙ୍କୁ ଜମି ଚିହ୍ନଟ କରି ଦିଆଯାଇନଥିଲା। ହିତାଧିକାରୀମାନେ ଉକ୍ତ ଜମିରେ ଘର କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ମିଞ୍ଜାପାଙ୍କା ଗ୍ରାମବାସୀ ଆମ ଜମି ଆମେ ପୂର୍ବ ପୁରୁଷରୁ ଏହି ଜମି ଆମର ରହିଛି ବୋଲି କହି ସେମାନେ ମେଶିନ ଲଗାଇ ସଫା କରିବା ଆରମ୍ଭ କରିଥିଲେ। ଫଳରେ ସଂଘର୍ଷର ସୂତ୍ରପାତ ହୋଇଥିଲା।

### ତାରାତାରିଣୀ ପୀଠରେ ରନ୍ଧାଖାଦ୍ୟ ପ୍ରସାଦର ପରିମାଣ ବଢ଼ିଲା

ପୁରୁଷୋତ୍ତମପୁର, ୨୫।୭ (ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳି ମା' ତାରାତାରିଣୀଙ୍କ ପୀଠରେ ଭକ୍ତମାନଙ୍କୁ ଏଣିକି ରନ୍ଧାଖାଦ୍ୟ ପ୍ରସାଦ ସ୍ୱଳ୍ପ ମୂଲ୍ୟରେ ମିଳିବ। ମା'ଙ୍କ ପୀଠକୁ ଆସୁଥିବା ସମସ୍ତ ଭକ୍ତ ପ୍ରସାଦ ପାଇବା ନେଇ ଲକ୍ଷ୍ୟ ରଖି ଶୁକ୍ରବାର ଅନୁଷ୍ଠିତ ଏକ ବୈଠକରେ ଏପରି ନିଷ୍ପତ୍ତି ନିଆଯାଇଛି। ଛତ୍ରପୁର ଉପଜିଲାପାଳ ଡ. ଶିବାଶିଷ ବରାଳଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ବିଡିଓ ଶରତ ପାତ୍ର, ଥାନା ଆଇଆଇସି ରାଜେଶ ନାୟକ, ଏନଏସି ନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସେନା, ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଣ୍ଡୀ, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ସୁରେଶ ମିଶ୍ର, ମନ୍ଦିର ଉନ୍ନୟନ କମିଟି ସମ୍ପାଦକ ପ୍ରମୋଦ ପଣ୍ଡାଙ୍କ ସମେତ ସମସ୍ତ ଲାଇନଡିପାର୍ଟମେଣ୍ଟ ଓ ସେବାୟତମାନଙ୍କୁ ନେଇ ଏହି ବୈଠକ ହୋଇଥିଲା। ଏଠାରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପ୍ରତିଷ୍ଠା ହୋଇଥିବା ବିଦ୍ୟୁତ୍‌ଚାଳିତ ଅତ୍ୟାଧୁନିକ ସ୍ୱୟଂଚାଳିତ ରନ୍ଧନ ମେଶିନ ଦ୍ୱାରା ଖାଦ୍ୟ ପ୍ରସ୍ତୁତ ହେବ। ୩୦ ମିନିଟ୍‌ରେ ୩ ହଜାର ଭକ୍ତଙ୍କ ଲାଗି ପ୍ରସାଦ ବ୍ୟବସ୍ଥା ହୋଇପାରିବ। ପ୍ରତ୍ୟେହ ମନ୍ଦିରକୁ ଆସୁଥିବା ପ୍ରାୟ ୧୫ ହଜାର ଭକ୍ତଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରସାଦର ବ୍ୟବସ୍ଥା ରହିଛି। ଏହାର ପ୍ରସ୍ତୁତି ଦାୟିତ୍ୱ ସେବାୟତମାନଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବିଶେଷକରି ଚୈତ୍ର ଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ହୋଇଥିବା ଉପଜିଲାପାଳ କହିଛନ୍ତି।

# ପରିତ୍ୟକ୍ତ ଅବସ୍ଥାରେ ଅଧାପନ୍ତରିଆ ଅଙ୍ଗନୱାଡି କେନ୍ଦ୍ର

ବୁଗୁଡ଼ା, ୨୫।୭ (କାଳିଚରଣ ଦାଶ)



ବୁଗୁଡ଼ା ଏନଏସି ଅନ୍ତର୍ଗତ ୫ନଂ ୱାର୍ଡରେ ଜନସଂଖ୍ୟା ଅନୁସାରେ ଅଙ୍ଗନୱାଡି କେନ୍ଦ୍ର ନାହିଁ। ଏଠାରେ ମାତ୍ର ଗୋଟିଏ ରହିଛି। ଏହି କେନ୍ଦ୍ରଟି ଅସଂପୂର୍ଣ୍ଣ ଥିବାରୁ କେନ୍ଦ୍ର ୬ନଂ ୱାର୍ଡରେ ଚାଲୁଛି। ୫ ନଂ. ୱାର୍ଡରେ ଅଙ୍ଗନୱାଡି କେନ୍ଦ୍ର ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ ହୋଇଥିଲେ ମଧ ମଧ ସେଠାରେ ପାଣି, ଶୌଚାଳୟ ବ୍ୟବସ୍ଥା ନାହିଁ। କେବଳ ବାହାର କବାଟ ବ୍ୟତୀତ ଭିତରେ କୌଣସି କବାଟ ଝରକା ଲାଗିନି। ଏତେ କାର୍ଯ୍ୟ ବାକି ଥିଲେ ସୁଦ୍ଧା ନିର୍ମାଣ ଦାୟିତ୍ୱ ନେଇଥିବା ବ୍ୟକ୍ତି ବିଲ୍ କରି ସବୁ ଟଙ୍କା ଉଠାଇ ନେଇଛନ୍ତି। ୬ନଂ. ୱାର୍ଡର ପ୍ରାଥମିକ ବିଦ୍ୟାଳୟର ଉପର ମହଲାରେ ଚାଲୁଥିବା ଏହି ଅଙ୍ଗନୱାଡି କେନ୍ଦ୍ରକୁ ଛୋଟ ଶିଶୁମାନେ ଉପର ମହଲାକୁ ଯିବାରେ ସମସ୍ୟା ଉପୁଜୁଛି। ଶିଡିରୁ କେହି କେବେ ପଡିଯିବାର ଆଶଙ୍କା ରହିଛି। ୫ ନଂ ୱାର୍ଡରୁ ୬ନଂ ୱାର୍ଡକୁ ଆସିବାକୁ ହେଲେ ମୁଖ୍ୟ ସଡ଼କ ପାରି ହୋଇ ଆସିବାକୁ ହେଉଥିବାରୁ ଅଧିକାଂଶ ଅଭିଭାବକ ସେମାନଙ୍କ ଶିଶୁଙ୍କୁ ଅଙ୍ଗନୱାଡି କେନ୍ଦ୍ରକୁ ଛାଡିବାକୁ ରାଜି ହେଉନାହାନ୍ତି। ବର୍ତ୍ତମାନ ପୁରୁଣା ବାଲିପିଣ୍ଡି ସାହି କେନ୍ଦ୍ର ଅଧୀନରେ ଆସୁଥିବା ଏହି ୱାର୍ଡରେ ଅଙ୍ଗନୱାଡି କର୍ମୀ ସେବା ଯୋଗାଇବା କଷ୍ଟକର ହେଉଛି। ଗର୍ଭବତୀଙ୍କ ଟିକାକରଣ, ଶିଶୁ ଖାଦ୍ୟ ବଣ୍ଟନ, କିଶୋରୀ ବାଳିକାଙ୍କ ଯତ୍ନ, ଶିଶୁଙ୍କ ପାଠ ପଢା ଆଦରେ ବାଧା ଉପୁଜୁଛି। ତୁରନ୍ତ ନୂତନ ଭାବେ ନିର୍ମିତ କୋଠାରେ ବଳକା ଥିବା କାର୍ଯ୍ୟ ଶେଷ କରି ସେଠାରେ ଉକ୍ତ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ କରିବା ଏବଂ ଜନସଂଖ୍ୟା ଭିତ୍ତିରେ ଆଉ ଦୁଇଟି ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ସିଡିପିଓ ବବିତା ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ସେ ଏ ସମ୍ପର୍କରେ ବୁଗୁଡ଼ା ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିର୍ବାହୀ ଅଧିକାରୀ ଯାହା ପଦକ୍ଷେପ ନେବେ।

## ଜୁଆ ଆଡ୍ଡାରେ ଚଢ଼ାଉ : ୧୮ ଗିରଫ

ଜଗନ୍ନାଥ ପ୍ରସାଦ,୨୫।୭(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ଥାନା ପୋଲିସ ଗୁରୁବାର ମଧ୍ୟ ରାତିରେ ଖାଡ଼ଭୂମି ପଞ୍ଚାୟତ ବରକୋଲିଆ ଅଞ୍ଚଳର ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୧୮ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୪ ଲକ୍ଷ ୪ ହଜାର ୩୪୦ ଟଙ୍କା ଓ ୧୮ଟି ମୋବାଇଲ ଫୋନ ଦୁଇଟି କାର, ୫ଟି ବାଇକ୍ ଓ ୧୩ଟି ପ୍ଲେଇଂ କାର୍ଡ ଜବତ ହୋଇଛି। କେସ୍ ନଂ.୩୩୩/୨୫ରେ ମାମଲା ରୁଜୁ କରି ଜଗନ୍ନାଥ ପ୍ରସାଦ ପୋଲିସ ତଦନ୍ତ ଚଳାଇଛି। ଜୁଆଖେଳର ମୁଖ୍ୟ କୁହାଯାଉଥିବା ଖାଡ଼ଭୂମି ପଞ୍ଚାୟତ ସମିତିସଭ୍ୟ ତଥା ମହୁଲପଲ୍ଲୀ ଗ୍ରାମର ଅନୁପ ଭୂୟାଁଙ୍କ ସମେତ ବୁଗୁଡ଼ା ଗ୍ରାମର ପଦ୍ମଚରଣ ଦାସ, ସୂର୍ଯ୍ୟ ବେହେରା, ଆନନ୍ଦ ପାତ୍ର, ରାଜେନ୍ଦ୍ର ପ୍ରଧାନ, ବେତାରସିଂ ଗ୍ରାମର ବାବାଜୀ ବିଶୋଇ, ମନୋଜ ଦାସ, ରବି ଦଳେଇ, କଲ୍ୟାଣୀପୁରର ବସନ୍ତ ଦୁଆରୀ, କରସିଙ୍ଗ ଗ୍ରାମର ରିଙ୍କୁ ବାରିକ, ପୋଲସରା ବ୍ଲକ ସୋଡ଼କ ଗ୍ରାମର ଶଙ୍କର ସାହୁ, ସାଲୁ ପ୍ରଧାନ, ଆଲୋକ ସାହୁ, ରକି ବିଶ୍ୱାଳ, ଢୁଙ୍କାପଡା ଗ୍ରାମର ଚନ୍ଦ୍ରଶେଖର ଗୌଡ଼, ବେଲଗୁଣ୍ଠା ବ୍ଲକ ନେଟେଙ୍ଗା ଗ୍ରାମର ବାପି ଲେଙ୍କା, ଜଗନ୍ନାଥପ୍ରସାଦ ବ୍ଲକ ପଟ୍ଟାଧାର ଗ୍ରାମର ବିପ୍ର ଚରଣ ବେହେରା, ସୋରିଷମୁଳି ଗ୍ରାମର ଅତ୍ତାପ କୁମାର ସ୍ୱାଇଁଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଚଢାଉ ଟିମରେ ଜଗନ୍ନାଥ ପ୍ରସାଦ ଆଇଆଇସି ପ୍ରମୋଦ ଲେଙ୍କା, ବେଲଗୁଣ୍ଠା ଆଇଆଇସି ରେବତୀ ଶବର, ଭଞ୍ଜନଗର ଆଇଆଇସି ଜୀବନାନନ୍ଦ ଜେନାଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

# କାମରେ ଆସୁନି ଭେଣ୍ଡିଂ ଜୋନ୍

ପାରଳାଖେମୁଣ୍ଡି,୨୫।୭ (ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡି ପୌର ପରିଷଦରେ ଟ୍ରାଫିକ ସମସ୍ୟା ଏବଂ ଉଠା ଦୋକାନୀଙ୍କୁ ଥଇଥାନ କରିବାକୁ ୨୦୨୨ରେ ୧ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟରେ ପୌର ପରିଷଦ ଦୁଇଟି ସ୍ଥାନରେ ଭେଣ୍ଡିଂ ଜୋନ୍ ନିର୍ମାଣ କରିଥିଲା। ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏହି ଭେଣ୍ଡିଂ ଜୋନ୍ ଲୋକଙ୍କ କାମରେ ଆସିନି। ଫଳରେ ଏଥିରେ ବ୍ୟୟ ହୋଇଥିବା ଦେଢ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପାଣିରେ ପଡିଛି। ଏବେ ଏହି ଭେଣ୍ଡିଂ ଜୋନ୍ ସ୍ଥଳ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ପୌର ପରିଷଦ ୨୦୨୨ରେ ଉଠା ଦୋକାନୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ମୁକ୍ତା ଯୋଜନାରେ ପାରଳାଖେମୁଣ୍ଡି ସହରର ହାଟପଦା ଏବଂ ମେଡିକେଲ ଛକ ନିକଟରେ ୧୪୪ଟି ଦୋକାନ ଗୃହ (ଭେଣ୍ଡିଂ ଜେନା) ନିର୍ମାଣ କରିଥିଲା।


ବନ୍ଦ ହୋଇ ପଡିଥିବା ନିର୍ମିତ ଭେଣ୍ଡିଂ ଜୋନ୍।

ଗୋଟିଏ ଦୋକାନ ଗୃହ ନିର୍ମାଣ ପାଇଁ ପୌର ପରିଷଦ ୧ ଲକ୍ଷ ୭ ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରିଥିଲା। ଇତି ମଧ୍ୟରେ ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଦୋକାନ ଗୃହ ପାଇଁ ଆବେଦନ କରିଥିବା ବ୍ୟବସାୟୀଙ୍କୁ ଏହା ମିଳିପାରିନାହିଁ। ତିନି ବର୍ଷ ହେଲା ବନ୍ଦ ରହିଥିବା ଏହି ଦୋକାନ ଗୃହଗୁଡିକ ଏବେ ଭାଙ୍ଗିରୁଜି ଗଲାଣି। ଏଥିପ୍ରତି ପୌର ପରିଷଦର ନଜର ନାହିଁ। ବ୍ୟବସାୟୀମାନେ ପୂର୍ବରୁ ଯେପରି ରାସ୍ତାକଡରେ ବ୍ୟବସାୟ କରୁଥିଲେ ସେପରି କରୁଛନ୍ତି। ସହରର ଟ୍ରାଫିକ ସମସ୍ୟା ମଧ୍ୟ ସୁଧୁରିପାରିନାହିଁ। ଏନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କୁ ପଚାରିବାରୁ ସେ କହିଲେ,

### ପାଣିରେ ପଡିଲା ୧ କୋଟି ୫୨ ଲକ୍ଷ

୪ ଦିନ ତଳେ ଭେଣ୍ଡିଂ ଜୋନ ସକାଶେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଯେଉଁ ବ୍ୟବସାୟୀ ଏହା ପାଇବାକୁ ଯୋଗ୍ୟ ବିବେଚିତ ହେବେ ସେମାନଙ୍କୁ ଦୋକାନ ଗୃହ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଏହାକୁ ନେଇ କାଉନସିଲର ବାଳକୃଷ୍ଣ ପାତ୍ର ଓ ବିଭୂତି ଭୂଷଣ ବେହେରା ଅସନ୍ତୋଷ ପ୍ରକାଶ କରିଛନ୍ତି। ଉଭୟେ କହିଛନ୍ତି ଯେ, ଏହି ବିଜ୍ଞପ୍ତି କାଉନସିଲରଙ୍କ ବିନା ଅନୁମତିରେ ପ୍ରକାଶ କରାଯାଇଛି। ଦୀର୍ଘ ଦିନ ଧରି ବିଭିନ୍ନ ବିବାଦ ପରେ ବର୍ତ୍ତମାନ ତରତରିଆ ଭାବେ ୭୬ ଜଣ ହିତାଧିକାରୀଙ୍କୁ ଲଟେରୀ ମାଧ୍ୟମରେ ଦୋକାନ ଗୃହ ପ୍ରଦାନ ନେଇ ପ୍ରକାଶିତ ବିଜ୍ଞପ୍ତି ପଛରେ ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ସେମାନେ କହିଛନ୍ତି।

## ପାହାଡ଼ ରାସ୍ତାରେ ବର୍ଷାପାଣି ଅସୁବିଧାର ସମ୍ମୁଖୀନ ରାଡ଼ାବାଲିବାସୀ

ରାଇକିଆ,୨୫।୭ (ପ୍ରଦୀପ ବେହେରା)



ରାଇକିଆ ବ୍ଲକର ସୁଗଡବଡି ପଞ୍ଚାୟତର ରାଡ଼ାବାଲିବାସୀଙ୍କ ପାହାଡ଼ିଆ ରାସ୍ତା ଦୁଃଖ ପାଲଟିଛି। ବର୍ଷାପାଣି ପାହାଡ଼ିଆ ପାଦଚଲା ରାସ୍ତାରେ ପ୍ରବାହିତ ହେଉଥିବାରୁ ବିପଦ ପୂର୍ଣ୍ଣ ଅବସ୍ଥାରେ ଗ୍ରାମବାସୀ ଯାତାୟାତ କରୁଛନ୍ତି। ୨୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଏହି ଗାଁ ପାଇଁ ବଡ଼ ସମସ୍ୟା ସାଜିଛି ରାସ୍ତା। ବିଭିନ୍ନ କାର୍ଯ୍ୟରେ ଗ୍ରାମବାସୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ହେଲେ ୨ କିଲୋମିଟର ପଥୁରିଆ ପାଦଚଲା ରାସ୍ତାରେ ପାହାଡ଼ ଉପରୁ ଖସି ଆସିବାକୁ ପଡ଼ିଥାଏ। ଛାତ୍ରୀଛାତ୍ରମାନେ ମଧ୍ୟ ବର୍ଷାରେ ଦିନରେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। କିଛି ଦିନ ହେଲା ରାସ୍ତାରେ ପାଣି ଥିବାରୁ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିଛି ।

## ବନ୍ଧୁତା କରି ୪୨ ଲକ୍ଷ ଠକେଇ

ବ୍ରହ୍ମପୁର,୨୫।୭,( ସୁବାସ ଚନ୍ଦ୍ର ପାଢ଼ୀ):

ବିଭିନ୍ନ ଉପାୟରେ ବନ୍ଧୁତା ଓ ଚିହ୍ନା ପରିଚିତ ଥିବା ବ୍ୟକ୍ତିଙ୍କୁ ମାୟାଜାଲରେ ଫସାଇ ୪୨ ଲକ୍ଷ ଟଙ୍କା ଜଣେ ବ୍ୟକ୍ତି ଠକି ନେଇଛନ୍ତି। ସମାନ ଢଙ୍ଗରେ ସେ ୩ଜଣଙ୍କଠାରୁ ଟଙ୍କା ଠକି ନେଇଛନ୍ତି। ଏନେଇ ଥାନାରେ ପୃଥକ୍ ଭାବେ ୩ଟି ମାମଲା ରୁଜୁ ହୋଇଛି। ପୋଲିସ ଘଟଣାରତଦନ୍ତ କରୁଛି। ଘଟଣାରୁ ପ୍ରକାଶ ଯେ, ପଞ୍ଚଦେଉଳ ସାହିର କିଶୋର କୁମାର ପାତ୍ର ନାମକ ଜଣେ ବ୍ୟବସାୟୀଙ୍କ ସହ ଗଣେଷନଗରରେ ରହୁଥିବା ବ୍ୟକ୍ତିଙ୍କ ସହ ଚିହ୍ନା ପରିଚିତ ରହିଥିଲା । କୌଣସି କାର୍ଯ୍ୟ ପାଇଁ ୨୦୨୫ ଫେବୃଆରୀରେ କିଶୋରଙ୍କଠାରୁ ସେ ୨୫ ଲକ୍ଷ ଟଙ୍କା ଧାର ନେଇଥିଲେ । ୨/୩ ମାସ ଭିତରେ ସମସ୍ତ ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏପରିକି ଉଭୟ ପକ୍ଷଙ୍କ ମଧ୍ୟରେ ଚୁକ୍ତିନାମା ହେବା ସହ ସଂପୃକ୍ତ ବ୍ୟକ୍ତି ଜଣଙ୍କ ବ୍ୟାଙ୍କ ଚେକ ମଧ୍ୟ ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ସୀମା ସରିବା ପରେ ମଧ୍ୟ ସେ ଧାର ନେଇଥିବା ଟଙ୍କା ଫେରାଇ ନ ଥିଲେ। ଏ ବିଷୟରେ ତାଙ୍କୁ ପଚାରିବାରୁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ସେହିପରି ପ୍ରେମନଗର ୭ମ ଲାଇନର ମହିଳା ଏମ କ୍ରିଷ୍ଣା ପ୍ରିୟାଙ୍କଠାରୁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଫେବୃଆରୀରେ ୫ ଲକ୍ଷ ଟଙ୍କା ଧାର ନେଇଥିଲେ। ସେ ଉକ୍ତ ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇ ବ୍ୟାଙ୍କ ଚେକ ଦେଇଥିଲେ । ଟଙ୍କା ନ ଫେରାଇବାରୁ ମହିଳା ଜଣଙ୍କ ଉକ୍ତ ଚେକ ବ୍ୟାଙ୍କରେ ଜମା କରିବା ପରେ ସେଥିରେ ଟଙ୍କା ନ ଥିବା ଜଣାପଡିଥିଲା । ମହିଳା ଜଣଙ୍କ ଟଙ୍କା ମାଗିଲେ ଜୀବନରେ ମାରିଦେବାକୁ ସେ ଧମକ ଦେଇଥିଲେ । ସେହିପରି କ୍ରିଷ୍ଣାପେଟା ସାହିର ବ୍ୟବସାୟୀ ପ୍ରଶାନ୍ତ ଦାସ ଓ ସଂପୃକ୍ତ ବ୍ୟକ୍ତି ମଧ୍ୟରେ ପୂର୍ବରୁ ପରିଚୟ ରହିଥିଲା। ସେହିକ୍ରମରେ ଗତ ଫେବୃଆରୀରେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ୧୨ ଲକ୍ଷ ଟଙ୍କା ଧାର ନେଇଥିଲେ। ସମୟ ଅବଧି ପରେ ଟଙ୍କା ଫେରସ୍ତ କରି ନ ଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ପ୍ରଶାନ୍ତ ମଧ୍ୟ ବଡବଜାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ କର୍ମଶାଳା ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ଗୋପାଳପୁର,୨୫।୭(ନବୀନ ରାଜ ଆଚାରୀ)

ବ୍ରହ୍ମପୁର ଉପକଣ୍ଠ ପାଲୁର ହିଲ ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ ଓ ବ୍ୟବସାୟରେ ଆଧାରିତ ସିଦ୍ଧାନ୍ତ ଗ୍ରହଣ ଅର୍ନ୍ତଦୃଷ୍ଟିରୁ ପ୍ରଭାବ ପର୍ଯ୍ୟନ୍ତ ଶୀର୍ଷକ କର୍ମଶାଳା ଉଦ୍‌ଯାପିତ ହୋଇଛି। ୩ଦିନ ଧରି ଏଆଇସିଟିଇ ପ୍ରଶିକ୍ଷଣ ଏକାଡେମୀରେ ଚାଲିଥିବା ଏହି କର୍ମଶାଳାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲା ଓ ଦୌରାଜକ୍ ବିଶ୍ୱଜିତ ଦାସ, ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ଡ.କୁଳମଣି ଓଝା, ଅନ୍ୟତମ ଅତିଥି ଭାବେ ହିଣ୍ଡାଲୋକୋ ଇଣ୍ଡଷ୍ଟ୍ରି ଲିମିଟେଡ଼ର ଡ଼.ଲୋପାମୁଦ୍ରା ପ୍ରିୟଦର୍ଶୀ ଯୋଗ ଦେଇଥିଲେ। ନିଷ୍ଟ ପ୍ରତିଷ୍ଠାତା ଡ.ସୁକାନ୍ତ ମହାପାତ୍ର, କୁଳପତି ଡ଼.ପ୍ରିୟଦର୍ଶନ ପାତ୍ର, ଏକାଡେମିକ୍ ଡିନ୍ ଡ଼.ପି.ରାଜେଶ କୁମାର ମଞ୍ଚାସୀନ ଥିଲେ। ମ୍ୟାନେଜମେଣ୍ଟ ଷ୍ଟଡିଜ୍ ବିଭାଗର ମୁଖ୍ୟ ପ୍ରଫେସର ଡ.ପ୍ରମଥନାଥ ଆଚାର୍ଯ୍ୟ, ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଡ.ସୌରେନ ମିଶ୍ର, ସଂଯୋଜକ ଡ. ଆକାଂକ୍ଷା ପଟ୍ଟନାୟକ, ସହ ସଂଯୋଜକ ଡ. ପ୍ରଜାପତି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ଡ଼.ସଚ୍ଚିଦାନନ୍ଦ ଦେହୁରୀ, ମୁଖ୍ୟବକ୍ତା ଭାବେ ରୋଲାଣ୍ଡ ଅନୁଷ୍ଠାନର ଅଧ୍ୟକ୍ଷ ଡ଼.ଗୁଣମଣି ଜେନା ଏବଂ ନିଷ୍ଟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ.ଅନ୍ୱେସେତା ପାଣିଗ୍ରାହୀ, ପ୍ରଫେସର ସୁଜିତ ରାଉତ, ପ୍ରଫେସର ଆକାଂକ୍ଷା, ପ୍ରଫେସର ପ୍ରଜ୍ଞା ପରମିତା ସାମନ୍ତ ଏବଂ ଡ. ଅଶ୍ୱିନୀ ଖୁଣ୍ଟିଆ ପରିଚାଳନା କରିଥିଲେ। ୭୦ରୁ ଉର୍ଦ୍ଧ୍ୱ ଅଧାପିକା ଅଧାପକ ଉପସ୍ଥିତ ଥିଲେ।

### ଛାତ୍ରୀ ନିବାସରେ ୨୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଝାଡାବାନ୍ତିରେ ଆକ୍ରାନ୍ତ

ମୋହନା,୨୫।୭(ମନ୍ମଥ ମିଶ୍ର)–

ଗଜପତି ଜିଲ୍ଲା ମୋହନା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀ ନିବାସରେ ୨୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ଗତ କିଛି ଦିନ ହେଲା ଛାତ୍ରୀ ମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଛାତ୍ରୀନିବାସ କର୍ତ୍ତୃପକ୍ଷ ସେମାନଙ୍କୁ ମୋହନା ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଛାତ୍ରୀମାନଙ୍କୁ ସେମାନଙ୍କ ଅଭିଭାବକ ନିଜ ଘରକୁ ନେଇଯାଇଥିବା ଛାତ୍ରୀନିବାସ ପରିଚାଳିକା ସୁନିତା ପ୍ରଧାନ କହିଛନ୍ତି। ଗୁରୁବାର ଗୁରୁତର ଅସୁସ୍ଥ ଥିବା ନବମ ଶ୍ରେଣୀର ଛାତ୍ରୀ ଦୁର୍ଗାପେଟା ଗାଁର ଜାନକୀ ମଲ୍ଲିକ ମୋହନା ମେଡିକାଲରେ ଭର୍ତ୍ତି ହେବା ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିବାରୁ ଶୁକ୍ରବାର ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଛାତ୍ରୀମାନେ ଝାଡାବାନ୍ତିରେ ଆକ୍ରାନ୍ତ ହେଲେ ତାହା ଅନୁଧ୍ୟାନ କରାଯାଉ ଥିବା ମୋହନା ମେଡିକାଲ ଡାକ୍ତର ସମୀର ତ୍ରିପାଠୀ କହିଛନ୍ତି।

## ସୁନାନ୍ତର ଛକରେ ବୋମାଡ଼: ୨ ଗୁରୁତର ୪ ବୋମା ଫିଙ୍ଗି ଗାଳିଗୁଲଜ କରି ଚାଲିଗଲେ ଦୁର୍ବୃତ୍ତ

ଶେରଗଡ଼୨୫।୭(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲ୍ଲା ଶେରଗଡ଼ ଥାନା ଅନ୍ତର୍ଗତ ସୁନାନ୍ତର ଗ୍ରାମ ଛକରେ ଶୁକ୍ରବାର ପ୍ରାୟ ରାତି ୮ଟାରେ ବୋମାମାଡ଼ ହୋଇଛି। ଏଥିରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କାଳିଆ ଜେନା ଓ ମନୁ ଜେନା। କାଳିଆ ତାଙ୍କ ଘର ସମ୍ମୁଖରେ ଥିବା ପୋଖରୀ କଡରେ ଏକ ଚଉକିର ରେ ବସିଥିବା ବେଳେ ସେଠାରେ ମନୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ହଠାତ୍ ଗାଡିରେ ଆସି କାଳିଆଙ୍କ ଉପରକୁ ବୋମାମାଡ଼ କରିଥିଲେ। ବୋମା କାଳିଆ ଜେନା ଓ ମନୁ ଜେନାଙ୍କ ଦେହରେ ବାଜିଥିଲା। ଫଳରେ ଉଭୟେ ଗୁରୁତର ହୋଇଥିଲେ। ସେମାନଙ୍କୁ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟେ ସେଠାରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ଶେରଗଡ଼ ଥାନା ଏଏସ୍‌ଆଇ କୃଷ୍ଣଚନ୍ଦ୍ର ଦାଶ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। କିଏ କାହିଁକି ଆସି ବୋମାମାଡ କଲା ତାହା ଅସ୍ପଷ୍ଟ ରହିଛି। ତଦନ୍ତ ପରେ ଜଣାପଡ଼ିବ ବୋଲି ଏଏସ୍‌ଆଇ କୃଷ୍ଣଚନ୍ଦ୍ର ଦାଶ କହିଛନ୍ତି। ଖବରପାଇ ଏସପି ଓ ଏସଡିପିଓ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି।

## ଗ୍ୟାସ ନିଆଁ ରେ ଜଳିଗଲେ ମହିଳା

ଦିଗପହଣ୍ଡି,୨୫।୭(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମର ବି.ଜାନକୀ ପାତ୍ର(୫୫) ଶୁକ୍ରବାର ସନ୍ଧ୍ୟାରେ ଘରେ ରୋଷେଇ କରୁଥିବା ବେଳେ ଅସାବଧାନତା କାରଣରୁ ଗ୍ୟାସ ଚୁଲା ନିଆଁରେ ଅର୍ଦ୍ଧଦଗ୍ଧ ହୋଇଥିବା ଖବର ମିଳିଛି।ସନ୍ଧ୍ୟା ସାଢେ ୬ ଟାରେ ଜାନକୀ ରୋଷେଇ କରୁଥିବା ବେଳେ ହଠାତ୍ ଗ୍ୟାସ ପାଇପ ଫାଟି ଯାଇଥିଲା। ଫଳରେ ଜାନକୀ ଜଳିଯାଇଥିଲେ। ସାହି ପଡୋଶୀ ତାଙ୍କୁ ତତ୍କାଳ ଉଦ୍ଧାର କରି ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ମା'ପୁଅଙ୍କୁ ବନ୍ଧୁକ ଦେଖାଇ ୩ ଲକ୍ଷ ଲୁଟ

ଆସିକା,୨୫।୭(ସୁରେନ୍ଦ୍ର ନାଥ ସାହୁ):

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଦେବଭୂମି–ରିଷିପୁର ରାସ୍ତାରେ ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ବାଇକ୍‌ରେ ଯାଉଥିବା ମା'ପୁଅଙ୍କଠାରୁ ଟଙ୍କା ଲୁଟ ହୋଇଛି। ୪ ଦୁର୍ବୃତ୍ତ ବନ୍ଧୁକ ଓ ଛୁରି ଦେଖାଇ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ରିଷିପୁର ଗ୍ରାମର ସବିତା ବେହେରା ନିରାଳସ୍ଥିତ ମା ମହାଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଭ୍ୟା। ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ ଲାଗି ଆସିକା ୟୁନିଅନ ବ୍ୟାଙ୍କରୁ ୩ଲକ୍ଷ ଟଙ୍କା ଉଠାଣ ହୋଇଥିଲା । ଗ୍ରୁପର ଅନ୍ୟ ସଦସ୍ୟମାନଙ୍କ କହିବା ପ୍ରକାରେ ସବିତା ଉକ୍ତ ଟଙ୍କା ଧରି ତାଙ୍କ ପୁଅ ବିକ୍ରମଙ୍କ ସହ ବାଇକ୍‌ରେ ଗାଁକୁ ଆସୁଥିଲେ। ସେମାନଙ୍କୁ ୨ଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ପିଛା କରି ବାଟରେ ଅଟକାଇଥିଲେ । ଦୁର୍ବୃତ୍ତ ରାସ୍ତାକଡକୁ ବାଇକ୍ ଠେଲିଦେବା ସହ ଗାଡିର ଚାବି ନେଇଯାଇ ମା'ପୁଅଙ୍କୁ ବନ୍ଧୁକ ଓ ଛୁରି ଦେଖାଇ ଭୟଭୀତ କରିଥିଲେ। ପରେ ସବିତା ଧରିଥିବା ଟଙ୍କା ବ୍ୟାଗ ଲୁଟି ନେଇ ଚମ୍ପଟ ମାରିଥିଲେ । ଦୁର୍ବୃତ୍ତମାନେ ହେଲ୍‌ମେଟ ପିନ୍ଧିବା ସହ ମୁହଁରେ କଳାକନା ବାନ୍ଧିଥିବା ସବିତା କହିଛନ୍ତି। ଖବରପାଇ ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ଥାନା ଅଧିକାରୀ କୁଳମଣି ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରାତି ସୁଦ୍ଧା ଲୁଟେରାଙ୍କ କୌଣସି ସୁରାକ୍ ମିଳିପାରିନାହିଁ।

# ଆଜିଠୁ ୱାଟର ପାର୍କ ବନ୍ଦ, ଦଶହରା ସମୟକୁ ଖୋଲିବ

ଭଞ୍ଜନଗର,୨୫।୭(ବାବୁଲା ପ୍ରଧାନ)

ରାଜ୍ୟର ଏକମାତ୍ର ସରକାରୀ ୱାଟର ପାର୍କ ଗଞ୍ଜାମ ଜିଲା ଭଞ୍ଜନଗର ଜଳସମ୍ପଦ ବିଭାଗ ଅଧୀନରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ରହିଛି। ଆଜକୁ କିଛିଦିନ ହେବ ଭଞ୍ଜନଗର ଅଞ୍ଚଳରେ ବର୍ଷା ଯୋଗୁ ୱାଟର ପାର୍କରେ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି। ଫଳରେ ପାର୍କ କ୍ଷତି ସହୁଛି। ତେଣୁ ପାର୍କ କର୍ତ୍ତୃପକ୍ଷ ଶୁକ୍ରବାରଠାରୁ ୱାଟର ପାର୍କ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖିଛନ୍ତି। ପାଗ ଭଲ ହେଲେ ଦଶହରା ପୂଜା ବେଳକୁ ୱାଟରପାର୍କ ଖୋଲିବ ବୋଲି କୁହାଯାଇଛି। ବର୍ତ୍ତମାନ ଦିନକୁ ୨ଶହ ପର୍ଯ୍ୟଟକ ୱାଟର ପାର୍କକୁ ଯିବାର ବ୍ୟବସ୍ଥା ହୋଇଛି। ମାତ୍ର ବର୍ଷା ଋତୁ ପୂର୍ବରୁ ୱାଟର ପାର୍କରେ ପ୍ରବଳ ଭିଡ଼ ହେଉଥିଲା। ଦଶହରା ସମୟରେ ପାର୍କ ଖୋଲିଲେ ପ୍ରବଳ ଭିଡ଼ ହେବ। ଏହାକୁ ଦୃଷ୍ଟିରେ ରଖି ୨ଶହ ବଦଳରେ ୪ଶହ ପର୍ଯ୍ୟଟକ ୱାଟର ପାର୍କକୁ ଯିବା ଭଳି ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏନେଇ ୱାଟର ପାର୍କ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ପ୍ରହ୍ଲାଦ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ବର୍ତ୍ତମାନ ବର୍ଷା ପାଇଁ ପର୍ଯ୍ୟଟକ ଆସୁନାହାନ୍ତି। ବର୍ଷା ଛାଡ଼ିବା ପରେ ଦଶହରା ପୂର୍ବରୁ ପାର୍କ ଖୋଲାଯିବ। ଅଧିକ ଲୋକ ଯେଭଳି ୱାଟର ପାର୍କରେ ମନୋରଞ୍ଜନ କରିପାରିବେ ସେନେଇ ପଦକ୍ଷେପଗ୍ରହଣ କରାଯିବ।

# ଶିକ୍ଷକ, ଅଣ ଶିକ୍ଷକମାନଙ୍କ ସହ ଆଲୋଚନା

### ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ନାକ ଟିମ

ବ୍ରହ୍ମପୁର, ୨୫।୭(ସୁବାସ ଚନ୍ଦ୍ର ପାଢ଼ୀ)

ନାକ୍ ଟିମ ବୁଧବାର ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଗସ୍ତରେ ଆସିଥିଲେ। ନାକ୍ ମାନ୍ୟତା ହାସଲ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ତଥ୍ୟ ପ୍ରଦାନ କରାଯାଇଛି। ଶୁକ୍ରବାର ନ୍ୟୁ କନଫେରାନ୍ସ ହଲରେ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀମାନଙ୍କ ସହ ନାକ୍ ଟିମ୍‌ରେ ଆସିଥିବା ଦୁଇ ସଦସ୍ୟ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜେଶ କୁମାର, କଲିକତାର କଳ୍ପତରୁ ବନ୍ଦୋପାଧ୍ୟାୟ ସେମାନଙ୍କ ସହ ଆଲୋଚନା କରିଥିଲେ । ପରେ ଟିମ୍ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୋଷ୍ୟଗ୍ରାମ ଅନ୍ତରବାଟିଆ ଗ୍ରାମକୁ ଯାଇ ସେଠାର ଲୋକଙ୍କ ସହ ଆଲୋଚନା ମଧ୍ୟ କରିଥିଲେ । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ,ଆଇ କ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତ ସମସ୍ତ ବିଷୟର ତଥ୍ୟ ଉପସ୍ଥାପନ କରିଥିଲେ । ପରେ ସଂଗ୍ରହ କରିଥିବା ତଥ୍ୟଗୁଡ଼ିକର ନଥିପତ୍ରକୁ ନେଇ ଉଭୟପକ୍ଷ ମଧ୍ୟରେ ସ୍ୱାକ୍ଷର କରି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଥିଲା । ଏସବୁ କାର୍ଯ୍ୟକ୍ରମର ଅନଲାଇନ ମାଧ୍ୟମରେ ନାକ୍ ଟିମରେ ଥିବା ଅନ୍ୟ ସଦସ୍ୟ ଦୀପକ କୁମାର ନାୟକ, ପ୍ରଫେସର ଚନ୍ଦ୍ରକାନ୍ତ ଏମ ୟାତନୋର,ପ୍ରଫେସର ଦିବ୍ୟ ଚନସୋରିୟା, ପ୍ରଫେସର ଜେ.ବି.ଦାହିଆ ରହି ସମସ୍ତ ବିଷୟ ତର୍ଜମା କରି ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ଯାହା ସମସ୍ୟା ରହିଛି ସେସବୁ ସମାଧାନ କରିବେ ବୋଲି କୁଳପତି କହିଥିଲେ । ଏହି ବୈଠକରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ,ପରିଦର୍ଶନରେ ଆସିଥିବା ନାକ୍ ଟିମର ଦୁଇ ସଦସ୍ୟଙ୍କ ସମେତ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତ, ଆଇ କ୍ୟୁଏସିର ଯୁଗ୍ମ ନିର୍ଦ୍ଦେଶକ ଲକ୍ଷ୍ମୀଧର ରାଉତ, ଯୁଗ୍ମ କୁଳସଚିବ ଡ଼.ବାବୁଜୀ ସାମଲ, ସହକୁଳସଚିବ ଡ଼.ସରୋଜ ଦାଶ, ପରୀକ୍ଷା ନିୟନ୍ତ୍ରକ ଡ଼.ସତ୍ୟ ନାରାୟଣ କୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗତଥର କୋଭିଡ ସମୟରେ ସଠିକ ତଥ୍ୟ ଅପଲୋଡ଼ ହୋଇ ନ ଥିବାରୁ ନାକ୍ ମାନ୍ୟତା 'ବି' ଗ୍ରେଡ଼ ପାଇଥିଲା । କୁଳପତି ପ୍ରଫେସର ଦାଶ ଏହାକୁ ଗୁରୁତର ସହ ନେଇ ନାକ୍ ଭଲ ମାନ୍ୟତା ପାଇବା ପାଇଁ ଚେଷ୍ଟା ଜାରି ରଖିଥିଲେ । ବିଶ୍ୱବିଦ୍ୟାଳୟ ପୂର୍ବରୁ ରହିଥିବା ନାକ୍ 'ଏ' ଗ୍ରେଡ଼ କିମ୍ବା 'ଏ' ପ୍ଲସ ମାନ୍ୟତା ପାଇବ ବୋଲି ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଶା ରଖିଛନ୍ତି।


**OFFICE OF THE ENGINEER-IN-CHIEF (CIVIL) ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATION FOR BIDS**
E-mail ID:cebuildings_orissa@yahoo.co.in, cebuildings@rediffmail.com Tel.-(0674)-2391523
File No.B-I-SD&TE-(ITI)-12/2024 Lr.No.27848 Bhubaneswar,the 16th July,2025
**Invitation For Bids**
No.B-323: Bid Identification No.CE (B)- 17/2025-26

| | | | |
|---|---|---|---|
| 1. | The Chief Engineer (Buildings-II), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work, **"Construction of Academic-cum-Workshop Buildings (GF, FF, SF) in respect of New Govt. I.T.I. Lakhanpur, Jharsuguda District"** as detailed below. | | |
| 2. | Nature of Work | : | **Building work** |
| 3. | No. of Work | : | **01 No.** |
| 4. | Bid Cost | : | **Rs.10,000/- (Each)** |
| 5. | Class of Contractor | : | **'A'/ Special Class** |
| 6. | Availability of Bid documents in the website | : | **From dt.29.07.2025 to 17.00 Hours of dt.14.08.2025** |
| 7. | Date of Opening of Bid | : | **Dt.16.08.2025 at 11.30 AM** |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

**Sd./- Chief Engineer (Buildings-II), Odisha, Bhubaneswar**
OIPR-34117/11/0123/2526

**CORRIGENDUM NOTICE**
No. i-241: In reference to the Tender Call Notice No. 01/BDOBNRPL/ANGUL/2025-26 published by the Panchayat Samiti Office, Banarpal, the following corrections and modifications are hereby made:
1. In the column "Class of Bidder" for Sl. No. **1 to 5**, the class has been mistakenly printed as 'C & B'. It should be read as **'C & D'** instead.
2. The last date of sale of tender paper is extended to **06.08.2025 upto 5 P.M.** instead of 28.07.2025.
3. The last date of receipt of tender paper is revised to **07.08.2025 upto 5 P.M.** instead of 29.07.2025.
4. The opening of tender will now be held on **08.08.2025 at 11.45 A.M.** instead of 31.07.2025.

All other terms and conditions of the original tender call notice shall remain unchanged.
By Order
**Sd./- Block Development Officer, Banarpal**
OIPR-19039/11/0007/2526

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
**STATE INSTITUTE FOR RURAL DEVELOPMENT & PANCHAYATI RAJ**
Panchayati Raj and Drinking Water Department, Govt. of Odisha
**No.1681/SIRD&PR, Bhubaneswar** **Date : 24.07.2025**
**e-Tender Call Notice for procurement through GeM Platform**
**No.i-240** : SIRD&PR, Odisha, Bhubaneswar is going bulk purchase of Desktop, Printer, UPS & Inverter etc. for PESA Districts, SIRD&PR and different DPRCs of the State through competitive bidding process using the forward GeM Platform vide Bid No. GEM/2025/B/6469009, GEM/2025/B/6469735 and GEM/2025/B/6465604. Interested bidders may participate in the above mentioned online process. List & quantity of the items to be procured and detail terms & conditions are available in the website of PR & DW Department (https://panchayat.odisha.gov.in) and portal of SIRD&PR (https://pmssird.odisha.gov.in).
**Sd./- DIRECTOR SIRD&PR, ODISHA P.R. & D.W. DEPTT., BHUBANESWAR**
OIPR-19012/11/0001/2526

**OFFICE OF THE DHENKANAL MUNICIPAL COUNCIL, DHENKANAL** No. C-747
**E-Procurement Notice**
**Tender Call Notice No. 2797/DKLMPLTY / Date: 24.07.2025**

| | | | |
|---|---|---|---|
| 1. | Name of the Work | : | Individual Civil Construction work published in the website |
| 2. | No. of works put to tender | : | 01 No. individual works |
| 3. | Estimated Cost | : | Rs.254.981 Lakhs |
| 4. | Period of Completion | : | 12 Months |
| 5. | Date and time of availability of bid document in the portal | : | From 11.00 hours of Dt.28.07.2025 to 17.30 of Dt.11.08.2025 |
| 6. | Last date/time for receipt of bids | : | 17.30 hours of Dt.11.08.2025 |
| 7. | Date and time of opening of Technical bid | : | 11.00 hours of Dt.12.08.2025 |
| 8. | Name and address of the Officer Inviting Bid | : | Executive Officer, Dhenkanal Municipality, Dhenkanal |

Further details can be seen from the e-procurement portal **https://tenderodisha.gov.in**.
**Sd./- Executive Officer Dhenkanal Municipality**
OIPR-13146/11/0041/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, JHARSUGUDA**
'e' Procurement Notice
Bid Identification No.SE MID JSD 03/2025-26
E-mail: eemijharsuguda@gmail.com
No.1991// MID// date 21.07.2025
No.A-437: The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1. | Name of the Works | : | Civil Construction Work |
| 2. | Total No. of Works | : | 01 (One) Nos. |
| 3. | Estimated Cost (Detail list of work annexed) | : | Rs.52.00 Lakh |
| 4. | Class of Contractor | : | As mentioned against work |
| 5. | Period of Completion | : | As mentioned against work |
| 6. | Date & time of availability of Bid document in the portal | : | **28.07.2025 to 11.08.2025 during office hours** |
| 7. | Last date/time for receipt of bid in the portal | : | **11.08.2025 during office hours** |
| 8. | Date/Time of Opening of Technical Bid | : | **12.08.2025 at 10.00 A.M.** at Office of the S.E.M.I. Divn. Jharsuguda |
| 9. | Date/Time of Opening of Financial Bid | : | **13.08.2025 at 10.00 AM** |
| 10. | Lottery Date | : | **14.08.2025 at 11.30 AM** at O/o the Superintending Engineer, M.I.Division Jharsuguda |
| 11. | Name & Address of the Officer Inviting the Bid | : | Superintending Engineer, M.I.Division Jharsuguda |
| 12. | Mode of Payment of Bid Cost & Bid Security | : | **Online** |

**Sd./- Superintending Engineer M.I.Division, Jharsuguda**
OIPR-32291/11/0012/2526

idco | ODISHA NEW OPPORTUNITIES No.CAD-1255
**OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**
Tender Call Notice No. BBSR/ELECT-II/E-284/24-25/1828 Dated : 21.07.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
1. **Name of the work** : Supply, Delivery, Installation, Testing & Commissioning of Main Panel Distribution Board. 300KVAR APFC Panel, Main LT Panel, Cable and earthing for load sharing of the two nos existing 750 KVA transformer at Krushi Bhawan, Bhubaneswar.

| Procurement Officer | Bid Identification No. | Availability of Tender On-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT-II/e-27/25-26 | 28.07.2025 at 12.00 Hrs. | 12.08.2025 at 17.00 Hrs. |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website**.
**Sd./- Divisional Head (Elect-II) IDCO, Bhubaneswar**
OIPR-14003/11/0218/2526

# ୩ବର୍ଷରେ ସାପ କାମୁଡ଼ାରେ ଯାଇଛି ୩୦୫ ଜୀବନ

ବ୍ରହ୍ମପୁର, ୨୫।୭(ସୁବାସ ଚନ୍ଦ୍ର ପାଢ଼ୀ)

ବର୍ଷାଦିନ ଆସିବା କ୍ଷଣି ନାନା ସମସ୍ୟା ଦେଖା ଦେଇଥାଏ। ବିଶେଷ କରି ବଜ୍ରାଘାତ ସହିତ ବିଭିନ୍ନ ପ୍ରକାର ବିଷଧର ସାପ ଓ ସରୀସୃପ କାମୁଡ଼ା ଭୟ ମଧ୍ୟ ରହିଥାଏ। ଏବେ କିଛିଦିନ ହେଲା ସାରା ଓଡ଼ିଶାରେ ସାପ କାମୁଡ଼ା ଘଟଣା ଅଧିକ ନଜରକୁ ଆସୁଛି। ବ୍ରହ୍ମପୁର ପୋଲିସ ରେଞ୍ଜର ଗଞ୍ଜାମ , ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ମଧ୍ୟ ବିଗତ ବର୍ଷରେ ସାପ କାମୁଡ଼ାରେ ବହୁ ଲୋକଙ୍କ ଜୀବନ ଯାଇଛି। ଗତ ତିନିବର୍ଷ ମଧ୍ୟରେ ଉକ୍ତ ୪ ଜିଲାରେ ସାପ କାମୁଡ଼ାରେ ୩୦୫ ଜୀବନ ଯାଇଛି। ଗଞ୍ଜାମ ପୋଲିସ ଜିଲାରେ ସାପ କାମୁଡ଼ାରେ ୧୨୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବ୍ରହ୍ମପୁର ପୋଲିସ ଜିଲାରେ ମଧ୍ୟ ୧୨୨ଜଣଙ୍କ ଜୀବନ ଯାଇଛି। ସେହିପରି ଗଜପତି ପୋଲିସ ଜିଲାରେ ୧୭, ବୌଦ୍ଧ ପୋଲିସ ଜିଲାରେ ୧୭୦ କନ୍ଧମାଳ ପୋଲିସ ଜିଲାରେ ୨୭ ଜଣ ସାପ କାମୁଡ଼ାରେ ମରିଛନ୍ତି। ସାପ କାମୁଡ଼ାରୁ ନିଜକୁ କିଭଳି ରକ୍ଷା କରିବେ ସେ ନେଇ ରାଜ୍ୟ ସରକାର ଲୋକଙ୍କୁ ସଚେତନ କରି ଆସୁଛନ୍ତି। ଡାକ୍ତରଖାନାରେ ମଧ୍ୟ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ତଥାପି ବିଭିନ୍ନ କାରଣ ଯୋଗୁଁ ଲୋକଙ୍କ ମୃତ୍ୟୁ ଘଟୁଛି। ଚିକିତ୍ସାରେ ବିଳମ୍ବ ଯୋଗୁଁ ଏହାର ପ୍ରମୁଖ କାରଣ ହୋଇଛି। ଉତ୍ତମ ରୋଗୀସେବା ପାଇଁ ବ୍ରହ୍ମପୁର ଏମ୍‌କେସିଜି ବଡ ଡାକ୍ତରଖାନା ଉପରେ ଦକ୍ଷିଣ ଓଡ଼ିଶା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଖୋର୍ଦ୍ଧା ଜିଲା ନିର୍ଭର କରନ୍ତି। ଏଠାକୁ ବିଭିନ୍ନ ପ୍ରକାର ରୋଗୀ ରେଫର୍ ହୋଇ ଆସିଥାନ୍ତି। ସାପ କାମୁଡ଼ାରେ ଗୁରୁତର ହୋଇ ବର୍ଷକୁ ପ୍ରାୟ ୩ଶହ ରୋଗୀ ବିଭିନ୍ନ ସ୍ଥାନରୁ ରେଫର୍ ହୋଇ ଆସିଥାନ୍ତି। ଠିକ ସମୟରେ ଡାକ୍ତରଖାନାରେ ପହଞ୍ଚୁଥିବା ରୋଗୀଙ୍କ ଜୀବନ ବଞ୍ଚି ଯାଉଥିବା ବେଳେ ବିଳମ୍ବରେ ଆସୁଥିବା ରୋଗୀଙ୍କ ଜୀବନ ଯାଉଛି। ଗତ ୩ବର୍ଷ ମଧ୍ୟରେ ଉପରୋକ୍ତ ୫ ପୋଲିସ ଜିଲାରେ ସାପ କାମୁଡ଼ାରେ ୩୦୫ ଜଣଙ୍କ ଜୀବନ ଯାଇଛି। ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲାରେ ଗତ ୨୦୨୨ରେ ୮୫ଜଣଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ବେଳେ ୨୦୨୩ରେ ୮୭ ଓ ୨୦୨୪ରେ ୭୨ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ବୌଦ୍ଧ ଜିଲାରେ ୨୦୨୨ରେ ୦୬, ୨୦୨୩ରେ ୦୫ ଓ ୨୦୨୪ରେ ୦୬ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଗଜପତି ଜିଲାରେ ୨୦୨୨ରେ ୦୮, ୨୦୨୩ରେ ୦୪ ଓ ୨୦୨୪ରେ ୦୫ ଓ କନ୍ଧମାଳ ଜିଲାରେ ୨୦୨୨ରେ ୧୧ , ୨୦୨୩ ରେ୦୭ ଓ ୨୦୨୪ରେ ୦୯ ଜଣଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ରେକର୍ଡ କହୁଛି। ସାପ କାମୁଡ଼ାରେ ଗୁରୁତର ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସାର ଆବଶ୍ୟକତା ପଡୁଛି। କିନ୍ତୁ ଆଦିବାସୀ ଅଧ୍ୟୁଷିତ ତଥା ଦୁର୍ଗମ ଇଲାକାର ଲୋକେ ଗୁରୁତରଙ୍କୁ ଡାକ୍ତରଖାନା ନନେଇ ପ୍ରଥମେ ଝଡାଫୁଙ୍କା ସହିତ ଜଡିବୁଟିରେ ଚିକିତ୍ସା କରିଥାନ୍ତି। ଅବସ୍ଥା ସଂକଟାପନ୍ନ ହେବା ପରେ ତାଙ୍କୁ ଡାକ୍ତରଖାନାକୁ ଆଣୁଛନ୍ତି। ଏଣୁ ସେଭଳି ଗୁରୁତର ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ବିଶେଷ କରି ବର୍ଷା ଦିନ ଜୁନ୍‌ରୁ ଅଗଷ୍ଟ ମାସରେ ସାପ କାମୁଡ଼ା ମାମଲା ଅଧିକ ଆସିଥାଏ। ଏଣୁ ପ୍ରତିବର୍ଷ ବର୍ଷା ପୂର୍ବରୁ ଡାକ୍ତରଖାନାରେ ଆବଶ୍ୟକ ପରିମାଣ ଇଂଜେକ୍ସନ (ଆଣ୍ଟି ଭେନମ) ମହଜୁଦ ରଖାଯାଇଥାଏ। ସାପର ବିଷ କାଟିବା ପାଇଁ ରୋଗୀଙ୍କୁ ଇଂଜେକ୍ସନ ଦିଆଯାଇଥାଏ। ସାପ କାମୁଡ଼ାର ତୁରନ୍ତ ଚିକିତ୍ସା କରାଇବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

**୩ବର୍ଷରେ ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜର ୫ ଜିଲାରେ ସାପ କାମୁଡ଼ା ମାମଲା**

| ପୋଲିସଜିଲ୍ଲା | ୨୦୨୨ | ୨୦୨୩ | ୨୦୨୪ |
|---|---|---|---|
| ଗଞ୍ଜାମ | ୩୬ | ୪୫ | ୪୧ |
| ବ୍ରହ୍ମପୁର | ୪୯ | ୪୨ | ୩୧ |
| ଗଜପତି | ୦୮ | ୦୪ | ୦୫ |
| କନ୍ଧମାଳ | ୧୧ | ୦୭ | ୦୯ |
| ବୌଦ୍ଧ | ୦୬ | ୦୫ | ୦୬ |

## ବ୍ୟବସାୟୀଙ୍କ ୩୦ ହଜାର ନେଇଗଲେ ସାଇବର ଠକ

ବ୍ରହ୍ମପୁର,୨୫।୭(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ସହରର ଜଣେ ଚକୋଲେଟ ବ୍ୟବସାୟୀ ଫେସ୍‌ବୁକ ବିଜ୍ଞାପନ ଦେଖି ସାଇବର ଠକେଇର ଶିକାର ହୋଇଛନ୍ତି । ଏନେଇ ସେ ବଡବଜାର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି । ଆସିକାରୋଡ ରାଜାସାହିର ଅକ୍ଷୟ କୁମାର ମହାପାତ୍ରଙ୍କ ବଡବଜାର ଥାନା ଅଞ୍ଚଳରେ ଶ୍ରୀ ମା' ଗଜଲକ୍ଷ୍ମୀ ଏଜେନ୍ସି ନାମରେ ଏକ ଚକୋଲେଟ ହୋଲସେଲ ବ୍ୟବସାୟ ରହିଛି। ଜୁନ ୧୫ ତାରିଖରେ ସେ ଫେସ୍‌ବୁକରେ ଚକୋଲେଟ, ଜେଲି ଓ ମିଠା ବ୍ୟବସାୟର ଡିଲରସିପକୁ ନେଇ ଏକ ଅଫର ସମ୍ପର୍କିତ ବିଜ୍ଞାପନ ଦେଖିଥିଲେ । ଡିଲରସିପ ବିଷୟରେ ଅଧିକ ଜାଣିବା ପାଇଁ ଫେସ୍‌ବୁକ ବିଜ୍ଞାପନରେ ଦିଆଯାଇଥିବା ଫୋନ ନମ୍ବରରେ ସେ ଯୋଗାଯୋଗ କରିଥିଲେ । ଯୋଗାଯୋଗ ବେଳେ ନରେଶ ଗୁପ୍ତା ନାମକ ଜଣେ ବ୍ୟକ୍ତି ଫୋନ ଉଠାଇ ଉପରୋକ୍ତ ଜେଲି ଏବଂ ଚକୋଲେଟ ସାମଗ୍ରୀର ହୋଲସେଲ ବ୍ୟବସାୟୀ ବୋଲି ନିଜକୁ ପରିଚୟ ଦେଇଥିଲା । ନରେଶଙ୍କ ଦ୍ୱାରା ଫେସ୍‌ବୁକରେ ପୋଷ୍ଟ କରାଯାଇଥିବା ଜେଲି ଓ ଚକୋଲେଟର ବିଭିନ୍ନ କ୍ୟାଟଲଗ ଦେଖି ଅକ୍ଷୟ ତାଙ୍କ କଥାରେ ବିଶ୍ୱାସ କରି କିଛି ସାମଗ୍ରୀ ଅର୍ଡର କରିଥିଲେ । ଏଥିପାଇଁ ସେ ଅଗ୍ରୀମ ଭାବେ ୩୦ ହଜାର ଟଙ୍କା ନରେଶ ଗୁପ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥଲେ। ହେଲେ ଟଙ୍କା ପାଇବା ପରେ ନରେଶ ଗୁପ୍ତା କୌଣସି ସାମଗ୍ରୀ ପଠାଇନଥିଲେ। ଏପରିକି ଅକ୍ଷୟଙ୍କ ଫୋନ ମଧ୍ୟ ଗ୍ରହଣ କରିନଥିଲେ । ବାରମ୍ବାର ଯୋଗାଯୋଗ ପରେ କୌଣସି ଉତ୍ତର ନମିଳିବାରୁ ସାଇବାର ଠକେଇର ଶିକାର ହୋଇଥିବା ସନ୍ଦେହ କରି ସାଇବର ଥାନାରେ ଅଭିଯୋଗ କରିଥିଲେ । ପରେ ସାଇବାର ଥାନାକୁ ଯାଇ ଉକ୍ତ ଆକାଉଣ୍ଟକୁ ଫ୍ରିଜ କରିବାକୁ ନିବେଦନ କରିଥିଲେ। ସାଇବାର ଥାନା ପକ୍ଷରୁ ଉକ୍ତ ଘଟଣାକୁ ନେଇ ନିକଟସ୍ଥ ଥାନାରେ ଅଭିଯୋଗ କରିବାକୁ ତାଙ୍କୁ କୁହାଯିବା ପରେ ସେ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ ।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଭାରପ୍ରାପ୍ତ ଉପଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

ବ୍ରହ୍ମପୁର,୨୫।୭(ସ୍ମୃତି ରଞ୍ଜନ ମହାଲିକ) ୭୯ତମ ସ୍ୱାଧୀନତା ଦିବସ ପାଳନ ନେଇ ଶୁକ୍ରବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଉପଜିଲାପାଳ ତଥା ଭାରପ୍ରାପ୍ତ ବ୍ରହ୍ମପୁର ଉପଜିଲାପାଳ ପାର୍ଥ ସାରଥୀ ହାଂସଦା ଅଧ୍ୟକ୍ଷତା କରିଥିଲେ। ସ୍ୱାଧୀନତା ଦିବସ ଦିନ ଭୋର ୪ଟା ୩୦ରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ସହରରେ ରାମଧୁନ ପରିବେଷଣ କରାଯିବ। ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୭ଟାରେ ପତାକା ଉତ୍ତୋଳନ ହେବ। ସକାଳ ୯ଟା ୧୫ରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ମଖ୍ୟ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ ପାଇଁ ସ୍ଥିର ହୋଇଛି। ପରେଡ ଅଭ୍ୟାସ ନିମନ୍ତେ ଆସନ୍ତା ମାସ ୧୧ ଓ ୧୨ ତାରିଖ ଅପରାହ୍ଣ ୩ଟା ଓ ୧୩ ତାରିଖ ସକାଳ ୮ଟା ସମୟ ରଖାଯାଇଛି। ସ୍ୱାଧୀନତା ଦିବସ ଉପଲକ୍ଷେ ଅଗଷ୍ଟ ୨ ତାରିଖରେ ଚିତ୍ରାଙ୍କନ ଏବଂ ଓଡିଆ ରଚନା ପ୍ରତିଯୋଗିତା ଓ ୩ ତାରିଖରେ ଓଡିଆ ବକ୍ତୃତା ପ୍ରତିଯୋଗିତା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ, ବିଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡା, ଟାଉନ ଏସଡିପିଓ ପ୍ରୀୟସ ରଞ୍ଜନ ଛୋଟରାୟ, ଟ୍ରାଫିକ ଡିଏସପି ତ୍ରିପତି ଚୌଧୁରୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ରଶ୍ମିରାଣୀ ନିମାକା ପୂର୍ବ ପ୍ରସ୍ତୁତି ବିବରଣୀ ପାଠ କରିଥିଲେ।

## ଗଞ୍ଜାମ ଜିଲା ସବ୍ ଜୁନିୟର ବାଳିକା ବାଳକ ବକ୍ସିଂ ଦଳର ରାଉରକେଲା ଯାତ୍ରା


କୋଚ୍‌ଙ୍କ ସହ ରାଉରକେଲା ଯିବାକୁ ଥିବା ବକ୍ସର ଦଳ।

ବ୍ରହ୍ମପୁର,୨୫।୭(ସୁବାସ ଚନ୍ଦ୍ର ପାଢ଼ୀ) ଶନିବାର ଓ ୨୭ ତାରିଖରେ ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ବାଳକ ଓ ବାଳିକା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗଞ୍ଜାମ ଜିଲାସ୍ତରୀୟ ବକ୍ସିଂ ଦଳ ଚୟନ ହୋଇଛି। ଏହି ଦଳରେ ଜିଲାର ୮ ବାଳିକା ଓ ୧୨ ବାଳକ ବକ୍ସର, କୋଚ, ମ୍ୟାନେଜର ଓ ରେଫରୀ ଜଜ୍‌ଙ୍କୁ ମିଶାଇ ମୋଟ ୨୮ ଜଣିଆ ଦଳ ରାଉରକେଲା ଅଭିମୁଖେ ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟରାଣୀ ଏକ୍ସପ୍ରେସ୍‌ରେ ଯାତ୍ରା ଆରମ୍ଭ କରିଥିବା ଗଞ୍ଜାମ ଜିଲା ଆଥଲେଟିକ ଆସୋସିଏସନ(ଜିଡିଏଏ)ର ବକ୍ସିଂ ସମ୍ପାଦକ କେ.ପ୍ରଭାକର ରାଓ ଏଂ ଜିଡିଏଏ ସଂପାଦକ ଜେ.କାମେଶ୍ୱର ରାଓ ଜଣାଇଛନ୍ତି। ବାଳକ ବକ୍ସିଂ ଦଳରେ ସଙ୍କେତ ଗୌଡ, ବି. ବାଳକୃଷ୍ଣ, ଜସବନ ସେଠି, ଜେ. କେ. ପଟନାୟକ , ଦେବାଶିଷ ପାତ୍ର, ଅର୍ମାନ କୁମାର ଦାସ, ବେଦାମ୍ବର ବେହେରା, ଚିନ୍ମୟ ପ୍ରସାଦ ଜାନି, ନନ୍ଦନ ବିନ୍ଧାଣି, ପ୍ରିୟାଂଶୁ ମଲ୍ଲିକ, ହୁଆଇ ଶିଭଜିତ୍ ଓ ଅଭୟ ରାମ ଦାସ ଏବଂ ବାଳିକା ଦଳରେ ଜେ.ଏସ ରାଓ,ଏ. ମହାପାତ୍ର, ଅନୁଷ୍କା ନାୟକ, ତୁଳସୀ ପାତ୍ର, କେ. ଏନ. ରେଡ୍ଡୀ, ଏ. ଆର୍. ଦୋରା, ଏସ. ଚାନ୍ଦିନି, ଲିପ୍ସା ଗୌଡ, କୋଚ ମ୍ୟାନେଜର ଭାବେ ଏସ.ସାଇ ପ୍ରତାପ, ଜି.ଯୋଗୀ ନନ୍ଦ, ଏ. ରିତୁ ରାଓ, ଏସ. ମୁରଲି, ବିପିନି ମୁନା ଗୌଡ ଯାତ୍ରା କରୁଛନ୍ତି। ପୂର୍ବତନ ବକ୍ସର ଏବଂ ରାଜ୍ୟ ରେଫରି ଜଜ୍ ଶିବରାମ ପାତ୍ର, ବୁଲୁ ପାତ୍ର, ସୁମନ ଦାସ ତଥା ଅନ୍ତର୍ଜାତୀୟ ରେଫରି ତଥା ସ୍ଥାନୀୟ କୋଚ ଶିଶିର ପାଣିଗ୍ରାହୀ ଏହି ଦଳ ସହ ଯାତ୍ରା କରୁଛନ୍ତି। ଏହି ଦଳ ଭଲ ଖେଳ ପ୍ରଦର୍ଶନ କରିବେ ବୋଲି କେ.ପ୍ରଭାକର ରାଓ, ଲଡୁ କିଶୋର ସାହୁ, ବାବୁ ରାଓ, ଅବିନାଶ ନାୟକ, ମୁନା , ସଞ୍ଜୀବ ସାହୁ, ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।

## ପଦାର୍ଥ ବିଜ୍ଞାନ, ରସାୟନ ବିଭାଗର ପାଠଚକ୍ର

ବେଲଗୁଣ୍ଠା,୨୫।୭
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ ବିଭାଗର ପାଠଚକ୍ର ଅନୁଷ୍ଠିତ ହେବା ସହିତ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଅଧ୍ୟକ୍ଷ ତଥା ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ.ଗିରିଧର ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ.ଇଂରବିନାରାୟଣ ପାତ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ରୂପେ ଅଧ୍ୟାପକ ଡ.ସଂଜୀବ କୁମାର ଦାଶ, ସଞ୍ଜୟ ପଣ୍ଡା, ଶ୍ରୀନୀବାସ ତ୍ରିପାଠି ଏବଂ ତପନ ତ୍ରିପାଠୀ ଉପସ୍ଥିତ ଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ ପାଠଚକ୍ର ସମ୍ପାଦିକା କାଜଲ୍ ସ୍ୱାଇଁ 'ଇମ୍ପାକ୍ଟ ଅଫ୍ କସ୍ମିକ୍' ଶୀର୍ଷକ ସନ୍ଦର୍ଭ ପାଠ କରିଥିବା ବେଳେ ରସାୟନ ବିଭାଗ ତରଫରୁ ଦ୍ୱିତୀୟ ବର୍ଷ ଛାତ୍ର ରାଜ ନାୟକ 'ଏଆଇ ରିଭୋଲ୍ୟୁସନ୍ ଇନ୍ କେମିଷ୍ଟ୍ରି' ଶୀର୍ଷକ ସନ୍ଦର୍ଭ ପାଠ କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ପ୍ରଥମ ବର୍ଷର ଛାତ୍ରୀଛାତ୍ର ଚାରାରୋପଣ କରିଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ, ଯୁବକ ଗିରଫ

ବ୍ରହ୍ମପୁର, ୨୫।୭(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଦିଗପହଣ୍ଡି ଥାନା ନିମଖଣ୍ଡି ପେଣ୍ଠର ତୁଫାନ ପଣ୍ଡା(୨୫)। ମାମଲା ନଂ୩୭୩/୨୫ ରେ ପୋଲିସ ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଘଟଣା ବେଳେ ସେ ବ୍ୟବହାର କରିଥିବା ସ୍କୁଟି ଗାଡି ପୋଲିସ ଜବତ କରିଛି। ତୁଫାନ ଗୋସାଣୀନୂଆଗାଁର ଏକ ଗ୍ୟାସ କମ୍ପାନୀରେ କାମ କରନ୍ତି। ଗତ ୨୨ ତାରିଖରେ ଜଣୈକା ୧୦ମ ଶ୍ରେଣୀ ଛାତ୍ରୀ ସାଇକଲରେ ସ୍କୁଲ ଯାଉଥିଲେ। ତୁଫାନ ତାଙ୍କର ପିଛା କରି ରାସ୍ତାରେ ଅଟକାଇଥିଲେ। ଛାତ୍ରୀ ଜଣଙ୍କ ଏହାର ପ୍ରତିବାଦ କରିବାରୁ ସେ ତାଙ୍କୁ ସେଠାରେ ଟଣାଓଟରା କରିଥିଲେ। ପରେ ପିଡ଼ିତା ଛାତ୍ରୀ ଜଣଙ୍କ ଏନେଇ ତାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ମର୍ଯ୍ୟାଦା ହାନି ହୋଇଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜ ଜରିଆରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା।

## ମାମଲା ପ୍ରତ୍ୟାହାର ପାଇଁ ପୀଡ଼ିତାଙ୍କ ମାଆଙ୍କୁ ଧମକ, ଯୁବକ ଗିରଫ

ବ୍ରହ୍ମପୁର,୨୫।୭(ସୁବାସ ଚନ୍ଦ୍ର ପାଢ଼ୀ)

ଏକ ବଳାତ୍କାର ମାମଲା ପ୍ରତ୍ୟାହାର ପାଇଁ ପୀଡ଼ିତାଙ୍କ ମାଆଙ୍କୁ ଧମକ ଦିଆଯାଇଛି। ଏନେଇ ଅଭିଯୋଗ ପରେ ଗୋସାଣୀନୂଆଗାଁ ପୋଲିସ ଅଭିଯୁକ୍ତ ମାନସ କୁମାର ପ୍ରଧାନ (୩୨)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ୨୦୨୩ରେ ୭ବର୍ଷର ନାବାଳିକାକୁ ବଳାତ୍କାର ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ପୂର୍ବରୁ ମାନସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛି ମାସ ପୂର୍ବେ ସେ ଜେଲରୁ ଜାମିନରେ ଆସି ପୁଣି ପିଡ଼ିତାଙ୍କୁ ହଇରାଣ କରିବା ସହ ମାନସିକ ନିର୍ଯାତନା ଦେଇଆସୁଥିଲେ। ତାଙ୍କ ବିରୋଧରେ ଦିଆଯାଇଥିବା କେସ ଉଠାଇଦେବାକୁ ସେ ଧମକ ଦେଇଆସୁଥିଲେ । ଗତ ୨୩ ତାରିଖ ରାତି ସାଢ଼େ ପ୍ରାୟ ୭ଟାରେ ଗୋସାଣୀ ନୂଆଗାଁ ଅଞ୍ଚଳରେ ରହୁଥିବା ପିଡ଼ିତାଙ୍କ ଘର ପାଖକୁ ସେ ଯାଇ ପାଟିତୁଣ୍ଡ କରିବା ସହ ପିଡ଼ିତାଙ୍କ ପରିବାର ଲୋକଙ୍କୁ କେସ ଉଠାଇଦେବାକୁ ଧମକ ଦେଇଥିଲେ । ବାରମ୍ବାର ଧମକ ଚମକ ପରେ ଗତ ୨୪ ତାରିଖ ଘଟଣାକୁ ନେଇ ପିଡ଼ିତାଙ୍କ ମା' ଥାନାରେ ଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ମାନସଙ୍କୁ ଗିରଫ କରିଥିଲା।

## ଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୨୫।୭(ଗିରିଧାରୀ ପରିଛା):

ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରଠାରେ ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଗଜପତି ଜିଲାପାଳ ବିଜୟ କୁମାର ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ୧୧ ମାସ ୧୫ ଦିନ ଜିଲାର ଜିଲାପାଳ ଭାବେ ରହି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ଏବେ ସେ ସ୍ୱାସ୍ଥ୍ୟ ଓ ପାରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ଭାବରେ ବଦଳି ହୋଇଛନ୍ତି। ସେ ଜଣେ ମିଷ୍ଟଭାଷୀ, ଦକ୍ଷ ଓ ପରିଶ୍ରମୀ ପ୍ରଶାସକ ଭାବେ ଜିଲାର ସମସ୍ତ କର୍ମଚାରୀଙ୍କୁ ନେଇ ଗୋଟିଏ ଟିମ୍ ଭାବରେ କାର୍ଯ୍ୟ କରିଆସୁଥିଲେ। ତାଙ୍କ କାର୍ଯ୍ୟଧାରା ସମସ୍ତ କର୍ମଚାରୀ, ଜନସାଧାରଣ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀଙ୍କ ନିକଟରେ ଜିଲାପାଳ ଦାଶଙ୍କୁ ବେଶ୍ ପରିଚିତ କରିପାରିଥିଲା ବୋଲି ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ସଭାରେ ଜିଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନିନ୍ଦ୍ର ହାନେଗା, ଉପ ଜିଲ୍ଲାପାଳ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ଆସିକା,୨୫।୭ (ସୁରେନ୍ଦ୍ର ନାଥ ସାହୁ) ଆସିକା ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅପରାହ୍ଣରେ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଏଥିରେ ଏନ୍‌ଏସିର ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଉତ୍ସର୍ଗିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର, ସାମାଜିକ କର୍ମୀ ସତ୍ୟନାରାୟଣ ସ୍ୱାଇଁ, ଏନ୍‌ଏସିର ବ୍ରାଣ୍ଡ ଆମ୍ବାସଡର୍ ନିରଞ୍ଜନ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏନ୍‌ଏସିର ସଫେଇ କର୍ମଚାରୀମାନେ ଜନସାଧାରଣଙ୍କ ଲାଗି ସେମାନଙ୍କ ଉତ୍ସର୍ଗୀକୃତ ସେବାକୁ ଅବ୍ୟାହତ ରଖିବା ସହ ଏହି ଏନ୍‌ଏସିର ସୁନାମକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ସଂକଳ୍ପବଦ୍ଧ ହେବା ନିମନ୍ତେ ନିବେଦନ କରାଯାଇଥିଲା। ସୂଚନାଯୋଗ୍ୟ, ଭାରତ ସରକାରଙ୍କ ପକ୍ଷରୁ ଇତି ମଧ୍ୟରେ ସ୍ୱଚ୍ଛ ଭାରତ ସର୍ବେକ୍ଷଣରେ ସର୍ବଭାରତୀୟ ସ୍ତରରେ ଆସିକା ଏନ୍‌ଏସି ଦ୍ୱିତୀୟ ସ୍ଥାନ ଓ ରାଜ୍ୟସ୍ତରରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାରୀ କରିଥିବା ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ଏହି ଉତ୍ସବ ଆୟୋଜନ କରାଯାଇଥିଲା ।


## ୨୯ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ସମୁଦ୍ର ଅଶାନ୍ତ**

ଛତ୍ରପୁର,୨୫।୭
(ଦିଲ୍ଲୀପ ସାମଲ/ସନ୍ତୋଷ ପାଢୀ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟରେ ବର୍ଷା ଜାରି ରହିଛି। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହଯାଇଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ପବନର ବେଗ ମଧ୍ୟ ବଢିବ। ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ମାଛ ଧରିବା ଲାଗି ନ ଯିବାକୁ ବାରଣ କରାଯାଇଛି। ସୂଚନାଯୋଗ୍ୟ, ଗଞ୍ଜାମ ଜିଲାରେ ୨୭ ଖଣ୍ଡ ମତ୍ସ୍ୟଜୀବୀ ଗାଁ ରହିଛି। ପାତିସୋନପୁରଠାରୁ ପ୍ରୟାଗି ପ୍ରର୍ଯ୍ୟନ୍ତ ସାନଆର୍ଯ୍ୟପଲ୍ଲୀ, ବଡଆର୍ଯ୍ୟପଲ୍ଲୀ, କଣ୍ଡରା ଆର୍ଯ୍ୟପଲ୍ଲୀ, ବନ୍ଦର, ନୋଳିଆ ନୁଆଗାଁ, ପୋଡମପେଟା, ପ୍ରୟାଗି, କଣ୍ଟିଆଗଡ ଆଦି ଅଞ୍ଚଳର ମତ୍ସ୍ୟଜୀବୀ ସମୁଦ୍ର ଅଶାନ୍ତ ହେବାରୁ ସମୁଦ୍ରକୁ ମାଛ ମାର ଯାଇପାରୁନାହାନ୍ତି। ଫଳରେ ସେମାନଙ୍କ ଜୀବିକା ପ୍ରଭାବିତ ହୋଇଛି। ଅନ୍ୟ ପକ୍ଷରେ ଏସଆରସିଙ୍କ ନିର୍ଦ୍ଦେଶରେ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ ସାଗର ମିତ୍ରମାନଙ୍କ ଜରିଆରେ ମତ୍ସ୍ୟଜୀବୀଙ୍କୁ ସଚେତନ କରାଯାଉଛି।

## ବିଏମ୍‌ସି ଟ୍ୟାକ୍ସ, ଫାଇନାନ୍ସ ଓ ଆକାଉଣ୍ଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ


ବୈଠକରେ ଉପସ୍ଥିତ କମିଶନର ଓ କମିଟି ସଦସ୍ୟବୃନ୍ଦ।

ବ୍ରହ୍ମପୁର,୨୫।୭(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ଟ୍ୟାକ୍ସ, ଫାଇନାନ୍ସ ଓ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ନିଗମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଗମ ପକ୍ଷରୁ ଆଦାୟ କରାଯାଉଥିବା ବିଭିନ୍ନ ରାଜସ୍ୱ ଆଦାୟ ସଂପର୍କରେ ଆଲୋଚନା ହୋଇଥିଲା। ଏଥିରେ କମିଟି ଅଧ୍ୟକ୍ଷ କର୍ପୋରେଟର ଟି. କିଶୋର ପାତ୍ର ଅଧ୍ୟକ୍ଷତା କରିଥିଲେ। ସହରରେ ହୋଲଡିଂ ଟ୍ୟାକ୍ସ କେତେ ପରିମାଣର ଆଦାୟ ହେଉଛି। କେଉଁ ଜାଗାରୁ ଆଦାୟ ହେଉଛି ସେ ସଂପର୍କରେ ସବିଶେଷ ତଥ୍ୟ କମିଟି ପକ୍ଷରୁ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କୁ ଅବଗତ କରାଯାଇଥିଲା। ଏଥିସହ ବହୁ ଘରୋଇ ହୋଡିଂ ସଂସ୍ଥା କର ପୈଠ କରୁ ନ ଥିବା ଓ ବିଜ୍ଞାପନ ଜନିତ କର ମଧ୍ୟ କର୍ମଚାରୀ ଅଭାବ କାରଣରୁ ସଠିକ ଭାବେ ଆଦାୟ ହୋଇପାରୁ ନ ଥିବା ଆଲୋଚନା ହୋଇଥିଲା। ସହରରେ ଦୋକାନ ଘର, ବିଏମସି କ୍ୱାର୍ଟର୍ସଗୁଡିକରୁ ମଧ୍ୟ ଭଡା ଆଦାୟ ହୋଇପାରୁ ନ ଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। ଜବର ଦଖଲ ଉଚ୍ଛେଦ ଅଭାବ, ଟ୍ୟାକ୍ସ କଲେକ୍ଟର ଓ ଆବାସିକ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକର ମଧ୍ୟ ଦୀର୍ଘ ଦିନ ଧରି ସର୍ଭେ ହୋଇପାରୁ ନ ଥିବା ନେଇ ଆଲୋଚନା ହୋଇଥିଲା। ବିଏମ୍‌ସିର ରାଜସ୍ୱ ଆଦାୟ କିଭଳି ଅଧିକ ବୃଦ୍ଧି କରାଯିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କମିଶନର କହିଥିଲେ। ମେୟର ସଂଘମିତ୍ରା ଦଳେଇଙ୍କ ସମେତ କମିଟି ସଦସ୍ୟ କର୍ପୋରେଟର ଧୀରେଶ ସାବତ, ସଞ୍ଜିତ ପାଣିଗ୍ରାହୀ, ବନିତା ସାହୁ, ପ୍ରଶାନ୍ତ ପଟ୍ଟନାୟକ, ଚିତ୍ରସେନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧୩ ବାଇକ୍ ଜବତ, ଜଣେ ଗିରଫ

ଗୋପାଳପୁର,୨୫।୭(ନବୀନ ରାଜ ଆଚାରୀ) ଗୋପାଳପୁର ଥାନା ପୋଲିସ ୧୩ଟି ଚୋରି ବାଇକ୍ ଜବତ କରିବା ମାମଲାରେ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଶୀତଳାପଲ୍ଲୀର ସୁଶାନ୍ତ ସେଠୀ। ସୂଚନା ପ୍ରକାରେ ଗୋପାଳପୁର ଥାନା ପୋଲିସ ବୁଧବାର ଷଣ୍ଢ ଛକରେ ଏମ୍‌ଭି ଚେକିଂ କରୁଥିବା ବେଳେ ଜଣେ ଯୁବକଙ୍କୁ ଅଟକାଇ ବାଇକ୍‌ର ନଥିପତ୍ର ମାଗିଥିଲା। କିନ୍ତୁ ସେ ଦେଖାଇ ପାରିନଥିଲେ। ବାଇକ୍‌ଟି ଚୋରି କରି ଆଣିଥିବା ଜାଣିପାରି ଜବତ କରିବା ସହ ଶୀତଳାପଲ୍ଲୀ ଗ୍ରାମର ସୁଶାନ୍ତ ସେଠୀକୁ କାବୁ କରି ଥାନାରେ ଅଟକ ରଖି ପଚରା ଉଚରା କରିଥିଲା। ବିଭିନ୍ନ ସ୍ଥାନରୁ ଏକାଧିକ ଲୋକଙ୍କ ଠାରୁ ମୋଟର ସାଇକେଲ ଚୋରି କରିଥିବା ନେଇ ସୁଶାନ୍ତ ପୋଲିସ ନିକଟରେ ପ୍ରକାଶ କରିଥିଲା। ପୋଲିସର ଏକ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୩ଟି ଚୋରି ମୋଟର ସାଇକେଲ ଜବତ କରିଥିଲା। ଥାନା କେଶ ନଂ ୨୪୪/୨୫ ପ୍ରକାରେ ପୋଲିସ ସୁଶାନ୍ତକୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।

### ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତା
## ଗଜପତି ଜିଲାକୁ ଦ୍ୱିତୀୟ ପୁରସ୍କାର

ପାରଳାଖେମୁଣ୍ଡ,୨୫।୭
(ଗିରିଧାରୀ ପରିଛା)

ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତାରେ ଗଜପତି ଜିଲା ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସ୍ଥାନୀୟ ଗାନ୍ଧୀ ସ୍ମୃତି ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଯସ୍ମିନ ବରାଡ ଓଡ଼ିଶା ସାହିତ୍ୟ ଏକାଡ଼େମୀର ୬୮ତମ ସ୍ୱର୍ଣ୍ଣକ୍ଷେତ୍ର ଦିବସ (ଜୁଲାଇ ୨୫) ଅବସରରେ ପାଳନ ନିମନ୍ତେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେଥିରେ ଗଜପତି ଜିଲାରୁ ଛାତ୍ରୀ ଯସ୍ମିନ ବରାଡ ପ୍ରତିନିଧିତ୍ୱ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

## ଏମ୍‌କେସିଜି ଅତ୍ୟାଧୁନିକ କୋଠାରୁ ପୁଣି ସିଲିଂ ଖସିଲା


ସୁପର ସ୍ପେସାଲିଟି କୋଠାରୁ ଖସିଥିବା ସିଲିଂ।

ବ୍ରହ୍ମପୁର, ୨୫।୭(ସୁବାସ ଚନ୍ଦ୍ର ପାଢ଼ୀ) ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି)ମେଡିକାଲ ପରିସରରେ ନିର୍ମିତ ଅତ୍ୟାଧୁନିକ ସୁପର ସ୍ପେସାଲିଟି ବ୍ଲକର ୪ର୍ଥ ମହଲାରେ ଶୁକ୍ରବାର ପୁଣି ସିଲିଂ ଖସିଛି। କିଛି ମାସର ବ୍ୟବଧାନ ପରେ ପୁଣି ଏଭଳି ଘଟଣା ଘଟିଛି। ଘଟଣା ଘଟିବା ବେଳେ ସେହି ସ୍ଥାନରେ କୌଣସି ରୋଗୀ ନଥିବାରୁ ଦୁର୍ଘଟଣାରୁ ରୋଗୀ ଓ କର୍ମଚାରୀ ବର୍ତ୍ତି ଯାଇଛନ୍ତି। ଏଭଳି ଘଟଣା ପରେ କୋଠାର ବିଭିନ୍ନ ମହଲାରେ ଥିବା ବିଭାଗରେ ରୋଗୀ ଚିକିତ୍ସିତ ହେବାକୁ ଭୟ କରୁଥିବା କହିଛନ୍ତି। ଏହା ସହ ମେଡ଼ିକାଲରେ କାର୍ଯ୍ୟରତ କର୍ମଚାରୀ ମଧ୍ୟ ଉକ୍ତ କୋଠାରେ କାମ କରିବାକୁ ଭୟ କରୁଛନ୍ତି। ଏହି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏମକେସିଜି ମେଡିକାଲ ପରିସରରେ ୧୫୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସୁପର ସ୍ପେସାଲିଟି ବ୍ଲକ ତିଆରି ହୋଇଛି। ଏହି କୋଠା କାର୍ଯ୍ୟକ୍ଷମ ହେବାପରେ ରୋଗୀ ବିଶେଷମାତ୍ରାରେ ଉପକୃତ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ବାରମ୍ବାର ସିଲିଂ ଖସୁଥିବାରୁ ଏହି କୋଠାରେ ରହିବା ପାଇଁ ରୋଗୀ ଏବେ ଭୟ କରୁଛନ୍ତି। କାରଣ କେଉଁ ମୁହୂର୍ତ୍ତରେ କେଉଁଠି ସିଲିଂ ଖସିବ ତାହା କହି ହେବନାହିଁ। ପୂର୍ବରୁ ଏଭଳି ଘଟଣା ଘଟିଥିବା ବେଳେ ପ୍ରଶାସନର ଉଚ୍ଚସ୍ତରୀୟ ବୈଠକ କରି ସମାଧାନ ପନ୍ଥା ବାହାର କରାଯାଇଥିଲା। ଦୁର୍ବଳ ରହିଥିବା ସ୍ଥାନ ମରାମତି କରିବା ସହ କୋଠାର ରକ୍ଷଣାବେକ୍ଷଣ ସମେତ ଅନ୍ୟାନ୍ୟ ମରାମତି କାର୍ଯ୍ୟ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏଥି ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ମଞ୍ଜୁରି ହୋଇଛି। ଅନ୍ୟପକ୍ଷରେ ସୁପର୍‌ସ୍ପେସାଲିଟି ବ୍ଲକ୍‌ରୁ ସିଲିଂ ଖସିବା ଘଟଣା ଜାଣିବା ପରେ ବିଭିନ୍ନ ବିଭାଗକୁ ଅବଗତ କରିବାସହ ସମସ୍ୟାର ସମାଧାନ କରିବାକୁ କୁହାଯାଇଛି। କୋଠାର ସମସ୍ତ ମହଲାର ସିଲିଂ ଯାଞ୍ଚ କରିବା ସହ ରୋଗୀଙ୍କ ସୁରକ୍ଷା ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ବିଭାଗର ଅଧିକାରୀ ମାନଙ୍କୁ କହିଥିବା ଏମ୍‌କେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥି କହିଛନ୍ତି।

# ଅବପାତରେ ପରିଣତ ହେଲା ଲଘୁଚାପ

ଭୁବନେଶ୍ୱର,୨୫ା୭(ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ ଶୁକ୍ରବାର ଅବପାତରେ ପରିଣତ ହେବା ପରେ ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ଫଳରେ ବିଭିନ୍ନ ଜିଲାରେ ଜଳବନ୍ଦୀ ସମସ୍ୟା ଦେଖାଦେଇଥିବାବେଳେ ଜନଜୀବନ ପ୍ରଭାବିତ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ରାଜ୍ୟରେ ଆସନ୍ତା ୨୮ ତାରିଖ ଯାଏ ପ୍ରବଳ ବର୍ଷା ଲାଗିରହିବ। ବର୍ଷା ନେଇ କେନ୍ଦୁଝର, ମୟୂରଭଞ୍ଜକୁ ରେଡ୍ ୱାର୍ନିଂ ଜାରି କରାଯାଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼କୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହି ୧୦ ଜିଲାର କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର ବାରିପଦାରେ ସର୍ବାଧିକ ୧୩୦ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଜଗତ୍‌ସିଂହପୁରରେ ୮୪ ମିମି, ସୋନପୁରରେ ୪୧.୦ ମିମି, ବଲାଙ୍ଗୀରରେ ୨୭ ମିମି, ନୂଆପଡ଼ାରେ ୨୩.୬ ମିମି, ଝାରସୁଗୁଡ଼ାରେ ୧୬.୪ ମିମି, ସୁନ୍ଦରଗଡ଼ରେ ୧୫.୬ ମିମି, କୋରାପୁଟରେ ୧୧.୨ ମିମି, ବାଲେଶ୍ୱରରେ ୧୧.୧ ମିମି, ରାଉରକେଲାରେ ୮.୬ ମିମି, ଚାନ୍ଦବାଲିରେ ୮.୪ ମିମି ଏବଂ ଢେଙ୍କାନାଳରେ ୮.୨ ମିମି ବର୍ଷା ହୋଇଛି। କଟକ, ଭୁବନେଶ୍ୱର, ପୁରୀ ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଦିନ ସାରା ବର୍ଷା ଲାଗି ରହିଥିବା ସୂଚନା ଦିଆଯାଇଛି।

### ୨୮ ଯାଏ ପ୍ରବଳ ବର୍ଷା ସମ୍ଭାବନା



## ମୟୂରଭଞ୍ଜ: ବର୍ଷା ଯୋଗୁ ସ୍କୁଲ ଛୁଟି

ବାରିପଦା,୨୫ା୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପାଣିପାଗ ବିଭାଗର ପୂର୍ବାନୁମାନକୁ ନେଇ ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଆଶଙ୍କା ଥିବାରୁ ଜିଲାପାଳ ହେମକାନ୍ତ ସୟ ଶୁକ୍ରବାର ଜିଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରିଥିଲେ। ଏହା ସହିତ ବିଭିନ୍ନ ସ୍କୁଲ ସହିତ ସଂଲଗ୍ନ ଛାତ୍ରାବାସର ଅନ୍ତେବାସୀମାନଙ୍କୁ ଆଜବେଷ୍ଟସ କିମ୍ବା କଚ୍ଚା ଘର ବଦଳରେ କଂକ୍ରିଟ କୋଠାକୁ ସ୍ଥାନାନ୍ତର କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ମାନଙ୍କୁ ପରାମର୍ଶ କରିଥିଲେ। ଛାତ୍ରୀଛାତ୍ରମାନେ ଯେପରି କୌଣସି ପ୍ରକାରେ କ୍ଷୟକ୍ଷତି ହୋଇଥିବା ଶ୍ରେଣୀ କୋଠା ବ୍ୟବହାର ନ କରନ୍ତି ତାହା ମଧ୍ୟ ବିଇଓମାନେ ନିଶ୍ଚିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଜାରି କରିଥିଲେ। ସୂଚନାଯୋଗ୍ୟ, ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସକ୍ରିୟ ହୋଇ ଅବପାତର ରୂପ ଧାରଣ କରିଛି। ଏହାର ପ୍ରଭାବରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ମୟୂରଭଞ୍ଜ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଥିଲା। ଶୁକ୍ରବାର ଦିନ ତମାମ ଜିଲାରେ ବୃଷ୍ଟିପାତ ହୋଇଥିଲା। ଝିପିଝିପି ବର୍ଷା ସହିତ ସ୍ଥାନେସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିଲା। ସହରର ତଳିଆ ଅଞ୍ଚଳଗୁଡ଼ିକ ବର୍ଷା ଜଳରେ ଭରପୁର ହୋଇଛି । ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଦୋକାନ, ବଜାର ରାସ୍ତାଘାଟ ଶୂନଶାନ ହୋଇପଡ଼ିଛି। ତେବେ ଶିମିଳିପାଳରେ ଅତ୍ୟଧିକ ବୃଷ୍ଟିପାତ ହେଲେ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ସହ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ସମସ୍ତ କର୍ମଚାରୀ ସଜାଗ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଇନ୍ଦିରାଙ୍କୁ ଟପିଲେ ମୋଦି

**ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାରେ ଥିବା ପ୍ରଧାନମନ୍ତ୍ରୀ**

ନୂଆଦିଲ୍ଲୀ,୨୫ା୭

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୪,୦୭୭ ଦିନର କାର୍ଯ୍ୟକାଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅତିକ୍ରମ କରି ଦେଶର ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାରେ ରହିଥିବା ପ୍ରଧାନମନ୍ତ୍ରୀ ହେବାର ଶ୍ରେୟ ହାସଲ କରିଛନ୍ତି। ମୋଦି ସର୍ବାଧିକ ସମୟ କ୍ଷମତାରେ ରହିଥିବା ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ, ଯିଏ ୨ଟି ପୂର୍ଣ୍ଣ ଅବଧି କ୍ଷମତାରେ ରହିବା ପରେ ଏବେ ତୃତୀୟ ପାଳିରେ ଶାସନ ଚଳାଇଛନ୍ତି। ଇନ୍ଦିରା କ୍ରମାଗତ ଭାବେ ୧୯୬୬ରୁ ୧୯୭୭ ପର୍ଯ୍ୟନ୍ତ ୪,୦୭୭ ଦିନ କ୍ଷମତାରେ ରହିଥିଲେ। ମୋଦି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ୪,୦୭୮ ଦିନ ସମ୍ପୂର୍ଣ୍ଣ କରିଛନ୍ତି। ମୋଦିଙ୍କ ରାଜନୈତିକ ଇତିହାସରେ ଏହା ଏକ ଐତିହାସିକ ଅଧ୍ୟାୟ। ସେ ୨୦୦୧ରୁ ଗୁଜରାଟ ମୁଖ୍ୟମନ୍ତ୍ରୀ ରହିଥିବାବେଳେ ୨୦୧୪ରୁ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ସେ ରାଜ୍ୟ ଓ ଜାତୀୟ ସ୍ତରରେ ପାଖାପାଖି ୨୪ ବର୍ଷ କ୍ଷମତାରେ ରହିଲେଣି, ଯାହା ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ କରିନାହାନ୍ତି। ଜାତୀୟ ନିର୍ବାଚନରେ କ୍ରମାଗତ ତୃତୀୟ ଥର ନିଜ ଦଳକୁ ନେତୃତ୍ୱ ଦେଇ ବିଜୟୀ କରାଇବାରେ ଜବାହରଲାଲ୍ ନେହେରୁଙ୍କ ପରେ ମୋଦି ଦ୍ୱିତୀୟ ନେତା।


ନରେନ୍ଦ୍ର ମୋଦି


ଇନ୍ଦିରା ଗାନ୍ଧୀ

# ଡେପୁଟି ରେଞ୍ଜରଙ୍କ ଘରୁ ମିଳିଲା ଦେଢ଼ କେଜି ସୁନା, ଦେଢ଼ କୋଟି ଟଙ୍କା

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/
ଜୟପୁର,୨୫ା୭(ପବନ ପାଣିଗ୍ରାହୀ)





ଜଙ୍ଗଲ ସୁରକ୍ଷା ବଦଳରେ ସରକାରୀ କ୍ଷମତାର ଦୁରୁପଯୋଗ କରି ଅମାପ ସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ ଥିଲେ ବନ ଅଧିକାରୀ। ଘରେ ଗଚ୍ଛିତ ରଖିଥିଲେ ଦେଢ଼କେଜି ସୁନା, ସାଢ଼େ ୩ କେଜି ରୁପା। ସିକ୍ରେଟ୍ ଚାମ୍ବରରେ ଲୁଚାଇଥିଲେ ପ୍ରାୟ ଦେଢ଼କୋଟି ଟଙ୍କା। ୫ ମାସରେ ଚାକିରିରୁ ଅବସର ନେବା ପୂର୍ବରୁ ଭିଜିଲାନ୍ସ ଜାଲରେ ଫସିଗଲେ ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ୍। ତେବେ ଶୁକ୍ରବାର ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କ ସମ୍ପତ୍ତି ଓ କଳା ସାମ୍ରାଜ୍ୟର ଗୁମର ପଦାକୁ ଆସିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ରାମଚନ୍ଦ୍ରଙ୍କ ଜୟପୁର ଓ ଭୁବନେଶ୍ୱରର ୬ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ ଜୟପୁରସ୍ଥିତ ଅଫିସ ଚାମ୍ବର ଓ ଜୟପୁର ଟାଉନସ୍ଥିତ ଶ୍ୱଶୁର ଘର ଓ ବାସଭବନ ଆଦି ରହିଛି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ରାମଚନ୍ଦ୍ରଙ୍କ ବହୁ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ରାମଚନ୍ଦ୍ରଙ୍କ କୋରାପୁଟ ଜିଲା ଜୟପୁର ଟାଉନ ପିଆର୍ ପେଟା ଏନ୍‌କେଟି ରୋଡ୍‌ରେ ପ୍ରାୟ ୪ହଜାର ବର୍ଗଫୁଟ ଅଞ୍ଚଳରେ ଏକ ୩ ମହଲା କୋଠା ଠାବ ହୋଇଛି। ସେହିପରି ଭୁବନେଶ୍ୱର ରଘୁନାଥପୁର ଜାଲିରେ ଏକ ୩ ବିଏଚ୍‌କେ ଫ୍ଲାଟ୍ ଓ ଜୟପୁର ଟାଉନ ପିଆର୍ ପେଟାସ୍ଥିତ ଏକ ଆପାର୍ଟମେଣ୍ଟରେ ୨ଟି ୨ ବିଏଚ୍‌କେ ଫ୍ଲାଟ୍ ମିଳିଛି। ଘରୁ ମୋଟ ୧ କୋଟି ୪୩ ଲକ୍ଷ ୩୪ ହଜାର ଟଙ୍କା ଜବତ ହୋଇଛି। ଜୟପୁରସ୍ଥିତ ଫ୍ଲାଟ୍‌ର ସିକ୍ରେଟ୍ ଟ୍ରେଜେରିରୁ ୧ କୋଟି ୩୮ ଲକ୍ଷ ୯୦ ହଜାର ମିଳିଥିବା ବେଳେ ଜୟପୁର ଟାଉନସ୍ଥିତ ବାସଭବନରୁ ୪ ଲକ୍ଷ ୪୪ ହଜାର ଟଙ୍କା ମିଳିଛି। ସେହିପରି ଘରୁ ୧.୫ କେଜି ସୁନା ଓ ୪.୬୩୭ କେଜି ରୁପା ମିଳିଛି। ଏଥିରେ ୧୦ ଗ୍ରାମର ୧୬ଟି ସୁନା ବିସ୍କୁଟ, ଏକାଧିକ ସୁନା କଏନ୍ ଓ ବିଭିନ୍ନ ଅଳଙ୍କାର ରହିଛି। ଜୟପୁର ଟାଉନ୍‌ରେ ଦୁଇଟି ବହୁମୂଲ୍ୟ ଫ୍ଲାଟ୍ ଠାବ ହୋଇଛି। ତେବେ ରାମଚନ୍ଦ୍ର ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ୪ଟି ବ୍ୟାଙ୍କରେ ୧୦ ଆକାଉଣ୍ଟ ଥିବା ବେଳେ ଏସବୁରେ ୧ କୋଟି ୩୨ ଲକ୍ଷ ୧୯ ହଜାର ୭୩୦ ଟଙ୍କା ଓ ଜୀବନବୀମା ଜମା ୬୬ ହଜାର ରହିଛି। ରାମଚନ୍ଦ୍ରଙ୍କ ଘରୁ ଦୁଇଟି ଚାରିଚକିଆ ଯାନ (କିଆ କାରେନ୍ସ ଓ ଟାଟା ଏସିଇ) ଓ ୩ଟି ଦୁଇ ଚକିଆ ଯାନ ଠାବ ହୋଇଛି। ସେହିପରି ୧୫.୫୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ମଧ୍ୟ ଠାବ ହୋଇଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଚାଲିଥିବା ଏହି ଚଢ଼ାଉ ଓ ଯାଞ୍ଚରେ ଭିଜିଲାନ୍ସର ୬ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୯ ଜଣ ଏସ୍‌ଆଇ/ଏଏସ୍‌ଆଇ ଓ ଅନ୍ୟ ସହାୟକ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ଯାଞ୍ଚ ଜାରି ରହିଥିବାରୁ ରାମଚନ୍ଦ୍ରଙ୍କ ଆହୁରି ଅଧିକ ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ବନୀକରଣ ଏବଂ ବୃକ୍ଷରୋପଣରେ ଦୁର୍ନୀତି କରି ରାମଚନ୍ଦ୍ର ଏହି ବେଆଇନ ସମ୍ପତ୍ତିର ସାମ୍ରାଜ୍ୟ ଛିଡ଼ା କରିଥିବା ଭିଜିଲାନ୍ସରେ ଚର୍ଚ୍ଚା ହେଉଛି।

## କୋରାପୁଟ ଜିଲାରେ ଥିଲେ ୩୬ ବର୍ଷ

ଡେପୁଟି ରେଞ୍ଜର ରାମଚନ୍ଦ୍ର ନେତା ଓ ବଡ଼ ଅଧିକାରୀଙ୍କୁ ହାତରେ ରଖି ଗୋଟିଏ ଜିଲାରେ ପୂରା ଚାକିରି କାଳ କଟାଇଦେଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ରାମଚନ୍ଦ୍ର ୧୯୮୯ ମସିହା ମାର୍ଚ୍ଚ ୯ରେ କୋରାପୁଟ ସୋସିଆଲ୍ ଫରେଷ୍ଟ୍ରି ଡିଭିଜନ୍‌ର ସୋସିଆଲ ଫରେଷ୍ଟ୍ରିରେ ଗ୍ରାମ ବନକର୍ମୀ (ଭିଲେଜ୍ ଫରେଷ୍ଟ ୱାର୍କର) ଭାବେ ଚାକିରି ଆରମ୍ଭ କରିଥିଲେ। ପରେ ଜୟପୁର ବନ(ଟେରିଟୋରିଆଲ୍) ଖଣ୍ଡରେ ସୋସିଆଲ୍ ଫରେଷ୍ଟ୍ରି ଡିଭିଜନ ମିଶିବା ପରେ ରାମଚନ୍ଦ୍ର ଏଠାକୁ ଆସିଥିଲେ। ବର୍ତ୍ତମାନ ରାମଚନ୍ଦ୍ର ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରହିବା ସହ ଭାରପ୍ରାପ୍ତ ରେଞ୍ଜର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କର ମାସକୁ ନେଟ୍ ଦରମା ୬୯ ହଜାର ୬୮୦ ଟଙ୍କା ଓ ଗ୍ରସ୍ ସରମା ୭୬ ହଜାର ୮୮୦ ରହିଛି। ତେବେ ରାମଚନ୍ଦ୍ରଙ୍କ ଚାକିରିକୁ ୩୬ ବର୍ଷ ୪ ମାସ ହୋଇଥିବାବେଳେ ଚଳିତବର୍ଷ ଡିସେମ୍ବରରେ ସେ ଅବସର ନେଇଥାନ୍ତେ ବୋଲି ସୂଚନା ମିଳିଛି।


ଓଡ଼ିଶା ହାଇକୋର୍ଟର ୭୮ ତମ ପ୍ରତିଷ୍ଠା ଦିବସ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଏହାର ପରିସରକୁ ରଙ୍ଗିନ ଆଲୋକରେ ସୁସଜ୍ଜିତ କରାଯାଇଛି।

## କଣ୍ଟେନର ଧକ୍କାରେ ଆଶା କର୍ମୀ ମୃତ, ଝିଅ ଗୁରୁତର

ଭୋଗରାଇ,୨୫ା୭(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଗନ୍ନାଥପୁର –ଫୁଲବଣୀ ରାସ୍ତା ନସ୍କରପୁର ଗାଁଠାରେ ଶୁକ୍ରବାର ରାତି ୮ଟାରେ ଏକ ମାଛ ବୋଝେଇ କଣ୍ଟେନର ବାଇକକୁ ଧକ୍କା ଦେବାରୁ ବାଇକ ପଛପଟେ ବସିଥିବା ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ଝିଅ(୨୩) ଗୁରୁତର ଆହତ ହୋଇଛନ୍ତି। ପ୍ରଥମେ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତା ମହିଳା ହେଲେ ନୀଳଗିରି ବ୍ଲକ ଯୋଡ଼ାବାଲି ଗ୍ରାମର ରମେଶ ନାୟକଙ୍କ ସ୍ତ୍ରୀ ସୁକାନ୍ତି ନାୟକ (୪୫)। ସେ ରାଜ ବରହମପୁର ସବ୍‌ସେଣ୍ଟରର ଆଶା କର୍ମୀ ଭାବେ କାର୍ଯ୍ୟରତ ଥିଲେ। ଗ୍ରାମବାସୀ ମାଛ ଗାଡ଼ି ଅଟକାଇ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିବାରୁ ଚାପା ଉତ୍ତେଜନା ଲାଗିରହିଛି।

## ଆଜି କଟକରେ ଖୋଲା ରହିବ ସମସ୍ତ ସରକାରୀ କାର୍ଯ୍ୟାଳୟ

କଟକ,୨୫ା୭(କାର୍ତ୍ତିକ ସାହୁ)

- ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ନିର୍ଦ୍ଦେଶ
- କର୍ମଚାରୀ ଉପସ୍ଥିତ ନ ରହିଲେ କାର୍ଯ୍ୟାନୁଷ୍ଠାନ

ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାକୁ ଦୃଷ୍ଟିରେ ରଖି କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ଛୁଟି ଶନିବାର ବାତିଲ କରିଛନ୍ତି। ପ୍ରବଳରୁ ଅତି ପ୍ରବଳ ବର୍ଷା ହେଲେ କଟକ ସହରରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେବ। ଏଥିସହ ଜିଲାର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ବର୍ଷାବିପ୍ରାତଜନିତ ସମସ୍ୟା ଦେଖାଦେଇପାରେ। ତେଣୁ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିବା ନିହାତି ଆବଶ୍ୟକ। ସେଥିପାଇଁ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବ। ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ମୁଖ୍ୟାଳୟରେ ଉପସ୍ଥିତ ରହିବେ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଖିଲାପ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଚେତାଇ ଦିଆଯାଇଛି।

## ବଳଙ୍ଗା ପୀଡ଼ିତାଙ୍କ ବୟାନ ରେକର୍ଡ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୨୫ା୭(ରବିନାରାୟଣ ଜେନା)

ବଳଙ୍ଗା ଘଟଣାରେ ଶୁକ୍ରବାର କ୍ରାଇମବ୍ରାଞ୍ଚର ଏକ ଟିମ୍ ନୂଆଦିଲ୍ଲୀସ୍ଥିତ ଏମ୍‌ସରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଏହି ସମୟରେ ପୀଡ଼ିତାଙ୍କ ପରିବାର ଏବଂ ଚିକିତ୍ସକ ଦଳ ଉପସ୍ଥିତ ଥିଲେ ବୋଲି ତାଙ୍କ ନିକଟ ସମ୍ପର୍କୀୟଙ୍କ ସୂତ୍ରରୁ ଜଣାଯାଇଛି। ଗତ ୨୦ରେ ବଳଙ୍ଗା ପୀଡ଼ିତାଙ୍କ ଉତ୍ତମ ଚିକିତ୍ସା ଲାଗି ନୂଆଦିଲ୍ଲୀସ୍ଥିତ ଏମ୍‌ସକୁ ଏୟାର ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା। ପୀଡ଼ିତାଙ୍କ ଶରୀରର ୭୫ ଭାଗ ପୋଡି ଯାଇଥିବାବେଳେ ତାଙ୍କୁ ବର୍ନ ଓ ପ୍ଲାଷ୍ଟିକ୍ ୟୁନିଟ୍‌ରେ ରଖାଯାଇ ଚିକିତ୍ସା କରାଯାଉଛି।

## ମେଟ୍ରୋ ପ୍ରକଳ୍ପ ଲାଗି ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ: ବିଜେଡି

ଭୁବନେଶ୍ୱର,୨୫ା୭(ସୁନିତ୍ ମିଶ୍ର)

ବିଜେଡି ସରକାର ସମୟରେ ମେଟ୍ରୋ ପ୍ରକଳ୍ପ ସ୍ଥାପନ ପାଇଁ ଡିପିଆର ପ୍ରସ୍ତୁତ ସହ ଟେଣ୍ଡର କରାଯାଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ହେଲେ ଭାଜପା ସରକାର କ୍ଷମତାକୁ ଆସିବାର ଦୀର୍ଘ ୧୩ ମାସ ବିତି ଯାଇଥିଲେ ସୁଦ୍ଧା ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗି ରହିଛି। ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ, ଯାହା ଯୋଗୁ ଦୀର୍ଘ ୧୩ ମାସ ହେଲା ଏହା ଅନିଶ୍ଚିତତା ଭିତରେ ଗତି କରୁଛି ବୋଲି ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଲେନିନ କହିଛନ୍ତି, କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାରେ ହେବାକୁ ଥିବା ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଗୁରୁବାର ଲୋକସଭାରେ କହିଛନ୍ତି। ଏହାର ପ୍ରତିକ୍ରିୟାରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମେଟ୍ରୋ ପ୍ରକଳ୍ପର ନୂତନ ଡିପିଆର ପ୍ରସ୍ତୁତ ହେଲା ପରେ କେନ୍ଦ୍ରକୁ ଅନୁମୋଦନ ପାଇଁ ପଠାଯିବ ବୋଲି ବକ୍ତବ୍ୟ ଦେଇଛନ୍ତି। ବିଜେଡି ସରକାର ସମୟରେ ଭିତ୍ତିପ୍ରସ୍ତର ଦିଆଯାଇଥିବା ମେଟ୍ରୋ ପ୍ରକଳ୍ପ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ନିର୍ମାଣ ହେବ ବୋଲି ସ୍ପଷ୍ଟ କୁହାଯାଇଥିଲା, ଯେଉଁ କାରଣରୁ କେନ୍ଦ୍ର ସରକାରଙ୍କ ଅନୁମୋଦନର ଆବଶ୍ୟକତା ନ ଥିଲା ବୋଲି ଲେନିନ କହିଛନ୍ତି।

## କ୍ୟାଡର ସଂଶୋଧନରେ ମୁଖ୍ୟସଚିବଙ୍କ ରୋକ୍

ଭୁବନେଶ୍ୱର,୨୫ା୭(ରବିନାରାୟଣ ଜେନା)

### ଅର୍ଥ ବିଭାଗର ଅନୁମୋଦନ ବାଧ୍ୟତାମୂଳକ

ବିଭିନ୍ନ ବିଭାଗ ପକ୍ଷରୁ କ୍ୟାଡର ନିୟମରେ ସଂଶୋଧନ ଯୋଗୁ ସରକାରଙ୍କ ଉପରେ ଆର୍ଥିକ ବୋଝ ବଢୁଛି। ଏଣିକି ସରକାରୀ କର୍ମଚାରୀଙ୍କ ବିଭିନ୍ନ କ୍ୟାଡର ନିୟମ ସଂଶୋଧନ ବେଳେ ଅର୍ଥ ବିଭାଗର ଅନୁମୋଦନ ବାଧ୍ୟତାମୂଳକ ବୋଲି ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ଶୁକ୍ରବାର ମୁଖ୍ୟସଚିବ ଏସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ସବୁ ବିଭାଗୀୟ ମୁଖ୍ୟଙ୍କୁ ଜାରି କରିଛନ୍ତି।

ସେ ଦର୍ଶାଇଛନ୍ତି, ବିଭିନ୍ନ ବିଭାଗ କ୍ୟାଡର ନିୟମ ସଂଶୋଧନ କଲା ବେଳେ ଏଣିକି ଆଉ ମନଇଚ୍ଛା କରିପାରିବେ ନାହିଁ। ଯେପର୍ଯ୍ୟନ୍ତ ଅର୍ଥ ବିଭାଗର ଅନୁମୋଦନ ମିଳିନାହିଁ, ସେ ପର୍ଯ୍ୟନ୍ତ ନିୟମରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। ନୂତନ ନିୟମ ଆସିପାରିବ ନାହିଁ କି ସଂଶୋଧନ ହୋଇପାରିବ ନାହିଁ। ଯଦି କୌଣସି ନିୟମରେ ପରିବର୍ତ୍ତନ କରିବାକୁ ବିଭାଗ ଚାହିଁବେ ତେବେ ତା'ର ବିସ୍ତୃତ ତଥ୍ୟ ସହିତ ଅର୍ଥବିଭାଗଠାରୁ ଅନୁମୋଦନ ନେବାକୁ ପଡ଼ିବ। ନଚେତ୍ ରାଜ୍ୟ ସରକାରଙ୍କ ଉପରେ ଆର୍ଥିକ ବୋଝ ପଡୁଛି ବୋଲି ମୁଖ୍ୟସଚିବ ଦର୍ଶାଇଛନ୍ତି।

## ପୂର୍ବରୁ ଜାତି ଜନଗଣନା କରାଇ ନ ପାରିବା ମୋ ଭୁଲ୍: ରାହୁଲ

ନୂଆଦିଲ୍ଲୀ,୨୫ା୭

### ଭାଗିଦାରି ନ୍ୟାୟ ସମ୍ମେଳନ


ମୋଦି ବଡ଼ ଶୋ, ତାଙ୍କ ଦମ୍ ନାହିଁ

ପୂର୍ବରୁ ଜାତି ଜନଗଣନା କରାଇ ନ ପାରିବା ତାଙ୍କ ଭୁଲ୍ ଥିଲା ବୋଲି ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ସ୍ୱୀକାର କରିଛନ୍ତି। ଏପରି କି ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ସ୍ୱାର୍ଥରକ୍ଷା ପାଇଁ ଯେତିକି କରିବା କଥା ସେ ସେତିକି କରିପାରି ନ ଥିବା ମାନିଛନ୍ତି। ଏଥିସହ ଅତୀତର ଭୁଲ୍‌କୁ ଏବେ ସୁଧାରିବେ ବୋଲି ରାହୁଲ ପ୍ରକାଶ କରିଛନ୍ତି।

ନୂଆଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମରେ ଓବିସିଭମାନଙ୍କ 'ଭାଗିଦାରି ନ୍ୟାୟ ସମ୍ମେଳନ'କୁ ସମ୍ବୋଧିତ କରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ କହିଛନ୍ତି, ତେଲଙ୍ଗାନାରେ ଜାତିଗତ ଜନଗଣନା ଏକ ରାଜନୈତିକ ଭୂକମ୍ପ, ଯାହାକି ଦେଶରେ ବଡ଼ ଝଟକା ଆଣିବ। ସେ ୨୦୦୪ରୁ ରାଜନୀତି କରୁଛନ୍ତି। ୨୧ ବର୍ଷ ବିତିଗଲାଣି। ଯେତେବେଳେ ସେ ପଛକୁ ଚାହିଁ ଆତ୍ମବିଶ୍ଳେଷଣ କରନ୍ତି, ସେ କେଉଁଠି ଠିକ୍ କରିଛନ୍ତି ଓ କେଉଁ ସ୍ଥାନରେ ଝୁଣ୍ଟିଛନ୍ତି ଦେଖନ୍ତି, ଦୁଇ ତିନୋଟି ବଡ଼ ପ୍ରସଙ୍ଗକୁ ଦେଖିପାରନ୍ତି। ତାହା ହେଲା– ଜମି ଅଧିଗ୍ରହଣ ବିଲ୍, ଏମ୍‌ଜିଏନ୍‌ଆର୍‌ଇଜିଏ, ଖାଦ୍ୟ ବିଲ୍, ଆଦିବାସୀଙ୍କ ପାଇଁ ଅଧିକାର ଆଦି ତାଙ୍କର ଉଚିତ କାର୍ଯ୍ୟ ବୋଲି ରାହୁଲ ମନେକରନ୍ତି। ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କ କଥା ଉଠିଲେ ସେ ଭଲ ନମ୍ବର ପାଇବା ଉଚିତ। ମହିଳାଙ୍କ ପ୍ରସଙ୍ଗରେ ମଧ୍ୟ ଭଲ ମାର୍କ ପାଇବେ। କିନ୍ତୁ ସେ ପଛକୁ ଚାହିଁ ଦେଖିଲେ ଗୋଟିଏ ବିଷୟରେ ପଛେଇ ଯାଇଥିବା ଓ ଭୁଲ୍ କରିଥିବା ମନେକରନ୍ତି। ତାହା ହେଉଛି ଓବିସି ବର୍ଗଙ୍କୁ ଯେଭଳି ଭାବେ ସୁରକ୍ଷା ଦେବା କଥା ସେପରି ସୁରକ୍ଷା ଦେଇପାରି ନାହାନ୍ତି। ୧୦–୧୫ ବର୍ଷ ପୂର୍ବେ ସେ ଓବିସିଙ୍କ ସମସ୍ୟାଗୁଡ଼ିକୁ ଭଲ ଭାବେ ବୁଝି ନ ପାରିବା ଏହାର କାରଣ ବୋଲି ରାହୁଲ ଦର୍ଶାଇବା ସହ ଆଗକୁ ଏହି ଭୁଲ୍ ସୁଧାରିବେ ବୋଲି କହିଛନ୍ତି।


ଏହି ଅବସରରେ ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିବାକୁ ଯାଇ କହିଛନ୍ତି, ମିଡିଆ ମୋଦିଙ୍କ ଛବିକୁ ବାସ୍ତବତାଠାରୁ ବହୁ ଉର୍ଦ୍ଧ୍ୱକୁ ନେଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ସବୁ କିଛି କେବଳ ଶୋ'। ତାଙ୍କଠାରେ ଦମ୍ ନାହିଁ। ମୋଦି ଏକ ବଡ଼ ପ୍ରହସନ। ତାଙ୍କୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଇଛି। ମୋଦିଙ୍କ ସହ ୨–୩ ଥର ଗୋଟିଏ ରୁମ୍‌ରେ ବସିବା ପରେ ତାଙ୍କ ନିକଟରେ ଦମ୍ ନ ଥିବା ବିଷୟ ସେ ଜାଣିପାରିଛନ୍ତି। ଭାରତୀୟ ଅମଲାତନ୍ତ୍ରରେ ବଞ୍ଚିତ ଓ ନିଷ୍ପେଷିତ ବର୍ଗଙ୍କ ନିମ୍ନ ପ୍ରତିନିଧିତ୍ୱ ପାଇଁ ମଧ୍ୟ ରାହୁଲ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଦଳିତ, ପଛୁଆ ବର୍ଗ, ଆଦିବାସୀ ଓ ସଂଖ୍ୟାଲଘୁ ମିଶିଲେ ଦେଶ ଜନସଂଖ୍ୟାର ୯୦% ହେବ। କିନ୍ତୁ ବଜେଟ ପ୍ରସ୍ତୁତି ପରେ ହଲୱା ବଣ୍ଟାଯିବା ବେଳକୁ ସେମାନେ ୯୦ ପ୍ରତିଶତ ପ୍ରତିନିଧିତ୍ୱ ପାଉନାହାନ୍ତି। ଏହା ହେଉଛି ସେହି ୯୦% ଜନସଂଖ୍ୟା, ଯାହାକି ଦେଶର ଉତ୍ପାଦନଶୀଳତାର ଶକ୍ତି ପାଲଟିଥାଏ। ଅନ୍ୟପକ୍ଷେ ରାହୁଲଙ୍କ ଏଭଳି ମନ୍ତବ୍ୟକୁ ଭାଜପା ବିଭାଜନବାଦୀ ଓ ଦୁର୍ଭାଗ୍ୟଜନକ କହି ନିନ୍ଦା କରିଛି।

# ୨୫ ଓଟିଟି ପ୍ଲାଟ୍‌ଫର୍ମ ବ୍ୟାନ୍




## ଅଲ୍ଟ, ଉଲ୍ଲୁ, ଦେଶୀଫ୍ଲିକ୍ସ ଭଳି ଆପ୍ ବିରୋଧରେ ଅଶ୍ଳୀଳ କଣ୍ଟେଣ୍ଟ ପ୍ରଦର୍ଶନ ଅଭିଯୋଗ

ନୂଆଦିଲ୍ଲୀ,୨୫।୭(ପି.ଟି.)



କେନ୍ଦ୍ର ସରକାର ଅଲ୍ଟ, ଉଲ୍ଲୁ ଓ ଦେଶୀଫ୍ଲିକ୍ସ ସମେତ ୨୫ ଓଭର ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମକୁ ବନ୍ଦକରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମହିଳାଙ୍କୁ ଅନୁପଯୁକ୍ତ ଭାବେ ପ୍ରଦର୍ଶିତ କରିବା ଭଳି ବିଭିନ୍ନ ଆଇନ ଉଲ୍ଲଂଘନ ଅଭିଯୋଗରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଶୁକ୍ରବାର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ନିୟମ ଉଲ୍ଲଂଘନକାରୀ ଅନ୍ୟ ଆପ୍‌ଗୁଡ଼ିକ ହେଲା ବିଗ୍ ଶଟ୍ସ ଆପ୍, ବୁମେକ୍ସ, ନବରସ, ଲାଇଟ୍, ଗୁଲାବ ଆପ୍, କଙ୍ଗନ ଆପ୍, ବୁଲ୍ ଆପ୍, ଜଲୱା ଆପ୍, ୱାଓ ଏଣ୍ଟରଟେନ୍‌ମେଣ୍ଟ, ଲୁକ୍ ଏଣ୍ଟରଟେନ୍‌ମେଣ୍ଟ, ହିଟ୍‌ପ୍ରାଇମ୍, ଫେନେଓ, ଶୋଏକ୍ସ, ସୋଲ୍ ଟକିଜ୍, ଆଡ୍ଡା ଟିଭି, ହଟ୍‌ଏକ୍ସ ଭିଆଇପି, ହଲ୍‌ଚଲ ଆପ୍, ମୁଡ୍‌ଏକ୍ସ, ନିଓନ୍‌ଏକ୍ସ ଭିଆଇପି, ଫୁଗି, ମୋଜ୍‌ଫ୍ଲିକ୍ସ ଓ ଟ୍ରିଫ୍ଲିକ୍ସ। ଭାରତରେ ଏହି ପ୍ଲାଟ୍‌ଫର୍ମଗୁଡ଼ିକର ୱେବ୍‌ସାଇଟ ସର୍ବସାଧାରଣ ଉପଲବ୍ଧତାକୁ ହଟାଇବା ପାଇଁ ମନ୍ତ୍ରଣାଳୟ ଏକ ଅର୍ଡରରେ ଇଣ୍ଟରନେଟ୍ ସର୍ଭିସ ପ୍ରୋଭାଇଡର୍ସଙ୍କୁ ନିର୍ଦ୍ଦେଶ ଦେଇଛି। ଉପରୋକ୍ତ କଟକଣା ପରେ ପର୍ନୋଗ୍ରାଫିକ୍ ମ୍ୟାଟେରିଆଲର ଉପଲବ୍ଧତା ଉପରେ ଅଙ୍କୁଶ ଲାଗିବା ସହ ଡିଜିଟାଲ କଣ୍ଟେଣ୍ଟ ଶିଷ୍ଟତାରେ ବାନ୍ଧିହୋଇ ଆଇନର ପରିସୀମାକୁ ଅତିକ୍ରମ କରିବ ନାହିଁ ବୋଲି ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଥିବା ଏକ ବିବୃତିରେ ସୂଚନା ଦିଆଯାଇଛି।

### ହାଉସ୍ ଆରେଷ୍ଟ

ଭାରତ ସରକାରଙ୍କ ଅଧିକାରୀମାନେ ଶୁକ୍ରବାର ୨୫ ଓଟିଟି ପ୍ଲାଟ୍‌ଫର୍ମକୁ ବ୍ୟାନ୍ କରିବା ସମୟରେ ରିଆଲିଟି ଶୋ' 'ହାଉସ୍ ଅରେଷ୍ଟ'କୁ ଦୃଷ୍ଟାନ୍ତ ଭାବେ ଅବତାରଣା କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ହସ୍ତକ୍ଷେପ ପରେ ଅଜାଜ୍ ଖାନ୍‌ଙ୍କ ଅଭିନୀତ ଏହି ଶୋ'କୁ ଉଲ୍ଲୁ ୨୦୨୫ ମେ'ରେ ବନ୍ଦ କରିଦେଇଥିଲା। କିନ୍ତୁ ଏହି ପ୍ଲାଟ୍‌ଫର୍ମ ଅଶ୍ଳୀଳ ଭିଡିଓ ଏବଂ କେତେକ ସ୍ଥଳେ ପର୍ନୋଗ୍ରାଫିକ୍ କଣ୍ଟେଣ୍ଟ ପ୍ରସାର ଜାରି ରଖିଥିଲା ବୋଲି ନାମ ଗୋପନ ସର୍ତ୍ତରେ ଜଣେ ଅଧିକାରୀ କହିଛନ୍ତି।

ବିଭିନ୍ନ ଆଡୁ ନାନା ଅଭିଯୋଗ ଆସିବା ପରେ ଗତ ସେପ୍ଟେମ୍ବରରେ ମନ୍ତ୍ରଣାଳୟ ପକ୍ଷରୁ ଅନେକ ଓଟିଟି ପ୍ଲାଟ୍‌ଫର୍ମକୁ ଜଣାଇ ଦିଆଯାଇଥିଲା। ତେବେ ଉଲ୍ଲୁ ବିରୋଧରେ ସୁପ୍ରିମକୋର୍ଟର ଜଣେ ପୂର୍ବତନ ବିଚାରପତିଙ୍କ ଅଧକ୍ଷତାରେ ଗଠିତ ଆତ୍ମନିୟାମକ ସଂସ୍ଥା ଡିଜିଟାଲ ପବ୍ଲିଶର କଣ୍ଟେଣ୍ଟ ଗ୍ରିଭାନ୍ସ କାଉନ୍‌ସିଲ (ଡିପିସି-ଜିସି) ଦ୍ୱାରା ମଧ୍ୟ ନିଆଯାଇଥିଲା। ଏହି ସଂସ୍ଥାରେ ଉଲ୍ଲୁ ଓ ଅଲ୍ଟ ସଦସ୍ୟ ରହିଛନ୍ତି।

### କ'ଣ କହୁଛି ଆଇନ

➡ସୂଚନା କାରିଗରି ଆଇନ, ୨୦୦୦ ଅନୁସାରେ କୌଣସି ବୈଦ୍ୟୁତିକ ମାଧ୍ୟମରେ ଅଶ୍ଳୀଳ କିମ୍ବା ଯୌନ ଉଦ୍ଦୀପକ ଫଟୋ, ଭିଡିଓ ବା ଅନ୍ୟ ଦୃଶ୍ୟ ବିତରଣକୁ ଦେଶରେ ନିଷିଦ୍ଧ କରାଯାଇଛି।

➡ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍), ୨୦୨୩ର ଦଫା ୨୯୪ ଅନୁସାରେ ସର୍ବସାଧାରଣରେ ଅଶ୍ଳୀଳ କାର୍ଯ୍ୟକଳାପ କିମ୍ବା ଗୀତକୁ ନିଷିଦ୍ଧ କରାଯାଇଛି।

➡ମହିଳାଙ୍କୁ ଅନୁପଯୁକ୍ତ ରୂପେ ଉପସ୍ଥାପନ (ନିବାରଣ) ଆଇନ, ୧୯୮୬ ଅନୁସାରେ ମହିଳାମାନଙ୍କୁ ନ୍ୟୂନ ଓ ନିମ୍ନମାନର ଦର୍ଶାଇବା ଉପରେ କଟକଣା ରହିଛି।

### ନିଷିଦ୍ଧ ହେଲାଣି ୪୩ ପ୍ଲାଟ୍‌ଫର୍ମ

ଏହା ପୂର୍ବରୁ ୨୦୨୪ ମାର୍ଚ୍ଚ ୧୪ରେ କେନ୍ଦ୍ର ସରକାର ଦେଶରେ ଏପରି ଅଶ୍ଳୀଳ କଣ୍ଟେଣ୍ଟ ପ୍ରଦର୍ଶନ ପାଇଁ ୧୮ ପ୍ଲାଟ୍‌ଫର୍ମ, ୧୯ ୱେବ୍‌ସାଇଟ୍, ୧୦ ଆପ୍ ଓ ୫୭ଟି ସୋସିଆଲ ମିଡିଆ ଆକାଉଣ୍ଟ ଉପରେ ନିଷିଦ୍ଧାଦେଶ ଜାରି କରିଥିଲେ। ବର୍ତ୍ତମାନ ସୁଦ୍ଧା ଦୁଇଟି ପର୍ଯ୍ୟାୟରେ ମୋଟ ୪୩ ଓଟିଟି ପ୍ଲାଟ୍‌ଫର୍ମକୁ ବ୍ୟାନ୍ କରାଗଲାଣି।

# ୟୁଟ୍ୟୁବ୍ ଦେଖି ରାୟ ଦିଆଯାଏ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୫।୭(ପି.ଟି.)

ଅଦାଲତ ୟୁଟ୍ୟୁବ୍ ଚ୍ୟାନେଲ ଦେଖି ରାୟ ଦିଅନ୍ତି ନାହିଁ। କାହାକୁ ଦୋଷୀ ସାବ୍ୟସ୍ତ ଓ କାହାକୁ ନିର୍ଦ୍ଦୋଷ କରାଯିବ ତାହା କୋର୍ଟଙ୍କ ହସ୍ତଗତ ତଥ୍ୟ ଓ ସାକ୍ଷ୍ୟ ପ୍ରମାଣ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। କେରଳର ଜଣେ ଖବରଦାତା ଜଣେ ଜଣାଶୁଣା ନେତ୍ରୀଙ୍କ ବିରୋଧରେ ନିଜ ୟୁଟ୍ୟୁବ୍ ଚ୍ୟାନେଲ 'କ୍ରାଇମ୍ ଅନ୍‌ଲାଇନ୍'ରେ ଏକ ଆପତ୍ତିଜନକ ଭିଡିଓ ପ୍ରସାର କରିଥିଲେ। ରାଜ୍ୟ ପୋଲିସ ଏନେଇ ମାମଲା ରୁଜୁ କରିବା ପରେ ଖବରଦାତା ନନ୍ଦକୁମାର କେରଳ ହାଇକୋର୍ଟରେ ଅଗ୍ରିମ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଜୁନ୍ ୯ରେ ତାଙ୍କୁ ଜାମିନ ଦେବାକୁ ମନାକରିବା ସହ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନନ୍ଦକୁମାର ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଖବରଦାତାଙ୍କ ଜାମିନ ଆବେଦନର ଶୁଣାଣିକରି କହିଛନ୍ତି, ତୁମ ୟୁଟ୍ୟୁବ୍ ଚ୍ୟାନେଲ ଆଧାରରେ ଲୋକଙ୍କୁ ଦୋଷୀ ସାବ୍ୟସ୍ତ କରାଯାଉ ବୋଲି ତୁମେ ଚାହୁଁଛ କି? ଦୋଷୀ ସାବ୍ୟସ୍ତ କରିବା କିମ୍ବା ଦୋଷମୁକ୍ତ କରିବା ତାହା ୟୁଟ୍ୟୁବ ଭିଡିଓ ଉପରେ ଆଧାରିତ ରାୟ ହୋଇ ନ ପାରେ। ରାୟ ପ୍ରକାଶ କରିବା କୋର୍ଟଙ୍କ କାର୍ଯ୍ୟ। ତୁମେ ଏହାକୁ କାହିଁକି କ୍ରାଇମ୍ ଅନ୍‌ଲାଇନ୍‌ରେ ପୋଷ୍ଟ କରିଛ? ଭଗବାନଙ୍କ ନିଜ ଦେଶ କେରଳରେ ଯାହା କିଛି ଭଲ ଘଟୁଛି, ସେସମ୍ପର୍କରେ କୁହ। ଇତିମଧ୍ୟରେ ଖଣ୍ଡପୀଠ ନନ୍ଦକୁମାରଙ୍କୁ ପୂର୍ବରୁ ମିଳିଥିବା ଅନ୍ତରୀଣ ଜାମିନକୁ ବଳବତ୍ତର ରଖିଛନ୍ତି। ତାଙ୍କ ବିରୋଧରେ ମହିଳାଙ୍କ ସମ୍ମାନହାନି, ଧମକ ଦେବା, ଅନ୍‌ଲାଇନ୍‌ରେ ଅଶ୍ଳୀଳ କଣ୍ଟେଣ୍ଟ ପ୍ରସାରଣ ଯୋଗୁ ମର୍ଯ୍ୟାଦା ନଷ୍ଟ ଆଦିଅଭିଯୋଗରେ ମାମଲା ରୁଜୁ ହୋଇଛି। ଆଇଟି ଆଇନର ଧାରା ୬୭ ମଧ୍ୟ ଲାଗିଛି।

# ମୁଇଜୁଙ୍କୁ ଭେଟିଲେ ମୋଦି

## ଭାରତ-ମାଳଦ୍ୱୀପ ସମ୍ପର୍କ ବୃଦ୍ଧି ଆଲୋଚନା



ମାଲେରେ ପ୍ରତିରକ୍ଷା ମନ୍ତ୍ରଣାଳୟ ବିଲ୍ଡିଂ ଉଦ୍‌ଘାଟନ ଅବସରରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ମାଲେ,୨୫।୭(ପି.ଟି.)

ମାଳଦ୍ୱୀପକୁ ଦୁଇଦିନିଆ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସେଠାର ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆଲୋଚନାରେ ମୁଖ୍ୟତଃ ବାଣିଜ୍ୟ, ପ୍ରତିରକ୍ଷା, ଭିତ୍ତିଭୂମି ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା, ଯାହା ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ଦିଗରେ ବଡ଼ ପଦକ୍ଷେପ।

ପ୍ରଧାନମନ୍ତ୍ରୀ ଶୁକ୍ରବାର ସକାଳେ ମାଲେରେ ପହଞ୍ଚିବା ପରେ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭେଲେନା ଅନ୍ତର୍ଜାତୀୟ ବିମାନବନ୍ଦରରେ ମୁଇଜୁଙ୍କ ସମେତ ତାଙ୍କ ସରକାରର ବହୁ ମନ୍ତ୍ରୀ ଉପସ୍ଥିତ ରହି ମୋଦିଙ୍କୁ ସ୍ୱାଗତ କରିଥିଲେ। ରିପବ୍ଲିକାନ୍ ସ୍କୋୟାରରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସହ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ମୋତେ ସ୍ୱାଗତ କରିବା ପାଇଁ ରାଷ୍ଟ୍ରପତି ମୁଇଜୁ ଏୟାରପୋର୍ଟ ଆସିଥିବାରୁ ଗଭୀର ଭାବେ ପ୍ରଭାବିତ। ଭାରତ-ମାଳଦ୍ୱୀପ ସମ୍ପର୍କ ଆଗାମୀ ଦିନରେ ପ୍ରଗତିର ନୂଆ ଶିଖରରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଦୃଢ଼ୋକ୍ତି କରିଛନ୍ତି। ପ୍ରତିନିଧି ସ୍ତରୀୟ ଆଲୋଚନା ପୂର୍ବରୁ ମୋଦି ଏବଂ ମୁଇଜୁ ୱାନ୍-ଅନ୍-ୱାନ୍ ବୈଠକରେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଚାଇନା ସପକ୍ଷବାଦୀ ମୁଇଜୁ ଭାରତୀୟଙ୍କୁ ବିଦା କରିବା ପ୍ରଚାର ସହ ୨୦୨୩ ନଭେମ୍ବରରେ କ୍ଷମତାକୁ ଆସିଥିଲେ। ତାଙ୍କ ରାଷ୍ଟ୍ରପତିତ୍ୱର ପ୍ରଥମ କେତେ ମାସ ମଧ୍ୟରେ ଭାରତ ଓ ମାଳଦ୍ୱୀପ ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା। ଶପଥ ଗ୍ରହଣ ପରେ ସେ ଭାରତୀୟ ସୈନ୍ୟଙ୍କୁ ତାଙ୍କୁ ଦେଶରୁ ପ୍ରତ୍ୟାହାର କରିନେବା ଲାଗି ଦାବି କରିଥିଲେ। ଫଳରେ ସେଠାରେ ଉଦ୍ଧାର ଓ ମାନବୀୟ ସହାୟତା ପାଇଁ ରହିଥିବା ୨ଟି ହେଲିକପ୍ଟର ଏବଂ ଗୋଟିଏ ବିମାନର ରକ୍ଷଣାବେକ୍ଷଣ ଓ ଚଳାଚଳ ନିମନ୍ତେ ନିୟୋଜିତ ଥିବା ସୈନ୍ୟଙ୍କୁ ଭାରତ ଫେରାଇ ଆଣିଥିଲା। ଏହା ସତ୍ତ୍ୱେ ମାଳଦ୍ୱୀପର ଆର୍ଥିକ ସଙ୍କଟର ସୁଧାର ପାଇଁ ନୂଆଦିଲ୍ଲୀ ସହାୟତା ଯୋଗାଇଦେବା ସହ ପୁନର୍ବାର ସମ୍ପର୍କ ସୁଧାରିବାରେ ସହାୟକ ହୋଇଥିଲା।

# ଭାରତୀୟଙ୍କୁ ନିଯୁକ୍ତି ଦେଉଥିବା ଟେକ୍ କମ୍ପାନୀକୁ ଟ୍ରମ୍ପଙ୍କ ସମାଲୋଚନା

ୱାଶିଂଟନ୍,୨୫।୭

ଭାରତୀୟମାନଙ୍କୁ ନିଯୁକ୍ତି ଦେଉଥିବା ଗୁଗଲ, ମାଇକ୍ରୋସଫ୍ଟ ଓ ଆପଲ ଭଳି ଟେକ୍ନୋଲୋଜି କମ୍ପାନୀଗୁଡ଼ିକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମାଲୋଚନା କରିଛନ୍ତି। ୱାଶିଂଟନ୍‌ରେ ଅନୁଷ୍ଠିତ ଏଆଇ ସମିଟ୍‌ରେ ଟ୍ରମ୍ପ ଏହି କମ୍ପାନୀଗୁଡ଼ିକୁ ଆମେରିକୀୟଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ପରାମର୍ଶ ଦେଇଛନ୍ତି। ଆମର ଅନେକ ବୃହତ୍ ଟେକ୍ କମ୍ପାନୀ ଆମେରିକୀୟ ସ୍ୱାଧୀନତାର ଆଶୀର୍ବାଦ ଲାଭ କରି ଚାଇନାରେ ଫ୍ୟାକ୍ଟ୍ରି ନିର୍ମାଣ କରୁଥିବାବେଳେ ଭାରତୀୟମାନଙ୍କୁ ନିଯୁକ୍ତି ଦେଉଛନ୍ତି। ଆଉ ସେ ଦିନ ନାହିଁ। ଆମେରିକୀୟ ଟେକ୍ନୋଲୋଜି କମ୍ପାନୀ ଆମେରିକାରେ ରହୁ। 'ପ୍ରଥମେ ଆମେରିକା' ନୀତିକୁ ମାନି ଚଳିବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର କରିବାକୁ ଲୋକ ସଭାରେ ଆସିବ ପ୍ରସ୍ତାବ

ନୂଆଦିଲ୍ଲୀ,୨୫।୭(ପି.ଟି.)

## ରାଜ୍ୟ ସଭାରେ ବିରୋଧୀ ଆଣିଥିବା ନୋଟିସ ଗ୍ରହଣ ହେଲାନି



ଜଷ୍ଟିସ୍ ୟଶୱନ୍ତ ବର୍ମା

ଦୁର୍ନୀତିରେ ସମ୍ପୃକ୍ତି ସନ୍ଦେହରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ୟଶୱନ୍ତ ବର୍ମାଙ୍କୁ ବହିଷ୍କାର ପାଇଁ ଲୋକ ସଭାରେ ଦ୍ୱିଦଳୀୟ ପ୍ରସ୍ତାବ ଅଣାଯିବାକୁ ଥିବାବେଳେ ରାଜ୍ୟ ସଭାରେ ବିରୋଧୀ ଆଣିଥିବା ଅନୁରୂପ ନୋଟିସକୁ ଗ୍ରହଣ କରାଯାଇନାହିଁ। ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ପାଇଁ ସବୁ ରାଜନୈତିକ ଦଳ ପକ୍ଷରୁ ସର୍ବସମ୍ମତ ନିଷ୍ପତ୍ତି ହୋଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଶୁକ୍ରବାର କହିଛନ୍ତି। ଲୋକ ସଭାରେ ଏନେଇ ଅଣାଯିବାକୁ ଥିବା ପ୍ରସ୍ତାବରେ ଉଭୟ ଶାସକ ଓ ବିରୋଧୀ ଦଳରୁ ୧୫୨ ଜଣ ଏମ୍‌ପି ସ୍ୱାକ୍ଷର କରିଛନ୍ତି। ଗତ ୨୧ ତାରିଖରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଏହି ନୋଟିସ ଅଣାଯାଇଥିଲା। ରାଜ୍ୟ ସଭାରେ ଅଣାଯାଇଥିବା ନୋଟିସରେ ବିରୋଧୀ ଦଳର ୬୩ ସଦସ୍ୟ ସ୍ୱାକ୍ଷର କରିଥିଲେ। ଏହା ପରେ ଗୃହ ନୋଟିସ ପାଇଥିବା ନେଇ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଘୋଷଣା କରିଥିଲେ। ଏହାର କିଛି ସମୟ ପରେ ଧନ୍‌କର ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ଲାଗି ସର୍ବସମ୍ମତି ନିଷ୍ପତ୍ତି ହୋଇଥିବାରୁ ଏହା ଏକ ମିଳିତ ଉଦ୍ୟମ ହେବା ଆବଶ୍ୟକ ବୋଲି ରିଜିଜୁ କହିଛନ୍ତି।

# ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଅଗ୍ନିବୀରଙ୍କ ମୃତ୍ୟୁ

ପୁଞ୍ଛ/ଜମ୍ମୁ,୨୫।୭

ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟରେ ଶୁକ୍ରବାର ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜଣେ ଅଗ୍ନିବୀରଙ୍କ ମୃତ୍ୟୁ ଘଟିବା ସହ ୨ ଯବାନ ଆହତ ହୋଇଛନ୍ତି। ଯବାନମାନେ କ୍ରିଷ୍ଣା ଘାଟି ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ମାଇନ୍ ବିସ୍ଫୋରଣ ଘଟିଥିଲା। ଆହତଙ୍କ ମଧ୍ୟରେ ଜଣେ ଜେସିଓ ଅଛନ୍ତି। ସେମାନଙ୍କୁ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୭ ଜାଟ୍ ରେଜିମେଣ୍ଟରେ ନିୟୋଜିତ ଥିବା ଅଗ୍ନିବୀର ଲଳିତ କୁମାରଙ୍କୁ ହ୍ୱାଇଟ୍ ନାଇଟ୍ କର୍ ଜିଓସିଙ୍କ ସମେତ ସବୁ ର୍‍ୟାଙ୍କ୍‌ର ଅଧିକାରୀମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ଡ୍ରୋନ୍‌ରୁ ବଙ୍କରଭେଦୀ ମିଶାଇଲ ପରୀକ୍ଷା

ନୂଆଦିଲ୍ଲୀ,୨୫।୭(ପି.ଟି.)

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ଦ୍ୱାରା ଶୁକ୍ରବାର ଆନ୍ଧ୍ରପ୍ରଦେଶର କୁର୍ନୁଲସ୍ଥିତ ପରୀକ୍ଷା ରେଞ୍ଜ୍‌ରେ ଡ୍ରୋନ୍‌ରୁ ଲଞ୍ଚ୍ ହେଉଥିବା ମିଶାଇଲ୍‌ର ସଫଳ ପରୀକ୍ଷା କରାଯାଇଛି। ଭାରତର ପ୍ରତିରକ୍ଷା ସାମର୍ଥ୍ୟ ବୃଦ୍ଧିରେ ଏହା ଏକ ବଡ଼ ସଫଳତା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ୟୁଏଲ୍‌ପିଜିଏମ୍-ଭି୨ ମିଶାଇଲ୍‌ର ଏହି ଉନ୍ନତ ଭର୍ସନକୁ ଡିଆର୍‌ଡିଓ ବିକଶିତ କରିଛି ଯାହା ଏକାଧିକ ଟାର୍ଗେଟକୁ ଆକ୍ରମଣ କରିପାରିବ। ମିଶାଇଲ୍‌କୁ ଦିନ ଓ ରାତି ସମୟରେ ଛଡ଼ାଯାଇପାରିବ। ଲଞ୍ଚ୍ ପରବର୍ତ୍ତୀ ଟାର୍ଗେଟକୁ ଅପ୍‌ଡେଟ୍ କରିବା ପାଇଁ ଏଥିରେ ଟୁ-ୱେ ଡେଟା ଲିଙ୍କ୍ ରହିଛି। ଏହା ବଙ୍କରକୁ ଭେଦ କରିପାରିବ। ଭାରତୀୟ ଷ୍ଟାର୍ଟଅପ୍ ବେଙ୍ଗାଲୁରୁର ନ୍ୟୁସ୍ପେସ୍ ରିସର୍ଚ୍ଚ ଟେକ୍ନୋଲୋଜି ଦ୍ୱାରା ନିର୍ମିତ ଡ୍ରୋନ୍‌ରୁ ଉକ୍ତ ମିଶାଇଲ୍‌କୁ ଛଡ଼ାଯାଇଥିଲା।



ତେଲଆଭିଭ୍‌ସ୍ଥିତ ଆମେରିକା ଦୂତାବାସ ସମ୍ମୁଖରେ ଇସ୍ରାଏଲୀ ଆକ୍ଟିଭିଷ୍ଟମାନେ ଗାଜା ଷ୍ଟ୍ରିପ୍‌ର କ୍ଷୁଧାର୍ଥ ପାଲେଷ୍ଟିନୀୟଙ୍କ ସପକ୍ଷରେ ବିକ୍ଷୋଭ କରୁଛନ୍ତି।

# ତେଜସ୍ୱୀଙ୍କୁ ହତ୍ୟା ପାଇଁ ଜେଡିୟୁ-ଭାଜପାର ଚକ୍ରାନ୍ତ: ରାବ୍ରୀ ଦେବୀ

ପାଟନା,୨୫।୭

ବିହାରର ଶାସକ ଜେଡିୟୁ-ଭାଜପା ମେଣ୍ଟ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ବିଧାନସଭା ନିର୍ବାଚନ ପୂର୍ବରୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ଚଳାଇଥିବା ତାଙ୍କ ମା' ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ ଅଭିଯୋଗ ଆଣିଛନ୍ତି। ପିଟିଆଇକୁ ସାକ୍ଷାତ୍‌କାର ଦେଇ ବିଧାନ ପରିଷଦର ବିରୋଧୀ ଦଳ ନେତା ରାବ୍ରି କହିଛନ୍ତି, ଅତୀତରେ ଅନ୍ୟୂନ ୨ରୁ ୪ ଥର ତେଜସ୍ୱୀଙ୍କୁ ହତ୍ୟା ପାଇଁ ଉଦ୍ୟମ ହୋଇଛି। ଏପରିକି ପୂର୍ବରୁ ମଧ୍ୟ ତେଜସ୍ୱୀଙ୍କୁ ଥରେ ଟ୍ରକ୍ ମଡ଼ାଇ ହତ୍ୟା ଉଦ୍ୟମ କରାଯାଇଥିଲା ବୋଲି ରାବ୍ରୀ କହିଛନ୍ତି।

## କାମ୍ବୋଡ଼ିଆ-ଥାଇଲାଣ୍ଡ ସଂଘର୍ଷ

# ଘର ଛାଡ଼ିଲେଣି ୬୨ ହଜାର

ସୁରିନ୍,୨୫।୭

ଥାଇଲାଣ୍ଡ ଏବଂ କାମ୍ବୋଡ଼ିଆ ମଧ୍ୟରେ ସୀମା ବିବାଦ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି କରିଛି। ଉଭୟ ପକ୍ଷ ପରସ୍ପରକୁ ଗୁଳି ଓ ରକେଟ ମାଡ଼ ଜାରି ରଖିଥିବାବେଳେ ଥାଇଲାଣ୍ଡ ଏୟାର ଷ୍ଟ୍ରାଇକ୍ କରିଛି। ଗୁରୁବାର ସୀମାର ୬ଟି ସ୍ଥାନରେ ଉଭୟ ଦେଶର ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟିଥିବାବେଳେ ଶୁକ୍ରବାର ସକାଳେ ପୁରାତନ ଟା ମୁଏନ୍ ଥୋମ୍ ମନ୍ଦିର ନିକଟରେ ପୁନର୍ବାର ସଂଘର୍ଷ ଆରମ୍ଭ ହୋଇଥିଲା। ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ଯୁଦ୍ଧ ଆଶଙ୍କାରେ ୨ ଦେଶର ଅନେକ ହଜାର ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ପଳାୟନ କରିଛନ୍ତି। ଉତ୍ତେଜନା ସ୍ଥିତିକୁ ନେଇ ଜାତିସଂଘ ସୁରକ୍ଷା ପରିଷଦର ଜରୁରୀ ବୈଠକ ବସିବାକୁ ଥିବାବେଳେ ଆକ୍ରମଣ ବନ୍ଦ ଲାଗି ମାଲେସିଆ ଉଭୟ ଦେଶକୁ ଆହ୍ୱାନ ଦେବା ସହ ମଧ୍ୟସ୍ଥତା ଲାଗି ପ୍ରସ୍ତାବ ଦେଇଛି। ଥାଇଲାଣ୍ଡର ୪ଟି ସୀମାନ୍ତ ପ୍ରଦେଶ ପ୍ରଭାବିତ ହୋଇଥିବାବେଳେ ୫୮ ହଜାରରୁ ଉର୍ଦ୍ଧ୍ୱ ଲୋକ ଘରଦ୍ୱାର ଛାଡ଼ି ଅସ୍ଥାୟୀ ଆଶ୍ରୟ ସ୍ଥଳକୁ ଚାଲିଯାଇଥିବା ସେଠାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ସେହିପରି କାମ୍ବୋଡିଆ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ସୀମାନ୍ତ ଅଞ୍ଚଳରୁ ୪,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଗଲାଣି। ତେବେ ସଂଘର୍ଷ ବନ୍ଦ ଲାଗି ଅନ୍ୟ ଦେଶର ମଧ୍ୟସ୍ଥତା ଗ୍ରହଣ କରିବାକୁ ୨ ଦେଶ ରାଜି ନୁହନ୍ତି। ଉତ୍ତେଜନା ଲାଗିରହିଥିବାରୁ ଥାଇଲାଣ୍ଡରେ ଥିବା ଭାରତୀୟମାନଙ୍କୁ ପ୍ରଭାବିତ ରାଜ୍ୟଗୁଡ଼ିକୁ ନ ଯିବା ପାଇଁ ସେଠାର ଭାରତୀୟ ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଅତ୍ୟଧିକ ବିପଦରେ ବିଶ୍ୱର ୯.୩% ଅଞ୍ଚଳ

ନୂଆଦିଲ୍ଲୀ,୨୫।୭(ପି.ଟି.)

## ପ୍ରାଣୀରୁ ମାନବକୁ ସଂକ୍ରମଣ

କୋଭିଡ୍ ମହାମାରୀ ଭଳି ପ୍ରାଣୀ ଶରୀରରୁ ମାନବକୁ ସଂକ୍ରମିତ ହେଉଥିବା ରୋଗଜନିତ ସର୍ବାଧିକ ବିପଦ ଆଶଙ୍କା ବିଶ୍ୱର ୯.୩ ପ୍ରତିଶତ ଅଞ୍ଚଳରେ ରହିଥିବା ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ସାଇନ୍ସ ଆଡଭାନ୍ସେସ୍ ପତ୍ରିକାରେ ପ୍ରକାଶିତ ଉକ୍ତ ଅଧ୍ୟୟନ ଅନୁଯାୟୀ ବିଶ୍ୱ ଜନସଂଖ୍ୟାର ୩ ପ୍ରତିଶତ ଅତ୍ୟଧିକ ବିପଦପୂର୍ଣ୍ଣ ଅଞ୍ଚଳରେ ରହୁଛନ୍ତି। ଅଧ୍ୟୟନରେ ୟୁରୋପୀୟ କମିଶନ୍‌ର ଜଏଣ୍ଟ ରିସର୍ଚ୍ଚ ସେଣ୍ଟର ସାଇଣ୍ଟିଫିକ୍ ଡେଭେଲପମେଣ୍ଟ ପ୍ରୋଗ୍ରାମ ୟୁନିଟ୍‌ର ଗବେଷକମାନେ ସାମିଲ ହୋଇଥିଲେ। ସେମାନେ ବିଶ୍ୱ ସ୍ତରରେ ସଂକ୍ରମକ ରୋଗ ଓ ମହାମାରୀ ବିଜ୍ଞାନ ନେଟ୍‌ୱର୍କର ଡେଟାସେଟ୍ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ମହାମାରୀ ରୋଗ ତାଲିକାକୁ ଅନୁଧ୍ୟାନ କରି ଉପରୋକ୍ତ ଆକଳନ କରିଛନ୍ତି। କୋଭିଡ୍, ଏବୋଲା, କରୋନା ଭୂତାଣୁ ସମ୍ପର୍କିତ ଏମ୍‌ଇଆର୍‌ଏସ୍ ଏବଂ ଏସ୍‌ଏଆର୍‌ଏସ୍, ନିପା ଆଦି ଡବ୍ଲ୍ୟୁଏଚ୍‌ଓ ତାଲିକାରେ ଥିବା ସର୍ବାଧିକ ସଂକ୍ରମକ ରୋଗ।

# ଓଡ଼ିଶାରେ ୨୦୦ କୋଟି ନିବେଶ କରିବ ହିଣ୍ଡାଲ୍‌କୋ

■ହିଣ୍ଡାଲ୍‌କୋ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୨ ଏମ୍‌ଓୟୁ ସ୍ୱାକ୍ଷର

■କେନ୍ଦୁଝର, ସମ୍ବଲପୁରରେ ହେବ ପୋଷାକ ତିଆରି କାରଖାନା




ଭୁବନେଶ୍ୱର,୨୫।୭ (ଅଭୟ ଦାଶ)

ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧୀନ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଓଡ଼ିଶାରେ ୨୦୦ କୋଟି ଟଙ୍କା ନିବେଶ ପାଇଁ ଧାର୍ଯ୍ୟ ହୋଇଛି। ଫଳରେ ଓଡ଼ିଶାର କେନ୍ଦୁଝର ଓ ସମ୍ବଲପୁର ଜିଲାରେ ପୋଷାକ ତିଆରି କାରଖାନା ପ୍ରତିଷ୍ଠା ହେବ। ଏ ନେଇ ଶୁକ୍ରବାର ହିଣ୍ଡାଲ୍‌କୋ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଦୁଇଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଯାଇଛି। ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ହିଣ୍ଡାଲ୍‌କୋର କର୍ପୋରେଟ ଆଫେୟାର ଅଧ୍ୟକ୍ଷ ଅର୍ଦ୍ଧେନ୍ଦୁ ମହାପାତ୍ର ଏବଂ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ଯାନ୍ତ୍ରିକ ଶିକ୍ଷା ବିଭାଗ ସଚିବ ବି.ଏସ୍. ପୁନିଆଙ୍କ ମଧ୍ୟରେ ଏହି ଏମ୍‌ଓୟୁ ଦସ୍ତାବିଜ ଆଦାନ ପ୍ରଦାନ ହୋଇଛି।

ସେହିପରି ଫିକି ସହଯୋଗରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସଚିବାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଟେକ୍ସ ଟାଇଲ ନିବେଶକ ସମ୍ମିଳନୀ-୨୦୨୫ (ଟେକ୍ସ-୨୦୨୫) ରେ ହିଣ୍ଡାଲ୍‌କୋ ପକ୍ଷରୁ ରାଜ୍ୟର ଉପରୋକ୍ତ ଦୁଇଟି ସ୍ଥାନରେ ପୋଷାକ କାରଖାନା ପ୍ରତିଷ୍ଠା ବାବଦକୁ ୨୦୦ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ନିଷ୍ପତ୍ତି ହୋଇଛି। ଉକ୍ତ ଦୁଇଟି ପୋଷାକ କାରଖାନା ଆଗାମୀ ଦିନରେ କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ଏଥିରେ ୨୪୦୦ ଯୁବବର୍ଗଙ୍କୁ କର୍ମନିଯୁକ୍ତି ନିମନ୍ତେ ସମ୍ଭାବନା ସୃଷ୍ଟି ହେବ।

ଏହି ପରିପ୍ରେକ୍ଷୀରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଟେକ୍ସଟାଇଲ ଓ ହସ୍ତତନ୍ତ୍ର ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ସଚିବ ମନୋଜ ଆହୁଜା, ବିକାଶ ଆୟୋଗ ଅନୁ ଗର୍ଗ ଓ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପଦକ୍ଷେପ ଦ୍ୱାରା ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଓଡ଼ିଶାରେ ଏହାର ସ୍ଥିତି ଆହୁରି ବୃଦ୍ଧି କରିଛି । ଏକ ଦାୟିତ୍ୱବାନ ଶିଳ୍ପ ପ୍ରତିଷ୍ଠାନ ଭାବେ ରାଜ୍ୟରେ ଏହାର ପରିଚୟ ସୁଦୃଢ ହେବା ଦ୍ୱାରା ଆଗାମୀ ଦିନରେ କମ୍ପାନୀ ପକ୍ଷରୁ ଶତାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଦ୍ୟମ ଜାରି ରହିବ।

# ରତ୍ନା ତେଜା ଏସ୍‌ବିଆଇର ନୂଆ ସିଜିଏମ୍

ଭୁବନେଶ୍ୱର,୨୫।୭


ରତ୍ନା ତେଜା ଦିନକର ଅକେଲ୍ଲା

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଭାବେ ରତ୍ନା ତେଜା ଦିନକର ଅକେଲ୍ଲାଙ୍କୁ ନିକଟରେ ନିଯୁକ୍ତ ଦିଆଯାଇଛି। ଏହା ପୂର୍ବରୁ ସେ ମୁମ୍ବାଇସ୍ଥିତ ଏସ୍‌ବିଆଇ କର୍ପୋରେଟ ସେଣ୍ଟରରେ ମୁଖ୍ୟ ମହାପ୍ରବନ୍ଧକ (ରିସ୍କ ମ୍ୟାନେଜମେଣ୍ଟ ବିଭାଗ) ଭାବେ କାର୍ଯ୍ୟରତ ଥିଲେ। ସେହିଭଳି ୧୯୯୪ରେ ରତ୍ନା ତେଜା ଏସ୍‌ବିଆଇର ପ୍ରୋବେସନାରି ଅଫିସର (ପିଓ) ଭାବେ ଯୋଗଦେଇଥିଲେ। ଏପରିକି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ଦୀର୍ଘ ୩୧ବର୍ଷର ଅଭିଜ୍ଞତା ରହିଛି। ବ୍ୟାଙ୍କିଙ୍ଗ୍ କ୍ୟାରିୟର ମଧ୍ୟରେ ସେ ରିଟେଲ ଅପରେଶନ, କର୍ପୋରେଟ କ୍ରେଡିଟ୍, ଫୋରେକ୍ସ, ଏମ୍‌ଏସ୍‌ଏମ୍‌ଇ ଭଳି ପ୍ରମୁଖ କ୍ଷେତ୍ରରେ କାର୍ଯ୍ୟ କରିବା ସହ ଦେଶ ବିଦେଶରେ ମଧ୍ୟ ସେ ଦକ୍ଷତାର ସହ ଦାୟିତ୍ୱ ନିର୍ବାହର ଅଭିଜ୍ଞତା ଅର୍ଜନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଏସ୍‌ବିଆଇର ସମସ୍ତ ୯୧୭ ଶାଖା ତାଙ୍କ ତତ୍ତ୍ୱାବଧାନ ଏବଂ ମାର୍ଗଦର୍ଶନରେ ପରିଚାଳିତ ହେବ।

# ଭାରତ-ବ୍ରିଟେନ୍ ଏଫ୍‌ଟିଏ ଏକ ନୂଆ ଯୁଗର ଶୁଭାରମ୍ଭ

TVS

ଭୁବନେଶ୍ୱର,୨୫।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇଂଲଣ୍ଡ ଗସ୍ତ ସମୟରେ ସ୍ୱାକ୍ଷରିତ ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ)କୁ ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଚୁକ୍ତି ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦୩୦ ସୁଦ୍ଧା ୬୦ ବିଲିୟନ ଡଲାରରୁ ୧୨୦ବିଲିୟନ ଡଲାରକୁ ବଢ଼ାଇବା ସହ ଦ୍ୱିଗୁଣିତ କରିବ ବୋଲି ଆଶା କରାଯାଉଛି। ଏହା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପ୍ରୟାସ ଅଧୀନରେ ଭାରତୀୟ ଉତ୍ପାଦନ ଏବଂ ଡିଜାଇନ୍ ପାଇଁ ବିଶ୍ୱସ୍ତରୀୟ ମଞ୍ଚରେ ନୂତନ ଅବସର ସୃଷ୍ଟି କରିବ। ଟିଭିଏସ୍ ମୋଟର କମ୍ପାନୀ ପାଇଁ ଏହି ଚୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି, ଯେତେବେଳେ କମ୍ପାନୀ ବ୍ରିଟେନ ନୂତନରେ ନର୍ଟନ୍ ମୋଟରସାଇକେଲ ଉନ୍ମୋଚନ କରିବାକୁ ପ୍ରସ୍ତୁତ ହେଉଛି। ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଦର୍ଶନ ବେଣୁ କହିଛନ୍ତି,ଭାରତ-ବ୍ରିଟେନ୍ ଏଫ୍‌ଟିଏ ଏକ ନୂଆ ଯୁଗର ଶୁଭାରମ୍ଭ ହୋଇଛି। ଏପରିକି ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତର ସ୍ୱପ୍ନ ଏବଂ ଭାରତକୁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ ଏବଂ ଡିଜାଇନ୍ କ୍ଷେତ୍ରରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଗଢିବା ପାଇଁ ତାଙ୍କର ଅଟଳ ପ୍ରତିବଦ୍ଧତାରୁ ଅନୁପ୍ରାଣିତ ହେଉଛୁ। ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଏହା ଭାରତୀୟ କମ୍ପାନୀଗୁଡିକୁ 'ମେକ୍ ଇନ୍ ଇଣ୍ଡିଆ'କୁ ବିଶ୍ୱସ୍ତରୀୟ ମଞ୍ଚରେ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିବ। ଆମେ ବିଶେଷ ଭାବେ ଉତ୍ସାହିତ କାରଣ ଚଳିତ ବର୍ଷ ନୂତନ ନର୍ଟନ୍ ମୋଟରସାଇକଲକୁ ଉନ୍ମୋଚନ କରାଯିବ ଯାହା ଭାରତ ଏବଂ ବ୍ରିଟେନ ମଧ୍ୟରେ ବାଣିଜ୍ୟ ସମ୍ପର୍କ ମଜଭୁତ ହେବାରୁ ଲାଭାନ୍ୱିତ ହେବ। ଏହା ଆମର ବିଶ୍ୱସ୍ତରୀୟ ଆକାଂକ୍ଷାକୁ ଶକ୍ତି ପ୍ରଦାନ କରିବ ଏବଂ ବିଶ୍ୱସ୍ତରୀୟ ଉତ୍ପାଦ ଏବଂ ବ୍ରାଣ୍ଡ ନିର୍ମାଣ ପାଇଁ ଆମର ସଂକଳ୍ପକୁ ମଜଭୁତ କରିବ। ଟିଭିଏସ୍ ମୋଟର କମ୍ପାନୀ ବିଶ୍ୱାସକରେ ଯେ ଭାରତ-ବ୍ରିଟେନ୍ ଏଫ୍‌ଟିଏ ଭାରତୀୟ କମ୍ପାନୀଗୁଡିକୁ ବିଶ୍ୱସ୍ତରୀୟ ଉପସ୍ଥିତି ବିସ୍ତାର କରିବା ସହ ବୃହତ୍ ମଞ୍ଚରେ ଭାରତର ନବସୃଜନ ଏବଂ ଯାନ୍ତ୍ରିକ ଦକ୍ଷତାକୁ ପ୍ରଦର୍ଶନ କରିବାରେ ବିପୁଳ ସୁଯୋଗ ସୃଷ୍ଟି କରିବ।

# ସିଜିୟୁ ସହ ଏନ୍‌ୟୁଏସ୍‌ଟିର ବୁଝାମଣା

ଭୁବନେଶ୍ୱର,୨୫।୭



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ, ଓଡ଼ିଶା) ଏବଂ ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏନ୍‌ୟୁଏସ୍‌ଟି,ଓମାନ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଉଭୟ ଶିକ୍ଷାନୁଷ୍ଠାନ ମଧ୍ୟରେ ଛାତ୍ର ବିନିମୟ କାର୍ଯ୍ୟକ୍ରମ, ଟେକ୍ନୋଲୋଜିର ପ୍ରୟୋଗ ଏବଂ ଦକ୍ଷତା ବିକାଶ ଭଳି ଅନେକ ଦିଗ ଉପରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ଏକ ଚୁକ୍ତିନାମା (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏନ୍‌ୟୁଏସ୍‌ଟିର ଡ. ସଲିମ୍ ଅଲ୍ ଆରାଇମି, ଏ. ନିଜାମୁଦ୍ଦିନ ଅହମ୍ମଦ, ପ୍ରଫେସର ସି.ଭି. ସୁଧୀର ଏବଂ ଡ.ତଲାଲ୍ ମହମ୍ମଦ ଅଲ୍ ବାଲୁଶିଙ୍କ ସମେତ ସିଜିୟୁର ପ୍ରଫେସର ଡ. ଗୁଡା ଶ୍ରୀଦେବୀ, ରଜତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏନ୍‌ୟୁଏସ୍‌ଟିର ଭିସି (ଭାଇସ୍ ଚାନ୍ସେଲର) ଡ. ଅଲି ସୌଦ ଅଲ୍ ବିମାନି ନବସୃଜନଚାଳିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ସିଜିୟୁର ସ୍କିଲିଂ ଇକୋସିଷ୍ଟମ୍ ଭବିଷ୍ୟତରେ ଓମାନ ଦୂତାବାସର ଭିଜନ-୨୦୪୦ରେ ଅବଦାନ ଦେବା ପାଇଁ ପ୍ରେରିତ କରିଥିଲେ। ସେହିପରି ସିଜିୟୁର ପ୍ରୋ-ଭାଇସ ଚାନ୍ସେଲର ଡ. ଗୁଡା ଶ୍ରୀଦେବୀ, ଓମାନରେ ଥିବା ଭାରତୀୟ ଦୂତାବାସ, ଏନ୍‌ୟୁଏସ୍‌ଟି ଏବଂ ଫିକି ଇଣ୍ଡିଆର ଅଧିକାରୀମାନଙ୍କର ଐତିହାସିକ ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି।

# ଇଲେକ୍ଟ୍ରୋନିକ୍ସ କ୍ଷେତ୍ରକୁ ବଳ ଯୋଗାଇବ

ଭୁବନେଶ୍ୱର,୨୫।୭

ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ଏକ ରଣନୈତିକ ମାଇଲଖୁଣ୍ଟ ହେବ ବୋଲି ଆଶା କରାଯାଉଛି। ବିଶେଷକରି ଏହା ଭାରତର ବୈଶ୍ୱିକ ଭାବମୂର୍ତ୍ତି ବୃଦ୍ଧି ଏବଂ ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟ ସୁଯୋଗକୁ ଉନ୍ମୁକ୍ତ କରିଛି। ଇଲେକ୍ଟ୍ରୋନିକ୍ସ ଉତ୍ପାଦ, ଉପାଦାନ, କଞ୍ଚାମାଲ ଏବଂ ପୁଞ୍ଜି ଉପକରଣ ଉପରେ ଶୁଳ୍କକୁ ସମାପ୍ତକରି ଏହା ଉତ୍ପାଦନ ଖର୍ଚ୍ଚ ହ୍ରାସ କରିଥାଏ। ଏପରିକି 'ମେଡ୍ ଇନ୍ ଇଣ୍ଡିଆ' ଉତ୍ପାଦଗୁଡ଼ିକର ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱିତାକୁ ବୃଦ୍ଧି କରିଛି। ଏ ସମ୍ପର୍କରେ ଏସ୍‌ଇଏମ୍‌ଆଇ/ସେମି ଇଣ୍ଡିଆ ଏବଂ ଆଇଇଏସ୍‌ଏର ସଭାପତି ଅଶୋକ ଚଣ୍ଡକ କହିଛନ୍ତି, ଏହାଦ୍ୱାରା ମେଡ୍ ଇନ୍ ଇଣ୍ଡିଆ'କୁ ଶକ୍ତି ପ୍ରଦାନ ସହ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ଲାଭବାନ ହେବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ରାଜିନାମା ଭବିଷ୍ୟତର ଏଫ୍‌ଟିଏ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥିର କରିଛି, ଯାହା ସମଭାବାପନ୍ନ ଗଣତନ୍ତ୍ର ସହ ଭାରତର ସଂଳାପକୁ ପ୍ରତିଫଳିତ କରୁଛି ଏବଂ ଇଲେକ୍ଟ୍ରୋନିକ୍ସ ଭଳି ଉଚ୍ଚ-ବୈଷୟିକ କ୍ଷେତ୍ରରେ ଏହାର ରଣନୈତିକ ସ୍ଥିତିକୁ ସୁଦୃଢ଼ କରୁଛି। ସ୍ମାର୍ଟଫୋନ୍, ଅପ୍ଟିକାଲ୍ ଫାଇବର କେବୁଲ ଏବଂ ଇନଭର୍ଟର ଭଳି ଭାରତୀୟ ରପ୍ତାନି ପାଇଁ ଶୁଳ୍କମୁକ୍ତ ପ୍ରବେଶ ସହ ଏଫ୍‌ଟିଏ ଭାରତକୁ ବ୍ରିଟେନର ଇଲେକ୍ଟ୍ରୋନିକ୍ସ ଆମଦାନୀରେ ବର୍ତ୍ତମାନର ୨ବିଲିୟନ ଆମେରିକୀୟ ଡଲାରର ଅଂଶକୁ ବୃଦ୍ଧି କରିବା ଏବଂ ୨୦୩୦ସୁଦ୍ଧା ଏହାର ଉଚ୍ଚାଭିଳାଷୀ ୫୦୦ବିଲିୟନ ଆମେରିକୀୟ ଡଲାରର ଇଲେକ୍ଟ୍ରୋନିକ୍ସ ଶିଳ୍ପ ଲକ୍ଷ୍ୟ ଆଡ଼କୁ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ଦିଗରେ ଅବସ୍ଥାପିତ କରିଛି। ସେହିଭଳି ଡିଜାଇନ, ପରୀକ୍ଷଣ ଏବଂ ଏମ୍‌ବେଡେଡ୍ ସଫ୍ଟୱେରରେ ବର୍ଦ୍ଧିତ ସହଯୋଗରୁ ସେବା କ୍ଷେତ୍ର ଲାଭବାନ ହେବ-ବ୍ରିଟେନର ଡିଜାଇନ ନେତୃତ୍ୱକୁ ଭାରତର ଇଞ୍ଜିନିୟରିଂ ବିଶେଷଜ୍ଞତା ସହିତ ମିଶ୍ରଣ କରିବ। ଏଫ୍‌ଟିଏ କୁଶଳୀ ପ୍ରତିଭା ଗତିଶୀଳତାକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଏପରିକି ଯୋଗାଣ ଶୃଙ୍ଖଳାର ନମନୀୟତାକୁ ସୁଦୃଢ଼ କରିଥାଏ ଏବଂ ସବୁଜ ଏବଂ ସ୍ଥାୟୀ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଇଥାଏ।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୨୫।୭

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୨୧ (୭୨୧.୦୮) ପଏଣ୍ଟ ହ୍ରାସ ଘଟି ୮୧,୪୬୩ (୮୧,୪୬୩.୦୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୨୫ (୨୨୫.୧୦) ପଏଣ୍ଟ କମି ୨୪,୮୩୭ (୨୪,୮୩୭.୦୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ରିଅଲ୍‌ମି ୧୫ ସିରିଜର ଶୁଭାରମ୍ଭ

ଭୁବନେଶ୍ୱର,୨୫।୭

ରିଅଲ୍‌ମିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରିଅଲ୍‌ମି ୧୫ସିରିଜ 'ରିଅଲ୍‌ମି ୧୫ପ୍ରୋ ୫ଜି ଏବଂ ରିଅଲମି୧୫ ୫ଜି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏଆଇ ପାର୍ଟି ଫୋନ୍ ଭାବେ ସ୍ଥାପିତ ଏହି ସିରିଜ କ୍ୟାମେରା ଉତ୍କର୍ଷ, ଅତ୍ୟାଧୁନିକ ଏଆଇ ଓ ସାମଗ୍ରିକ କାର୍ଯ୍ୟଦକ୍ଷତା ପାଇଁ ଏକ ନୂଆ ମାନଦଣ୍ଡ ସ୍ଥିର କରୁଛି। ରିଅଲ୍‌ମି ୧୫ ସିରିଜରେ ଟ୍ରିପଲ ୫୦ଏମ୍‌ପି ଅଲ୍ଟ୍ରା-କ୍ଲିୟର କ୍ୟାମେରା ଓ ୪କେ ୬୦ଏଫ୍‌ପିଏସ୍ ଭିଡିଓ ରେକର୍ଡିଂ ଫିଚର ରହିଛି। ଏହା ବିଶ୍ୱର ପ୍ରଥମ ଏଆଇ ଏଡିଟ ଜେନି ଟେକ୍ନୋଲୋଜି ସହ ଏଆଇ ଇମେଜିଂ ଏବଂ ବିଶେଷକରି ଯୁବପିଢ଼ିଙ୍କ ପାଇଁ ନିର୍ମିତ ଏକ୍ସକ୍ଲୁସିଭ ଏଆଇ ପାର୍ଟି ମୋଡ୍‌କୁ ପୁନଃ ବ୍ୟାଖ୍ୟା କରୁଛି। ୧୫ ସିରିଜ ବ୍ୟତୀତ ନୂଆ ରିଅଲ୍‌ମି ବଡ୍‌ସ ଟି୨୦୦ର ଶୁଭାରମ୍ଭ କରାଯାଇଛି। ଉଭୟ ଡିଭାଇସ୍ ୭୦୦୦ ଏମ୍‌ଏଏଚ୍ ଟାଇଟନ ବ୍ୟାଟେରି ସହ ସୁସଜ୍ଜିତ ରହିଛି। ଉପଭୋକ୍ତାମାନେ ୫୦% ବ୍ୟାଟେରି ସହ ମଧ୍ୟ ସାରାଦିନ ନନ୍-ଷ୍ଟପ୍ ବ୍ୟବହାରକୁ ଉପଭୋଗ କରିପାରିବେ ଏବଂ ଏଥିରେ ସୁପରଫାଷ୍ଟ ୮୦ୱାଟ ଚାର୍ଜିଂ ଏବଂ ଏକ ମଜଭୁତ ୭୦୦୦ଏମ୍‌ଏମ୍ ଭିସି କୁଲିଂ ସିଷ୍ଟମକୁ ମଧ୍ୟ ରହିଛି। ଉଭୟ ସ୍ମାର୍ଟଫୋନ ରିଅଲ୍‌ମିର ଫ୍ଲାଗ୍‌ଶିପ-ଗ୍ରେଡ୍ 'ଜିଟି ବୁଷ୍ଟ' ଏଆଇ ଗେମିଂ ଅପ୍ଟିମାଇଜେଶନ ସହ ଆସୁଛି, ଯାହା ଗେମରଙ୍କ ପାଇଁ ଅପ୍ରତିଦ୍ୱନ୍ଦ୍ୱୀ ଅନୁଭୂତି ଦେଇଥାଏ।

GOVERNMENT OF ODISHA
OFFICE OF THE SUPERINTENDING ENGINEER, P.H.DIVISION, BHANJANAGAR AT CHATRAPUR

No.C-739

E-mail: eephchpr@gmail.com

NATIONAL COMPETITIVE BIDDING THROUGH e-Procurement
Invitation For Bids (IFB)

| Sl. No. | Name of Work | Bid Identification No. | Estimated Cost (Rs.in Lakh) | Period of Completion | Availability of Bid document for online bidding | | Name & Address of office inviting bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Procurement of 150mm to 450 mm dia DI pipes inconnection with the work construction of intake well laying of RWRM and ancillary works for improvement of water supply to Kodala NAC and Construction of WTP and laying of RWRM and CWRM with ancillary works for Sorada NAC under AMRUT 2.0 SWAP-III | Bid Identification No. 11/03/ SPH (C)/ 2025-26 dt.22.07.2025 | 371.03 | 3 (Three) Calendar Months | 11.00 Hrs. of 25.07.2025 | 17.30 Hrs. of 08.08.2025 | Superintending Engineer, P.H. Division, Bhanjanagar at Chatrapur |
| 2 | Procurement of 150mm to 450mm dia DI pipes inconnection with the work- Laying of CWRM in connection with improvement of water supply to Kodala NAC under AMRUT 2.0 SWAP-III | Bid Identification No. 12/03/ SPH (C)/ 2025-26 dt.22.07.2025 | 664.11 | 3 (Three) Calendar Months | 11.00 Hrs. of 25.07.2025 | 17.30 Hrs. of 08.08.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on dt.11.08.2025 at 01.00 PM.
Further details can be seen from the e-procurement portal https://www.tenderorissa.gov.in.

Sd./- Additional Chief Engineer (PH)
P.H.Division, Bhanjanagar at Chatrapur

OIPR-13013/11/0018/2526

GOVERNMENT OF ODISHA
OFFICE OF THE DIVISIONAL FOREST OFFICER, KEONJHAR WILDLIFE DIVISION, ANANDAPUR

At/PO-Salapada, Dist.-Keonjhar, PIN-758020,
Telephone : 06731-220322, e-mail id : dfo.keonjharwl@odisha.gov.in

OFFICE ORDER NO.201/DATED 23.07.2025

TENDER CANCELLATION NOTICE

**No.MM-139** : The Tender Notice No.192 dtd. 05.07.2025 published in daily Odia Newspapers DHARITRI & SAMBAD vide Advertisement No. MM-115 is hereby cancelled due to unavoidable circumstances.

Sd./- (Abhay Kumar Dalai-OFS-I (SAG))
Divisional Forest Officer,
Keonjhar Wildlife Division,
Anandapur

OIPR-08147/11/0013/2526

OFFICE OF THE SUPERINTENDING ENGINEER
RURAL WORKS DIVISION-II, GANJAM, BERHAMPUR

Phone : 0680-2404096, E-Mail : eerwgmt@yahoo.co.in

No.O-473 Government of Odisha e-Procurement Notice

Bid Identification No. Online Tender/04/SERWD-II/2025-26

Memo No.5467/RWD-IIGB, Date : 19.07.2025

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.49.58 lakhs to Rs.49.80 lakhs |
| 3 | Period of Completion | : | 6 (six) Months as per Annexure |
| 4 | Date & Time of availability of Bid documents in the Portal | : | 28.07.2025 at 10.00 A.M. to 07.08.2025 up to 5.00 P.M. |
| 5 | Last Date/Time for receipt of Bids in the Portal | : | 07.08.2025 up to 5.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Sd./- Executive Engineer
R.W. Division-II, Ganjam
Berhampur

OIPR-25073/11/0021/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI

E-mail-ruralworksdivisioniimalkangiri@yahoo.in

INVITATION FOR BIDS

NATIONAL COMPETITIVE BIDDING

**Bid Identification No: RWDSE_MKG_II_ONLINE_04/2025-26**

No.O-468:The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work: Building Work. 2. No. of Works: 04 No. 3. Estimated Cost: Rs.64.37 Lakhs to Rs.78.65 Lakhs. 4. Tender Paper Cost: Rs.10,000/-. 5. Class of Contractor: Estimated cost upto Rs.20.00 Lakhs 'D'. Estimated Cost upto Rs.40.00 Lakhs 'C'. Estimated Cost more than Rs.20.00 lakhs & within Rs.300.00 lakhs 'B'. 6. Period of Completion: 09 (Nine) Calendar Months. 7. **Critical Dates:**


| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_04 of 2025-26 | 31.07.2025 at 11.00 AM | 14.08.2025 upto 05.30 PM | 13.08.2025 upto 3.00 P.M. | 16.08.2025 at 11.00 A.M. | To be intimated Separately |

❖Further details can be seen in the bidding documents, which is available in the e-procurement portal https://www.tendersorissa.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.

OIPR-25079/11/0027/2526 Sd./- Superintending Engineer, Rural Works Division-II, Malkangiri

ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

ବିଜ୍ଞପ୍ତି



No. g-70: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା୦୯।୦୪।୨୦୨୫ରିଖ ଦିନ **ସାଇ ଶ୍ରଦ୍ଧାଞ୍ଜଳୀ** ନାମକ ଏକ ୪ ବର୍ଷର ଶିଶୁ କନ୍ୟାଟିକୁ କରୁଣାକର ଦେବତା ନାମକ ଏକ ବ୍ୟକ୍ତି ତା'ର ପିତା ବୋଲି ପରିଚୟ ଦେଇ ଶିଶୁ ମଙ୍ଗଳ କମିଟି, କଟକ ନିକଟରେ ଆଣି ଛାଡ଼ିଥିଲେ। ଶିଶୁଟି ବର୍ତ୍ତମାନ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ. ୧୩୮/୨୦୨୫, ଅନୁଯାୟୀ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହୁଅଛି। ତେଣୁ ଉକ୍ତ କନ୍ୟାଟିର ଯଦି ମାଆ କିମ୍ବା ଅନ୍ୟ କେହି ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦକ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ - ୭୫୪୦୭୧, ଫୋନ୍ ନଂ. ୯୭୭୭୬୪୪୦୬କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟ ସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁ କନ୍ୟା ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁ କନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ - ୨୦୧୫ (ସଂଶୋଧିତ - ୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ।

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

OIPR-33038/11/0029/2526

OFFICE OF DISTRICT MANAGER
ODISHA STATE CIVIL SUPPLIES CORPORATION LTD. (OSCSC) BALANGIR

No.CAD-1266

Phone:9438200035, District website:https://balangir.odisha.gov.in

Tender No.4440, 4441, 4442, 4443, 4444, 4445, 4446, 4447, 4448, 4449, 4450, 4451, 4452, 4453, 4454, 4455, 4456 Dt.19.07.2025

District Manager, Odisha State Civil Supplies Corporation Ltd., Balangir (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) Level-II Transport Contractor for transporation of foodgrains from RRCs to Retail Centers (FPS) in the district of the State of Odisha. |
| 2 | Availability of bid document in the portal | From Dt.23.07.2025 |
| 3 | Last Date/ Time for Receipt of bids in the portal | Dt.12.08.2025 upto 05.00 P.M. |
| 4 | Date/Time of Opening of Technical Bid | Dt.13.08.2025 at 11.00 A.M. |
| 6 | Name and address of the Officer Inviting Tender | District Manager, OSCSC Ltd., Balangir |

Tender document and other details can be seen from e-procurement portal www.oscsc.in, www.foododisha.in & www.tendersodisha.gov.in alongwith district website. Amendment/ Corrigendum/Cancellations/ retenders etc. if any shall be published only in above website.

Sd./- District Manager,
OSCSC Ltd., Balangir

OIPR-07031/11/0010/2526

See Career Appointment on every Wednesday & Saturday

ODISHA UNIVERSITY OF AGRICULTURE AND TECHNOLOGY
BHUBANESWAR : 751003

Letter No. ACD-I/ADM/0001/2025/13628/UAT Dt.23rd July, 2025

DIPLOMA IN AGRO-POLYTECHNIC ADMISSION NOTICE 2025-26

**No.KK-145** : This is for information of all candidates that, the counseling for admission into Diploma in Agro- Polytechnic Courses for the Academic Session 2025-26 will be conducted in Dr. M.S. Swaminathan Conference Hall, 2nd floor, OUAT Administrative Building, Bhubaneswar-3 as per the Programme given below. The Intimation-cum-Rank Card shall be available only to the eligible candidates for different categories from OUAT website https://ouat.ac.in and https://ouat-lokaseba-odisha.in.

| Date | Category | Seats | Rank | Reporting Time |
|---|---|---|---|---|
| 29.07.2025 | General (Unreserved) | 140 | 01-200 | 09:30 a.m. - 10:00 a.m. |
| | | | 201-360 | 02:00 p.m. - 02:30 p.m. |
| 30.07.2025 | Scheduled Caste | 17 | All Candidates | 09:30 a.m - 10:00 a.m. |
| | Scheduled Tribe | 23 | All Candidates | |
| | Physically Handicapped | 10 | All Candidates | |
| | Green Card Holder | 10 | All Candidates | |
| | +2 Science Vocational course students of Agriculture and Allied Science | 20 | All Candidates | |

Note :
1. This information is not ensuring any seat but to attend the counselling for admission. **Admission depends on availability of seat and the candidates' eligibility, after verification of original documents, as per the rules laid down in Diploma in Agro-Polytechnic Prospectus 2025-26.**
2. Admission Board reserves the right to deny admission to any candidate who has submitted wrong information in Application Form to enhance weightage and rank (clause No. 6.3 to 6.6 of Diploma in Agro-Polytechnic Prospectus 2025-26).
3. Candidate seeking admission into Diploma in Agro-Polytechnic Course under OUAT based on their merit should bring **Demand Draft of Rs. 9000/-(Rupees Nine Thousand only) of any Nationalized Bank drawn in favor of "COMPTROLLER, OUAT, Bhubaneswar" payable at Bhubaneswar.**
4. The candidates are required to produce copy of downloaded Intimation letter-cum-Rank card, Application Form, all the certificates and mark sheet in original and two sets of self attested photo copies along with the requisite admission fees in shape of Demand Draft as mentioned above

OIPR-01036/11/0073/2526 Sd./- Registrar

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗ୍ରେସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପତ୍ନୀହନ୍ତାଙ୍କୁ ଆଜୀବନ ଜେଲ

**କେନ୍ଦୁଝର,୨୫।୭**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ସେସନ୍ସ ଜଜ୍‌ଙ୍କ କୋର୍ଟରେ ସ୍ତ୍ରୀଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଜି.ସି. ବେହେରା ମାମଲାର ଶୁଣାଣି କରି ଅଭିଯୁକ୍ତ ସଦର ଥାନା ପର୍ଜନପୁର ଗ୍ରାମର ସୁକୁରା ମୁଣ୍ଡା (୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଅନାଦାୟେ ଅଧିକ ଏକବର୍ଷ କାରାଦଣ୍ଡ ଆଦେଶ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବିଭିନ୍ନ କାରଣରୁ ସୁକୁରା ତାଙ୍କ ସ୍ତ୍ରୀ ଶୁଭାସିନୀଙ୍କ ସହିତ ଝଗଡ଼ା କରିବା ସହ ମାରପିଟ୍ କରୁଥିଲେ। ୨୨ ଅକ୍ଟୋବର ୨୦୨୧ ରାତିରେ ଝଗଡ଼ା ହୋଇଥିବା ବେଳେ ସୁକୁରା ଉତ୍ତ୍ୟକ୍ତ ହୋଇ ବେଲ୍‌ଚାରେ ଶୁଭାସିନୀଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ରକ୍ତସ୍ରାବ ହୋଇ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରାୟ ରାତି ୧୧ଟାରେ ସୁକୁରା ଗ୍ରାମରେ ଥିବା ଶ୍ୱଶୁରଘରକୁ ଯାଇ ଶୁଭାସିନୀଙ୍କ ଦେହ ଖରାପ ହୋଇଥିବା ନେଇ ଜଣାଇଥିଲେ। ସୁକୁରାଙ୍କ ଶ୍ୱଶୁର ପ୍ରଭାକର ଓ ଶାଶୁ ଗୁରୁବାରୀ ମୁଣ୍ଡା ସୁକୁରାଙ୍କ ଘରକୁ ଯାଇଥିଲେ। ସେଠାରେ ଝିଅ ଅଚେତ ଅବସ୍ଥାରେ ତଳେ ପଡିଥିବା ଓ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିବା ଦେଖିଥିଲେ। ଘର ଭିତରେ ଏକ ରକ୍ତଭିଜା ବେଲ୍‌ଚା ପଡିଥିବା ଦେଖି ସନ୍ଦେହ କରିଥିଲେ। ଝିଅର ମୃତ୍ୟୁ ହୋଇଯାଇଥିବା ଦେଖିଥିଲେ। ୨୩ ତାରିଖ ଦିନ ସଦର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା(ନଂ.୪୩୪/୨୦୨୧) ରୁଜୁ କରି ଅଭିଯୁକ୍ତ ସୁକୁରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୪ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ଜଜ୍ ଉପରୋକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ କହିଛନ୍ତି।

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**




**ଗ୍ରେସ ହରିଜନ**
ବିଷମକଟକ, ଜିଲ୍ଲା- ରାୟଗଡ଼ା
ବାପା- ଗୋବିନ୍ଦା ହରିଜନ
ମାଆ- ଅମିତା ଖୋସଲା
ପ୍ରଫୁଲ୍ଲ ଖୋସଲାଙ୍କ ନାତି
ଜନ୍ମ ତାରିଖ- ୨୬, ଜୁଲାଇ ୨୦୨୪
ଧ-୧୪୧୨

# ଗାଧୋଇବାକୁ ଯାଇଥିବା ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

**ନୀଳଗିରି, ୨୫।୭ (ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଛତ୍ରପୁର ପଞ୍ଚାୟତ ସରୁଚମ୍ପା ଗ୍ରାମରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଗୁରୁବାର ଜଣେ ଯୁବତୀ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଉକ୍ତ ଗ୍ରାମର ଶଙ୍କରା ହେମ୍ବ୍ରମ(୨୧), ବାସୁ ହେମ୍ବ୍ରମ(୨୬) ଠୁଲୁକାୟ ମୁର୍ମୁ (୩୦) ଏବଂ ସାମ୍ନା କିସ୍କୁ (୩୦) ୪ ଜଣ ଯୁବକ ଏକୁଟିଆ ପାଇ ଟଣାଓଟରା କରିବା ସହିତ ଯୁବତୀଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏପରିକି ପୋଖରୀରେ ବୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। କୌଶଳ କରି ଯୁବତୀଜଣକ ସେମାନଙ୍କ ନିକଟରୁ ଖସି ଆସି ପାଟି କରିବାରୁ ଯୁବକମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଯିବାବେଳେ ଘଟଣା ପ୍ରଘଟ କଲେ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଯୁବତୀ ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିବା ପରେ ତାଙ୍କୁ ହସ୍ପିଟାଲ ଆଣି ଚିକିତ୍ସା କରିବା ସହିତ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବରହମପୁର ଥାନା ଅଧିକାରିଣୀ ପ୍ରେମଦା ନାୟକ ତୁରନ୍ତ ୪ଜଣ ଯୁବକଙ୍କୁ ଗିରଫ କରିଥିଲେ। ତଦନ୍ତକାରୀ ଅଫିସର ନନ୍ଦକିଶୋର ବଳ ଶୁକ୍ରବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛନ୍ତି। ଏନେଇ ବରହମପୁର ଥାନାରେ ଏକ ମାମଲା (ନଂ. ୯୩/୨୫) ରୁଜୁ ହୋଇଥିବା ବେଳେ ୭୫(୧ଆଇ), ୭୬, ୧୧୫(୨), ୩୫୧(୨), ୩(୫) ଦଫାରେ ବିଏନ୍‌ଏସ୍ ଧାରାରେ ମାମଲା ରୁଜୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା**

**ଜୟପୁର,୨୫।୭(ପବନ ପାଣିଗ୍ରାହୀ)**

କୋରାପୁଟ ସଦର ଥାନା ଅଞ୍ଚଳରେ ୨୦୨୪ରେ ଜଣେ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି ଜୟପୁରସ୍ଥିତ ପୋକ୍ସୋ କୋର୍ଟରେ ହୋଇଛି।। ରାୟଗଡ଼ା ଜିଲା ସାନନାରିଙ୍ଗିପାଙ୍ଗା ଗ୍ରାମର ପବିତ୍ର ମୁଦ୍ରିକାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦାୟ ହେଲେ ଅଧିକ ୧୦ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ହୋଇଛି। ସରକାରଙ୍କ ପକ୍ଷରୁ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡ.ଗାୟତ୍ରୀ ଦେବୀ ମାମଲା ପରିଚାଳନା କରିଥିଲେ।

# ନାବାଳିକାଙ୍କୁ ଗର୍ଭବତୀ କରିବା ଘଟଣା: ୨ ଭାଇ ଜେଲ ଗଲେ

**କୁଜଙ୍ଗ, ୨୫।୭ (ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁଇ ଭାଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ତାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ କୁଜଙ୍ଗ ପୋଲିସ ଅଭିଯୁକ୍ତ ଦୁଇ ଭାଇ ବାଣଶରା ଗ୍ରାମର ଭଗ୍ୟଧର ଦାଶ ଓ ପଞ୍ଚାନନ ଦାଶ ଓରଫ ଗୁଲିଆଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ କୁଜଙ୍ଗ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ପୀଡ଼ିତାଙ୍କ ଡାକ୍ତରୀମାଇନା ପାଇଁ କଟକ ନିଆଯାଇଥିବା ଜଣାପଡ଼ିଛି। ଏଠାରେ ରେଡିଓଲୋଜିପରୀକ୍ଷା ପାଇଁ ବ୍ୟବସ୍ଥା ନାହିଁ। ତେଣୁ ବାସ୍ତବରେ ପୀଡ଼ିତା ଜଣକ କେତେଦିନର ଗର୍ଭବତୀ, ତାହା ଜାଣିବା ପାଇଁ କଟକ ପଠାଯାଇଥିବା ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ କହିଛନ୍ତି। ପୀଡ଼ିତାଙ୍କ ଗର୍ଭପାତ କରାଯିବ କି ନାହିଁ ତାହା ନିଷ୍ପତ୍ତି ହୋଇନାହିଁ। ୧୮ ସପ୍ତାହରୁ ଅଧିକ ହୋଇଥିଲେ ଗର୍ଭପାତ କଲେ ଜୀବନ ପ୍ରତି ବିପଦ ସୃଷ୍ଟି ହୁଏ। ଏଥିପାଇଁ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ଆଧାରରେ ନିଷ୍ପତ୍ତି ନିଆଯିବ ବୋଲି ଏସ୍‌ଡିପିଓ ରାଉତ କହିଛନ୍ତି।

**ବିଶେଷଜ୍ଞ**
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
**10 A.M. TO 8 PM.**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ଶ୍ରୀ ଧରଣୀଧର ଜେନା**
(ଆଡ୍‌ଭୋକେଟ୍)
ଗ୍ରାମ: ସାଇବିରି, କଣ୍ଟିଲୋ, ଜଗତ୍‌ସିଂହପୁର
ଆବିର୍ଭାବ: ତା୦୯।୦୪।୧୯୫୭ରିଖ
ତିରୋଧାନ: ତା୨୨।୦୭।୨୦୦୦
ସମୟର ସ୍ରୋତରେ ଚାହୁଁ ଚାହୁଁ ପାଞ୍ଚବର୍ଷ ଅତିକ୍ରମ କରିଗଲା। ଆପଣଙ୍କ ସ୍ମୃତି ଆମ ସମସ୍ତଙ୍କ ହୃଦୟରେ ଅପାସୋରା, ଅମଳିନ। ବିଭୁକୃପା ଆପଣଙ୍କ ଉପରେ ଝରୁଥାଉ ଏବଂ ଆପଣଙ୍କ ଆଶୀର୍ବାଦ, ଦୟାଦୃଷ୍ଟି ଆମ ଉପରେ ପଡ଼ିରହୁ।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ ଏବଂ ବନ୍ଧୁ, ପରିବାରବର୍ଗ
ଧ-୧୩୭୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶତ୍ରୁଘ୍ନ ତରାଇ**
(ପୂର୍ବତନ ମୁଖ୍ୟଯନ୍ତ୍ରୀ, ଜଳସଂପଦ ବିଭାଗ)
ଆବିର୍ଭାବ: ତା ୦୭.୦୧.୧୯୫୭
ତିରୋଧାନ: ତା ୧୪.୦୮.୨୦୦୭
ଆଜି ତିଥିରେ ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବାର ୧୮ ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ ସର୍ବଦା ଆମର ଆଦର୍ଶ ହୋଇ ରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରାର୍ଥନା। ଆପଣଙ୍କ ଅଦୃଶ୍ୟ ପବିତ୍ର ଆତ୍ମା ଆମ୍ଭମାନଙ୍କୁ ସର୍ବଦା ଆଶୀର୍ବାଦ ପ୍ରଦାନ କରୁଥାଉ। ଏହିଁ ଶ୍ରାଦ୍ଧବାର୍ଷିକରେ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ :
ଆତ୍ମୀୟ ସ୍ୱଜନ ଓ ପରିବାରବର୍ଗ
ଧ-୧୪୨୨

# Classified Everyday
**0674-2580101, 9692975378**



**REAL ESTATE**
**SALE**


କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

**Nearest Grand Bazar Project 30 Feet Wide Road Gharabari plot with Boundarywall 1.5Km. Distance from NH-16 Price-1800/- per square feet. Contact- 9337493150.** D-1425

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

2000 square feet Office, Ground Floor, fully furnished, Chandrasekharpur. 8895154066. D-74733

**3000sqft., 5500sqft. Godown & 25000sqft. open space with brickwall, Electricity & Water available at Manguli, Cuttack. Contact- 7978027615, 9871716662.** D-1392




Newly open Jyoti SPA positively health benefits (expert therapist). 8458067955. D-76927

Positively health benefits SPA expert female therapist homely atmosphere. 9114559830. D-76295

**Fullbody massage experience, good looking therapist @999 (Bhubaneswar). 9078484455.** D-1325

Newly open SPA positively health benefits (expert therapist). Contact- 7327030529. D-76929

All types hair cutting Body Massage by Smart lady one hour 700/-, room Services Available contact-7788888200 D-76301

**AFFIDAVIT**

By virtue of an affidavit sworn before the Executive Magistrate, Pipili, dated 21.06.2025, I, SK Sakir, R/o. At- Bhabanipur, P.O./P.S.-Pipili, Dist.- Puri, Odisha, PIN-752104 declare that I have changed my name Sekha Sakir to SK Sakir and my father's name also changed Sekha Babu to SK Babu in all my documents. D-1424

I, Smt. Sabita Brahma, W/o- Late Ajit Kumar Brahma, Aadhaar No.- XXXX XXXX 7409, Date of Birth 19.4.1977, resident of Gayatri Lane, P.O./P.S.- Gunupur, Dt.- Rayagada sworn an affidavit before Executive Magistrate, Gunupur, dt.21.07.2025. That now onwards I known as Sabita Brahma instead Sabita Kumari Padhy for all future purpose. D-1426

By virtue of an affidavit swearing in the Court of Executive Magistrate, Jharsuguda, I, Brajesh Kumar Singh, S/o- Rajendra Thakur hereby declare that in my all records my name has been mentioned as Brajesh Kumar Singh. But my Matriculation Certificate my name has been mentioned as Brajesh Kumar Thakur. Henceforth, I shall be known as Brajesh Kumar Singh for all purpose. D-1423

I, Sri Trinath Samarath, aged about 59, S/o- Dalia Samarath, Resident of Village/P.O.- Lima, P.S.- Kundra, Dist.- Koraput do hereby solemnly affirm and declare that in my daughter's Aadhaar Card No.- xxxx xxxx 6611 her name has been wrongly mentioned as Sunita Samarath instead of Minakhi Samarath. So Minakhi Samarath and Sunita Samarath is one and same person. D-1372

I, Sabina Khilla, W/o Ghasi Khilla, resident of Vill. Pabiliguda, P.O.- Badapadar, P.S.- Chitrakonda, Dist.- Malkangiri do hereby solemnly affirm and state as follows. That, my minor son actual name is Labo Khilla, but in his Aadhaar Card his name is wrongly mentioned as Labo Hembram. That Labo Khilla and Labo Hembram is one and same person. Henceforth, he shall be known as Labo Khilla in all purpose. D-1428

By virtue of an affidavit sworn before Executive Magistrate S. Sethy, Nayagarh, dated 23.07.25, I, Prakash Chandra Pradhan, Address: Vill/ P.O.- Kural, P.S.- Odagaon, Dist.- Nayagarh, declare that I have changed the name of my daughter from Baistanbi Pradhan to Baishannabi Pradhan. Henceforth she shall be known as Baishannabi Pradhan for all purposes.
Prakash Charan Pradhan D-1430

## LEGAL NOTICE

LETTER No.- 1406
dt- 24.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. କେଶ୍ ନମ୍ବର- ୫୨୮/୨୦୨୩ (ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ପାର୍ଥ ସାରଥୀ ମହାନ୍ତି ....ବାଦୀ/ଦରଖାସ୍ତକାରୀ

ବନାମ

ମହେନ୍ଦ୍ର କୁମାର ସାହୁ ଓ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୧. ମହେନ୍ଦ୍ର କୁମାର ସାହୁ, ପିତା- ସ୍ୱର୍ଗତ ଧ୍ରୁବ ଚରଣ ସାହୁ, ଗ୍ରାମ/ପୋଷ୍ଟ, ୨. ହର୍ଷମଣୀ ସାହୁ, ପିତା- ସ୍ୱର୍ଗତ ଧ୍ରୁବ ଚରଣ ସାହୁ, ୩. ଦୀନବନ୍ଧୁ ସାହୁ, ପିତା- ସ୍ୱର୍ଗତ ଧ୍ରୁବ ଚରଣ ସାହୁ, ୪. ପତିତପାବନ ସାହୁ, ପିତା- ସ୍ୱର୍ଗତ ଧ୍ରୁବ ଚରଣ ସାହୁ, ୫. ସନାତନ ସାହୁ, ପିତା- ସ୍ୱର୍ଗତ ଧ୍ରୁବ ଚରଣ ସାହୁ।
ପ୍ରତିବାଦୀ ନଂ- ୧ ଠାରୁ ୫ ସମସ୍ତଙ୍କ ଠିକଣା ଗ୍ରାମ/ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା-୭୫୪୦୦୫
ପ୍ରତିବାଦୀ ନଂ- ୬. ପ୍ରମିଳା ସାହୁ, ସ୍ୱାମୀ- ମହେଶ୍ୱର ସାହୁ, ପିତା- ସ୍ୱର୍ଗତ ଧ୍ରୁବ ଚରଣ ସାହୁ, ଗ୍ରାମ- କେଦାର ଲାନେ, ପୋଷ୍ଟ- ଭୁବନେଶ୍ୱର- ୨, ଥାନା- ଶ୍ରୀ ଲିଙ୍ଗରାଜ, ଭୁବନେଶ୍ୱର- ୨, ୭. ସୁଷମା ସାହୁ, ସ୍ୱାମୀ- ମହେଶ୍ୱର ସାହୁ , ପିତା ମୃତ- ଧ୍ରୁବ ଚରଣ ସାହୁ, ଗ୍ରାମ/ପୋଷ୍ଟ- କଣ୍ଟାବାଡ଼, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୧. ପ୍ରବୋଧ କୁମାର ପଳାଇ, ପିତା- ପାଣ୍ଡବ ଚରଣ ପଳେଇ, ଗ୍ରାମ/ପୋଷ୍ଟ/ଥାନା- ରାଉରକେଲା, ଜିଲ୍ଲା- ସୁନ୍ଦରଗଡ଼

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୧।୦୯।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଶଙ୍କରପୁର

ସାବକ

ଖାତା ନମ୍ବର- ୧୦, ପ୍ଲଟ ନମ୍ବର- ୨୨୩, କିସମ- ଶାରଦ- ୩, ରକବା- ମୋଟ ଏ ୦. ୪୬ ଡେସିମିଲ ଆଉଟୁ ଅଫ ମୋଟ ଏ ୧. ୫୭୦, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୧୩୫୦, ପ୍ଲଟ ନମ୍ବର- ୯୬୪, କିସମ- ଶାରଦ-୩, ରକବା- ମୋଟ ଏ ୦.୪୬ ଡେସିମିଲ ଆଉଟୁ ଅଫ ମୋଟ ଏ ୦.୩୬୩, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୨୪।୦୭।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୧୪୨୧

IR No.- 1169
Date- 09.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ (ଶ୍ରୀ ପ୍ରଦୀପ କୁମାର ନାୟକ, IAS), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ ଓ.ଏସ୍.ଏସ୍ କେସ୍ ନଂ.- ୭୩୪/୨୦୨୦

ଶ୍ରୀମତୀ ଶିଖା ରାଉତ ଏବଂ ରେଖା ରାଉତ .....ବାଦୀମାନେ

ବନାମ

ଶ୍ରୀମତୀ ସଞ୍ଜୁକ୍ତା ଖଟେଇ ଏବଂ ଅନ୍ୟମାନେ ......ପ୍ରତିବାଦୀ

ନୋଟିସ୍ ସି.ପି.ସି ଅର୍ଡର- ୫ ରୁଲ୍- ୨୦ ମୁତାବକ

୨। ଆନନ୍ଦ ବାରିକ, ୩। ବିନୋଦ ବାରିକ, ୪। ଶଙ୍କର ବାରିକ ପ୍ରତିବାଦୀ ନମ୍ବର- ୨ ରୁ ୪ ପିତା- ସ୍ୱର୍ଗତ ବୀର ବାରିକ, ୯। ଉଚ୍ଛବ ବାରିକ, ୧୦। ମଙ୍ଗୁଳି ବାରିକ, ୧୧। କେଶବ ବାରିକ, ପ୍ରତିବାଦୀ ନମ୍ବର- ୯ ରୁ ୧୧ ପିତା- ସ୍ୱର୍ଗତ ମଦନ ବାରିକ, ୧୨। ବାନାମ୍ବର ବାରିକ, ୧୩। ହରି ବାରିକ, ୧୪। ବାସୁ ବାରିକ, ପ୍ରତିବାଦୀ ନମ୍ବର- ୧୨ ରୁ ୧୪ ପିତା- ସ୍ୱର୍ଗତ ବିଦ୍ୟାଧର ବାରିକ, ୧୫। କେଦାର ସର୍ଜନସିଂହ, ପିତା- ସ୍ୱର୍ଗତ ବାନାମ୍ବର ସର୍ଜନସିଂହ, ୧୬। ବିଦ୍ୟୁଲତା ଛୋଟରାୟ, ୧୭। ଅଞ୍ଜନା ସର୍ଜନସିଂହ, ଉଭୟଙ୍କର ପିତା ବାନାମ୍ବର ସର୍ଜନସିଂହ, ସମସ୍ତ ପ୍ରତିବାଦୀମାନଙ୍କର ବାସସ୍ଥାନ ସା/ ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୮। ନୃସିଂହ ଚରଣ ବେହୁରା, ପିତା- ହରେକୃଷ୍ଣ ବେହୁରା, ସା- ଫିରିକିଦାଣ୍ଡି, ପୋଷ୍ଟ- ମଦନପୁର, ଜିଲ୍ଲା- କେନ୍ଦ୍ରାପଡ଼ା, ୨୦। ସୁଦର୍ଶନ ମହାରଣା, ପିତା ତ୍ରିନାଥ ମହାରଣା, ସା/ପୋଷ୍ଟ- କୋଦଳା, ଥାନା- ଖଲିକୋଟ, ଜିଲ୍ଲା- ଗଞ୍ଜାମ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୨।୦୮।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଅନ୍ଧାରୁଆ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ସାବକ

ଖାତା ନଂ- ୫୭, ପ୍ଲଟ ନଂ- ୧୨୦୫, କିସମ- ବଗାୟତ- ୨, ସବ୍- ପ୍ଲଟ୍ ନଂ- ବି, ରକବା- ଏ ୨.୩୦୦ଡି. ସ୍ଥଧରୁ ଏ.୦.୦୩୫.୮୧ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନଂ- ୧୭୮, ପ୍ଲଟ୍ ନଂ- ୨୧୫୮, କିସମ- ବଗାୟତ- ୨, ରକବା- ଏ୦.୪୧୦ଡି. ସ୍ଥଧରୁ ଏ୦.୦୩୫.୮୧ଡି., ସ୍ୱତ୍ୱ- ସ୍ଥିତିବାନ

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୧୪୨୯

# ବସନ୍ତ ଭୈରବୀ

## ଗଳ୍ପ

ମଣୀନ୍ଦ୍ର କୁମାର ମେହେର

ସବୁକିଛି ଅତ୍ୟନ୍ତ ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଯାଉଥାଏ। ଇଚ୍ଛା ହେଉଥାଏ ଧୀରୋଜଙ୍କ ପାଖକୁ ଯାଇ ବିଦାୟ ନେଇ ଆସିବା ପାଇଁ। ମାତ୍ର ଅତିଥିଙ୍କ ଭିଡ଼ ଭିତରେ ଆଉ ସେ ଉଦ୍ୟମ ନ କରି ଫେରିଆସିଲି ମୁଁ ଘରକୁ, ଯେଉଁ କାର୍‌ରେ ଯାଇଥିଲି। ରାସ୍ତାରେ ଆସିବା ବେଳେ ମୋତେ ଭାବାଚ୍ଛନ୍ନ କରି ତୋଳିଥିଲା ସେହି ବୈବାହିକ ପ୍ରୀତିଭୋଜନ ଉତ୍ସବର ବାତାବରଣ। ମୁଁ ଯେଉଁଠାକୁ ଗଲେ ଏହି ଅବସ୍ଥା ହୁଏ ମୋର। କେଉଁ ଅନୁଷ୍ଠାନର ବାର୍ଷିକ ଉତ୍ସବ ବା ସାରସ୍ୱତ ସଭାକୁ ଗଲେ ମଧ୍ୟ ଫେରି ଆସିବାର ପର୍ବଟି ମୋତେ ଭାରି କାନ୍ଦ କାନ୍ଦ ଲାଗେ। ଯାହାଠାରୁ ମଧ୍ୟ ମିଳିଥାଏ ସାମାନ୍ୟ ଟିକିଏ ଶ୍ରଦ୍ଧା ଓ ଅନୁରାଗ, ତାହା ଯେମିତି ମୋ' ଦେହ ଓ ଆତ୍ମାରେ ଦେଇଯାଇଥାଏ ଏକ ଅବର୍ଣ୍ଣନୀୟ ଆତ୍ମୀୟତାର ଚନ୍ଦନ-ସ୍ପର୍ଶ। ମୁଁ ନିଜେ ସେହି ରାତିଟିରେ ଶୋଇ ନ ପାରି ପ୍ରତ୍ୟେକଙ୍କ ଆନ୍ତରିକତାକୁ ସ୍ମରଣ କରୁଥାଏ ବାରମ୍ବାର। ସେଦିନ ମଧ୍ୟ ତାହା ହିଁ ଘଟିଲା। ଆଖି ବନ୍ଦ କଲେ ମଧ୍ୟ ଉଦ୍‌ଭାସିତ ହୋଇ ଉଠୁଥାଏ ସେହି ବର୍ଣ୍ଣିଳ ବେଳ। ସାନୁଜ ଓ ଧୀରୋଜଙ୍କ ସଂକ୍ଷିପ୍ତ ବାର୍ତ୍ତାଳାପ ସୃଷ୍ଟି କରୁଥାଏ ସାଂଗୀତିକ ଧ୍ୱନି ମୋ' ଛାତି ଭିତରେ। ନୂଆ ବୋହୂଟିର ଆଖିରେ ଭରି ରହିଥିବା ଅସୁମାରି ଆଶା ଓ ସ୍ୱପ୍ନ ବିଭୋର କରିଦେଉଥାଏ ମାନସପଟକୁ। ଶରୀରଟି ନେଇ ସିନା ଫେରିଆସେ, ମୋର ଆତ୍ମିକ ସତ୍ତାଟି ସତେ ଯେମିତି ସେଇ ଆନ୍ତରିକତାରେ ବାନ୍ଧି ହୋଇ ରହିଯାଏ।

ରାତିଟି ତ କଟିଗଲା ଭାବମୁଗ୍ଧ ଅବସ୍ଥାରେ। ତା' ପରଦିନଠାରୁ ଜୀବନର ଗତିଶୀଳତା ଅବ୍ୟାହତ ରହିଲା ପୂର୍ବପରି। ଏହି ବାହାଘର ଭୋଜି କଥା ମୋର ଆଉ ଅଧିକ ମନେପଡ଼ିନାହିଁ। ଦିନେ ହଠାତ୍ ସାନୁଜ କଥା ଉଙ୍କି ମାରିଲା ମନ ଭିତରେ। ଫୋନ୍ କରିବାରୁ ଜାଣିଲି ସେ ଅଛନ୍ତି ହିମାଳୟର ପାଦଦେଶରେ ପ୍ରତିଷ୍ଠିତ ଏକ ଯୋଗାଶ୍ରମରେ। ସେଇଠୁ ହିଁ ହିମାଳୟର ବର୍ଣ୍ଣନା ଯେପରି ସେ କରୁଥାଆନ୍ତି, ମୋତେ ଲାଗୁଥାଏ ମୁଁ ଯେପରି ଆକାଶଚୁମ୍ବୀ ହିମାଳୟ ଉଦ୍ଦେଶ୍ୟରେ ଗତିଶୀଳ। ମନେହେଉଥାଏ ପୁଣି ଯେ ହିମାଳୟର ପ୍ରଶାନ୍ତ ଭାବ ସାନୁଜ ଫୋନ୍ ମାଧ୍ୟମରେ ପ୍ରେରଣ କରିଦେଉଛନ୍ତି ମୋ' ପାଖକୁ। ହିମାଳୟରେ ଯେଉଁ ଯୋଗୀ ଋଷିମାନେ ବିତାଇଛନ୍ତି ତାଙ୍କ ଜୀବନର ଅମୂଲ୍ୟ ସମୟ, ସେମାନଙ୍କ ଦ୍ୱାରା ରଚିତ ପୁସ୍ତକ ପଢ଼ିବା ପାଇଁ ମୋର ଉତ୍କଣ୍ଠା କେତେ ତାହା ସାନୁଜଙ୍କୁ ଜଣାଇ ଦେଇଥିଲି। ସାନୁଜ ମୋତେ ଉତ୍ତର ଦେଇ କହିଲେ, ସାର୍! ମୁଁ ଆପଣଙ୍କ ନିକଟକୁ ପୋଷ୍ଟାଲ ଆଡ୍ରେସ୍‌ରେ ପଠାଇଦେବି କେତୋଟି ବହି। ଆପଣ ପଢ଼ିବା ପରେ ଅନୁଭବ କରିପାରିବେ ଆପଣ ଅଛନ୍ତି ହିମାଳୟର ଗିରିଗୁହା ମଧ୍ୟରେ। ସାନୁଜଙ୍କ କଥାରେ ମୁଁ ଅଭିଭୂତ ହୋଇଗଲି। ସେ ମଧ୍ୟ ମୋତେ ନିମନ୍ତ୍ରଣ କରୁଥା'ନ୍ତି ସେହି ବରଫାବୃତ ପ୍ରଶାନ୍ତ ପରିବେଶ ମଧ୍ୟକୁ ଯାଇ କେତେଦିନ ରହିବା ପାଇଁ। ମୁଁ ତ ଯାଇପାରିବି ନାହିଁ ଅନେକ କାରଣରୁ ତାହା ଜାଣି ସାରିଥାଏ। ତେଣୁ ବହି ପଠାଇଦେବା ପାଇଁ ଅନୁରୋଧ କରି ମୋର ବାର୍ତ୍ତାଳାପରେ ଟାଣିଦେଲି ସମାପ୍ତିରେଖା। ପ୍ରାୟ ଆଠଦଶ ଦିନ ପରେ ମୋ' ପାଖକୁ ସାନୁଜ ଦ୍ୱାରା ପ୍ରେରିତ ତିନି ଚାରିଖଣ୍ଡ ଭ୍ରମଣ କାହାଣୀ ପୁସ୍ତକ ପହଞ୍ଚିଗଲା ପୋଷ୍ଟ ଅଫିସ୍ ଜରିଆରେ। ସେସବୁ ବହିକୁ ମଗାଇବା ଅବଶ୍ୟ ସହଜ ଥିଲା, ହେଲେ ତାକୁ ଶୃଙ୍ଖଳାର ସହିତ ପଢ଼ି ଶେଷ କରିବା ପାଇଁ ନିଅଣ୍ଟ ହେଉଥିଲା ସମୟ।

ତା'ର ଦୁଇମାସ ପରେ ହିଁ ସାନୁଜ ସହିତ ସାକ୍ଷାତ୍। ଆଶ୍ଚର୍ଯ୍ୟ ହୋଇ ମୁଁ ପଚାରିଲି- ''ସାନୁଜ, ତୁମେ ହିମାଳୟରୁ ଏତେ ଶୀଘ୍ର ଫେରି ଆସିଲ କେମିତି? ହଁ ମୂଳକଥା, ତମେ ହିମାଳୟକୁ ଯାଇଥିଲ କାହିଁକି, ତାହା ପଚାରିବାକୁ ଭୁଲିଯାଉଛି? ତାହାହିଁ ପ୍ରଥମେ କହିଦିଅ ମୋତେ।''

ସେତେବେଳେ ହିଁ ସାନୁଜଙ୍କ କଣ୍ଠର କମ୍ପନରେ ଥରିଉଠିଥିଲା ମୋର ପ୍ରାଣତନ୍ତ୍ରୀ। ସାନୁଜ ଯାହା ବ୍ୟକ୍ତକଲେ ଅତି ସଂକ୍ଷେପରେ ତାହା ଶୁଣିବା ଯେ କି ବେଦନାଦାୟକ, ତାହା ଜାଣିସାରି ମଧ୍ୟ ପୁଣି ଲେଖିବାକୁ ବସିଛି ସେ କଥା? ଯେଉଁ ଭାଷାରେ ମୋ ହୃଦୟରେ ସୃଷ୍ଟି ହୋଇଥିଲା ଭୂମିକମ୍ପ ତାକୁ ପୁଣି ବ୍ୟକ୍ତ କରିବାକୁ ମୁଁ ପ୍ରସ୍ତୁତ? ନା, ମୁଁ ମର୍ମେ ମର୍ମେ ଅନୁଭବ କରୁଛି ତାହା ପ୍ରକାଶ କରିବା ମୋ' ପକ୍ଷରେ ସମ୍ଭବ ହେବନାହିଁ। ତା'ହେଲେ ଏ କଥାଟି କହିବା ପାଇଁ ଆରମ୍ଭ କଲି ମୁଁ କାହିଁକି? ସାନୁଜଙ୍କ ଦୁଇ ଆଖିରୁ ବୋହୁଥିଲା ଧାରଧାର ଲୁହ। ସେମିତି କ୍ରନ୍ଦନଶୀଳ ଅବସ୍ଥାରେ ହିଁ ସେ କହିଲେ- ''ଯାଇଥିଲି ସାର୍ ହିମାଳୟକୁ ଯାହାକୁ ଭୁଲିଯିବା ପାଇଁ, ତାକୁ ଆଦୌ ଭୁଲିପାରୁନାହିଁ ମୁଁ। ଧୀରୋଜକୁ ମନରୁ ପୋଛିଦେବା କ'ଣ କେବେହେଲେ ସମ୍ଭବ ହେବ ସାର୍ ମୋ ପାଇଁ?''

ସାନୁଜଙ୍କ ଉତ୍ତର ନିର୍ବାକ୍ କରିଦେଇଥିଲା ମୋତେ। କେବଳ ଗୋଟିଏ ବାକ୍ୟ ଥରିଥରି ସେ ଉଚ୍ଚାରଣ କଲେ- ସାର୍, ଆପଣ ଯେଉଁଦିନ ଯାଇଥିଲେ ରିସେପ୍‌ସନକୁ ତହିଁ ପରଦିନ ସକାଳୁ ହିଁ ଘଟିଗଲା ଏହି ମର୍ମନ୍ତୁଦ ଦୁର୍ଘଟଣା। ପୋଲିସ୍ ଆସି କବାଟ ଭାଙ୍ଗିବା ପରେ ଫ୍ୟାନ୍ ତଳେ ଦଉଡ଼ିରେ ଝୁଲୁଥିବା ସାନୁଜର ନିଷ୍ପ୍ରାଣ ଶରୀରକୁ ଉଦ୍ଧାର କରାଯାଇଥିଲା। ଆଉ ତା'ର ନବନିର୍ମିତ ସେହି ପ୍ରକୋଷ୍ଠରୁ ଯେଉଁ ଚିଠି ଖଣ୍ଡିକ ମିଳିଲା, ସେଥିରେ ଲେଖା ହୋଇଥିଲା ସବୁକଥା।

ସାନୁଜଙ୍କ ଉତ୍ତର ଶୁଣି ମୁଁ ରହିଥିଲି ନିରୁତ୍ତର ପ୍ରସ୍ତର ପ୍ରତିମା ପରି। ମନେମନେ ଭାବୁଥିଲି ଥରୁଟିଏ ମାତ୍ର ଧୀରୋଜ ଯଦି ମୋ' ପାଖରେ ତାଙ୍କ ଅନ୍ତର୍ବ୍ୟଥା ବ୍ୟକ୍ତ କରିଥାନ୍ତେ ତା'ହେଲେ ଏପରି ଘଟଣା ଘଟିବାକୁ ମୁଁ ଦେଇ ନ ଥା'ନ୍ତି। ମହାପାତ୍ର ନୀଳମଣି ସାହୁଙ୍କ 'ଅଭିଶପ୍ତ ଗନ୍ଧର୍ବ'ର ଗୋଟିଏ ପାରାଗ୍ରାଫ୍ ତାଙ୍କୁ ପଢ଼ି ଶୁଣାଇ ଦେଇଥାନ୍ତି ନିଶ୍ଚୟ। ମୋର ପ୍ରିୟ ଗାଳ୍ପିକ ମହାପାତ୍ର ନୀଳମଣି ସାହୁ ଲେଖିଛନ୍ତି- ''ଆଜି କିନ୍ତୁ ତାଙ୍କ କଥା ମନେପଡ଼ିଲେ ମୁଁ ଭାବେ, ବୈକୁଣ୍ଠ ମଉସା ଯଦି ସତକୁ ସତ ଅଣପୁରୁଷା ଥିଲେ, ତା'ହେଲେ ତା'ଦ୍ୱାରା ତାଙ୍କ ବ୍ୟକ୍ତିତ୍ୱର କ'ଣ ଏମିତି ହାନି ହୋଇଯାଇଥିଲା? ତାଙ୍କ ବ୍ୟତୀତ ଆମ ଗାଁରେ ଆଉ ଯେଉଁ ପୁରୁଷ-ଷଣ୍ଢମାନେ ଥିଲେ, ସେମାନଙ୍କ ଭିତରୁ ଅଧିକାଂଶ ଥିଲେ ପାଷାଣ୍ଡ ଓ ବର୍ବର- ସ୍ଥୂଳ ହୃଦୟ- ନିର୍ମମ। ବୈକୁଣ୍ଠ ମଉସା ଆଜିପର୍ଯ୍ୟନ୍ତ ମୋ ହୃଦୟରେ ଏକ ସ୍ୱତନ୍ତ୍ର ସମ୍ମାନନୀୟ ଆସନ ଅଧିକାର କରି ରହିଛନ୍ତି। ଆଜି ଭାବେ, ଏ ପୃଥିବୀର ଅଧିକାଂଶ ପୁରୁଷ ଯଦି ଅଣପୁରୁଷା ହୋଇଯାଆନ୍ତେ, ତା'ହେଲେ ଏ ପୃଥ୍ୱୀ ବୋଧେ ଆହୁରି ସ୍ନେହମୟ ଆଉ କୋମଳ ହୋଇଉଠନ୍ତା।''


ମୁଁ ଧୀରୋଜଙ୍କ ଆଗରେ ଏତିକି ମାତ୍ର ପାଠ କରିଦେଇଥିଲେ ସେ କ'ଣ ବୁଝି ପାରି ନ ଥାନ୍ତେ ଯେ ତାଙ୍କୁ ଭିନ୍ନ ଉପାଦାନରେ ଗଢ଼ିବା ମଧ୍ୟରେ ଈଶ୍ୱରଙ୍କ କଲ୍ୟାଣକର ଭାବନା ଗୁମ୍ଫିତ ହୋଇ ରହିଛି ବୋଲି? ପ୍ରୀତିଭୋଜନ ଦିନ ଯେପରି ଅପୂର୍ବ କମନୀୟତା ଫୁଟି ଉଠୁଥିଲା ତାଙ୍କ ମୁଖମଣ୍ଡଳରେ, ତାଙ୍କ ସମଗ୍ର ବ୍ୟକ୍ତିତ୍ୱଟି ଯେ ସେପରି ଭାବରେ ହିଁ ନିର୍ମିତ, ଏହା କ'ଣ ଧୀରୋଜ ଉପଲବ୍ଧି କରିପାରି ନ ଥା'ନ୍ତେ ସତକୁ ସତ??

-ପରିଦର୍ଶକ ପ୍ରଫେସର,
ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୯୩୭୩୬୫୬୯୮



## ପୁସ୍ତକ ପରିଚୟ


### ମୁକ୍ତ ବିହଙ୍ଗ



**ଲେଖକ:** କାଳିନ୍ଦୀ ଚରଣ ଭଞ୍ଜ
**ପ୍ରକାଶକ:** ଅନସୂୟା ପବ୍ଲିକେଶନ, ଲକ୍ଷ୍ମୀସାଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୪୦/-

ମୋଟ ୨୩ଟି ଗଳ୍ପ ଆଲୋଚ୍ୟ ସଂକଳନରେ ସ୍ଥାନିତ। ପ୍ରତ୍ୟେକଟି ଗଳ୍ପରେ ଲେଖକ ନିଜର ଗଭୀର ଅନ୍ତର୍ଦୃଷ୍ଟି ସହ ଚଉପାଶର ବାସ୍ତବତାକୁ ନିରୀକ୍ଷଣ କରିଛନ୍ତି ଓ ତାହାକୁ ଯଥାସମ୍ଭବ ଭାଷାରୂପ ଦେବାକୁ ଚେଷ୍ଟା କରିଛନ୍ତି। ପ୍ରଚ୍ଛଦଲେଖରେ ସୂଚାଇ ଦିଆଯାଇଛି ଯେ, ଓଡ଼ିଆ କଥା ସାହିତ୍ୟକୁ ଏହା ତାଙ୍କର ଦଶମ ଅବଦାନ। ଆତ୍ମବିଶ୍ୱାସର ସହ ବହିର ପ୍ରକାଶକ ପୁଣି କହନ୍ତି ଯେ, ''ରଚନାଗୁଡ଼ିକ କାଳକାଳକୁ ପାଠକର ଚେତନାକୁ ଜାଗ୍ରତ କରି ରଖିବ।'' ପ୍ରତ୍ୟେକ କଥାରୂପର ଏହା ହିଁ ଅଭିପ୍ରାୟ। ଗ୍ରନ୍ଥାରମ୍ଭରେ ଲେଖକ ସୂଚାଇଛନ୍ତି: ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକରେ ''ସଂଶ୍ଳିଷ୍ଟ ଚରିତ୍ରଗୁଡ଼ିକ ଦୈନନ୍ଦିନ ଘଟଣାବଳୀ ପ୍ରତି ମୋର ଦୃଷ୍ଟିକୋଣରୁ ଦୂରେଇ ଯାଇ ପାରନ୍ତି ନାହିଁ। ମୁଁ ଅନୁଭବ କରେ ଯେପରି ପ୍ରତ୍ୟେକ ଘଟଣାରେ ମୋର କିଛି କହିବାର ଅଛି। ଏଣୁ କଲମ ଧରେ, ଲେଖିବସେ।'' 'ନିରବ ନିର୍ଯ୍ୟାତନା', 'ମୁକ୍ତ ବିହଙ୍ଗ', 'ଭତ୍ତା', 'ଗାଁରେ ତୋଳିବୁ ଘର', 'ନାଗୁଣୀ', 'ସତ କେବେ ଲୁଚି ରହେନା', 'ଭୟ', 'ହରି ସାର୍', 'ଭିନ୍ନ ଏକ ପଡ଼ୋଶୀ' ଓ 'ଚାକିରି' ପ୍ରଭୃତି ଗଳ୍ପଗୁଡ଼ିକ କାଳିନ୍ଦୀଙ୍କୁ ସମକାଳୀନ ଓଡ଼ିଆ କଥା ସାହିତ୍ୟର ସାରଣୀରେ ସ୍ୱତନ୍ତ୍ର କରି ଠିଆ କରାନ୍ତି ଉଭୟ ବିଷୟ ଓ ବିନ୍ୟାସ ଦୃଷ୍ଟିରୁ। ମହେଶ୍ୱର ବାବୁ ଗାଁରେ ଜନ୍ମହେଇ ପାଠପଢ଼ି ବଡ଼ ଅଫିସର ହୋଇଛନ୍ତି ଓ ସହରରେ ରହନ୍ତି। କିନ୍ତୁ ଗାଁକୁ ଆସି ସେ ଗାଁର ପ୍ରକୃତି, ଲୋକଙ୍କ ଆତ୍ମୀୟତାରେ ମୁଗ୍ଧ ହୋଇଛନ୍ତି। ପରେ ନାତିନାତୁଣୀ, ପୁଅବୋହୂ ଓ ପତ୍ନୀଙ୍କୁ ନେଇ ଗାଁକୁ ଆସି ରାତିଟିଏ ରହିବା ପରେ ନୂଆ ପିଢ଼ିର ନାତିନାତୁଣୀ ଗାଁକୁ ଚିହ୍ନିଛନ୍ତି ଓ ବଡ଼ହେଲେ ଗାଁରେ ଘର କରି ରହିବେ ବୋଲି ପଣ କରିଛନ୍ତି। ଆଜିର ସହରମୁହାଁ ଜୀବନର ପ୍ରେକ୍ଷାପଟରେ ଗାଁକୁ ଆକର୍ଷଣୀୟ କରି ତୋଳିଧରିବା 'ଗାଁରେ ତୋଳିବୁ ଘର' ଗଳ୍ପର ନିର୍ଯାସ। ଏହିପରି ବହିର ପ୍ରତ୍ୟେକଟି ଗଳ୍ପ ମୂଲ୍ୟବୋଧର ପ୍ରତୀକ। ସବୁଶ୍ରେଣୀର ପାଠକଙ୍କ ପାଇଁ ଏହାର ମୂଲ୍ୟ ରହିଛି।

### ଗୃହବନ୍ଦୀରେ ଈଶ୍ୱର



**କବି:** ରୂପେଶ ସାହୁ
**ପ୍ରକାଶକ:** ପେନ୍ ଇନ୍ ବୁକ୍‌ସ, ଆଚାର୍ଯ୍ୟବିହାର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୭୯/-

ମୋଟ ୩୦ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସଂକଳିତ। ପେନ୍ ଇନ୍ ବୁକ୍‌ସର ପ୍ରକାଶକ ପ୍ରଚ୍ଛଦଲେଖରେ କହନ୍ତି: ''ରୂପେଶ ନୂଆପିଢ଼ିର ଜଣେ ଉଦୀୟମାନ କାବ୍ୟସ୍ୱର। ପୀରତି ଓ ପୀଡ଼ାକୁ ଅନୁଭବର ଆଟୋପ ପିନ୍ଧାଇ କବିତାର କକ୍ଷରେ ସେ ଛାଡ଼ି ଦିଅନ୍ତି, ଗଢ଼ନ୍ତି ନିରୋଳା ଛଳଛଳ ପଣରେ ଆଉଟା ଆଡ଼ମ୍ବରହୀନ କବିତାର ବନ୍ଦିଶାଳା। କମ୍ ଶବ୍ଦ ଓ ସୀମିତ ରୂପକଳ୍ପ ବ୍ୟବହାର କରି ସେ ନିଜ କବିତାକୁ ଦିଅନ୍ତି ନୂଆପଣର ନାନ୍ଦନିକତା।'' ଆଲୋଚ୍ୟ ଗ୍ରନ୍ଥରୁ ପ୍ରକାଶକଙ୍କ ଘୋଷଣା ସପକ୍ଷରେ ଆମେ କେତୋଟି ଉଦ୍ଧୃତି ନେବା- ୧. ''ଇତରର ଦୁଃଖ ଲେଖେ,/ ସ୍ଥାବରର ପ୍ରେମ ଆଉ ଜଙ୍ଗମର ମୁକ୍ତି/ ଅଥଚ ଦେଖେଇ ପାରେନା କାହାକୁ/ ନିର୍ବାଣର ମାର୍ଗ।'' (ଦ୍ୱିତୀୟ ଈଶ୍ୱର, ପୃ:୧୭), ୨. ''ସେ ଧରୁ ହାତରେ ଅସ୍ତ୍ର,/ ଶକ୍ତି ସ୍ୱରୂପିଣୀ ହୋଇ ଖୋଜିବୁଲୁ/ ମହିଷାର ଛାତି,/ ପାରିବ ଯଦି ବିଦାରି ଦେଇ/ ଇତିହାସରେ ଲେଖିନେଉ/ ଲୁପ୍ତ ହୋଇଗଲେ ରାକ୍ଷସ ଜାତି।'' (ମୁଖା, ପୃ:୩୭), ୩. ''ମନ୍ଦିର ଭାଙ୍ଗି ମସ୍‌ଜିଦ୍ ହେଲା/ ମସ୍‌ଜିଦ୍ ଭାଙ୍ଗି ମନ୍ଦିର ହେବ,/ ଆଲ୍ଲା ବଡ଼ ନା ଈଶ୍ୱର ବଡ଼/ ଯୁଗଯୁଗ ମାପଚୁପ ଚାଲିଥିବ,/ ବିକାଶର ଖୋଳପା ପିନ୍ଧେଇ/ ବିଭାଜନର ରାଜନୀତି ହଉଥିବ।''(ଭୋକିଲାର ଠିକଣା, ପୃ:୫୦), ୪. ''ପ୍ରେମ ଗୋଧୂଳି ଲଗନ ଖରା,/ ଗାଧୁଆ ତୁଠରେ ସଂଜବେଳ/ ଟୋକା ଜହ୍ନଟା ଉହରା।'' (ପ୍ରେମ, ପୃ:୬୨)। ଏହି ଉଦ୍ଧୃତି ସବୁରୁ ବୁଝାପଡ଼େ ନୂଆ ପିଢ଼ିର କବି ଭାବ ଓ ଭାଷାରେ ପୂର୍ବଜଙ୍କଠୁଁ ଭିନ୍ନ। ଆଗର କବିତାରେ ଯେଉଁ ଖାନ୍‌ଦାନି ଅଭିନିବେଶ ଥିଲା, ତାହା ନୂଆ କବିତାରେ ନାହିଁ। ଦୈନନ୍ଦିନତା ଏ କବିତାର ଧ୍ୟେୟ। ବହିର କବିତାଗୁଡ଼ିକ ପାଠକଙ୍କୁ ପଢ଼ିବାର ନୂଆ ସ୍ୱାଦ ଦେବ ବୋଲି ଆଶା।

## କବିତା

### ମାଗୁଣି

ଅକ୍ଷୟ ପାତ୍ର

ମାଗିବି ବା ଆଉ କ'ଣ?
ଅନେକ କିଛି ଲୁଟି
ଅଳପ କିଛି ଭେଟି ନେଇଥିବା
ହେ ଜନବିଶ୍ୱାସର
ପରମକାରୁଣିକ ମହାମତି
ଅନ୍ତରେ ଯଦି ଥାଏ ତମର ଥିତି
ତମେ ଯଦି ସତରେ ତଉଲୁଥାଅ
ପାପ ଓ ପୁଣ୍ୟର ନିକିତି
ତେବେ କୁହ କାହିଁକି ଲୋଡ଼ାପଡ଼େ
ଭକତଜନର ଏତେ ମାଗୁଣି ତମରି କତି?

ଭକତ କିଏ କି? ନିରପରାଧ ପ୍ରେମିକଟିଏ ତ
ଆସ୍ଥା ଓ ସମର୍ପଣର ନିର୍ବିକଳ୍ପ ଉଦାହରଣଟିଏ ତ
ଯେ ଅବିଚଳ ଲୋଡୁଥାଏ ତମର ସନ୍ନିଧି
(ସତେ କିବା ତମେ ତା'ର ଜୀବନର
ଭବ୍ୟ-କୋଟିନିଧି!)

ତେବେ କୁହ ସେ ବିହ୍ୱଳ ଥାଉଁ ଥାଉଁ
ସେ ଭାବୋଚ୍ଛଳ ଥାଉଁ ଥାଉଁ
ତମକୁ ଆର୍ତ୍ତତ୍ରାଣ ମଣି;
ତା' କତିରୁ
ତମେ ଅପେକ୍ଷାରଖ କାହିଁକି ବା
ଏମିତି ଏତେଟା ଆରତ ମାଗୁଣି?

ମାଗୁଣି ବାଢ଼ିବାର ଭକତିର ଶକତି
କୁଳେଇ ପାରିବାର ଦମ୍ଭ ଓ ସ୍ଥିତି
ନ ଥାଏ ହୁଏତ ମୋର କତି,
ମୁଁ ବି ତମ କରୁଣାମୟତାରେ
ଭରସି ପାରୁନଥିବା ଏକ ସଂଶୟ-ମତି...
(କ୍ଷିତିରେ ବାରି ହେଉନଥିବା ବିନ୍ଦୁ-କ୍ଷୁଦ୍ରାଦପି)
ବାରେ କି ପାରିବି ପୁଚ୍ଛି
ଏକ ପ୍ରଶ୍ନ ଅନହୁତି
ପ୍ରତିଟି ଅନ୍ତରେ ଯଦି ସତେ ଥାଏ
ତମର ନିଃଶଙ୍କ ରାଜୁତି

କୁହ, କ'ଣ ବା ମାଗିବି ମୁଁ
(ଯଦିଚ ଅଜସ୍ର ଆର୍ତ୍ତି ହିଁ ମୋର ନିୟତି)
ଆଖିଭର୍ତ୍ତି ଲୁହ
ଛାତିଭର୍ତ୍ତି କୋହର ଦାୟରେ
ନିରସ୍ତ୍ର ଥାଉଁ ଥାଉଁ
ଆପେ ଆପଣାଠିଁ?

- ଖଜୁରିଆକଟା, ଢେଙ୍କାନାଳ
ମୋ: ୭୦୭୭୯୮୪୯୬୦

### ଆବୋରିଛୁ ତିନି ସତ୍ୟ

ପିନାକୀ ମିଶ୍ର

ବେପଥୁ ବସୁନ୍ଧରା
ପୀଡ଼ା ଭୋଗୁଥିବା ଦେହ
କେବେ ଭେଟିନଥିବା ମାୟାପୁରୁଷ

ଏଇମିତି ଆଜି ସମୟର ସ୍ଥିତି
ଅସତ୍ୟର ପ୍ରବଳଦାବିରେ
ତୋ ହସ ବି ଅଧିକ,
ଶୁଣିଛି ଅବାଧ ପାଖକୁଯାଇ କେତେ ବୁଝାଇଛୁ
ଫେରିଛୁ ନିଷ୍ଫଳ
ମଶାଣି ପାଲଟିଛି ରଣକ୍ଷେତ୍ର।

କେଡ଼େ ବେଗରେ ବଦଳୁଛି ଦୁନିଆ, ସହର, ଗାଁ
କେତେ ଅନର୍ଥ କେତେ ଭୟ ସଂପାତ,
ଉତ୍ସବ ଚାଲିଛି ଭୋଗୀର, ବିଶ୍ୱାସ ନିଖୋଜ,
ଅହଂକାର ମାତିଛି ଅଧରାତିରେ
ବିବେକ ପୋଡ଼ିଯାଉଛି, ସ୍ୱାର୍ଥ ସୀମା ଲଂଘୁଛି
ତୋ ତିନି ସତ୍ୟ ରହିଗଲା କି ପୋଥି ପୁରାଣରେ?

କନକବେଦୀର ବାମନ, ଅପରୂପ ତୋ ଆନନ,
ଅପଲକ ଆଖିରେ ଚାହିଁଛୁ ବ୍ରହ୍ମାଣ୍ଡ
କହ ତ, କ'ଣ ଦେଖୁଛୁ,
କାହାକୁ ଦେଖୁଛୁ? ଏତେ ନିଶ୍ଚଳ!
କିଛି ବଦଳିବନି, ବରଂ ବେଶୀ ଶୋକାର୍ତ୍ତ ବାସିଧୂଆଁ।

ତୋ ବହିଖଣ୍ଡେ ପଢ଼ିଲେ, ଲାଗୁଛି ତୁ ଆଉଁଶି ଦେଉଛୁ
ତୋ ଗୀତଟେ ଶୁଣିଲେ ଲାଗୁଛି ତୁ ପାଖରେ ବସିଛୁ
ତୋ କଥା ଭାବିଲେ, ଲାଗୁଛି ତୁ ମୋର ନିରାଶ୍ରୟ ବଳ
ମୁଁ ଦିଗନ୍ତର ନୀଳଯାତ୍ରୀ, ତୁ ବୋଇତିଆଳ।

ତୋ କଥା ବି କିଏ ପାଳୁଛି ଏଠି
ତୁ ତୋ ପରବରେ ବିଳାସରେ ସେମିତି ଥା,
ତୁ ଅବତରିଛୁ ଥରକୁଥର, ନିଜ ହାତେ ଶାସ୍ତି ଦେଇଛୁ
ଏଠି ତୁ ଜାଣିଶୁଣି କାଠ
କିଏ ହେଜୁଛି ନିଜ ଜୀବନବୋଧର ପାଠ।

ପଥର ହେଲାଣି ଦେହ, ଆଉ କି ସିଝିବ
ପାଗଳ ହେଲାଣି ମନ, ଆଉ କି ବୁଝିବ
ବେଳ ଗଡ଼ିଗଲେ
ଦୁଃଖର ଛାଇମାନେ ଚରିଯିବେ ସାରାଦେହ
ଚାଳକୁ ଡେଇଁବ ବାଚାଳ ହେବାର ଅନଳ।
ତୁ ଆବୋରିଛୁ ସତ୍ୟ ଅବନୀ ପରମାର୍ଥ
ଏଠି ବାଟହୁଡ଼ା ଖାଲଢିପରେ କେତେଯେ ଜୀବନରଥ।

ମୋ: ୯୪୩୮୧୧୮୩୯୭

### ଗୀତି-କବିତା

### ଖୋଲି ହୁଏନାହିଁ ତୁଣ୍ଡ

ନିରଞ୍ଜନ ସାହୁ

ବାର ଲୋକଙ୍କର ବାର କଥା ଶୁଣି
ଟେକି ପାରେନାହିଁ ମୁଣ୍ଡ
ବାର ଲୋକ ବାର ପ୍ରଶ୍ନ ପଚାରନ୍ତି
ଖୋଲି ପାରେନାହିଁ ତୁଣ୍ଡ।

ତିନି ତୁଣ୍ଡେ ଛେଳି କୁକୁର ବୋଲାଏ
ଏ କଥା ନ ଜାଣେ କିଏ
ସଜ ମାଉଁସରେ ପୋକ ପକାଇବା
ଲୋକେ ତ ଯାହାକୁ ଯିଏ
ସତ ଓକାଳିଲେ ହାତଗୋଡ଼ ଭାଙ୍ଗି
ସବୁ କରିଦେବେ ଗୁଣ୍ଡ।


ସବୁ ଦେଖିଶୁଣି ନିରବ ରହଇ
ମୁହଁରେ ତୁଣ୍ଡିକୁ ଦେଇ
ଯେମିତି ନଚାନ୍ତି ସେମିତି ନାଚଇ
ହେଉଥାଏ ଥେଇ ଥେଇ
ସତ କହିଲେ ବି ବିଶ୍ୱାସ ଯିବେନି
ଯେତେ ହୋଇଥିବେ ରୁଣ୍ଡ।

ଅନେକ ଲୋକଙ୍କ ଜୀବନ ଏମିତି
ଦୋଷ ନ କରି ବି ଦୋଷୀ
ନିରବରେ ସବୁ ସହ୍ୟ କରିଯା'ନ୍ତି
ଅଧର୍ମୀମାନଙ୍କୁ ତୋଷି
ଭଲଭାବେ କିନ୍ତୁ ଜାଣନ୍ତି ଏମାନେ
ପରିଣତି ନର୍କକୁଣ୍ଡ।

ମୋ: ୯୯୩୮୭୪୧୫୮୩

## କାଳକାଳକୁ

''ଜୀବନର ସବୁଠୁଁ ବଡ଼ ଦୁଃଖ
ତୁମେ ଚାହୁଁଥିବା ଜିନିଷଟି ନ ପାଇବା।
ଆରଟି ତାକୁ ପାଇଯିବା।''
- ଜର୍ଜ ବର୍ନାର୍ଡ ଶ'



**ଜର୍ଜ ବର୍ନାର୍ଡ ଶ'**ଙ୍କ ଜନ୍ମ ୨୬ ଜୁଲାଇ ୧୮୫୬ରେ ଓ ପରଲୋକ ୨ ନଭେମ୍ବର ୧୯୫୦ରେ। ଆଇରିଶ୍ ନାଟ୍ୟକାର, ସମାଲୋଚକ ଓ ରାଜନୈତିକ କର୍ମୀ ବର୍ନାର୍ଡ ଶ' ଇଂଲଣ୍ଡ ଓ ଆୟର୍ଲାଣ୍ଡ ଉଭୟ ଦେଶରେ ଦ୍ୱୈତ ନାଗରିକତା ଲାଭ କରିଥିଲେ। ପାଶ୍ଚାତ୍ୟ ନାଟକ, ସଂସ୍କୃତି ଓ ରାଜନୀତିକୁ ଏହି ଲେଖକ ୧୮୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରଭାବିତ କରି ରଖିଥିଲେ। ତାଙ୍କର ପ୍ରମୁଖ ରଚନାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ମ୍ୟାନ୍ ଆଣ୍ଡ୍ ସୁପରମ୍ୟାନ୍' (୧୯୦୨), 'ପିଗ୍‌ମାଲିଓନ୍' (୧୯୧୩) ଓ 'ସେଣ୍ଟ୍‌ଜେନ୍' (୧୯୨୩)। ୧୯୨୫ରେ ସାହିତ୍ୟ ପାଇଁ ତାଙ୍କୁ ମିଳିଥିଲା ନୋବେଲ ପୁରସ୍କାର। ସେ କହନ୍ତି: ''ଖାଇବା ପ୍ରତି ପ୍ରେମଠୁଁ ବଳି ପ୍ରେମ ଆଉ ନାହିଁ'' ଏବଂ ''ତିରସ୍କାରର ଶ୍ରେଷ୍ଠ ଅଭିବ୍ୟକ୍ତି ମୌନତା।''

## ହତ୍ୟା

### ଲଘୁ ଗଳ୍ପ

ରାଜେଶ କୁମାର ବାରିକ

ଧୁଆଁଳିଆ ଶୀତୁଆ ସକାଳ, ରାସ୍ତାକଡ଼ ଅଳିଆଗଦାରୁ କୁକୁରଟିଏ ପଲିଥିନଟିକୁ ହନ୍ତାଲୁଥାଏ, ଯିବାଆସିବା ଲୋକ ଦେଖୁଥାନ୍ତି ହେଲେ କାହାର ନଜର ପଡୁ ନ ଥାଏ। ବେଶ୍ କିଛି ସମୟ ପରେ ସେଇ ଅଳିଆଗଦା ପାଖରେ ଜନଗହଳି। କିଛି ବୀରପୁରୁଷ ସେଇ କୁକୁରକୁ ଘଉଡ଼ାଇ ଦେଇ ନିଜର ଜ୍ଞାନ ପ୍ରଦାନ କରୁଥାନ୍ତି ସାଧାରଣଙ୍କୁ। ଘଟଣାଟା ବି ଏପରି ହେବନି କାହିଁକି ପଲିଥିନ ଭିତରୁ ସଦ୍ୟ କଟାଯାଇଥିବା ମଣିଷର ଗୋଡ଼ ମିଳିଛି ଯେ! ଭାବିବା ସ୍ୱାଭାବିକ। କୁକୁରଟି ଦାନ୍ତରେ, ଗୋଡ଼ରେ କ୍ଷତାକ୍ତ କରି ଆହୁରି ବିକୃତ କରିଦେଇଛି। ଦେଖଣାହାରିଙ୍କ ମନରେ ଅନେକ କାହାଣୀ।

ସତରେ କେଡ଼େ ନିର୍ଦ୍ଦୟ ଭାବେ ହତ୍ୟା କରିଛି। କେହି ଜଣେ ବଦମାସ ଝିଅଟିକୁ ଅନେକ ଖଣ୍ଡ କରି ଫ୍ରିଜ୍‌ରେ ରଖିଛି, ଖଣ୍ଡଖଣ୍ଡ କରି ଅଳିଆଗଦା ଉପରେ ଆଣି ଫିଙ୍ଗି ଯାଉଛି। ସେ ବହୁତ ଚାଲାକ, ଏବେଠାରୁ ପୋଲିସ୍ ପ୍ରଶାସନ ସଜାଗ ନ ରହିଲେ ସେ ଧରାପଡ଼ିବନି।

ସେଇ ପୁଅଟା ଘର ବୋଧେ ଏଇ ଆଖପାଖରେ, ନହେଲେ ସେ ଏଇ ସ୍ଥାନକୁ ବାଛିଲା କାହିଁକି? ଏମିତି ମଣିଷକୁ ପ୍ରେମ କରିବ କାହିଁକି, ହଣା ଖାଇ ଫ୍ରିଜ୍‌ରେ ରହିବ କାହିଁକି? ଜନ୍ମ ଦେଇଛନ୍ତି ... ମାନେ ବାପା ମାଆ ବିବାହ କରାଇବେ ନିଶ୍ଚୟ। ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଗଲେ ଏପରି ହେବ। ଘଟଣାର ସତ୍ୟାସତ୍ୟ ବାହାରକୁ ଆସୁ, ଆହୁରି କିଛି ତଥ୍ୟ ବାହାରକୁ ବାହାରିବ।

ଘଟଣାସ୍ଥଳରେ ପୋଲିସ୍‌ବାଲାଙ୍କଠାରୁ ପ୍ରଥମେ ମିଡିଆବାଲା ଆସି ନିଜର ଏକ୍ସକ୍ଲୁସିଭ ଚଲାଇବା ଆରମ୍ଭ କରି ଦେଇଥାନ୍ତି।

ସହରର ଛାତି ଉପରେ ବିରାଟ ଅଘଟଣ। କେହି ଜଣେ ଦୁର୍ବୃତ୍ତ ଝିଅଟିର ଗୋଡ଼କୁ କାଟି ଆଣି ଅଳିଆଗଦାରେ ପକାଇ ଯାଇଛି। ଆଉ ବାକି ସବୁ ଶରୀରକୁ କେଉଁଠି ରଖିଛି ନା ଅନ୍ୟସ୍ଥାନରେ ଫିଙ୍ଗିଦେଇଛି। ଏହା ଅଙ୍ଗ ତସ୍କରି ନା ଆଉକିଛି ଖୁବ୍ କମ୍ ସମୟ ଭିତରେ ତାହାର ପର୍ଦ୍ଦାଫାଶ କରିବ ଆମ ଟିଭି। ଅପରୂପ ୟୁଟ୍ୟୁବ୍‌ବାଲା କହୁଥାନ୍ତି ଆପଣମାନେ ଖାଲି ଲାଇକ୍, କମେଣ୍ଟ, ସବ୍‌ସ୍କ୍ରାଇବ କରନ୍ତୁ। ଆମେ ଆପଣଙ୍କୁ ଲାଇଭ୍ ଅପ୍‌ଡେଟ୍ ଦେବୁ।

ଭିଡ଼ ଯୋଗୁଁ ରାସ୍ତାରେ ଗାଡ଼ିମୋଟର ବି ଅଟକି ରହିଥାଏ। ସମସ୍ତେ ଖାଲି କଟା ଗୋଡ଼କୁ ଦେଖୁଥାନ୍ତି। ପୋଲିସ୍ ସହ ଫୋରେନ୍‌ସିକ୍ ଟିମ୍ ଆସି ପହଞ୍ଚିଲେ। କିଛି ସମୟ ଅନୁଧ୍ୟାନ କରି କଟାଗୋଡ଼ଟିକୁ ନେଇ ଚାଲିଗଲେ। ଭିଡ଼ ପୂରା ଶାନ୍ତ ହୋଇଯାଇଥାଏ। ଦିନ ତମାମ ଟିଭି, ୟୁଟ୍ୟୁବ୍‌ରେ ଖବର ବାଜିଲା। ସନ୍ଧ୍ୟା ସମୟରେ କମିଶନରେଟ ପୋଲିସ ପ୍ରେସ୍‌ମିଟ ଆରମ୍ଭ କଲେ।



ପରିବେଶକୁ ସୁରକ୍ଷା ଦେବାପାଇଁ ପରିବେଶରେ ମିଳାଇ ଯାଉଥିବା ପଲିଥିନ ବ୍ୟବହାର କରାଯାଏ। ଯାହା ସାଧାରଣ ଅପେକ୍ଷା କମ୍ପାନୀ ଆଉ ମେଡିକାଲମାନଙ୍କରେ ବହୁଳ ବ୍ୟବହାର କରାଯାଏ। ଏମିତି ଏକ ପଲିଥିନରେ କଟା ସେଇ ଗୋଡ଼ ମିଳିଥିଲା। ଗୋଡ଼ଟି କଟିଥିବା ପ୍ରଣାଳୀ କହୁଛି ଯେ ଗୋଡ଼ଟିକୁ ମେଡିକାଲରେ ଡାକ୍ତରୀ ଟିମ୍ ମିଶି କାଟି ଅପରେଶନ କରିଛନ୍ତି। ଏହା ଏକ ସାଧାରଣ ପ୍ରକ୍ରିୟା, ଏଥିରେ କିଛି ଚିନ୍ତା କରିବାର ନାହିଁ। ଏଇ ଗୋଡ଼ଟିକୁ କାଟି ଅପରେଶନ କରିଥିବା ମେଡିକାଲକୁ ଚିହ୍ନଟ କରିସାରିଛୁ। ଏହା କେଉଁ ପରିସ୍ଥିତିରେ ଏଠାକୁ ଆସିଲା ତାହାର ତଦନ୍ତ ଚାଲିଛି।

ଦିନ ତମାମ ଟିଭି, ୟୁଟ୍ୟୁବ୍‌ରେ ଖବର ବଜାଇ ବିଶୃଙ୍ଖଳା ସୃଷ୍ଟି କରୁଥିବା ଚ୍ୟାନେଲମାନେ ମଥାରେ ହାତ ଦେଇ ବସିଲେ।

ମୋ: ୯୯୯୮୬୨୨୩୩୬


ଯୋଗାଯୋଗ: E-mail:dharitrisahityayana@gmail.com

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁଲାଇ ୨୬/୨୦୨୫ Bhubaneswar, Saturday, July 26/ 2025

# ପ୍ରଣୀତ, ଦଲାଲଙ୍କୁ ମିକ୍ସଡ କମ୍ପାଉଣ୍ଡ ସ୍ୱର୍ଣ୍ଣ


ଅଫିସିଆଲଙ୍କ ସହ ଭାରତୀୟ କମ୍ପାଉଣ୍ଡ ଆର୍ଚେରୀ ଦଳ।

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

**ଆର୍ଚେରୀ ଇଭେଣ୍ଟରୁ ଭାରତକୁ ୩ ପଦକ**

ରାଇନେ-ରୁହର, ୨୫।୭ (ପି.ଟି.)

ଏଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତର ପ୍ରଣୀତ କୌର ଓ କୁଶାଲ ଦଲାଲ ଯୋଡ଼ି ମିକ୍ସଡ କମ୍ପାଉଣ୍ଡ ଆର୍ଚେରୀ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଫାଇନାଲରେ ଏହି ଭାରତୀୟ ଯୋଡ଼ି ଦକ୍ଷିଣ କୋରିଆର ୟେନିନ ପର୍କ ଓ ଶ୍ୟୁନଗ୍ୟୁନପର୍କଙ୍କୁ ୧୫୭-୧୫୪ରେ ପରାସ୍ତ କରିଛନ୍ତି। ପ୍ରତିଯୋଗିତାରେ ଏହା ଥିଲା ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ। ଏହା ବ୍ୟତୀତ ପୁରୁଷ ଦଳଗତ ଇଭେଣ୍ଟରେ ଦଲାଲ ରୌପ୍ୟ ଓ ମହିଳା ଦଳଗତ ପ୍ରତିଯୋଗିତାରେ ପ୍ରଣୀତ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଛନ୍ତି। ମିକ୍ସଡ ଟିମ୍ ଫାଇନାଲରେ ଉଭୟ ଦଳ ପ୍ରଥମ ଏଣ୍ଡ ଶେଷ ବେଳକୁ ୩୯-୩୯ରେ ରହିଥିଲେ। ତେବେ ଦ୍ୱିତୀୟ ଏଣ୍ଡ ଶେଷରେ କୋରିଆ ଦଳ ଗୋଟିଏ ପଏଣ୍ଟ ଅର୍ଥାତ୍ ୭୮-୭୭ରେ ଆଗୁଆ ହୋଇଥିଲେ। ମାତ୍ର ପ୍ରଣୀତ ଓ ଦଲାଲ ତୃତୀୟ ଏଣ୍ଡରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୪ ଥର ପରଫେକ୍ଟ ୧୦ ସହ ୩ ପଏଣ୍ଟରେ ଅର୍ଥାତ୍ ୧୧୭-୧୧୪ରେ ଅଗ୍ରଣୀ ହାସଲ କରି ନେଇଥିଲେ। ୪ର୍ଥ ତଥା ଅନ୍ତିମ ଏଣ୍ଡରେ ଭାରତୀୟ ଯୋଡ଼ି ୪୦ ପଏଣ୍ଟ ଅର୍ଜନ ସହ ବାଜି ମାରିଥିଲେ। କୋରିଆ ଯୋଡ଼ି ମଧ୍ୟ ପରଫେକ୍ଟ ୪୦ ଅର୍ଜନ କରିଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା।

ପୂର୍ବରୁ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମହିଳା କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ପ୍ରଣୀତ, ଅଭନିତ କୌର ଓ ମାଧୁରୀ ଧମନଗାଓଁକର ଗ୍ରେଟ ବ୍ରିଟେନର ଟୋଲି ଏ'ବିୟର, ହାଲି ବୋଲ୍ଟନ ଓ ଗ୍ରେସ ଚାପେଲଙ୍କୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ଦଲାଲ, ସାହୁଲ ଯାଦବ ଓ ହ୍ରିତିକ ଶର୍ମାଙ୍କୁ ନେଇ ଗଠିତ ପୁରୁଷ କମ୍ପାଉଣ୍ଡ ଦଳ ସ୍ୱର୍ଣ୍ଣ ପଦକ ମୁକାବିଲାରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ତୁର୍କୀର ବୌହାନ ଆକାଓଗ୍ଲୁ, ୟୁନୁସ ଏମ୍ରେ ଅର୍ଶ୍ଲାନ ଓ ୟାକୁମ ୟିଲଡିଜ୍‌ଙ୍କଠାରୁ ମାତ୍ର ୧ ପଏଣ୍ଟରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ପ୍ରଥମ ଏଣ୍ଡରେ ଭାରତ ୫୮-୫୭ରେ ଅଗ୍ରଣୀ ହୋଇଥିବାବେଳେ ଦ୍ୱିତୀୟ ଏଣ୍ଡ ବେଳକୁ ଏହାକୁ ୧୧୭-୧୧୪ରେ ପହଞ୍ଚାଇଥିଲେ। ମାତ୍ର ତୃତୀୟ ଏଣ୍ଡରେ ତୁର୍କୀ ପରଫେକ୍ଟ ୬୦ ସ୍କୋର ସହ ସଫଳ ପ୍ରତ୍ୟାବର୍ତ୍ତନ କରି ପଏଣ୍ଟକୁ ୧୭୪-୧୭୪ରେ ବରାବର କରିଥିଲା। ଚତୁର୍ଥ ତଥା ଅନ୍ତିମ ଏଣ୍ଡରେ ତୁର୍କୀ ଦଳ ୫୮ ତୁଳନାରେ ଭାରତୀୟମାନେ ୫୭ ପଏଣ୍ଟ ସ୍କୋରକରି ଅଳ୍ପକେ ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିଲେ। ଆର୍ଚେରୀ ଇଭେଣ୍ଟରୁ ଭାରତ ଅଧିକ ପଦକ ପାଇବା ସମ୍ଭାବନା ରହିଛି। ପୁରୁଷ ବ୍ୟକ୍ତିଗତ କମ୍ପାଉଣ୍ଡ ସେମିଫାଇନାଲରେ ଦଲାଲ ଓ ଯାଦବଙ୍କ ମଧ୍ୟରେ ଅଲ୍ ଇଣ୍ଡିଆ ସେମିଫାଇନାଲ ହେବାକୁ ଥିବାବେଳେ ମହିଳା ସେମିଫାଇନାଲରେ ପ୍ରଣୀତ ଦକ୍ଷିଣ କୋରିଆର ଏସ. କିମ୍‌ଙ୍କ ସହ ମୁକାବିଲା କରିବେ।

## ସଫଳତା ପଛରେ କୋଚ୍ ରାହୁଲ

ଭୁବନେଶ୍ୱର, ୨୫।୭ (ତପନ ସ୍ୱାଇଁ)

ଭାରତର ଏହି ସଫଳତା ପଛରେ କୋଚ୍ ରାହୁଲ ବାନାର୍ଜୀଙ୍କ ଅଭିଜ୍ଞତା ଏବଂ ମେଣ୍ଟରଶିପ୍‌ର ବଡ଼ ଭୂମିକା ରହିଛି। ଅଲିମ୍ପିଆନ ଏବଂ ଅର୍ଜୁନ ପୁରସ୍କାର ପ୍ରାପ୍ତ ରାହୁଲ ଯୁବ ଆର୍ଚରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରି ଭାରତକୁ ଏହି ସଫଳତା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ''ଏପରି ଏକ ବଡ଼ ସ୍ତରରେ ଇଣ୍ଡିଆନ ୟୁନିଭର୍ସିଟି ପକ୍ଷରୁ ପ୍ରତିନିଧିତ୍ୱ କରିବା ଆଥଲେଟ୍‌ଙ୍କ ପାଇଁ ସମ୍ମାନ ସ୍ୱରୂପ'' ବୋଲି ବାନାର୍ଜୀ କହିଛନ୍ତି। ଗେମ୍ସ ପାଇଁ ଏକାଧିକ ଇଭେଣ୍ଟର ଟ୍ରେନିଂ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସେଥିପାଇଁ ସେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅଚ୍ୟୁତ ମଧ୍ୟ ପଦକ ବିଜୟୀ ଆର୍ଚର ଓ କୋଚ୍ ବାନାର୍ଜୀଙ୍କ ସମେତ ପୂରା କୋଚିଂ ଷ୍ଟାଫ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଯଶ ଦୟାଲଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

ଜୟପୁର, ୨୫।୭ (ପି.ଟି.)

ଆଇପିଏଲ୍ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ତରଫରୁ ଖେଳୁଥିବା ଯଶ ଦୟାଲ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ତାଙ୍କ ବିରୋଧରେ ଜୟପୁର ପୋଲିସ ଥାନାରେ ଏନେଇ ଏକ ଏଫ୍‌ଆଇଆର୍ ଦାଏର କରାଯାଇଛି। ଉତ୍ତର ପ୍ରଦେଶର ଏହି ୨୭ ବର୍ଷୀୟ କ୍ରିକେଟରଙ୍କ ବିରୋଧରେ ପୂର୍ବରୁ ଏଭଳି ଏକ ମାମଲା ରହିଛି। ଗାଜିଆବାଦରେ ସେ ଜଣେ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ୫ ବର୍ଷ ଧରି ଶାରୀରିକ ସମ୍ପର୍କ ରଖିଆସୁଥିବା ଅଭିଯୋଗ ହୋଇଛି। ବୁଧବାର ସଦ୍ୟ ଦାଏର କରାଯାଇଥିବା ଏଫ୍‌ଆଇଆର୍ ଉପରେ ଜୟପୁରର ସାଙ୍ଗାନର ସଦର ପୋଲିସ ଷ୍ଟେଶନର ଅଧିକାରୀ ଅନିଲ ଜୟମାନଙ୍କ ସୂଚନା ଅନୁସାରେ ଯଶ ଦୟାଲଙ୍କ ବିରୋଧରେ ପୋକ୍‌ସୋ (ଯୌନ ଅପରାଧରୁ ଶିଶୁ ସୁରକ୍ଷା) ଆଇନ ଓ ବିଏନ୍‌ଏସ୍ (ଭାରତୀୟ ନ୍ୟାୟ ସଂହିତା)ର ପ୍ରାସଙ୍ଗିକ ଧାରା ଅନୁଯାୟୀ ଯଶଙ୍କ ବିରୋଧରେ ଏଫ୍‌ଆଇଆର୍ ଦରଜ କରାଯାଇଛି। ଜୟମାନ ଶୁକ୍ରବାର କହିଛନ୍ତି, ଅଭିଯୋଗରେ ଦର୍ଶାଯାଇଛି ଯଶ ଦୟାଲ ୨୦୨୩ରେ ବାଳିକା ଜଣକୁ ପ୍ରଥମ ଥର ବଳାତ୍କାର କରିଥିଲେ। ସେତେବେଳେ ବାଳିକାଙ୍କୁ ମାତ୍ର ୧୭ବର୍ଷ ବୟସ ହୋଇଥିଲା। ଚଳିତବର୍ଷ ଏପ୍ରିଲରେ ସୀତାପୁର ଅଞ୍ଚଳରେ ଥିବା ଏକ ହୋଟେଲରେ ସେ ପୁଣିଥରେ ଏହି ବାଳିକାଙ୍କୁ ଡକାଇ ବଳାତ୍କାର କରିଥିଲେ। ସେତେବେଳେ ଯଶ ଦୟାଲ ଆଇପିଏଲ୍ ପାଇଁ ଜୟପୁରରେ ଅବସ୍ଥାନ କରୁଥିଲେ। ଏକ୍ଷେତ୍ରରେ ଯଶ ଦୟାଲ ବାଳିକାଙ୍କୁ ତାଙ୍କ କ୍ୟାରିଅର ଗଠନରେ ସହାୟତା କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। କୌତୂହଳର ବିଷୟ ଏହି କ୍ରିକେଟର ଜଣକ ଦୁଇଟି ମାମଲା ଉପରେ କୌଣସି ଟିପ୍ପଣୀ ଦେଇ ନାହାନ୍ତି। ସୂଚନାଯୋଗ୍ୟ, ଯଶ ଦୟାଲ ହେଉଛନ୍ତି ଜଣେ ମିଡିୟମ ପେସ୍ ବୋଲର। ଭାରତୀୟ ଘରୋଇ କ୍ରିକେଟରେ ସେ ଜଣେ ଜଣାଶୁଣା ଖେଳାଳି। ସେ ୨୦୧୮ରେ ଉତ୍ତର ପ୍ରଦେଶ ତରଫରୁ ତାଙ୍କର ପଦାର୍ପଣ କରିଥିବା ବେଳେ ଇତିମଧ୍ୟରେ ୨୭ ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୮୪ ଉଇକେଟ ଅକ୍ତିଆର କରିସାରିଛନ୍ତି।



## ରୁଟ୍‌ଙ୍କ ଶତକ: ଇଂଲଣ୍ଡ ଅଗ୍ରଣୀ

ମାଞ୍ଚେଷ୍ଟର, ୨୫।୭

**ଚତୁର୍ଥ ଟେଷ୍ଟ**

ଜୋ ରୁଟ୍‌ଙ୍କ ଶତକ ସହାୟତାରେ ଇଂଲଣ୍ଡ ଏଠାରେ ଚାଲିଥିବା ଚତୁର୍ଥ କ୍ରିକେଟ ଟେଷ୍ଟରେ ଭାରତ ବିପକ୍ଷରେ ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଛି। ଶୁକ୍ରବାର ଦ୍ୱିତୀୟ ଦିବସରେ ରିପୋର୍ଟ ପ୍ରସ୍ତୁତ ବେଳକୁ ଇଂଲଣ୍ଡ ପ୍ରଥମ ଇନିଂସରେ ୪ ଉଇକେଟ ହରାଇ ୪୬୬ ରନ ସଂଗ୍ରହ କରିଛି। ରୁଟ୍ ୧୩୭ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ୪୮ ରନରେ ଅପରାଜିତ ରହିଛନ୍ତି। ଅସମାପ୍ତ ୫ମ ଉଇକେଟରେ ଦୁହେଁ ଶତକୀୟ ପାର୍ଟନରଶିପ ଗଢ଼ିଛନ୍ତି। ୬ ଉଇକେଟ ଥାଇ ଇଂଲଣ୍ଡ ପ୍ରଥମ ଇନିଂସରେ ୧୦୮ ରନରେ ଅଗ୍ରଣୀଲାଭ କରିଛି। ଭାରତ ପ୍ରଥମ ଇନିଂସରେ ୩୫୮ ରନ କରିଥିଲା। ରୁଟ୍ ଏଠାରେ କ୍ୟାରିୟରର ୩୮ତମ ଶତକ ହାସଲ କରିବା ସହ ଟେଷ୍ଟ କ୍ରିକେଟରେ ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହକାରୀ ହୋଇଛନ୍ତି। ୧୭୮ ବଲ୍‌ରୁ ଶତକ ପୂରଣ କରିଥିବା ରୁଟ୍ ବ୍ୟକ୍ତିଗତ ୧୨୦ ରନ କରିଥିବାବେଳେ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ ସଂଗ୍ରହରେ ରିକି ପଣ୍ଟିଂ (୧୩୩୭୮)ଙ୍କୁ ଅତିକ୍ରମ କରିଛନ୍ତି। ଭାରତର ସଚିନ ତେନ୍ଦୁଲକର ୧୫୯୨୧ ରନକରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ଏହା ବ୍ୟତୀତ ଟେଷ୍ଟ କ୍ରିକେଟରେ ସର୍ବାଧିକ ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହରେ ମଧ୍ୟ ଦ୍ୱିତୀୟକୁ ଉନ୍ନୀତ ହୋଇଛନ୍ତି। ସେ ୧୦୪ଥର ଏହି ସଂଖ୍ୟା ଅତିକ୍ରମ କରିଥିବାବେଳେ ସଚିନ ୧୧୯ଥର ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ତାଲିକାର ନମ୍ବର ୱାନରେ ରହିଛନ୍ତି। ଇଂଲଣ୍ଡ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଓଲି ପୋପ୍ ୭୧ ରନ କରିଛନ୍ତି। ରୁଟ୍ ଓ ପୋପ୍‌ଙ୍କ ତୃତୀୟ ଉଇକେଟ ଭାଗୀଦାରିରେ ୧୪୪ ରନ ସଂଗ୍ରହ ହୋଇଥିଲା। ଭାରତ ପକ୍ଷରୁ ୱାଶିଂଟନ ସୁନ୍ଦର ୨ଟି ଏବଂ ଅଂଶୁଲ କାମ୍ବୋଜ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


ଶତକ ହାସଲ ପରେ ଜୋ ରୁଟ୍।

## ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

**ସାହାଣୀ କପ୍ ଫୁଟବଲ**

**ଭୁବନେଶ୍ୱର, ୨୫।୭ (ବିଜୟ ରଣା):** ସମ୍ବଲପୁର ଚତୁର୍ଥ ଦଳ ଭାବେ ୬୪ତମ ସିନିୟର ପୁରୁଷ ଆନ୍ତଃଜିଲା ଫୁଟବଲ ଚାମ୍ପିୟନଶିପ୍ ସାହାଣୀ କପ୍ ୨୦୨୫ର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ବୌଦ୍ଧ ଜୋନ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାର ଅନ୍ତିମ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ୪-୦ ଗୋଲ୍‌ରେ ବରଗଡ଼କୁ ପରାସ୍ତ କରିଛି। ଦଳ ପକ୍ଷରୁ ପ୍ରଶାନ୍ତ ଓରାମ ୩ଟି ଗୋଲ୍ ଖେଳର ୧୫ତମ, ୧୭ତମ ଓ ୪୮ତମ ମିନିଟରେ ଦେଇଥିବାବେଳେ ଅନ୍ୟ ଗୋଲ୍‌ଟି ବିନୟ କିଷାନ ୩୨ତମ ମିନିଟ୍‌ରେ ସ୍କୋର କରିଥିଲେ। କାର୍ଯ୍ୟସୂଚୀ ଅନୁସାରେ ପ୍ରଥମ ସେମିଫାଇନାଲ ଶନିବାର କେନ୍ଦ୍ରାପଡ଼ାର ରାଜକନିକା ଷ୍ଟାଡିୟମରେ କଟକ ବନାମ ସୁନ୍ଦରଗଡ଼ ମ୍ୟାଚ ଖେଳାଯିବାକୁଥିବା ବେଳେ କୋରାପୁଟ ଓ ସମ୍ବଲପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଖେଳାଯିବ। ଦୁଇଟି ଯାକ ମ୍ୟାଚ ଅପରାହ୍ନ ୩ଟା ୩୦ରୁ ଆରମ୍ଭ ହେବ।

## ପ୍ରଥମ ଦିବସରେ ଓଡ଼ିଶାକୁ ୧୧ ପଦକ

**ଅନ୍ତର୍ଜାତୀୟ କରାଟେ ଓ ଇଣ୍ଡିଆ ଚ୍ୟାଲେଞ୍ଜର କପ୍**

ଭୁବନେଶ୍ୱର, ୨୫।୭ (ତପନ ସ୍ୱାଇଁ)

କୋଲକାତାର ଇନ୍‌ଡୋର ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଥିବା ନବମ ଅନ୍ତର୍ଜାତୀୟ ଓ ଇଣ୍ଡିଆ ଚ୍ୟାଲେଞ୍ଜର କପ୍ କରାଟେ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରଥମ ଦିବସରେ ୧୧ଟି ପଦକ ମିଳିଛି। ଓଡ଼ିଶା ମହିଳା ଓ ପୁରୁଷ କରାଟେକାମାନେ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପଦକ ବିଜୟୀ କରାଟେକାମାନେ ହେଲେ ଓମ୍ ସତ୍ୟମ୍ ମହାନ୍ତି, ଦିବ୍ୟ ପ୍ରସାଦ ନାୟକ, ଅଂଶୁମାନ ଆଚାର୍ଯ୍ୟ, କୃଷ୍ଣ ଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ରଜନୀ ବିଶି, ମୋନାଲି ସାହୁ ଓ ଲୋମା ସ୍ୱାଇଁ। ସେହିପରି ନୟସା କୁମାରୀ ରୌପ୍ୟ ଏବଂ ବ୍ରତତି ପତି ଓ ଓମ୍ ଶୁଭମ୍ ମହାନ୍ତି ବ୍ରୋଞ୍ଜ ପଦକ ପାଇଛନ୍ତି।



ପଦକ ବିଜୟୀ ଓଡ଼ିଶା କରାଟେକା।

## ଖୋର୍ଦ୍ଧା ଚାମ୍ପିୟନ, କିଟ୍-କିସ୍ ରନରଅପ୍

**ରାଜ୍ୟ ଜୁନିୟର, ସବ୍‌ଜୁନିୟର ସୁଇମିଂ**

ଭୁବନେଶ୍ୱର, ୨୫।୭ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଶୁକ୍ରବାର ରାଜ୍ୟ ଜୁନିୟର ଓ ସବ୍‌ଜୁନିୟର ସୁଇମିଂ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ଏଥିରେ ଖୋର୍ଦ୍ଧା ଜିଲା ଚାମ୍ପିୟନ ଏବଂ କିଟ୍-କିସ୍ ରନରଅପ୍ ହୋଇଛି। ସମ୍ବଲପୁର ତୃତୀୟ ସ୍ଥାନ ହାସଲ କରିଛି। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୧୩୪ ବାଳିକା ଓ ୨୧୪ ବାଳକଙ୍କୁ ମିଶାଇ ୩୪୮ ସୁଇମର ଅଂଶଗ୍ରହଣ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ ଟେକ୍ନିକାଲ ଅଫିସିଆଲ ପ୍ରତିଯୋଗିତା ପରିଚାଳନା କରିଥିଲେ। ବ୍ୟକ୍ତିଗତ ପୁରସ୍କାରକୁ ଖୋର୍ଦ୍ଧା ପ୍ରତିଯୋଗୀମାନେ ସୁଇପ କରିଛନ୍ତି। ଗ୍ରୁପ୍-୧ ବାଳକରେ ଅଭିନବ କୁମାର ସିଂ ଓ ବାଳିକାରେ ଆଂଶିକା ଆରାଧନା ସାହୁ, ଗ୍ରୁପ୍-୨ ବାଳକରେ ସାଇ ସ୍ୱରୂପ ସ୍ୱାଇଁ ଓ ବାଳିକାରେ ଧନଭି ଭୌମିକ ଏବଂ ଗ୍ରୁପ୍-୩ ବାଳକରେ ସାଇ ଅକ୍ଷୟ ଓ ବାଳିକାରେ ସହିତା ଘୋଷ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ବାଳକରେ ଅଭିନବ କୁମାର ସିଂ ଓ ବାଳିକାରେ ଆଂଶିକା ଆରାଧନା ସାହୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ସୁଇମର ବିବେଚିତ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ନୂଆ ସଚିବ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥି ଏବଂ ନୂଆ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ଏଚ୍‌ପିସିଓ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଯୁଗ୍ମ ସଚିବ ବିଜୟାନନ୍ଦ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଆସୋସିଏଶନ ସମ୍ପାଦକ ଗୋଲାପମଣି ମହନ୍ତ, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ଚନ୍ଦ୍ର ମହାକୁର, ଉପସଭାପତି ଅକ୍ଷୟ କୁମାର ପ୍ରଧାନ ଓ ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ଜୁନିୟର ଓ ସବ୍‌ଜୁନିୟର ସୁଇମିଂରେ ଦଳଗତ ଚାମ୍ପିୟନ ଖୋର୍ଦ୍ଧା ଜିଲା ଦଳ।

## ଆଜିଠୁ ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର

ଭୁବନେଶ୍ୱର, ୨୫।୭ (ତପନ ସ୍ୱାଇଁ)

ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାରଠାରୁ ଭିନ୍‌ଟେଜ୍ କ୍ଲବ ପରିସରରେ ଆରମ୍ଭ ହେବ। ଅଗଷ୍ଟ ୨ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୭୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପୁରସ୍କାର ରାଶି ବିଶିଷ୍ଟ ଏହି ପ୍ରତିଯୋଗିତାରେ ପ୍ରତିଷ୍ଠିତ ଖେଳାଳି ଆଶୁତୋଷ ପାଢ଼ୀ ଓ ସୁବ୍ରତ ଦାସଙ୍କ ସମେତ ରାଜ୍ୟର ସମସ୍ତ ଶୀର୍ଷ ର୍‍ୟାଙ୍କ ଖେଳାଳି ଅଂଶଗ୍ରହଣ କରିବେ। ରାକେଶ ରୋଶନ ପ୍ରଧାନ ଟପ୍ ସିଡ୍ ଏବଂ ଆକାଶ ମହାପାତ୍ର ଦ୍ୱିତୀୟ ସିଡ୍‌ଭାବେ ଖେଳିବେ। ରାଜ୍ୟରେ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ହେବ ବୋଲି ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ନିଶାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟାଇଟଲ ପ୍ରାୟୋଜକ ଗିଅନ ଅପ୍‌ର ଏମ୍‌ଡି ଆଦିତ୍ୟ ପଟୋଡିଆ, ସହ ପ୍ରାୟୋଜକ ଓଏସିନ କନ୍‌ଭେନଶନ ଆଣ୍ଡ ଲନ୍‌ର ଏମ୍‌ଡି ମିଶାଲ ସ୍ୱାଇଁ, ଟୁର୍ନାମେଣ୍ଟ ଅଧ୍ୟକ୍ଷ ଶ୍ୟାମ ଅଗ୍ରୱାଲ, ଉପାଧ୍ୟକ୍ଷ ଅଲତାଫ ଅଲୀ ଓ ଭିନ୍‌ଟେଜ କ୍ଲବ ମାଲିକ ଅମିୟ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସ୍ନୁକର ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

## ଡେଭିସ୍ କପ୍ ଦଳକୁ ଫେରିଲେ ନାଗାଲ

**ନୂଆଦିଲ୍ଲୀ, ୨୫।୭ (ପି.ଟି.):** ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ଦୁଇ ବର୍ଷ ବ୍ୟବଧାନରେ ଡେଭିସ୍ କପ୍ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦେଶ ବାହାରେ ଆୟୋଜକ ସୁଇଜରଲାଣ୍ଡ ବିପକ୍ଷ ଡେଭିସ କପ୍ ମ୍ୟାଚ ପାଇଁ ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ(ଆଇଟା) ଏକ ୮ଜଣିଆ ଦଳ ଘୋଷଣା କରିଛନ୍ତି। ଦୁଇଟି ମୁକାବିଲା ଖେଳି ପାରି ନ ଥିବା ଦେଶର ନମ୍ବର ୱାନ ଡବଲ୍ସ ଖେଳାଳି ମଧ୍ୟ ଜାତୀୟ ଦଳକୁ ଫେରିଛନ୍ତି। ୱାର୍ଲ୍ଡ ଗ୍ରୁପ୍-୧ ପ୍ରଥମ ରାଉଣ୍ଡ ମ୍ୟାଚ ଖେଳିବା ଲାଗି ଭାରତ ବିଲ୍ ସହର ଗସ୍ତ କରିବ। ଏହା ସେପ୍ଟେମ୍ବରରେ ଇନ୍‌ଡୋର କୋର୍ଟରେ ଖେଳାଯିବ। ନାଗାଲ(୩୦୬)ଙ୍କ ବ୍ୟତୀତ ଭାରତୀୟ ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ କରଣ ସିଂ (୪୦୩) ଓ ଯୁବ ଖେଳାଳି ଆର୍ଯ୍ୟନ ଶାହା (୪୪୨)। ପ୍ରତିଭାସମ୍ପନ୍ନ ଦକ୍ଷିଣେଶ୍ୱର ସୁରେଶ (୭୯୦)ଙ୍କୁ ରିଜର୍ଭ ଖେଳାଳି ଭାବେ ମନୋନୀତ କରାଯାଇଛି। ସେହିପରି ଡବଲ୍ସ ବିଭାଗରେ ଭାରତର ଶୀର୍ଷ ର୍‍ୟାଙ୍କିଙ୍ଗ ପ୍ରାପ୍ତ ଭାମ୍ବି (ବିଶ୍ୱ ର୍‍ୟାଙ୍କିଙ୍ଗରେ ୩୫) ଓ ଏନ୍. ଶ୍ରୀରାମ ବାଲାଜୀ (୭୫)ଙ୍କୁ ନିଆଯାଇଥିବା ବେଳେ ରତ୍ୱିକ ବୋଲିପାଲି (୭୭) ରିଜର୍ଭ ଖେଳାଳି ରହିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ